# ଧରିତ୍ରୀ
DHARITRI

ରାୟଗଡ଼ା, ରବିବାର, ଜାନୁୟାରୀ ୧୦/୨୦୨୧ (୧୬ ପୃଷ୍ଠା+ଛୁଟିଦିନ) | Rayagada, Sunday, January 10/2021 ★

୧୦ମ ଭାଗ ୨୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




## ଜୈସାଲମେରରେ କ୍ରୀତି

ବଲିଉଡ୍ ଅଭିନେତ୍ରୀ କ୍ରୀତି ସାନନ୍ ଜୈସାଲମେରର ଶୀତକୁ ଏଞ୍ଜୟ କରୁଥିବା ନଜର ଆସିଛନ୍ତି। ଭିଡିଓଟି ଇନ୍‌ଷ୍ଟାରେ ଭାଇରାଲ ହେବାରେ ଲାଗିଛି। ୧୪

୧୫

## ୧୦୦ ବର୍ଷରେ ଅଲିମ୍ପିକ ଚାମ୍ପିୟନ କେଲେଟି

ବିଶ୍ୱରେ ଜୀବିତ ଥିବା ସବୁଠାରୁ ବୟସ୍କା ଅଲିମ୍ପିକ ଚାମ୍ପିୟନ ଆଗ୍ନିସ କେଲେଟି ୧୦୦ ବର୍ଷରେ ପଦାର୍ପଣ କରିଛନ୍ତି।



# ୧୬ରୁ ଟିକାକରଣ

**ନୂଆଦିଲ୍ଲୀ, ୯।୧ (ପି.ଟି.)**

କରୋନା ମହାମାରୀରୁ ରକ୍ଷା ପାଇବା ଲାଗି ସାରା ଦେଶ ଟିକାକୁ ଅପେକ୍ଷା କରିଥିବାବେଳେ ଆସନ୍ତା ୧୬ରୁ କୋଭିଡ୍-୧୯ ଟିକାକରଣ ଆରମ୍ଭ ହେବାକୁ ଯାଉଛି। ପ୍ରଥମେ ପାଖାପାଖି ୩ କୋଟି ସ୍ୱାସ୍ଥ୍ୟସେବା ଷ୍ଟାଫ୍ ଓ ଆଗଧାଡ଼ିର କର୍ମଚାରୀଙ୍କୁ ଏହି ଟିକା ଦିଆଯିବ ବୋଲି ଶନିବାର କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କୋଭିଡ୍ ସ୍ଥିତି ଓ ଟିକାକରଣ ପ୍ରସ୍ତୁତିର ସମୀକ୍ଷା କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି।

ଆଗକୁ ଲୋହରି, ମକର ସଂକ୍ରାନ୍ତି, ପୋଙ୍ଗଲ, ବିହୁ ଆଦି ପର୍ବପର୍ବାଣି ଥିବାରୁ ୧୬ରୁ ଟିକାକରଣ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ସମୀକ୍ଷା ବୈଠକରେ ତାଙ୍କ ପ୍ରମୁଖ ସଚିବ, ସ୍ୱାସ୍ଥ୍ୟ ସଚିବ, କ୍ୟାବିନେଟ ସଚିବ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ପ୍ରଧାନମନ୍ତ୍ରୀଙ୍କୁ କୋ-ୱିନ୍ ଆପ୍ ଏବଂ ଦେଶବ୍ୟାପୀ ଡ୍ରାଏ ରନ୍ ସମ୍ପର୍କରେ ଅବଗତ କରାଯାଇଥିଲା। ପ୍ରଥମେ ସ୍ୱାସ୍ଥ୍ୟକର୍ମୀ ଓ ଆଗଧାଡ଼ିର କର୍ମଚାରୀ ଟିକା ନେଇସାରିବା ପରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ଅନ୍ୟ ରୋଗ ଥିବା ୫୦ ବର୍ଷରୁ କମ୍ ବୟସର ୨୭ କୋଟି ଲୋକଙ୍କୁ ପ୍ରାଥମିକତା ଭିତ୍ତିରେ ଟିକା ଦିଆଯିବ ବୋଲି ସରକାରଙ୍କ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

ଭାରତର ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ (ଡିସିଜିଆଇ) ଜାନୁୟାରୀ ୩ରେ ସିରମ୍ ଇନ୍‌ଷ୍ଟିଚ୍ୟୁଟ ପ୍ରସ୍ତୁତ କୋଭିଶିଲ୍ଡ ଏବଂ ଭାରତ ବାୟୋଟେକ୍‌ର କୋଭାକ୍ସିନ୍ ଟିକାକୁ ଜରୁରୀ ବ୍ୟବହାର ଲାଗି ଅନୁମତି ଦେଇସାରିଛନ୍ତି। ପ୍ରଥମ ପର୍ଯ୍ୟାୟରେ କୋଭିଶିଲ୍ଡ ଓ ପରେ କୋଭାକ୍ସିନ୍ ଟିକା ☞ପୃଷ୍ଠା-୧୩




- ପ୍ରଥମେ ୩ କୋଟି ସ୍ୱାସ୍ଥ୍ୟକର୍ମୀ ଓ ଆଗଧାଡ଼ିର କର୍ମଚାରୀଙ୍କୁ ଟିକା
- ଭାରତ ଉପରେ ସାରା ବିଶ୍ୱର ନଜର: ପ୍ରଧାନମନ୍ତ୍ରୀ

## 'ବିନା ବାଧାରେ ଟିକାକରଣ'

**ଭୁବନେଶ୍ୱର, ୯।୧ (ବ୍ୟୁରୋ)**

**ଫେକ୍ ଆପ୍‌କୁ ବିଶ୍ୱାସ ନ କରିବାକୁ ପରାମର୍ଶ**

ସାରା ଦେଶରେ ଆସନ୍ତା ୧୬ ତାରିଖରୁ କରୋନା ଟିକାକରଣ ହେବ। ଶନିବାର ଏନେଇ ସୂଚନା ଆସିବା ପରେ ଓଡ଼ିଶାରେ ତତ୍ପରତା ପ୍ରକାଶ ପାଇଛି। ଟିକାକରଣ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବାବେଳେ ଟିକା ନେବାକୁ ୩ଲକ୍ଷ ୨୮ ହଜାର ୫୦୦ଜଣଙ୍କ ଡାଟାବେସ୍ ପ୍ରସ୍ତୁତ ହୋଇଛି। ବିନା ବାଧାବିଘ୍ନରେ ଟିକାକରଣ ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର ☞ପୃଷ୍ଠା-୧୩

# ୧୦ ଶିଶୁ ମୃତ

**ହସ୍ପିଟାଲରେ ନିଆଁ**

**ନାଗପୁର, ୯।୧**

ମହାରାଷ୍ଟ୍ରର ଭନ୍ଦରାରେ ଥିବା ଜିଲା ଜେନେରାଲ ହସ୍ପିଟାଲର ନବଜାତ ଶିଶୁଯତ୍ନ ୟୁନିଟ୍‌ରେ ଶନିବାର ଭୋର ସମୟରେ ନିଆଁ ଲାଗିଯିବାରୁ ୧୦ ଶିଶୁଙ୍କ ମୃତ୍ୟୁ ଘଟିଛି। ଡ୍ୟୁଟିରେ ଥିବା କର୍ମଚାରୀମାନେ ଅନ୍ୟ ୭ ଶିଶୁଙ୍କୁ ଉଦ୍ଧାର କରିଥିଲେ। ମୃତକଙ୍କ ମଧ୍ୟରୁ ୪ ଶିଶୁଙ୍କ ଶରୀର ସମ୍ପୂର୍ଣ୍ଣ ଜଳିଯାଇଛି। ନିଆଁ ଲାଗିବା ପରେ ଅକ୍ସିଜେନ୍ ଯୋଗାଣ ବନ୍ଦ କରିଦେବା ଯୋଗୁ ଅନ୍ୟମାନଙ୍କର ମୃତ୍ୟୁ ହୋଇଥିଲା।

ଅଗ୍ନିକାଣ୍ଡ ସମୟରେ ଜଣେ ଡାକ୍ତର ଓ ଜଣେ ନର୍ସ ଡ୍ୟୁଟିରେ ଥିଲେ। ଶିଶୁଯତ୍ନ ୟୁନିଟରୁ ଧୂଆଁ ବାହାରୁଥିବା ନର୍ସ ପ୍ରଥମେ ଦେଖି ଅନ୍ୟ କର୍ମଚାରୀମାନଙ୍କୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ତୁରନ୍ତ ନିଆଁକୁ ଆୟତ୍ତ କରିଥିଲେ। ସିଭିଲ୍ ସର୍ଜନ ଡ. ପ୍ରମୋଦ ଖଣ୍ଡାତେଙ୍କ କହିବା ଅନୁଯାୟୀ, କେତେଜଣ ଶିଶୁ ହସ୍ପିଟାଲରେ ଜନ୍ମ ହୋଇଥିବାବେଳେ ଅନ୍ୟମାନେ ବାହାରୁ ଆସିଥିଲେ। ଉଦ୍ଧାର ହୋଇଥିବା ଶିଶୁମାନଙ୍କୁ ଅନ୍ୟ ୟୁନିଟକୁ ସ୍ଥାନାନ୍ତର କରାଯାଇଛି। ଶିଶୁଙ୍କୁ ବଞ୍ଚାଇବା ଲାଗି କର୍ମଚାରୀମାନେ ଯଥାସାଧ୍ୟ ଉଦ୍ୟମ କରିଥିଲେ ବୋଲି ଘଟଣାସ୍ଥଳ ପରିଦର୍ଶନ କରିଥିବା ସ୍ୱାସ୍ଥ୍ୟ ବିଭାଗ ଉପନିର୍ଦ୍ଦେଶକ ସଞ୍ଜୟ ଜୟସ୍ୱାଲ, ଜିଲାପାଳ ସନ୍ଦିପ୍ କଦମ ଏବଂ ଏସ୍‌ପି କହିଛନ୍ତି।

ହସ୍ପିଟାଲରେ ଘଟିଥିବା ଏହି ହୃଦୟବିଦାରକ ଘଟଣା ପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅନେକ କେନ୍ଦ୍ରମନ୍ତ୍ରୀ ଓ ବିରୋଧୀ ଦଳ ନେତାମାନେ ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ପ୍ରତି ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ଶର୍ଟ ସର୍କିଟରୁ ନିଆଁ ଲାଗିଥାଇପାରେ ବୋଲି ହସ୍ପିଟାଲ ପ୍ରଶାସନ ପକ୍ଷରୁ କୁହାଯାଇଛି। ଗୃହମନ୍ତ୍ରୀ ଅନିଲ ଦେଶମୁଖ ଘଟଣାସ୍ଥଳ ପରିଦର୍ଶନ କରିଥିବାବେଳେ ଦୁର୍ଘଟଣା ପାଇଁ ଯେଉଁମାନେ ଦାୟୀ, କାହାକୁ ଛଡ଼ାଯିବ ନାହିଁ ବୋଲି କହିଛନ୍ତି।

# ଇଣ୍ଡୋନେସିଆ ବିମାନ ଦୁର୍ଘଟଣା

**ଜାକର୍ତ୍ତା, ୯।୧**

- ଉଡ଼ାଣର ୪ ମିନିଟ୍ ପରେ ହୋଇଥିଲା ଯୋଗାଯୋଗ ବିଚ୍ଛିନ୍ନ
- ବିମାନରେ ଥିଲେ ୬୨ ଯାତ୍ରୀ

ଇଣ୍ଡୋନେସିଆର ଶ୍ରୀୱିଜୟ ଏୟାର ପାସେଞ୍ଜର ଜେଟ୍ ଶନିବାର ଦୁର୍ଘଟଣାଗ୍ରସ୍ତ ହୋଇ ସମୁଦ୍ରରେ ଖସିପଡ଼ିଛି। ବିମାନର ଭଗ୍ନାବଶେଷ ମିଳିବା ପରେ ନୌସେନା ଜାହାଜ ସେଠାକୁ ପଠାଯାଇଛି। ୬୨ ଲୋକଙ୍କୁ ନେଇ ଯାଉଥିବା ଫ୍ଲାଇଟ୍ ଏସ୍‌ଜେ ୧୮୨ ବିମାନବନ୍ଦରଠାରୁ ୨୦ କିଲୋମିଟର ଦୂର ଲାକି ଦ୍ୱୀପ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଇଣ୍ଡୋନେସିଆ ପରିବହନ ମନ୍ତ୍ରୀ ବୁଡ଼ି କାର୍ଯ୍ୟା ଖବରଦାତା ସମ୍ମିଳନୀରେ କହିଛନ୍ତି। ଉଦ୍ଧାର କାର୍ଯ୍ୟରେ ସହାୟତା ପାଇଁ ବସର୍‌ନାସ୍ ନାମକ ସଂସ୍ଥା ସେଠାକୁ ଟିମ୍ ପଠାଇଛି।







ବୋଇଂ ୭୩୭-୫୦୦ ବିମାନଟି ରାଜଧାନୀ ଜାକର୍ତ୍ତାରୁ ପୋଣ୍ଟିଆନକ୍ ଯାଉଥିଲା। ସେଥିରେ ୫୬ ଯାତ୍ରୀଙ୍କ ସମେତ ୬୨ ଜଣ ଥିଲେ। ଅପରାହ୍ନ ୨ଟା ୩୦ରେ ଜାକର୍ତ୍ତାରୁ ଉଡ଼ାଣ ଆରମ୍ଭ କରିବାର ୪ ମିନିଟ୍ ପରେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ସହ ଏହାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଜାଭା ଦ୍ୱୀପ ☞ପୃଷ୍ଠା-୧୩

# ଟ୍ରମ୍ପଙ୍କ ଟୁଇଟର ଆକାଉଣ୍ଟ ରଦ୍ଦ

**ସାନଫ୍ରାନ୍‌ସିସ୍କୋ, ୯।୧**

ଆମେରିକାର ବିଦାୟୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟୁଇଟର ଆକାଉଣ୍ଟକୁ ସବୁଦିନ ପାଇଁ ବନ୍ଦ କରିଦିଆଯାଇଛି। ଟ୍ରମ୍ପ ଟୁଇଟ୍ କରି ଭୁଲ୍ ତଥ୍ୟ ଦେବା ସହ ହିଂସାକୁ ପ୍ରବର୍ତ୍ତାଉଥିବା ଅଭିଯୋଗରେ ଟୁଇଟର ଏଭଳି ପଦକ୍ଷେପ ନେଇଛି। ଅନ୍ୟପକ୍ଷରେ ଟ୍ରମ୍ପ ନୂଆ କରି ହ୍ୱାଇଟ୍ ହାଉସ୍‌ରୁ ସରକାରୀ ଟୁଇଟର ଆକାଉଣ୍ଟରୁ କରିଥିବା ନୂଆ ଟୁଇଟ୍‌କୁ ଡିଲିଟ କରିଦିଆଯାଇଛି। 'ଆମେ ଚୁପ୍ ରହିବୁ ନାହିଁ' ବୋଲି ସେ ଟୁଇଟ୍ କରିଥିଲେ। ଏହି ଆକାଉଣ୍ଟରେ ୩୩.୪ ମିଲିୟନ ଫଲୋଅର୍ସ ରହିଛନ୍ତି। ସୋସିଆଲ ମିଡିଆଗୁଡ଼ିକ ଟ୍ରମ୍ପଙ୍କ ଆକାଉଣ୍ଟ ବ୍ଲକ କରିଦେବା ଭଳି ପଦକ୍ଷେପ ☞ପୃଷ୍ଠା-୧୩

**ଆଜିର ସମ୍ପାଦକୀୟ**

**ଅଧିକାର ଫେରାଇ ଆଣ**

# ସ୍ୱଚ୍ଛ ହେବ ବିନ୍ଦୁସାଗର



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ସ୍ୱଚ୍ଛ ବିନ୍ଦୁସାଗର ପ୍ରକଳ୍ପକୁ ଉଦ୍‌ଘାଟନ କରୁଛନ୍ତି।

**ପ୍ରକଳ୍ପ ଶୁଭାରମ୍ଭ**

- ସଂହତି ଓ ଏକତାର ପ୍ରତୀକ: ନବୀନ
- ଜାତୀୟ ଐତିହ୍ୟର ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ବଦ୍ଧପରିକର: ଧର୍ମେନ୍ଦ୍ର

**ଭୁବନେଶ୍ୱର, (ବ୍ୟୁରୋ)/ପୁରୁଣା ଭୁବନେଶ୍ୱର, ୯।୧ (ଡି.ଏନ୍.ଏ.)**

ସ୍ୱଚ୍ଛ ହେବ ପବିତ୍ର ତୀର୍ଥ ପୁଷ୍କରିଣୀ ବିନ୍ଦୁସାଗରର ଜଳ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫-ଟି କାର୍ଯ୍ୟକ୍ରମ ଅଧୀନ ଏକାମ୍ର ଯୋଜନାରେ ଶନିବାର 'ସ୍ୱଚ୍ଛ ବିନ୍ଦୁସାଗର ପ୍ରକଳ୍ପ'ର ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ବିନ୍ଦୁସାଗର ତାଙ୍କ ପାଇଁ ସବୁବେଳେ ଏକ ବଡ଼ ଆକର୍ଷଣ ହୋଇରହିଛି। ଦେଶର ସବୁ ତୀର୍ଥ ଜଳ ବିନ୍ଦୁସାଗରରେ ଏକାଠି ହୋଇଛି। ଏହା ଜାତୀୟ ସଂହତି ଓ ଏକତାର ପ୍ରତୀକ। ପୁରୁଣା ଭୁବନେଶ୍ୱରର ଲୋକମାନଙ୍କ ସାମାଜିକ ଏବଂ ସାଂସ୍କୃତିକ ଜୀବନ ସହ ଏହାର ନିବିଡ ସମ୍ପର୍କ ରହିଛି। ଏହାକୁ ସ୍ୱଚ୍ଛ ରଖିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଗାମୀ ଦିନରେ ବିଶୁଦ୍ଧ ଜଳ ସାରା ବିଶ୍ୱ ପାଇଁ ଏକ ବଡ଼ ଆହ୍ୱାନ ହେବାକୁ ଯାଉଛି। ତେଣୁ ଏକାମ୍ର ଅଞ୍ଚଳର ୨୦ରୁ ଊର୍ଦ୍ଧ୍ୱ ଛୋଟ ବଡ଼ ତୀର୍ଥ ପୁଷ୍କରିଣୀର ସୁରକ୍ଷା ପାଇଁ ନାଗରିକ ସମାଜ ଆଗେଇ ଆସିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ସ୍ୱଚ୍ଛ ଜଳ ହିଁ ସମୃଦ୍ଧ ଜୀବନ। ସମସ୍ତଙ୍କ ସହଯୋଗରେ ଏହି ରୂପାନ୍ତର(ଟ୍ରାନ୍ସଫରମେଶନ) ଲକ୍ଷ୍ୟ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମ ପାଇଁ ଭାରତୀୟ ତୈଳ ନିଗମ (ଆଇଓସିଏଲ୍), ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି (ଆଇସିଟି)ର ସହଯୋଗ ନିମନ୍ତେ ☞ପୃଷ୍ଠା-୧୩




**ପ୍ରଥମ ଦିନରେ ବାଇଡେନ୍ ଆଣିବେ ଇମିଗ୍ରେସନ ବିଲ୍**

ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍ କ୍ଷମତାକୁ ଆସିବା ପରେ ପ୍ରଥମେ ଇମିଗ୍ରେସନ ବିଲ୍ ଆଣିବେ ବୋଲି କହିଛନ୍ତି। ଆଗାମୀ ୨୦ ତାରିଖରେ ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ପ୍ରଥମ କାର୍ଯ୍ୟ କ'ଣ ହେବ ବୋଲି ଖବରଦାତାମାନେ ପ୍ରଶ୍ନ କରିବାରୁ ସେ କହିଥିଲେ, ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନର ଇମିଗ୍ରେସନ ନୀତିକୁ ସମ୍ପୂର୍ଣ୍ଣ ବଦଳାଇବା ପାଇଁ ପ୍ରଥମ ଦିନରେ ବିଲ୍ ଅଣାଯିବ। ନିର୍ବାଚନ ପ୍ରଚାର ବେଳେ ମଧ୍ୟ ବାଇଡେନ୍ ଇମିଗ୍ରେସନ ନୀତି ବଦଳାଇବାକୁ ପ୍ରତିଶ୍ରୁତି ଦେଇଥିଲେ।



## ସଂକ୍ଷେପରେ

### କୋଭାକ୍ସିନ ନେଇଥିବା ସ୍ୱେଚ୍ଛାସେବୀଙ୍କ ମୃତ୍ୟୁ

**ଭୋପାଳ, ୯।୧:** ଭାରତ ବାୟୋଟେକ ପ୍ରସ୍ତୁତ କରୋନା ଟିକା କୋଭାକ୍ସିନ ନେଇଥିବା ମଧ୍ୟପ୍ରଦେଶର ଜଣେ ସ୍ୱେଚ୍ଛାସେବୀଙ୍କ ମୃତ୍ୟୁ ଘଟିଛି। ୪୨ ବର୍ଷୀୟ ଦୀପକ ମାରୱି ଡିସେମ୍ବର ୧୨ରେ ଟ୍ରାଏଲବେଳେ ଏହି ଟିକା ନେଇଥିଲେ। ମୃତ୍ୟୁର ପ୍ରକୃତ କାରଣ ଜଣାପଡି ନ ଥିବାବେଳେ ଶରୀରରେ ବିଷକ୍ରିୟା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଛି। ଦୀପକଙ୍କ ପରିବାର ପକ୍ଷରୁ କୁହାଯାଇଛି ଯେ, ସେ ଟିକା ନେବା ପରେ ୧୭ ତାରିଖରେ ତାଙ୍କ ଶରୀର ବ୍ୟଥା ହୋଇଥିଲା। ଦିନେ ଦୁଇ ଦିନ ମଧ୍ୟରେ ଠିକ୍ ହୋଇଯିବ ଭାବି ସେ ଡାକ୍ତରଙ୍କ ପରାମର୍ଶ ନେଇ ନ ଥିଲେ। ହେଲେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଡିସେମ୍ବର ୨୧ରେ ତାଙ୍କୁ ଡାକ୍ତରଖାନାକୁ ନିଆଯିବା ବାଟରେ ମୃତ୍ୟୁ ଘଟିଥିଲା।

### ଚୁଶୁଲ୍‌ରୁ ଚାଇନା ସୈନ୍ୟ ଗିରଫ

**ନୂଆଦିଲ୍ଲୀ, ୯।୧:** ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି)ର ଭାରତ ପାର୍ଶ୍ୱରେ ଥିବା ପୂର୍ବ ଲଦାଖର ଚୁଶୁଲ ସେକ୍ଟରରୁ ଜଣେ ଚାଇନା ସୈନ୍ୟଙ୍କୁ ଶୁକ୍ରବାର ଭୋର ସମୟରେ ଗିରଫ କରାଯାଇଛି। କେଉଁ ପରିସ୍ଥିତିରେ ଉକ୍ତ ପିଏଲ୍ଏ ସୈନ୍ୟ ଭାରତୀୟ ଅଞ୍ଚଳ ମଧ୍ୟକୁ ପ୍ରବେଶ କଲେ ତାହାର ତଦନ୍ତ କରାଯାଉଛି। ଉକ୍ତ ଅଞ୍ଚଳରେ ନିୟୋଜିତ ଭାରତୀୟ ଯବାନମାନେ ପିଏଲ୍ଏ ସୈନ୍ୟଙ୍କୁ ହାଜତରେ ରଖି ପଚରାଉଚରା କରୁଛନ୍ତି। ଗତବର୍ଷଠାରୁ ଏଲ୍ଏସିରେ ଦୁଇଦେଶର ସୈନ୍ୟଙ୍କ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ଉଭୟ ପକ୍ଷ ସେମାନଙ୍କ ପାର୍ଶ୍ୱରେ ଅଧିକ ସୈନ୍ୟ ମୁତୟନ କରିଛନ୍ତି। ଭାରତ ପାର୍ଶ୍ୱରେ ପିଏଲ୍ଏ ସୈନ୍ୟ ଧରାପଡ଼ିବା ଏହା ଦ୍ୱିତୀୟ ଘଟଣା। ଗତ ଅକ୍ଟୋବରରେ ପିଏଲ୍ଏ ସୈନ୍ୟ କର୍ପୋରାଲ ୱାଙ୍ଗ୍ ଲା ଲୋଙ୍ଗ୍ ଡେମ୍‌ଚୋକ୍ ସେକ୍ଟରରେ ଏଲ୍ଏସି ଅତିକ୍ରମ କରି ଧରା ହୋଇଥିଲେ। ଦୁଇଦିନ ହାଜତରେ ରହିବା ପରେ ଅକ୍ଟୋବର ୨୧ରେ ଚୁଶୁଲ୍-ମୋଲ୍‌ଡୋ ସୀମାରେ ସେନା ଅଧିକାରୀଙ୍କ ବୈଠକ ବେଳେ ତାଙ୍କୁ ଚାଇନାକୁ ହସ୍ତାନ୍ତର କରାଯାଇଥିଲା।

### ଗୁଜରାଟ ପୂର୍ବତନ ମୁଖ୍ୟମନ୍ତ୍ରୀ ସୋଲାଙ୍କିଙ୍କ ପରଲୋକ



**ଗାନ୍ଧୀନଗର, ୯।୧:** ଭାରତର ପୂର୍ବତନ ବହିର୍ବ୍ୟାପର ମନ୍ତ୍ରୀ, ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ମାଧବ ସିଂ ସୋଲାଙ୍କିଙ୍କ ଶନିବାର ଗାନ୍ଧୀନଗରସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୯୩ ବର୍ଷ ହୋଇଥିଲା। ରାଜ୍ୟ ସରକାର ଶନିବାରକୁ ଶୋକଦିବସ ଘୋଷଣା କରିଛନ୍ତି। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ବିଜୟ ରୁପାନି ଶୋକ ପ୍ରକାଶ କରିବା ସହ ତାଙ୍କ ଶେଷକୃତ୍ୟ ନିୟମ ଅନୁଯାୟୀ ସମ୍ମାନର ସହ ସମ୍ପନ୍ନ କରାଯିବ ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ବ୍ୟକ୍ତ କରିବା ସହ ଦଶନ୍ଧି ଧରି ସ୍ୱର୍ଗତ ସୋଲାଙ୍କି ଗୁଜରାଟ ରାଜନୀତିରେ ପ୍ରମୁଖ ଭୂମିକା ତୁଲାଇଥିଲେ ବୋଲି ଟୁଇଟ କରି କହିଛନ୍ତି।

# ଇତିହାସ ରଚିବେ ମହିଳା ପାଇଲଟ୍

**ନୂଆଦିଲ୍ଲୀ, ୯।୧:** ଇତିହାସ ରଚିବାକୁ ଯାଉଛନ୍ତି ଏୟାର ଇଣ୍ଡିଆର ମହିଳା ପାଇଲଟ୍। କ୍ୟାପ୍‌ଟେନ୍ ଜୋୟା ଅଗ୍ରୱାଲଙ୍କ ଟିମ୍ ବିଶ୍ୱର ଦୀର୍ଘତମ ରୁଟ୍‌ରେ ବିମାନ ଚଳାଇ କର୍ଣ୍ଣାଟକର ବେଙ୍ଗାଲୁରୁରେ ଅବତରଣ କରିବେ। ଏଭଳି ବିରଳ କୀର୍ତ୍ତିରେ ଭାରତୀୟ ମହିଳା ନୂଆ ରେକର୍ଡ କରିଛନ୍ତି। ଜୋୟା ୨୦୧୩ରେ ବୋଇଂ-୭୭୭ ବିମାନ ଉଡ଼ାଇଥିଲେ। ଏୟାର ଇଣ୍ଡିଆ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, ସାନଫ୍ରାନ୍‌ସିସ୍କୋରୁ



ବେଙ୍ଗାଲୁରୁକୁ ବିମାନ ଉଡ଼ାଣ ପାଇଁ ଜୋୟା ଓ ତାଙ୍କ ଟିମ୍‌କୁ ଦାୟିତ୍ୱ ଦିଆଯାଇଛି। ୧୭ ଘଣ୍ଟାରୁ ଅଧିକ ସମୟ ଲାଗୁଥିବା ଉତ୍ତରମେରୁରୁ ଆଟ୍‌ଲାଣ୍ଟିକ୍ ରୁଟ୍ ଦେଇ ଚ୍ୟାଲେଞ୍ଜପୂର୍ଣ୍ଣ ପରିସ୍ଥିତିରେ ସେମାନେ ଦୀର୍ଘ ୧୩,୯୯୩ କିମି ବିମାନ ଉଡ଼ାଇବେ। ଏହି ଟିମ୍‌ରେ କ୍ୟାପ୍‌ଟେନ୍ ପାପାଗାରୀ ଥାନମାଇ, ଆକାଂକ୍ଷା ସୋନୱର୍ ଏବଂ କ୍ୟାପ୍‌ଟେନ୍ ଶିବାନୀ ସାମିଲ ଅଛନ୍ତି। ବିମାନ ଏଆଇ୧୭୬ ଶନିବାର ସାନଫ୍ରାନ୍ସିସ୍କୋରୁ ବାହାରି କେମ୍ପେଗୋଡା ଅନ୍ତର୍ଜାତୀୟ ବିମାନବନ୍ଦରରେ ସୋମବାର ଅବତରଣ କରିବ।

# ହ୍ୱାଇଟ୍ ହାଉସ୍‌ରେ ସାବ୍ରିନା ସିଂ



**ୱାଶିଂଟନ୍, ୯।୧:** ଆମେରିକାର ନବ ନିର୍ବାଚିତ ଉପରାଷ୍ଟ୍ରପତି କମଲା ହାରିସ୍‌ଙ୍କ ଡେପୁଟି ପ୍ରେସ୍ ସେକ୍ରେଟାରୀ ଭାବେ ମନୋନୀତ ହୋଇଛନ୍ତି ଭାରତୀୟ ବଂଶୋଦ୍ଭବ ସାବ୍ରିନା ସିଂ। ହାରିସ୍ ଓ ନବ ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ କ୍ୟାମ୍ପେନିଂରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ରହିଥିଲା। ସେ ଏହା ପୂର୍ବରୁ ଡେମୋକ୍ରାଟିକ୍ ନ୍ୟାଶନାଲ କମିଟିରେ ଡେପୁଟି ଯୋଗାଯୋଗ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଥିଲେ। ଏଥିସହ ଆମେରିକାନ ବ୍ରିଜ୍‌ସ ଟ୍ରମ୍ପ ୱାର ରୁମ୍‌ର ମୁଖପାତ୍ର ଏବଂ ୨୦୧୬ରେ ହିଲାରୀ କ୍ଲିଣ୍ଟନଙ୍କ ରାଷ୍ଟ୍ରପତି ନିର୍ବାଚନ କ୍ୟାମ୍ପେନରେ ଆଞ୍ଚଳିକ ଯୋଗାଯୋଗ ନିର୍ଦ୍ଦେଶକ ମଧ୍ୟ ରହିଥିଲେ।

# ପରମାଣୁରେ ପ୍ରତିଶୋଧ ଆଶଙ୍କା

**ସତ୍ତା ଲୋଭରେ ସୀମା ଟପିଛନ୍ତି ଡୋନାଲ୍ଡ ଟ୍ରମ୍ପ। ଆମେରିକା ଇତିହାସରେ କଳଙ୍କିତ ଅଧ୍ୟାୟ ସୃଷ୍ଟିର ଖଳନାୟକ ଆଖ୍ୟା ପାଇସାରିବା ପରେ ବି ବଦଳୁନି ତାଙ୍କ ମାନସିକତା। ଜନମତ ସ୍ୱୀକାର କରି ନ ପାରି ଜଣେ ରାଷ୍ଟ୍ରପତିଙ୍କ ହିଂସା ସୃଷ୍ଟି ମନୋଭାବ ଏବେ ଏହି ଦେଶ ପାଇଁ ବଡ଼ ବିପଦ ହୋଇ ଛିଡ଼ା ହୋଇଛି। କାର୍ଯ୍ୟକାଳ ଶେଷ ବେଳକୁ ସେ ଆହୁରି ବିପଜ୍ଜନକ ହେବାର ଆଶଙ୍କା ଘନେଇଛି। ଆଉ ଦିନ କେଇଟା ପାଇଁ ତାଙ୍କ ହାତରେ ଥିବା କ୍ଷମତାର ଦୁରୁପଯୋଗ କରି ପରମାଣୁ ବୋମା ଆକ୍ରମଣ କରିପାରନ୍ତି ବୋଲି ଚିନ୍ତା ବ୍ୟକ୍ତ କରାଯାଉଛି। ଏସବୁକୁ ଦୃଷ୍ଟିରେ ରଖି ଟ୍ରମ୍ପଙ୍କ କାର୍ଯ୍ୟକାଳ ସରିବା ପୂର୍ବରୁ ତାଙ୍କୁ ପଦରୁ ହଟାଯିବାକୁ ଦାବି ବଢ଼ିଛି। ମହାଭିଯୋଗକୁ ଅସ୍ତ୍ର କରାଯାଇ ଟ୍ରମ୍ପଙ୍କ ବିରୋଧରେ ପ୍ରୟୋଗ କରାଯିବାକୁ ଉଦ୍ୟମ ଚାଲିଛି।**

ୱାଶିଂଟନ୍, ୯।୧




ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତୁରନ୍ତ ଗାଦି ଛାଡ଼ନ୍ତୁ। କ୍ୟାପିଟୋଲ ନିକଟରେ ଗୋଟିଏ ଗୋଷ୍ଠୀ ବିଶାଳ ବ୍ୟାନର ଧରି ଆହ୍ୱାନ ଦେଉଛନ୍ତି।

କ୍ୟାପିଟୋଲ ବିଲ୍ଡିଂ (ଆମେରିକାର ସଂସଦ ଭବନ)ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥକଙ୍କ ଦ୍ୱାରା ହିଂସାକାଣ୍ଡ ପରେ ଦେଶରେ ହଟଚମଟ ଜାରି ରହିଛି। ଟ୍ରମ୍ପ ତାଙ୍କ କ୍ଷମତାର ଦୁରୁପଯୋଗ କରି ପରମାଣୁ ବୋମା ଆକ୍ରମଣ କରିପାରନ୍ତି ବୋଲି ଆମେରିକା ପ୍ରତିନିଧି ସଭା ଅଧ୍ୟକ୍ଷ ତଥା ସ୍ପିକର ନାନ୍ସି ପେଲୋସି ଚିନ୍ତା ବ୍ୟକ୍ତ କରିଛନ୍ତି। ସେ ଯେପରି କୌଣସି ସାମରିକ କାର୍ଯ୍ୟାନୁଷ୍ଠାନ କିମ୍ବା ଆଣବିକ ଆକ୍ରମଣ କରିବାରେ ସଫଳ ନ ହୁଅନ୍ତି ସେ ନେଇ ନାନ୍ସି ଶୁକ୍ରବାର 'ଜଏଣ୍ଟ ଚିଫ୍ ଅଫ୍ ଷ୍ଟାଫ'ର ଚେୟାରମ୍ୟାନଙ୍କ ସହ କଥା ହୋଇଛନ୍ତି। ଏ ନେଇ ନାନ୍ସି ପ୍ରତିନିଧି ସଭାର ଡେମୋକ୍ରାଟିକ୍ ସଦସ୍ୟଙ୍କ ନିକଟକୁ ସେ ଏକ ଚିଠି ଲେଖିଛନ୍ତି। ରାଷ୍ଟ୍ରପତି ପରିବର୍ତ୍ତନକୁ ରୋକିବାକୁ ଯାଇ ଟ୍ରମ୍ପ୍ ପରମାଣୁ ମିଶାଇଲ ଛାଡ଼ିବାକୁ 'ଲଞ୍ଚ କୋଡ୍' ପର୍ଯ୍ୟନ୍ତ ପହଞ୍ଚିପାରନ୍ତି ବୋଲି ନାନ୍ସି ଏଥିରେ ଉଲ୍ଲେଖ କରିଛନ୍ତି। ଏପରିକି ଟ୍ରମ୍ପ ଯାତ୍ରା କରିବା ସମୟରେ ମଧ୍ୟ 'ନ୍ୟୁକ୍ଲିୟର ଫୁଟ୍‌ବଲ୍' (ଏକ ବ୍ୟାଗ୍, ଯେଉଁଥିରେ ପରମାଣୁ ଷ୍ଟ୍ରାଇକ୍ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ, ଆକ୍ରମଣ ଯୋଜନା ସମ୍ପର୍କିତ ସଙ୍କେତ ରହିଥାଏ) ସାଙ୍ଗରେ ନେଇ ଯାଉଛନ୍ତି। ରାଷ୍ଟ୍ରପତିଙ୍କ ଆଦେଶରେ ସମ୍ଭାବ୍ୟ ନ୍ୟୁକ୍ଲିୟର ଷ୍ଟ୍ରାଇକ୍ ରୋକିବାକୁ ଥିବା ଆଇନଗତ ପ୍ରକ୍ରିୟା ଉପରେ ନାନ୍ସି ଜେନେରାଲ ମାର୍କ ମିଲେଙ୍କ ସହ କଥା ହୋଇଥିବା କହିଛନ୍ତି। ଆମେରିକାରେ ଅସ୍ଥିର ରାଷ୍ଟ୍ରପତି ଲୋକତନ୍ତ୍ର ପାଇଁ ବିପଦ ହୋଇ ଉଭା ହୋଇଛନ୍ତି। ତେଣୁ ଜନସାଧାରଣଙ୍କୁ ସୁରକ୍ଷା ଯୋଗାଇବା ପାଇଁ ଟ୍ରମ୍ପଙ୍କୁ ପଦରୁ ହଟାଇବାକୁ ଜୋରସୋର ପ୍ରୟାସ ଆବଶ୍ୟକ ବୋଲି ନାନ୍ସି କହିଛନ୍ତି। ଯଦି ଟ୍ରମ୍ପ ନିଜେ ପଦରୁ ନ ଓହରନ୍ତି ତେବେ କଂଗ୍ରେସ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବ ବୋଲି ସେ ଚେତାଇ ଦେଇଛନ୍ତି। ଜାନୁୟାରୀ ୨୦ରେ ନବ ନିର୍ବାଚିତ ରାଷ୍ଟ୍ରପତି ଶପଥ ନେବା ପୂର୍ବରୁ ଟ୍ରମ୍ପଙ୍କ ବିରୋଧରେ ମହାଅଭିଯୋଗ ଆଣିବା ପାଇଁ ନାନ୍ସି ପ୍ରତିନିଧି ସଭା ସହ ଏକ ବୈଠକରେ ଆଲୋଚନା କରିଛନ୍ତି।

- ଆମେରିକାକୁ ବିପଦ ଟ୍ରମ୍ପ୍
- ଚିଠି ଲେଖି ଚିନ୍ତା ବ୍ୟକ୍ତ କଲେ ନାନ୍ସି
- ଆଦେଶ ରୋକିବାକୁ ଜେନେରାଲଙ୍କ ସହ ଆଲୋଚନା
- ଶୀଘ୍ର ଆସିପାରେ ମହାଭିଯୋଗ

## ମହାଭିଯୋଗ ଆସିଲେ କ'ଣ ହେବ

ଟ୍ରମ୍ପଙ୍କ ବିରୋଧରେ ମହାଭିଯୋଗ ଆସିଲେ ଆମେରିକାରେ ସେ ଏକ ମାତ୍ର ରାଷ୍ଟ୍ରପତି ହେବେ ଯାହାଙ୍କ ବିରୋଧରେ ଦ୍ୱିତୀୟ ଥର ଏହି ପ୍ରସ୍ତାବ ଆଗତ ହେବ। ୨୦୧୯ରେ ଟ୍ରମ୍ପଙ୍କ ନାମରେ ମହାଭିଯୋଗ ଚାଲିଥିଲା। ୨୦୨୦ ରାଷ୍ଟ୍ରପତି ନିର୍ବାଚନବେଳେ ଜୋ ବାଇଡେନ୍‌ଙ୍କ ଛବିକୁ ମଳିନ କରିବାକୁ ଟ୍ରମ୍ପ୍ ଚେଷ୍ଟା କରିଥିଲେ। ଅଭିଯୋଗ ଆସିଥିଲା ଯେ, ଟ୍ରମ୍ପ ଏଥିପାଇଁ ୟୁକ୍ରେନର ସହାୟତା ନେଇଥିଲେ। ଜୋ ବାଇଡେନ୍ ଓ ତାଙ୍କ ପୁଅ ହଣ୍ଟର



ବାଇଡେନ୍ ୟୁକ୍ରେନ ସହ ବେଆଇନ ଭାବେ ବ୍ୟାପକ ଅର୍ଥ କାରବାର କରିଥିବା କହି ଟ୍ରମ୍ପ ନିଜ ଛବିକୁ ସୁଦୃଢ଼ କରିବାକୁ ଚାହୁଁଥିଲେ। ଏ ନେଇ ଟ୍ରମ୍ପ ୟୁକ୍ରେନ ରାଷ୍ଟ୍ରପତିଙ୍କ ସହ କଥା ହେବା ଘଟଣା ଗୋଇନ୍ଦା ବିଭାଗକୁ ଜଣାପଡିବା ପରେ ଏହା ସାମ୍ନାକୁ ଆସିଥିଲା। ଏପରିକି ଟ୍ରମ୍ପ ଏଥିପାଇଁ ୟୁକ୍ରେନ ରାଷ୍ଟ୍ରପତି ଉପରେ ଚାପ ପକାଉଥିଲେ ବୋଲି କୁହାଯାଇଥିଲା। ଏହି ଘଟଣାକୁ ନେଇ ତାଙ୍କ ବିରୋଧରେ ମହାଭିଯୋଗ ଚାଲିଥିଲେ ହେଁ ତାହା ସାବ୍ୟସ୍ତ ହୋଇପାରି ନ ଥିଲା। ଯଦି ଏବେ ଟ୍ରମ୍ପଙ୍କ ବିରୋଧରେ ମହାଭିଯୋଗ ଚାଲେ ତେବେ ୨୦୨୪ରେ ପରବର୍ତ୍ତୀ ନିର୍ବାଚନରେ ସେ ପୁନର୍ବାର ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ହୋଇପାରିବେ ନାହିଁ।

## ସଂଶୋଧନ ୨୫ର ୪ଟି ସେକ୍ସନ କ'ଣ



ଟ୍ରମ୍ପଙ୍କ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ତାଙ୍କୁ ପଦରୁ ହଟାଇବା ପାଇଁ ସମ୍ବିଧାନର ୨୫ ତମ ସଂଶୋଧନ ଲାଗୁ କରାଯିବାକୁ ଦାବି ଜୋର ଧରିଛି। ଆମେରିକାର ସମ୍ବିଧାନର ଏହି ସଂଶୋଧନକୁ ବ୍ୟବହାର କରାଯାଇ କାର୍ଯ୍ୟକାରୀ ରାଷ୍ଟ୍ରପତିଙ୍କୁ ବହିଷ୍କାର କରାଯାଇପାରିବ। ଏହି ସଂଶୋଧନରେ ୪ଟି ସେକ୍ସନ ରହିଛି। ପ୍ରଥମ ସେକ୍ସନ ଅନୁଯାୟୀ, ଯଦି କୌଣସି ରାଷ୍ଟ୍ରପତିଙ୍କ ମୃତ୍ୟୁ ଘଟେ, ସେ ଇସ୍ତଫା ଦିଅନ୍ତି କିମ୍ବା ତାଙ୍କୁ ପଦରୁ ବିଦା କରାଯାଏ, ସେପରି ସ୍ଥିତିରେ ଉପରାଷ୍ଟ୍ରପତି ରାଷ୍ଟ୍ରପତି ଦାୟିତ୍ୱ ତୁଲାଇଥାନ୍ତି। ଦ୍ୱିତୀୟ ସେକ୍ସନ ଅନୁସାରେ, ଯଦି ଉପରାଷ୍ଟ୍ରପତି ପଦ ଫାଙ୍କା ପଡେ ତେବେ ରାଷ୍ଟ୍ରପତି ଭାଇସ୍ ପ୍ରେସିଡେଣ୍ଟଙ୍କୁ ମନୋନୀତ କରିବେ। କଂଗ୍ରେସର ଉଭୟ ସଦସ୍ୟଙ୍କ ବହୁମତ ପରେ ସେ ଉକ୍ତ ପଦ ସମ୍ଭାଳିବେ। ରାଷ୍ଟ୍ରପତି ଦାୟିତ୍ୱ ସମ୍ଭାଳିବାକୁ ଅକ୍ଷମତା ପ୍ରକାଶ କଲେ ଉପରାଷ୍ଟ୍ରପତି କାର୍ଯ୍ୟ ତୁଲାଇବେ ବୋଲି ୩ ନମ୍ବର ସେକ୍ସନରେ ନିୟମ ରହିଛି। ଗୁରୁତ୍ୱପୂର୍ଣ୍ଣ ୪ର୍ଥ ସେକ୍ସନ ମୁତାବକ, ଯଦି ରାଷ୍ଟ୍ରପତି ତାଙ୍କ ଦାୟିତ୍ୱ ସୁଚାରୁରୂପେ ନିର୍ବାହ କରି ନ ପାରନ୍ତି ତେବେ ତାଙ୍କୁ ପଦରୁ ହଟାଇଦିଆଯାଇପାରିବ। ଏଥିରେ ଉପରାଷ୍ଟ୍ରପତି ଏବଂ ଆମେରିକାର କ୍ୟାବିନେଟର ବହୁମତ ଜରୁରୀ। ଏଥିପାଇଁ ଉଭୟ ଗୃହର ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ଆବଶ୍ୟକ।

# ଏୟାରଷ୍ଟ୍ରାଇକ୍‌ରେ ମରିଥିଲେ ୩୦୦ ଆତଙ୍କବାଦୀ

ନୂଆଦିଲ୍ଲୀ, ୯।୧

**ପୂର୍ବତନ ପାକ୍ କୂଟନୀତିଜ୍ଞଙ୍କ ସ୍ୱୀକାର**

୨୦୧୯ ଫେବୃୟାରୀ ୧୪ରେ ଜମ୍ମୁ-କଶ୍ମୀରର ପୁଲୱାମା ସେକ୍ଟରରେ ଆତଙ୍କବାଦୀଙ୍କ ବିସ୍ଫୋରଣରେ ୪୦ ସିଆର୍‌ପିଏଫ୍ ଯବାନ ଶହୀଦ ହେବା ପରେ ଏହାର ପ୍ରତିଶୋଧ ନେବାକୁ ଯାଇ ଭାରତୀୟ ବାୟୁସେନା ସେହିବର୍ଷ ଫେବୃୟାରୀ ୨୬ରେ ପାକିସ୍ତାନର ବାଲାକୋଟ ଉପରେ ଏୟାରଷ୍ଟ୍ରାଇକ୍ କରିଥିଲା। ଏଥିରେ ୩୦୦ ଆତଙ୍କବାଦୀ ମରିଥିଲେ ବୋଲି ପାକିସ୍ତାନର ଜଣେ ପୂର୍ବତନ କୂଟନୀତିଜ୍ଞ ଆଘା ହିଲାଲି ପ୍ରଥମ ଥର ପାଇଁ ସ୍ୱୀକାର କରିଛନ୍ତି। ଏୟାରଷ୍ଟ୍ରାଇକ୍‌ରେ କେହି ମୃତାହତ ହୋଇ ନ ଥିବା ଇସ୍‌ଲାମାବାଦ ଦାବି କରିଆସୁଥିଲା। ଖାଇବର ପାଖତୁନ୍‌ଖ୍ୱାର ବାଲାକୋଟ୍‌ସ୍ଥିତ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ଶିବିର ଉପରେ ଭାରତୀୟ ବାୟୁସେନା ଆକ୍ରମଣ କରିବା ପରେ ସେଠାରେ କେହି ଆତଙ୍କବାଦୀ ନ ଥିଲେ ବୋଲି ଇସ୍‌ଲାମାବାଦ ସେତେବେଳେ କହିଥିଲା। ହିଲାଲି କହିଛନ୍ତି, ଭାରତ ଅନ୍ତର୍ଜାତୀୟ ସୀମା ଅତିକ୍ରମ କରି ଯୁଦ୍ଧ ଭଳି କାର୍ଯ୍ୟ କରିଥିଲା। ଏଥିରେ ଅନ୍ୟୁନ ୩୦୦ ନିହତ ହୋଇଥିଲେ। ଆମେ ସେମାନଙ୍କ ହାଇକମାଣ୍ଡକୁ ଟାର୍ଗେଟ କରିଥିଲୁ ବୋଲି ହିଲାଲି କହିଛନ୍ତି। ସୂଚନାଯୋଗ୍ୟ, ବାୟୁସେନା ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ପାକିସ୍ତାନ ଛାଡ଼ି ନ ଥିଲେ, ଭାରତ ସେଦିନ ରାତିରେ ଆକ୍ରମଣ କରିଥାନ୍ତା ବୋଲି ପାକ୍ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମହମ୍ମଦ କୁରେଶୀ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ କହିଥିବା କଥା ଗତବର୍ଷ ଅକ୍ଟୋବରରେ ପାକ୍ ନ୍ୟାଶନାଲ ଆସେମ୍ବ୍ଲିରେ ମୁସ୍‌ଲିମ୍ ଲିଗ୍-ଏନ୍ ନେତା ଅୟାଜ୍ ସାଦିକ୍ କହିଥିଲେ।



ଆନ୍ଦୋଳନରେ ପ୍ରାଣ ହରାଇଥିବା ଚାଷୀଙ୍କ ଉଦ୍ଦେଶ୍ୟରେ ଲୋକେ ଅମୃତସର ସ୍ୱର୍ଣ୍ଣ ମନ୍ଦିରଠାରେ କ୍ୟାଣ୍ଡେଲ ଜଳାଇ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

# ହାଇକୋର୍ଟ ଗଲେ ଅଯୋଧ୍ୟା ବାସିନ୍ଦା

ବାରାଣସୀ,୯।୧

**ବାବ୍ରି ମସ୍‌ଜିଦ୍ ଭଙ୍ଗା ମାମଲା**

୧୯୯୨ ବାବ୍ରି ମସ୍‌ଜିଦ୍ ଭଙ୍ଗା ମାମଲାରେ ନିର୍ଦ୍ଦୋଷରେ ଖଲାସ ହୋଇଥିବା ୩୨ଜଣଙ୍କ ବିରୋଧରେ ଆହ୍ଲାହାବାଦ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ଅଯୋଧ୍ୟାର ୨ବାସିନ୍ଦା। ୨୦୨୦ ସେପ୍ଟେମ୍ବର ୩୦ରେ ସିବିଆଇ କୋର୍ଟ ଭାଜପା ନେତା ଲାଲ୍‌କୃଷ୍ଣ ଆଡଭାନୀ ଏବଂ ମୁରଲୀ ମନୋହର ଯୋଷୀଙ୍କ ସମେତ ୩୨ଜଣ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ଖଲାସ କରିଥିଲେ। ହେଲେ ମାମଲାର ପରିଚାଳନା କରୁଥିବା ସିବିଆଇ ପକ୍ଷରୁ ଏହି ରାୟ ବିରୋଧରେ କୌଣସି ଆବେଦନ କରାଯାଇ ନାହିଁ। ତେଣୁ ଆମେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛୁ ବୋଲି ଆବେଦନକାରୀଙ୍କ ଓକିଲ ତଥା ଅଲ୍ ଇଣ୍ଡିଆ ମୁସ୍‌ଲିମ୍ ପର୍ସନାଲ ଲ' ବୋର୍ଡର କାର୍ଯ୍ୟକାରୀ ସଦସ୍ୟ ଜାଫର୍‌ୟାବ୍ ଜିଲାନୀ ପ୍ରକାଶ କରିଛନ୍ତି। ଜାଫର୍‌ୟାବ୍



ବାବ୍ରି ମସ୍‌ଜିଦ୍ ଆକ୍ସନ କମିଟିର ଆବାହକ ମଧ୍ୟ ଥିଲେ। ସିବିଆଇ କୋର୍ଟଙ୍କ ରାୟ ବିରୋଧରେ ଅଯୋଧ୍ୟାର ହଜି ମେହମୁଦ ଅହମ୍ମଦ(୭୪) ଏବଂ ସୟଦ୍ ଅଖ୍‌ଲାକ୍ ଅହମ୍ମଦ(୮୧) ଉଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନରେ ସେମାନେ କହିଛନ୍ତି, ଅଭିଯୁକ୍ତଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ରହିଥିଲେ ମଧ୍ୟ ମାମଲାର ଶୁଣାଣି କରୁଥିବା କୋର୍ଟ ଏହାକୁ ଠିକ୍‌ଭାବେ ଗ୍ରହଣ କରିନାହାନ୍ତି।

**'ଲଭ୍ ଜିହାଦ' ଆଇନ**

# ୮୬ ମାମଲାରୁ ୭୯ ମୁସଲମାନଙ୍କ ନାଁରେ

ନୂଆଦିଲ୍ଲୀ, ୯।୧

ବିବାହ ନାଁରେ ବେଆଇନ ଧର୍ମ ପରିବର୍ତ୍ତନ (ଲଭ୍ ଜିହାଦ) ରୋକିବାକୁ ଉତ୍ତରପ୍ରଦେଶ ସରକାର ଗତବର୍ଷ ନଭେମ୍ବର ୨୮ରେ ଅଧ୍ୟାଦେଶ ଲାଗୁ କରିଥିଲେ। ଏହି ବେଆଇନ ଧର୍ମ ପରିବର୍ତ୍ତନ ନିରାକରଣ ଅଧ୍ୟାଦେଶ, ୨୦୨୦ କାର୍ଯ୍ୟକାରୀ ହେବା ପରଠାରୁ ୧୬ଟି ଏତଲା ଦାଏର ହେବା ସହ ମୋଟ ୮୬ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ସେମାନଙ୍କ ମଧ୍ୟରୁ ୭୯ ଜଣ ମୁସଲମାନ ଥିବା ଜଣାପଡିଛି। ତେବେ ଅଧ୍ୟାଦେଶରେ କୌଣସି ନିର୍ଦ୍ଦିଷ୍ଟ ଧର୍ମକୁ ଟାର୍ଗେଟ କରାଯାଉନାହିଁ, ଏହା ସବୁ ପ୍ରକାର ବଳପୂର୍ବକ ଧର୍ମାନ୍ତରୀକରଣ ବିରୋଧରେ ସମାନ ଭାବରେ ଲାଗୁ ହେଉଥିବା ୟୁପି ସରକାର ଆହ୍ଲାହାବାଦ ହାଇକୋର୍ଟଙ୍କୁ ଜଣାଇଛନ୍ତି।



ବେଆଇନ ଧର୍ମ ପରିବର୍ତ୍ତନ ନିରାକରଣ ଅଧ୍ୟାଦେଶ ବଳରେ ମୋଟ ୫୪ ଜଣଙ୍କୁ ଗିରଫ କରାଯାଇଛି। ଯେଉଁ ୭୯ ମୁସଲମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି, ସମସ୍ତଙ୍କ ବିରୋଧରେ ଗୋଟିଏ ଅଭିଯୋଗ। ସେମାନେ ପ୍ରଥମେ ମହିଳାଙ୍କୁ ବିବାହ ପାଇଁ ପ୍ରଲୋଭିତ କରିବା ପରେ ଜବରଦସ୍ତ ଧର୍ମ ପରିବର୍ତ୍ତନ କରାଇଛନ୍ତି। ହାଇକୋର୍ଟରେ ସରକାରଙ୍କ ପକ୍ଷରୁ ଦାଖଲ ସତ୍ୟପାଠରୁ ଏହା ଜଣାପଡ଼ିଛି।

ଅଧ୍ୟାଦେଶ କେତେକ ସାମ୍ବିଧାନିକ ଅଧିକାରର ଉଲ୍ଲଂଘନ କରୁଥିବା ଅଭିଯୋଗରେ ଏହା ବିରୋଧରେ ହାଇକୋର୍ଟରେ ଏକାଧିକ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। ରାଜ୍ୟର ୭୫ ଜିଲା ମଧ୍ୟରୁ ମାତ୍ର ୧୪ ଜିଲାରେ ନୂଆ ଅଧ୍ୟାଦେଶରେ ମାମଲା ରୁଜୁ ହୋଇଛି। ମନଗଢ଼ା ଅଭିଯୋଗରେ ମୁସଲମାନଙ୍କୁ ଗିରଫ କରାଯାଉଥିବା ସେମାନଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ତେବେ ଅଭିଯୋଗ ସତ୍ୟ ବୋଲି ୟୁପି ପୋଲିସ ଓ ସରକାର କହୁଛନ୍ତି। ନୂଆ ଆଇନରେ ପ୍ରଥମେ ବରେଲିରୁ ନଭେମ୍ବର ୨୮ରେ ଗିରଫ ହୋଇଥିବା ଓ୍ୱାଇସ୍ ଅହମଦଙ୍କ ଭଉଣୀ ଗୁରେଶା କହିଛନ୍ତି, ତାଙ୍କ ଭାଇ କୌଣସି ଅପରାଧ କରିନାହାନ୍ତି। ଓ୍ୱାଇସ୍ ଜଣେ ହିନ୍ଦୁ ଯୁବତୀଙ୍କୁ ଜବରଦସ୍ତ ଇସ୍‌ଲାମ ଧର୍ମରେ ପରିବର୍ତ୍ତନ କରାଇଥିବା ଅଭିଯୋଗ ହୋଇଥିଲା। ଗୁରେଶାଙ୍କ କହିବା ଅନୁଯାୟୀ ତାଙ୍କ ଭାଇ ଓ ଉକ୍ତ ଯୁବତୀ ଏକାଠି ପଢୁଥିଲେ। ପରେ ଯୁବତୀ ଘରୁ ପଳାଇଯାଇଥିଲେ। ତାଙ୍କ ପରିବାର ସଦସ୍ୟ ହଇରାଣ କରୁଥିଲେ ବୋଲି ସେ ପୋଲିସ ଆଗରେ କହିଛନ୍ତି। ଯୁବତୀଙ୍କ ବାପାଙ୍କ ଅଭିଯୋଗକ୍ରମେ ଓ୍ୱାଇସ୍‌ଙ୍କୁ ଗିରଫ କରାଯାଇଥିଲା। ସେହିପରି ବିଜନୁରରେ ଜଣେ ନାବାଳକଙ୍କୁ ବିବାହ ନାଁରେ ଧର୍ମ ପରିବର୍ତ୍ତନ କରାଇବା ଅଭିଯୋଗରେ ଡିସେମ୍ବର ୧୭ରେ ଗିରଫ କରାଯାଇଥିଲା। ଧର୍ମ ପରିବର୍ତ୍ତନର କୌଣସି ଉଦ୍ୟମ ହୋଇ ନ ଥିଲା ବୋଲି ନାବାଳିକା ଜଣକ କହିଛନ୍ତି। ଏହିପରି ମିଥ୍ୟା ଅଭିଯୋଗରେ ଅନେକ ମୁସଲମାନ ଯୁବକଙ୍କୁ ଟାର୍ଗେଟ କରାଯାଇଥିବା ଜଣାପଡିଛି। ଅଧ୍ୟାଦେଶ ଅନୁଯାୟୀ ଅପରାଧୀଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଓ ୨୫, ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୮,୯୬,୭୧,୬୪୯ | ୧୯,୨୭,୪୫୨ | ୬,୪୧,୯୫,୦୫୩ |
| ଭାରତ | ୧,୦୪,୪୮,୧୩୪ | ୧,୫୧,୦୦୦ | ୧,୦୦,୭୨,୦୧୬ |
| ଓଡ଼ିଶା | ୩,୩୧,୬୦୨ | ୧୮୯୧(+୫୩) | ୩,୨୭,୮୦୩ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଚାଷୀଙ୍କୁ ଦୋହରା ଧକ୍କା

## ବର୍ଷା କ୍ଷୟକ୍ଷତି ରିପୋର୍ଟରେ ପାତରଅନ୍ତର

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ, ୯।୧**

୨୦୧୯ ଅକ୍ଟୋବର ୨୩ରୁ ୨୫ ପର୍ଯ୍ୟନ୍ତ ଗଜପତି, ଗଞ୍ଜାମ, ଯାଜପୁର ଓ ଖୋର୍ଦ୍ଧା ଜିଲାରେ ହୋଇଥିବା ଲଗାଣ ବର୍ଷାଜନିତ କ୍ଷୟକ୍ଷତି ରିପୋର୍ଟରେ ପାତରଅନ୍ତର ଅଭିଯୋଗ ଉଠିଛି। ଏହି ଜିଲାଗୁଡ଼ିକର ୨୦ରୁ ଊର୍ଦ୍ଧ୍ୱ ବ୍ଲକରେ କ୍ଷୟକ୍ଷତି ହୋଇଥିବାବେଳେ ନିର୍ଦ୍ଦିଷ୍ଟ ଭାବେ ୬ଟି ବ୍ଲକ୍‌କୁ ଗଣନା କରାଯାଇଛି। ଫଳରେ ବାକି ବ୍ଲକଗୁଡ଼ିକର କ୍ଷତିଗ୍ରସ୍ତ ଚାଷୀ ସରକାରୀ ସହାୟତାରୁ ବଞ୍ଚିତ ହୋଇଛନ୍ତି। ଗୋଟିଏ ପଟେ ପ୍ରବଳ ବର୍ଷା ଫସଲ ଧୋଇନେଇଥିବାବେଳେ ଅନ୍ୟପଟେ ସରକାରୀ ଅଧିକାରୀମାନଙ୍କ ଖାମଖିଆଲ ଆକଳନ ଚାଷୀଙ୍କୁ ଆର୍ଥିକ ଯନ୍ତ୍ରଣା ମଧ୍ୟକୁ ଠେଲିଦେଇଛି। ଏଭଳି ଦୋହରା ଧକ୍କାରେ ବହୁ ଚାଷୀ ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି।

ସ୍ୱତନ୍ତ୍ର ରିଲିଫ କମିଶନର କାର୍ଯ୍ୟାଳୟ ପକ୍ଷରୁ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଗଜପତି, ଗଞ୍ଜାମ, ଯାଜପୁର ଓ ଖୋର୍ଦ୍ଧା ଜିଲାର ୬ ବ୍ଲକର ୮୫ ପଞ୍ଚାୟତର ୨୮୨ ଗ୍ରାମରେ ଉପରୋକ୍ତ ୩ ଦିନର ପ୍ରବଳ ବର୍ଷାରେ ଚାଷଜମି ପ୍ରଭାବିତ ହୋଇଥିଲା। ମୋଟ ୮୪୬୭.୫ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିଲା। ଏହି ବିଜ୍ଞପ୍ତି ଆଧାରରେ ସମବାୟ ବିଭାଗ ଅଧସ୍ତନ ସଚିବ ଡି.କେ. ମହାନ୍ତି ଗତ ଡିସେମ୍ବର ୧୧ରେ ନିବନ୍ଧକ ସମବାୟ ସମିତି ସମୂହ (ଆରସିଏସ୍) ଏବଂ ଓଡ଼ିଶା ଷ୍ଟେଟ କୋଅପରେଟିଭ ବ୍ୟାଙ୍କ(ଓଏସ୍‌ସିବି)ର ପରିଚାଳନା ନିର୍ଦ୍ଦେଶକଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଆରସିଏସ୍ କାର୍ଯ୍ୟାଳୟରୁ ଗତ ୧ ତାରିଖରେ ଡିଆରସିଏସ୍ ବ୍ରହ୍ମପୁର, କଟକ ୨ ଓ ଖୋର୍ଦ୍ଧା ଡିଭିଜନ ଏବଂ ସିସିବି ସମ୍ପାଦକମାନଙ୍କୁ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। କ୍ଷୟକ୍ଷତି ତାଲିକା ଅନୁସାରେ ଗଜପତି ଜିଲା ରାୟଗଡ଼ ବ୍ଲକର ୨ ପଞ୍ଚାୟତର ୭ ଗ୍ରାମର ୧୧୨ ହେକ୍ଟର, ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ଓ ଆସ୍କା ବ୍ଲକର ୧୯ ପଞ୍ଚାୟତ ଅନ୍ତର୍ଗତ ୩୯ ଗ୍ରାମର ୧୦୧୦.୫ ହେକ୍ଟର, ଯାଜପୁର ଜିଲାର ବରୀ ଓ ବିଞ୍ଝାରପୁର ବ୍ଲକର ୫୮ ପଞ୍ଚାୟତ ଅନ୍ତର୍ଗତ ୨୨୧ ଗ୍ରାମର ୭୧୯୫ ହେକ୍ଟର ଏବଂ ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ୬ ପଞ୍ଚାୟତ ଅନ୍ତର୍ଗତ ୧୫ ଗ୍ରାମର ୧୫୦ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିବା ବିଜ୍ଞପ୍ତିରେ ପ୍ରକାଶ ପାଇଛି।

ଓଡ଼ିଶା ରେନ୍‌ଫଲ୍ ମନିଟରିଂ ସିଷ୍ଟମର ରିପୋର୍ଟରୁ ଜଣାପଡୁଛି ଯେ, ଗତ ଅକ୍ଟୋବର ୨୫ରେ ଯାଜପୁର ବ୍ଲକରେ ୧୩୫ ମିମି, ବିଞ୍ଝାରପୁରରେ ୨୩୯.୪ ମିମି, ଦଶରଥପୁରରେ ୧୭୧.୪ ମିମି, ରସୁଲପୁରରେ ୧୩୪.୬ ମିମି ଏବଂ ବରୀ ବ୍ଲକରେ ୧୫୪.୫ ମିମି ବର୍ଷା ହୋଇଥିଲା। ଯାଜପୁର ଜିଲାରେ ୨୫ ତାରିଖରେ ହାରାହାରି ୧୨୭.୭୯ ମିମି ବର୍ଷା ହୋଇଛି। ସରକାରୀ ତଥ୍ୟ ଅନୁସାରେ ୧୨୪.୫ ମିମିରୁ ଊର୍ଦ୍ଧ୍ୱ ବର୍ଷା ହୋଇଥିଲେ ଅତ୍ୟଧିକ ବର୍ଷା ଭାବେ ବିବେଚନା କରାଯାଇଥାଏ। ତେଣୁ ସରକାରଙ୍କ ବର୍ଷା କ୍ଷୟକ୍ଷତି ରିପୋର୍ଟରେ କାହିଁକି ଉପରୋକ୍ତ ବ୍ଲକଗୁଡ଼ିକର କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ କରିବାରୁ ବଞ୍ଚିତ କରାଗଲା ବୋଲି ପ୍ରଶ୍ନ ଉଠିଛି।

ସେହିପରି ଗଜପତି ଜିଲାର ରିପୋର୍ଟକୁ ଦେଖିଲେ ଗତ ଅକ୍ଟୋବର ୨୪ରେ ରାୟଗଡ଼ ବ୍ଲକରେ ୧୪୧.୬୦ ମିମି ଏବଂ ଗୁମ୍ମା ବ୍ଲକରେ ୧୪୦ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଗଞ୍ଜାମ ଜିଲାର ଅକ୍ଟୋବର ୨୪ ତାରିଖ ରିପୋର୍ଟରେ ରଙ୍ଗେଇଲୁଣ୍ଡା ବ୍ଲକରେ ୧୯୨.୪ ମିମି, କୁକୁଡାଖଣ୍ଡିରେ ୧୭୫ ମିମି, ଚିକିଟିରେ ୨୦୩ ମିମି, ପାତ୍ରପୁରରେ ୧୮୫.୫ ମିମି, ସାନଖେମୁଣ୍ଡିରେ ୧୪୭ ମିମି, ଆସ୍କାରେ ୧୨୭ ମିମି ଓ ସେରଗଡ଼ ବ୍ଲକରେ ୧୪୨ ମିମି ବର୍ଷା ରେକର୍ଡ ହୋଇଛି। ଖୋର୍ଦ୍ଧା ଜିଲାର ବାଲିଅନ୍ତା ବ୍ଲକରେ ୨୫ ତାରିଖରେ ୧୯୩ ମିମି, ଜଟଣୀ ବ୍ଲକରେ ୧୪୯.୨ ମିମି ଓ ଚିଲିକା ବ୍ଲକରେ ୧୬୪ ମିମି ବର୍ଷା ରେକର୍ଡ ହୋଇଛି।

ଅତ୍ୟଧିକ ବର୍ଷା ହୋଇଥିବା ସତ୍ତ୍ୱେ ଏହି ୪ ଜିଲାର ଅନ୍ୟ ବ୍ଲକର ଚାଷୀମାନଙ୍କୁ ସରକାରୀ ସହାୟତା ଦେବାରୁ କାହିଁକି ବଞ୍ଚିତ କରାଯାଇଛି ତାହା ତଦନ୍ତସାପେକ୍ଷ। କୃଷି, ରାଜସ୍ୱ ଓ ଷ୍ଟାଟିଷ୍ଟିକ ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇଥିଲା। ଏହି ବିଭାଗଗୁଡ଼ିକର ଅଧିକାରୀମାନେ ଖାମଖିଆଲ ଭାବେ କ୍ଷୟକ୍ଷତି ଆକଳନ କରି ସରକାରଙ୍କୁ ରିପୋର୍ଟ ଦେଇଥିବାରୁ ବାସ୍ତବ କ୍ଷତିଗ୍ରସ୍ତ ଚାଷୀ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି କ୍ଷୋଭ ପ୍ରକାଶ ପାଇଛି। ଯାଜପୁର ଜିଲା ରସୁଲପୁର ବ୍ଲକ ଅଞ୍ଚଳର ଚାଷୀ ରମେଶ ବେହେରା କୁହନ୍ତି, ସେହି ଅକ୍ଟୋବର ମାସର ବର୍ଷା ଚାଷଜମିକୁ ସମ୍ପୂର୍ଣ୍ଣ ଭାବେ ଜଳମଗ୍ନ କରି ଦେଇଥିଲା। ଦୀର୍ଘଦିନ ଧରି ପାଣି ନିଷ୍କାସନ ନ ହେବାରୁ ଧାନଗଛ ପଚି ଯାଇଥିଲା। ଫଳରେ ଖର୍ଚ୍ଚ ତୁଳନାରେ ବହୁତ କମ୍ ଧାନ ଅମଳ ହୋଇଥିଲା। ଏଭଳି ସ୍ଥିତିରେ ସରକାର ଯଦି ରସୁଲପୁର ବ୍ଲକକୁ ସହାୟତା ପ୍ରଦାନ କରିବାରେ ସାମିଲ ନ କରନ୍ତି, ତେବେ ବହୁତ ଦୁଃଖର ବିଷୟ ବୋଲି ରମେଶ କହିଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଜିଲା କୃଷି ଉପନିର୍ଦ୍ଦେଶକ ବିମଳକାନ୍ତି ରଥ୍ତାନଙ୍କୁ ପଚାରିବାରେ ସେ କହିଛନ୍ତି, ଜମିରେ ପାଣି ଜମି ରହି ଫସଲ କ୍ଷତିଗ୍ରସ୍ତ କରିଥିବା ରିପୋର୍ଟ ଅନୁସାରେ ତାଲିକା ପ୍ରସ୍ତୁତ ହୋଇଛି। ଯେଉଁ କ୍ଷତିଗ୍ରସ୍ତ ଚାଷୀମାନେ ତାଲିକାଭୁକ୍ତ ହୋଇପାରିନାହାନ୍ତି, ସେମାନଙ୍କ ନାମ ତାଲିକାରେ ସାମିଲ କରାଯିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ତଦନୁସାରେ ତହସିଲଦାରମାନଙ୍କୁ କ୍ଷତିଗ୍ରସ୍ତ ତାଲିକା ପ୍ରସ୍ତୁତ କରିବାକୁ କୁହାଯାଇଛି। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ତାଲିକା ପ୍ରସ୍ତୁତ ହୋଇ ନ ପାରିଲେ ସମ୍ପୃକ୍ତ ତହସିଲଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ନବୀନଙ୍କ ସମ୍ପତ୍ତି ୬୪.୯୮କୋଟି

**ଭୁବନେଶ୍ୱର,୯।୧(ବ୍ୟୁରୋ)**

- ପ୍ରତାପଙ୍କ ସମ୍ପତ୍ତି ୧୦.୩୫ କୋଟି, ବର୍ଷକରେ ବଢ଼ିଛି ୪୨ ଲକ୍ଷ
- ନବ ଦାସଙ୍କ ରହିଛି ୮୦ ବ୍ୟବସାୟିକ ଗାଡ଼ି
- ନିରଞ୍ଜନଙ୍କ ସମ୍ପତ୍ତି ୪ କୋଟି, ଦିବ୍ୟଶଙ୍କର ୩ କୋଟି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ନିଜର ସମ୍ପତ୍ତି ତାଲିକା ପ୍ରଦାନ କରିଛନ୍ତି। ନବୀନଙ୍କ ସମ୍ପତ୍ତି ଗତ ଆର୍ଥିକ ବର୍ଷ ତୁଳନାରେ ୨୦୧୯-୨୦ରେ ୭୧ ଲକ୍ଷ ଟଙ୍କା ବଢ଼ିଛି। ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ନବୀନଙ୍କ ସମ୍ପତ୍ତି ମୂଲ୍ୟ ୬୪.୯୮ କୋଟି ରହିଛି। ସେଥିରେ ଅସ୍ଥାବର ସମ୍ପତ୍ତି ୧,୩୪,୦୪,୫୦୨ ଏବଂ ସ୍ଥାବର ସମ୍ପତ୍ତି ମୂଲ୍ୟ ୬୩,୬୪,୧୫,୨୬୧ ଟଙ୍କା ରହିଛି। ୨୦୧୯-୨୦ରେ ୬୪,୨୬,୮୧,୯୨୪.୯୩ରୁ ୬୪,୯୮,୧୯,୮୬୩ ଟଙ୍କାକୁ ବୃଦ୍ଧି ପାଇଥିବା ମୁଖ୍ୟମନ୍ତ୍ରୀ ଦେଇଥିବା ସମ୍ପତ୍ତି ତାଲିକାରେ ଉଲ୍ଲେଖ କରାଯାଇଛି।

ମୁଖ୍ୟମନ୍ତ୍ରୀଙ୍କର ୧୯୮୦ ମଡେଲର ଆମ୍ବାସାଡର କାର ରହିଛି ଯାହାର ମୂଲ୍ୟ ୮,୯୦୫ ଏବଂ ଅଳଙ୍କାର ମୂଲ୍ୟ ୨,୮୯,୫୮୭ ଟଙ୍କା। ନୂଆଦିଲ୍ଲୀରେ ଥିବା ଏସ୍‌ବିଆଇ ଶାଖାରେ ୧.୦୩ କୋଟି ଟଙ୍କା ଡିପୋଜିଟ୍ ରହିଛି। ଏଥିସହିତ ସେ ଭୁବନେଶ୍ୱର ଏସ୍‌ବିଆଇ ଶାଖାରେ ୧୦.୫୬ ଲକ୍ଷ ଟଙ୍କା ଡିପୋଜିଟ୍ ରଖିଛନ୍ତି। ଏହାଛଡ଼ା ଫରିଦାବାଦର ଚିକ୍ରିହେରା ଗ୍ରାମରେ ୨୨.୭ ଏକର ଫାର୍ମ ହାଉସ ରହିଛି। ୨୦୧୭ ମାର୍ଚ୍ଚରେ ହୋଇଥିବା ଆକଳନ ଅନୁଯାୟୀ ଏହାର ମୂଲ୍ୟ ୧୦,୭୫,୫୧,୦୫୧ ଟଙ୍କା । ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀ ଏପିଜେ ଅବଦୁଲ କଲାମ ରୋଡ୍‌ରେ ଥିବା ତାଙ୍କ ପୈତୃକ ସମ୍ପତ୍ତିର ୫୦ ପ୍ରତିଶତ ଅଂଶୀଦାର ଅଟନ୍ତି। ଏହାର ମୂଲ୍ୟ ୪୩,୩୬,୧୮,୦୦୦ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏଥିସହିତ ନବୀନ ନିବାସର ଦୁଇତୃତୀୟାଂଶ ଯାହାର ମୂଲ୍ୟ ୨୦୧୭ ଅଗଷ୍ଟ ୧୮ ତାରିଖରେ କରାଯାଇଥିବା ଆକଳନ ଅନୁଯାୟୀ ୯.୫୨ କୋଟି ଟଙ୍କା ହେବ। ଏଥିସହିତ ମୁଖ୍ୟମନ୍ତ୍ରୀ ତାଙ୍କ ଭଉଣୀ ଗୀତା ମେହେଟାଙ୍କଠାରୁ ୨୦୧୫ରେ ଆଣିଥିବା ୧୫ଲକ୍ଷ ଟଙ୍କାର ଉଧାରକୁ ଶୁଝି ଦେଇଛନ୍ତି। ତେବେ ଫରିଦାବାଦ ଫାର୍ମହାଉସ ବିକ୍ରି କରିବା ପାଇଁ ସେ ୨୦୧୯ ସେପ୍ଟେମ୍ବର ୧୮ରେ ଅଗ୍ରିମ ୧.୨୫ କୋଟି ଆଣିଥିବା ଉଲ୍ଲେଖ କରିଛନ୍ତି।

ରାଜ୍ୟ ସରକାର ଶନିବାର ମୁଖ୍ୟମନ୍ତ୍ରୀଙ୍କ ସମେତ ୨୦ ଜଣ ମନ୍ତ୍ରୀଙ୍କ ୱେବ୍‌ସାଇଟରେ ସମ୍ପତ୍ତି ତାଲିକା ଅପଲୋଡ କରିଛନ୍ତି। ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପତ୍ତି ବର୍ଷକରେ ୪୨ ଲକ୍ଷ ଟଙ୍କା ବଢ଼ିଛି। ଜେନାଙ୍କ ସମୁଦାୟ ସମ୍ପତ୍ତି ୧୦.୩୫ କୋଟି ହୋଇଥିବାବେଳେ ୨୦୧୯-୨୦ରେ ୩୦ ଲକ୍ଷ ଟଙ୍କା ଋଣ କରିଥିବା ସମ୍ପତ୍ତି ତାଲିକାରେ ଉଲ୍ଲେଖ କରିଛନ୍ତି। ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବ କିଶୋର ଦାସଙ୍କର ଦୁଇଟି ରିଭଲଭର ଓ ଗୋଟିଏ ରାଇଫଲ ରହିଛି। ଏଥିସହିତ ତାଙ୍କର ୮୦ଟି ବ୍ୟବସାୟିକ ଗାଡ଼ି ରହିଛି।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୪୩.୨୫ ଲକ୍ଷ ଟଙ୍କା। ତାଙ୍କ ସ୍ତ୍ରୀଙ୍କ ନାମରେ ୧.୦୯ କୋଟି ଟଙ୍କା ମୂଲ୍ୟର ଅସ୍ଥାବର ସମ୍ପତ୍ତି ରହିଛି। ସ୍ୱାଇଁଙ୍କ ସ୍ଥାବର ସମ୍ପତ୍ତି ମୂଲ୍ୟ ୧.୬୦ କୋଟି ଟଙ୍କା ରହିଥିବା ବେଳେ ତାଙ୍କ ସ୍ତ୍ରୀଙ୍କ ନାମରେ ସମ୍ପତ୍ତିର ସିଂହ ଭାଗ ରହିଛି। ସ୍ୱାଇଁଙ୍କ ନାମରେ ୨୦.୩୨ ଲକ୍ଷ ଟଙ୍କାର ଋଣ ରହିଥିବା ସମ୍ପତ୍ତି ତାଲିକାରେ ଉଲ୍ଲେଖ କରାଯାଇଛି।

ସେହିପରି ୨୦୨୦ ମାର୍ଚ୍ଚ ସୁଦ୍ଧା ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କର ୪.୨୪ କୋଟି ଟଙ୍କାର ସମ୍ପତ୍ତି ଥିବା ତାଲିକାରେ ଉଲ୍ଲେଖ କରିଛନ୍ତି । ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କର ସମ୍ପତ୍ତି ଗତ ମାର୍ଚ୍ଚ ୩୧ ସୁଦ୍ଧା ୭.୩୧ କୋଟି ଟଙ୍କା ଥିବା ବେଳେ କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କର ସମ୍ପତ୍ତିର ମୂଲ୍ୟ ୩୨ ଲକ୍ଷ। ସେଥିରେ ଭୁବନେଶ୍ୱର ଚନ୍ଦକାଠାରେ ୪୮୩୦ ବର୍ଗଫୁଟ୍‌ର ଏକ ପ୍ଲଟ ରହିଛି। ଏଥିସହିତ ତାଙ୍କର ୫ ଲକ୍ଷ ଟଙ୍କା ମୂଲ୍ୟର ଗୋଟିଏ କାର୍ ରହିଥିବାବେଳେ ୧୪୦ ଗ୍ରାମ୍ ସୁନା ଥିବା ସମ୍ପତ୍ତି ତାଲିକାରେ ଉଲ୍ଲେଖ ରହିଛି।

# ଘନକୁହୁଡ଼ି ସମ୍ଭାବନା: ଉପରମୁହାଁ ପାରଦ

**ଭୁବନେଶ୍ୱର,୯।୧(ବ୍ୟୁରୋ)**

ଶୀତ ଏକ ପ୍ରକାର ଗାଏବ ହୋଇଯାଇଛି। ଦିନରେ ତାତି ଝାଇଁ ଝାଇଁ କରି ପକାଉଛି। ଦିନରେ ପାରଦ ଉପରମୁହାଁ ହୋଇଛି। ରାତ୍ରିର ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ଉପରକୁ ଉଠିଗଲାଣି। ଦିନର ତାପମାତ୍ରା ୩୪ ଡିଗ୍ରୀ ଛୁଇଁଲାଣି। ଜାନୁୟାରୀରୁ ତାତି ଯେପରି ଉଗ୍ର ରୂପ ଧାରଣ କଲାଣି ମାର୍ଚ୍ଚ ବେଳକୁ ପରିସ୍ଥିତି ଅସମ୍ଭାଳ ହେବା ଜଳଜଳ ହୋଇ ଦେଖାଗଲାଣି। ଆସନ୍ତା ୧୫ ତାରିଖ ବେଳକୁ ସର୍ବନିମ୍ନ ପାରଦ ୨ରୁ ୩ ଡିଗ୍ରୀ ତଳକୁ ଖସିପାରେ। ଜାନୁୟାରୀ ଶେଷ ବେଳକୁ ତାତି ଆହୁରି ବଢ଼ିଯିବ। ଶୀତ କମି ଯାଇଥିବା ବେଳେ ଆସନ୍ତା ଦୁଇଦିନ କୁହୁଡ଼ି ହେବ। ରବିବାର ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କଟକ, ମୟୂରଭଞ୍ଜ ଏବଂ ଭଦ୍ରକ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘନକୁହୁଡି ହେବାର ସମ୍ଭାବନା ରହିଛି। ସେହିପରି ସୋମବାର ଜଗତ୍‌ସିଂହପୁର, ନୟାଗଡ, କନ୍ଧମାଳ ଏବଂ ବୌଦ୍ଧ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ କୁହୁଡି ହେବାର ସମ୍ଭାବନା ରହିଛି। ଏନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୮ ସ୍ଥାନରେ ପାରଦ ୩୩ ଡିଗ୍ରୀ ସେଲ୍‌ସିୟସ ଉପରକୁ ଉଠିଯାଇଛି। ମାଲକାନଗିରିରେ ସର୍ବାଧିକ ୩୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଟିଟିଲାଗଡ଼ ୩୩.୪, ବଲାଙ୍ଗୀର ୩୩.୮, ଭୁବନେଶ୍ୱର ୩୩, ଝାରସୁଗୁଡା ୩୩.୪, ସମ୍ବଲପୁର ୩୩.୮, ନୟାଗଡ ୩୩.୫ ଏବଂ ବୌଦ୍ଧ ଜିଲାରେ ସର୍ବାଧିକ ତାପମାତ୍ରା ୩୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ‘ଇଲ୍’ ମାଛର ନୂଆ ପ୍ରଜାତିର ସନ୍ଧାନ

## ସାମୁଦ୍ରିକ ବିଜ୍ଞାନରେ ଓଡ଼ିଆ ବୈଜ୍ଞାନିକଙ୍କ ଆଉ ଏକ ସଫଳତା

**ଭୁବନେଶ୍ୱର, ୯।୧(ବ୍ୟୁରୋ)**

ବର୍ଷ ଆରମ୍ଭରୁ ସାମୁଦ୍ରିକ ବିଜ୍ଞାନରେ ପୁଣି ଓଡ଼ିଶା ତଥା ଭାରତ ପାଇଁ ଗୌରବ ଆଣିଛନ୍ତି ଓଡ଼ିଆ ବୈଜ୍ଞାନିକ। ଏକ ପାଞ୍ଚଜଣିଆ ରିସର୍ଚ୍ଚ ଟିମ୍ ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳରୁ ଏକ ନୂଆ ପ୍ରଜାତିର ସାମୁଦ୍ରିକ ଇଲ୍ ମାଛ ଆବିଷ୍କୃତ କରିଛନ୍ତି। ଏହାର ବୈଜ୍ଞାନିକ ନାମ ‘ସିର୍‌ହିମୁରାଏନା ଇଣ୍ଡିକା’(Cirrhimuraena Indica) ରଖାଯାଇଛି। ଏହି ଗବେଷଣାରେ ୫ଜଣ ବୈଜ୍ଞାନିକ ସାମିଲ ଥିବାବେଳେ ଏମାନଙ୍କ ମଧ୍ୟରୁ ୪ଜଣ ହେଉଛନ୍ତି ଓଡ଼ିଆ। ଗଞ୍ଜାମ ଗୋପାଳପୁର ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆର ବୈଜ୍ଞାନିକ ଡ. ଅନିଲ ମହାପାତ୍ର, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ସ୍ୱରୂପ ରଞ୍ଜନ ମହାନ୍ତି, କୋଲକାତା ଜେଡ୍‌ଏସ୍‌ଆଇ ସାମୁଦ୍ରିକ ମତ୍ସ୍ୟ ବିଭାଗର ଶୁଭେନ୍ଦୁ ଶେଖର ମିଶ୍ର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପ୍ରାଣୀ ବିଜ୍ଞାନ ବିଭାଗର ଜୟ କିଶୋର ସେଠ, ପଶ୍ଚିମବଙ୍ଗ ବଜ୍‌କୁଲ୍ ମିଲନୀ




**୫ ଜଣିଆ ଟିମ୍‌ରେ ୪ ଓଡ଼ିଆ**

ମହାବିଦ୍ୟାଳୟର ଦୀପଞ୍ଜନ ଦେଙ୍କ ମିଳିତ ଗବେଷଣାରୁ ଏହି ସଫଳତା ମିଳିଛି।

ବଙ୍ଗୋପସାଗରରୁ ଧରା ହୋଇଥିବା ୬ଟି ଇଲ୍ ସ୍ପେସିମେନକୁ ଓଡ଼ିଶାର ପାରାଦୀପ ଓ ପଶ୍ଚିମବଙ୍ଗର ପେଟୁଘାଟ ହାରବର (ମାଛଧରା କେନ୍ଦ୍ର)ରୁ ସଂଗ୍ରହ କରାଯାଇ ଗୋପାଳପୁର ଜେଡ୍‌ଏସ୍‌ଆଇରେ ଉଦ୍‌ଘାଟିତ ହେବାକୁ ଥିବା ନବ ନିର୍ମିତ ଡିଏନ୍‌ଏ ଲାବ୍‌ରେ ଗବେଷଣା କରାଯାଇଥିଲା। ଗବେଷଣାରୁ ଏହି ନୂଆ ଇଣ୍ଡିକା ଇଲ୍ ପ୍ରଜାତିଟି ସେମାନଙ୍କ ଜେନସ ମଧ୍ୟରେ ଥିବା ସମସ୍ତ ପ୍ରଜାତିଠାରୁ ଉଭୟ ବାହ୍ୟ ଓ ଜେନେଟିକ କ୍ୟାରେକ୍ଟରରେ ଅଲଗା ବୋଲି ଜଣାପଡ଼ିଥିଲା। ଏହି ପ୍ରଜାତି ମାଛର ପିଠି ପାର୍ଶ୍ୱର ରଙ୍ଗ ହାଲୁକା ବାଦାମୀ ଓ ପେଟର ରଙ୍ଗ ଈଷତ୍ ବାଦାମୀ ହୋଇଥାଏ। ଫର୍ମାଲିନ ଓ ଆଲକୋହଲରେ ସଂରକ୍ଷଣ ପରେ ଶରୀର ରଙ୍ଗ ବଜାୟ ରହିଥିଲେ ମଧ୍ୟ ଡେଣାଗୁଡ଼ିକ ଧଳା ରଙ୍ଗ ଧାରଣ କରିଥାଏ। ଏ ସମ୍ପର୍କରେ ବୈଜ୍ଞାନିକ ଅନିଲ କୁହନ୍ତି, କରୋନା ପାଇଁ ଲକ୍‌ଡାଉନ ଓ ଶଟ୍‌ଡାଉନ ସମୟରେ ହିଁ ଆମେ ଏହି ନୂଆ ପ୍ରଜାତି ଲାଗି ମୁଖ୍ୟ ଗବେଷଣା କରିଥିଲୁ। ଆମ ଦେଶର ନାଁ ଅନୁସାରେ ଏହି ପ୍ରଜାତିକୁ ନାମିତ କରାଇ ପାରିଥିବାରୁ ଆମେ ମଧ୍ୟ ଗର୍ବ ଅନୁଭବ କରୁଛୁ।

ସୂଚନାଯୋଗ୍ୟ, ଡ. ଅନିଲ ସାମୁଦ୍ରିକ ଇଲ୍ ଗବେଷଣା କ୍ଷେତ୍ରରେ ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ‘ସିର୍‌ହିମୁରାଏନା ଇଣ୍ଡିକା’ ଅନିଲଙ୍କ ଦ୍ୱାରା ଆବିଷ୍କୃତ ହୋଇଥିବା ୧୪ତମ ନୂଆ ସାମୁଦ୍ରିକ ଇଲ୍ ବୋଲି ଜଣାପଡ଼ିଛି। ମାଛ ଗବେଷଣା ପାଇଁ ପ୍ରସିଦ୍ଧ ‘ଜର୍ନାଲ ଅଫ୍ ଫିଶ୍ ବାୟୋଲୋଜି’ରେ ଉକ୍ତ ଗବେଷଣା ପ୍ରକାଶିତ ହେବା ପାଇଁ ଗତ ୮ତାରିଖରେ ଗୃହୀତ ହୋଇଛି।




# ନେତାଜୀ ଜୟନ୍ତୀ ପାଳନ କମିଟି ସଦସ୍ୟ ହେଲେ ନବୀନ

**ଭୁବନେଶ୍ୱର, ୯।୧(ବ୍ୟୁରୋ)**

ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ୧୨୫ତମ ଜୟନ୍ତୀ ପାଳନ ପାଇଁ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏହି କମିଟିରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଦସ୍ୟ ଭାବେ ସ୍ଥାନ ପାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କମିଟିର ଅଧ୍ୟକ୍ଷ ଥିବାବେଳେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ପୂର୍ବତନ ପ୍ରଧାନମନ୍ତ୍ରୀ, ପୂର୍ବତନ ଲୋକସଭା ବାଚସ୍ପତି ଓ ପ୍ରତିଷ୍ଠିତ ରାଜନେତା ସଦସ୍ୟ ରହିଛନ୍ତି। ନବୀନ ପଟ୍ଟନାୟକଙ୍କ ସମେତ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ମେଘାଳୟ ମୁଖ୍ୟମନ୍ତ୍ରୀ କୋନର୍ଡ କୋଙ୍ଗ୍‌କାଲ୍ ସାଙ୍ଗ୍‌ମା, ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନେଇଫୁରି ରିଓ, ମଣିପୁର ମୁଖ୍ୟମନ୍ତ୍ରୀ ଏନ୍.ବିରେନ୍ ସିଂହ, ମିଜୋରାମ୍ ମୁଖ୍ୟମନ୍ତ୍ରୀ ଜୋରମ୍‌ଥାଙ୍ଗା, ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଦେବ ପ୍ରମୁଖ ସଦସ୍ୟ ଅଛନ୍ତି। ଏମାନଙ୍କ ବ୍ୟତୀତ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି


ନବୀନ ପଟ୍ଟନାୟକ

ଇରାନୀ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର, ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବାଗୌଡ଼ା, ମନମୋହନ ସିଂହ, ଲୋକସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭାର ଡେପୁଟି ଚେୟାରମ୍ୟାନ ହର୍ଷ ବର୍ଦ୍ଧନ ପ୍ରମୁଖ କମିଟିରେ ରହିଛନ୍ତି। ଦେଶର ପ୍ରମୁଖ ବ୍ୟକ୍ତିବିଶେଷଙ୍କ ସମେତ ବରିଷ୍ଠ ଐତିହାସିକ, ଲେଖକ, ବିଶେଷଜ୍ଞ, ସୁବାଷ ଚନ୍ଦ୍ର ବୋଷଙ୍କ ପରିବାର ସଦସ୍ୟ ଓ ଆଜାଦ ହିନ୍ଦ୍ ଫୌଜର ବିଶିଷ୍ଟ କର୍ମକର୍ତ୍ତାମାନେ ମଧ୍ୟ ଏଥିରେ ସଦସ୍ୟ ଅଛନ୍ତି। ଏହି ଉଚ୍ଚସ୍ତରୀୟ କମିଟି ଜାନୁୟାରୀ ୨୩ ତାରିଖରୁ କାର୍ଯ୍ୟକ୍ଷମ ହେବାସହ ନେତାଜୀଙ୍କ ବର୍ଷବ୍ୟାପୀ ଆୟୋଜିତ ହେବାକୁ ଥିବା ଜନ୍ମୋତ୍ସବ ପାଳନ କାର୍ଯ୍ୟକ୍ରମର ତଦାରଖ କରିବ।

# ଫର୍ନେସ ଅଏଲ ଗାଡ଼ି ଅଟକ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୯।୧(ଡି.ଏନ.ଏ.)**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଧୀନ ନଳୀପୁରଠାରେ ଫର୍ନେସ ଅଏଲର ଅପମିଶ୍ରଣ ନେଇ ‘ଧରିତ୍ରୀ’ରେ ଖବର ପ୍ରକାଶ ପାଇବା ପରେ ପୋଲିସ ତତ୍ପର ହୋଇଉଠିଛି। ଶନିବାର ବାଲିଚନ୍ଦ୍ରପୁର ଥାନା ପୋଲିସ ଓ



ଯାଜପୁର ଏସ୍‌ଡିପିଓ ରାସ୍ତାକଡରେ ଠିଆ ହୋଇଥିବା ଏକ ଫର୍ନେସ ଅଏଲ ଭର୍ତ୍ତି ଗାଡିକୁ ଅଟକ ରଖିବା ସହ ବିଭିନ୍ନ ଷ୍ଟକ ପଏଣ୍ଟରେ ଚଢ଼ାଉ କରିଛନ୍ତି। ଏହି ଚଢ଼ାଉ ସମୟରେ ସେଠାରେ ଥିବା ଏକ ଷ୍ଟକ୍ ପଏଣ୍ଟର ମାଲିକଙ୍କୁ ଥାନାରେ ଆଣି କାଗଜପତ୍ର ଦେଖାଇବାକୁ କୁହାଯାଇଛି। ଏଥିସହିତ ସେଠାରେ ରୋଷେୟା କାମ କରୁଥିବା ଜଣେ ବ୍ୟକ୍ତିଙ୍କୁ ପୋଲିସ ଅଟକ ରଖିଛି। ହେଲେ କୌଣସି ଗାଡ଼ ଜବତ ହୋଇନାହିଁ। ଏ ସମ୍ପର୍କରେ ଅଦ୍ୟାବଧି କାହାରିକୁ ଗିରଫ ମଧ୍ୟ କରାଯାଇନାହିଁ। ଅଟକ ଥିବା ଗାଡ଼ିରୁ ଫର୍ନେସ ଅଏଲ ଜବତ କରାଯାଇ ପରୀକ୍ଷା ପାଇଁ ତୈଳ ନିଗମକୁ ପଠାଯିବ। ପରୀକ୍ଷା ପରେ ଏହା ନକଲି କି ଅସଲି ସେ ସମ୍ପର୍କରେ ଜଣାପଡ଼ିବ ବୋଲି ପୋଲିସ ସୂଚନା ଦେଇଛି। ଚଢ଼ାଉରେ ବାଲିଚନ୍ଦ୍ରପୁର ଥାନାଧିକାରୀ ସୁକାନ୍ତ କୁମାର ପାତ୍ର, ଏସ୍‌ଡିପିଓ ଚିନ୍ମୟ ନାୟକ, ଅତିରିକ୍ତ ତହସିଲଦାର ରତ୍ନାକର ନାୟକ ପ୍ରମୁଖ ସାମିଲ ହୋଇଥିଲେ।



ଭୁବନେଶ୍ୱର ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ପ୍ରଦର୍ଶନୀ ‘କଟନଫାବ୍-୨୦୨୦’ର ଏକ ଷ୍ଟଲ୍‌ରେ ଶନିବାର ଗ୍ରାହକମାନେ ଡ୍ରେସ୍ ଦେଖୁଛନ୍ତି।

**ଆଜିର ମନ୍ତବ୍ୟ**

" ମୁଖ୍ୟମନ୍ତ୍ରୀ ହେବା ସପକ୍ଷରେ ନ ଥିଲେ ବି ଭାଜପା ଏବଂ ଜେଡି(ୟୁ)ର ଚାପ ଯୋଗୁ ଏହି ପଦ ଗ୍ରହଣ କରିବାକୁ ରାଜି ହୋଇଥିଲି। **–ନୀତୀଶ କୁମାର, ବିହାର ମୁଖ୍ୟମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................

ବୟସ:..........................................

ଜନ୍ମ ତାରିଖ: ..................................



ସିଦ୍ଧି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସରୋଜିନୀ ହତ୍ୟା ମାମଲା: ସ୍ୱାମୀଙ୍କୁ ୭ବର୍ଷ ଜେଲ

ଢେଙ୍କାନାଳ ଅଫିସ, ୯।୧–ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ଅନ୍ତର୍ଗତ ମାଧପୁର ଗ୍ରାମର ସରୋଜିନୀ ସାହୁ ହତ୍ୟା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଅଭିଯୁକ୍ତ ସ୍ୱାମୀ ପ୍ରବୀଣ ସାହୁ ଓରଫ୍ କାଳିଆଙ୍କୁ ଅତିରିକ୍ତ ଜିଲାଜଜ୍ ପ୍ରତିମା ପଣ୍ଡା ଦୋଷୀ ସାବ୍ୟସ୍ତ କରିବା ସହ ୭ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୨ ହଜାର ଟଙ୍କା ଜରିମାନା ଏବଂ ଅନାଦାୟେ ଅଧିକ ୨ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ମାଧପୁରର ପ୍ରବୀଣ ୨୦୧୨ ଜାନୁୟାରୀରେ ରାସୋଳ ଥାନା ନାଉକିଆରୀ ଗ୍ରାମର ସରୋଜିନୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର ବର୍ଷେ ପରେ ଯୌତୁକ ଦାବି କରି ତାଙ୍କ ଉପରେ ନିର୍ଯାତନା ଆରମ୍ଭ ହୋଇଥିଲା। ୨୦୧୭ ଡିସେମ୍ବର ୨୨ରେ ରହସ୍ୟଜନକ ଭାବେ ସରୋଜିନୀଙ୍କ ମୃତଦେହ ଜବତ କରାଯାଇଥିଲା। ସରୋଜିନୀଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ମୃତ ମହିଳାଙ୍କ ପରିବାର ପକ୍ଷରୁ ୨୩ ତାରିଖରେ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅକ୍ଷୟ କୁମାର ଭୋଇ ପରିଚାଳନା କରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମଥାରେ କପଡ଼ା ପାଦରେ ତେଲ**
**ବଇଦ ସାଙ୍ଗରେ କରିବ ଗେଲ ।**

ମୁଣ୍ଡରେ କପଡ଼ା ବା ପଗଡ଼ି ବାନ୍ଧିଲେ ଖରା ଦାଉରୁ ରକ୍ଷା ମିଳିଥାଏ। ସେହିପରି ପାଦରେ ତେଲ ଲଗାଇବା ଦ୍ୱାରା ପାଦ ଚିକ୍କଣ ହେବା ସହ ଗୋଇଠି ଫାଟି ନ ଥାଏ। ଏ ସମସ୍ତ ସ୍ୱାସ୍ଥ୍ୟ ପାଇଁ ଉପକାରୀ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମୋର ଦେଖି,**
**ତୋର ଡେଇଁଲା ଡାହାଣ ଆଖି ।**

ଅନ୍ୟର ଭଲ ଦେଖିଲେ କେତେକ ଲୋକଙ୍କ ମନ ହାଇଁପାଇଁ ହୋଇଯାଏ। ଏପରି ବ୍ୟକ୍ତି ଅନ୍ୟର ସୁଖ ଶିରୀକୁ ଆଦୌ ସହ୍ୟ କରିପାରି ନ ଥାନ୍ତି କି ବରଦାସ୍ତ ବା ଗ୍ରହଣ କରିପାରି ନ ଥାନ୍ତି। ଅନ୍ୟର ଉନ୍ନତି ଦେଖି ଲାଳାୟିତ ହୋଇପଡୁଥିବା ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ଗଜପତି ଜିଲା: ୨୨ ଶିକ୍ଷୟିତ୍ରୀ ଶିକ୍ଷକ ପଜିଟିଭ ଚିହ୍ନଟ

**ପାରଳାଖେମୁଣ୍ଡି,୯।୧(ଡି.ଏନ୍.ଏ.)**

ଗଜପତି ଜିଲାକୁ ପୁଣି ଫେରିଛି କରୋନା। କିଛିଦିନ ହେଲା ଜିଲାରୁ ଜଣେ ମଧ୍ୟ ପଜିଟିଭ ଚିହ୍ନଟ ହୋଇ ନଥିବାବେଳେ ଶୁକ୍ରବାର ୧୮ ଓ ଶନିବାର ୪ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ଶିକ୍ଷୟିତ୍ରୀ ଶିକ୍ଷକ ବୋଲି ଜଣାପଡିଛି। ପ୍ରକାଶ ଯେ, ଶୁକ୍ରବାର କୋଭିଡ୍ କଟକଣା ମଧ୍ୟରେ ଜିଲାର ୧୭୨ଟି ଉଚ୍ଚ ବିଦ୍ୟାଳୟ ଓ ୨୮ କଲେଜ ଖୋଲିଥିଲା। ଏଥିପାଇଁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଆଣ୍ଟିଜେନ୍ ଟେଷ୍ଟ କରାଯାଇଥିଲା। ଏଥିରେ ଜିଲାର ମୋଟ ୨୨ଜଣ ଶିକ୍ଷିୟିତ୍ରୀ ଶିକ୍ଷକ କରୋନା ସଂକ୍ରମିତ ଥିବା ସୂଚନା ମିଳିଥିଲା। ଏମାନଙ୍କ ମଧ୍ୟରୁ ମୋହନା ବ୍ଲକର ୧୧, ପାରଳାଖେମୁଣ୍ଡିର ୪ଜଣ ଥିବାବେଳେ ଗୋଷାଣୀ, ନୂଆଗଡ ଓ ଗୁମ୍ମା ବ୍ଲକରୁ ଜଣେ ଲେଖାଏଁ ଶିକ୍ଷୟିତ୍ରୀ ଶିକ୍ଷକ ଥିବା ଜଣାପଡିଛି। ସମସ୍ତେ ହୋମ୍ ଆଇସୋଲେସନରେ ରହିଥିବା ଗଜପତି ସିଡିଏମ୍ଓ ପ୍ରଦୀପ କୁମାର ପାତ୍ର ସୂଚନା ଦେଇଛନ୍ତି।

# classifieds Everyday 0674-2580101, 2549302




**BRIDE WANTED**

Match for my M.Tech (IIT, Bombay) internship (Steinbeis University) Germany qualified Commander Son in Indian Navy. Contact: +919438183860. D-19463

WANTED Beautiful Khandayat Bride for Khandayat Boy, 30years, 5'8", Mesha(2/1), working as JRF in reputed technical University. Continuing Ph.D. in Computer Science. Contact: 9437036671. D-19472

**Homely girl required for brahmin boy/ 30/5'5"/Rasi 1/1 movies now Channel Mumbai. 7064135979.** D-67582




**SALE**

**Bhubaneswar Sum Hospital Gurukul ପାଖରେ yellowzone gharabari plot ବିକ୍ରି କରାଯାଉଛି। 9439206202.** D-70150

A full furnished 3600sqft. 4BHK Apartment with servant room available for sale, near Sum Hospital. Contact: 9337413323, 9437313522. D-67776

**Ready to move 2BHK Flat 1st floor @25Lakhs near MOUNT LITERA ZEE School, Kateni, Bhubaneswar. 9937162220.** D-19522

3BHK, 1108sqft. with 2Balcony 1nos of car parking at Hemkund Tower, D-403, on 4th floor Balianta 100meter to NH-16. Interested person contact Mobile No.- 6371793686, 7438889717. D-19525

3BHK flat 1600sqft. (2017 possession) Patia, opposite RTO-2, 1km KIIT Square @72lac, including all. 7978584549 (No Broker). D-70084

**2000Sqft. & 1500Sqft. Plots with fully developed @750/- per Sqft. is for SALE. Contact: 9937847725.** D-19523

2BHK Apartment flat near Ravi Talkies Market area to Garage Chhak, Bhubaneswar. 8328890345. D-70212

**3000sft. plot for immediate sale at Jagamara (near ITER College) & 2900sft. plot sale at Jharpada, Bhubaneswar, buyers contact- DEEPAK- 9937329999.** D-69958

Doctor's Colony with facilities 1st time in Bhubaneswar book a individual house near Rasulgarh, Bhubaneswar. Price 1.10 crore. Doctor's only contact: 8260595320. D-70086

**Ready to move Duplex for sale at DHPL Villa One Kalarahanga. Contact: 9937059891.** D-19506

ଭୁବନେଶ୍ୱର ଷ୍ଟେସନ ବଜାର ଚିନ୍ତାମଣିଶ୍ୱର ମନ୍ଦିର ପାଖରେ **3ଟି residential plot** ବିକ୍ରିହେବ। **9937366406.** D-70407

River side gharabari plots besides Government road at Balianta @ 360/- to 540/-, 9437277532. D-19512

**3BHK flat super built area 1375@ near Hanspal 45lakh. 9438299931.** D-70152

Book a individual house near ITER College Jagamara, Bhubaneswar, Price- 69lakhs. Only buyer contact: 8260595320. D-70090

Bhubaneswar ସୁନ୍ଦରପଦା Xavier University ନିକଟରେ 2000sqft. plot 6,50,000/- (32 plot available) LIPSA. 9938016295. D-70151

କଟକ **Highcourtରୁ 8K.M.** ନନ୍ଦନକାନନ ପଛପଟେ ବାରଙ୍ଗଛକ ନିକଟରେ ମୁଖ୍ୟରାସ୍ତାରୁ **200mtr** ସ୍ଥିତିବାନ୍ ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। **6372930002.** D-70148

Contact for House Construction (Simplex/ Duplex/ Apartment) with Interior Design from the experts. MPlanets- 7008550473. D-19527

**3BHK 3Flats, 1st, 2nd, 3rd floor, each 1300sqft., rate 60lakhs each, Bijay Vihar Nuagaon, Bhubaneswar. Contact: 7537820117, 7873059205.** D-69469

C.V. Raman College ପାଖରେ 27000sqft. plot ବିକ୍ରିହେବ। Contact: 9778928492. D-70211

**2000 square feet gharabari plot for immediate sale in Puri-Konark marine drive near blue plash water park. In covered campus, electricity and boundary wall, immediate construction. Contact: 8320959120/ 9937079628.** D-19494

**Tankapani road Sai** ମନ୍ଦିର ନିକଟରେ **demarcated, developed gharabari plot** କିଣନ୍ତୁ। **7008492511.** D-69359

ପିପିଲି ବଜାରରେ ସଙ୍ଗେସଙ୍ଗେ ଘର କରିବା ପାଇଁ ପ୍ଲଟ୍ କିଣନ୍ତୁ। **8249776268, 8327774136.** D-69360

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ **800mtr 100ft** ପିଚୁରୋଡ୍‌କୁ ଲାଗି **30'**ରାସ୍ତା ଇଲେକ୍ଟ୍ରିସିଟି ଥାଇ ସୁନ୍ଦର ଆକର୍ଷଣୀୟ ବାସୋପଯୋଗୀ **boundary plot** ବିକ୍ରିହେବ। **9439116553.** D-70147

**Hanspal Canalroad**ରେ **Gharabari, Electricity, Boundary** ଥାଇ **Plot** ବିକ୍ରି ହେଉଛି। ଯେଉଁମାନେ **Immediate** ଘର କରିବେ ସେମାନେ **Call** କରନ୍ତୁ। **Sq.ft. 750/-. 9437005434** D-70136

Only 2Nos. of premium duplex 7BHK left near KIIT Jagannath Mandir 1.15 crore negotiable. 9937095445. D-69600

ଭୁବନେଶ୍ୱର ପାହାଳ **NH side** ଘରବାରି **yellowzone fully developed demarcated** ବାସୋପଯୋଗୀ **plot road, electricity** ଥାଇ ତୁରନ୍ତ ଘର କରନ୍ତୁ। **PUJA- 6371970725.** D-70145

ଭୁବନେଶ୍ୱର ପଟିଆ Rly.station 1.5k.m. 1200ବର୍ଗଫୁଟକୁ 6,60,000/- ଦେଇ ତୁରନ୍ତ ଘର କରନ୍ତୁ। 8249005131, 9583328312. D-70144

ପୁରୀ ଶ୍ରୀମନ୍ଦିର ପାଖରୁ ମାତ୍ର **6** କିଲୋମିଟର ଦୂରରେ **1000sqft.** ଜାଗାସହ **2Bed Room, 2Bathroom, Drawing cum Dining, Kitchen and Garage** ମାତ୍ର **24**ଲକ୍ଷ। **installment** ସୁବିଧା ଅଛି। **Call: 9438109040, 8144658008.** D-19459

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/- ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70146

**Email** ମାଧ୍ୟମରେ
କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

**Gharabadi Plot with Boundarywall sale at Bankual near Tankapani Road. Rate 1300/- per sqft. Plot size 1200/2000. Call for Details: 9438109040/ 8144658008.** D-19473




Tolet coldstorage 15x12x10 near Rasulgarh, Bhubaneswar. 8917525377. D-19518

2BR with Kitchen, 2Toilets, Drawing & Dining space, Ground floor available near the World, Nayapalli, Bhubaneswar. Contact: 9437312274. D-70409

**10,000 Sq.ft. vacant land with Boundary Wall for Lease/Rent infront of Bhuasuni Temple, Janla, NH-16 @ Rs.5/- Sq.ft. (Negotiable). Contact: 9439176326.** D-69954

3Bedroom Behera Sahi, Nayapalli, Bhubaneswar. 8480204021. D-19517

3BHK flat at Park Tower, Ganga Nagar, 2BHK flat at Tata Ariana, 3BHK large flat at Surya Nagar, 2 & 3BHK flat at Acropolis, Gothapatna. Please contact: 9437062777. D-19524




Refreshing your mind & body with best therapy at Lotus SPA. 8018234866. D-70405

Monalisa massage club : All types body massage with hiprofile smart lady rooms service available 9708545108. D-19493

Newly open SPA offer @788/-, positively health benefits, Jaydev vihar. 8114970372. D-19466

Revitalize your self with our ayurvedic massage and refreshment, Call: 7381239385. D-70082

Newly open full body massage ladies and gents. 9337349409. D-70406

Experience full body massage with expert therapists. Call: 7377048581. D-70083

**Newly open full body massage Saikrupa Panchakarma and Spa. Contact: 8984068077.** D-19492

Swarna SPA newly open positively health benefits with expert therapist. 9556978408. D-70088

Rejuvenate and Ayurvedic full body massage by smart therapist. 9348123330. D-70089




Medical registration କରନ୍ତୁ। D.Pharma, DAMS, DHMS, DUMS, GNM, Dental Hygiene, DMLT, X-Ray, OT, Naturopathy, BAMS, BHMS, BUMS, BDS, BPT. 9893869473. D-70087




ମାସକୁ ୨୫,୦୦୦ରୁ ୪୦,୦୦୦ ରୋଜଗାର ମାତ୍ର ୨ଘଣ୍ଟା ସମୟ ଓ ସ୍ୱଳ୍ପବିନିଯୋଗ କରି। ଯୋଗାଯୋଗ କରନ୍ତୁ। 9937426857, 9438398331. D-69957

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

### କମ୍ପ୍ୟୁଟର ବିଜ୍ଞାନରେ ଅଧ୍ୟାପକଙ୍କ ପିଏଚ୍.ଡି. ଲାଭ



ଭୁବନେଶ୍ୱରସ୍ଥିତ ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଅଧ୍ୟାପକ ସମଲେଶ୍ୱରୀ ପ୍ରସାଦ ନାୟକ ଉତ୍କଳ ବିଶ୍ୱବିଦ୍ୟାଳୟରୁ କମ୍ପ୍ୟୁଟର ବିଜ୍ଞାନରେ ସମ୍ମାନସୂଚକ ଡକ୍ଟରେଟ୍ (ପିଏଚ୍.ଡି.) ଲାଭ କରିଛନ୍ତି। ସେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ସତୀଶ୍ କୁମାର ପ୍ରଧାନ ଓ ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ପ୍ରଫେସର ଡ. ସତ୍ୟାନନ୍ଦ ଚମ୍ପତିରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "Real time Healthcare with Cloud Based Wireless Sensor Network" ଶୀର୍ଷକ ସନ୍ଦର୍ଭ ଉପରେ ଗବେଷଣା କରୁଥିଲେ। ତାଙ୍କର ସନ୍ଦର୍ଭ ପାଟନାସ୍ଥିତ IITର ପ୍ରଫେସର ଡ. ସୋମନାଥ ତ୍ରିପାଠୀ ଓ ପଞ୍ଜାବସ୍ଥିତ Guru Nanak Dev ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ହରଦୀପ୍ ସିଂ ଙ୍କ ଦ୍ୱାରା ବହୁ ପରୀକ୍ଷିତ ହୋଇ ପ୍ରଶଂସା ଲାଭ କରିଛି। ଡ. ନାୟକ ଢେଙ୍କାନାଳ ଜିଲା ଅନ୍ତର୍ଗତ ମଠକରଗୋଳା ଗ୍ରାମର ଅବସରପ୍ରାପ୍ତ ମାଇନିଂଙ୍ଗ ଇନ୍‌ସ୍ପେକ୍ଟର ବାଇଧର ନାୟକ ଓ ମଞ୍ଜୁଲତା ନାୟକଙ୍କର ଜ୍ୟେଷ୍ଠ ପୁତ୍ର ଏବଂ କିଶୋର କୁମାର ରାଉତ ଓ ମମ୍‌ତାଜ ରାଉତଙ୍କର ଜାମାତା ଅଟନ୍ତି। ଏହି ସଫଳତା ନିମନ୍ତେ ଡ. ନାୟକ ତାଙ୍କର ଆରାଧ୍ୟ ସାଇବାବାଙ୍କୁ ଭକ୍ତି ସୁମନ ଅର୍ପଣ କରିବା ସହ ତତ୍ତ୍ୱାବଧାରକଙ୍କର ଅକୁଣ୍ଠିତ ମାର୍ଗଦର୍ଶନ, ମାତା, ପିତା, ଶାଶୁ, ଶ୍ୱଶୁରଙ୍କର ଆଶୀର୍ବାଦ ତଥା ଭାଇ, ଭଉଣୀ, ସହଧର୍ମିଣୀ, କନ୍ୟା ସମସ୍ତ ପରିବାରବର୍ଗ, ସହକର୍ମୀ, ଶୁଭେଚ୍ଛୁମାନଙ୍କ ପ୍ରେରଣା ଓ ଛାତ୍ରଛାତ୍ରୀମାନଙ୍କର ସଦିଚ୍ଛା ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଧ–୧୯୫୨୬

### ଅଧ୍ୟାପକ ମନୋରଞ୍ଜନ ନାୟକଙ୍କ ରାଜନୀତି ବିଜ୍ଞାନରେ ପିଏଚ୍.ଡି



ଶ୍ରୀମନୋରଞ୍ଜନ ନାୟକ ବର୍ତ୍ତମାନ ରାଧାନାଥ ରଥ ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟ, ଖୁଣ୍ଟୁଣୀ, କଟକରେ କାର୍ଯ୍ୟରତ। ଶ୍ରୀଯୁକ୍ତ ନାୟକ ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ପିଏଚ୍.ଡି. ଉପାଧି ଲାଭ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ମନୋରଞ୍ଜନ ଗାଆଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରି "Water as a factor in Israel's Foreign Policy towards Middle East" ଶୀର୍ଷକ ସନ୍ଦର୍ଭଟି ପ୍ରସ୍ତୁତ କରିଛନ୍ତି। ଉକ୍ତ ସନ୍ଦର୍ଭଟି ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ପି. ମୂର୍ତ୍ତି ଏବଂ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ରଜନୀ ରଞ୍ଜନ ଝା ଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଛି। ଉଭୟ ପରୀକ୍ଷକ ଉକ୍ତ ଗବେଷଣାତ୍ମକ ନିବନ୍ଧଟିର ଉଚ୍ଚ ପ୍ରଶଂସା କରିଛନ୍ତି। ଡ. ନାୟକ ଏ ସଫଳତାର ଶ୍ରେୟ ନିଜର ପିତା, ମାତା ଏବଂ ସମସ୍ତ ସହକର୍ମୀ ବନ୍ଧୁ ଓ ବାନ୍ଧବୀଙ୍କୁ ଦେଇଛନ୍ତି। ଡ. ନାୟକ ଢେଙ୍କାନାଳ ସହରସ୍ଥିତ ଗୁଡ଼ିଆନାଳୀ ନିବାସୀ ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ନାୟକ ଓ ମାତା ଶ୍ରୀମତୀ ପ୍ରେମଲତା ନାୟକଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି ତଥା ଢେଙ୍କାନାଳ କାମାକ୍ଷାନଗରର ଯମୁନାକୋର୍ଟ ନିବାସୀ ଶ୍ରୀଯୁକ୍ତ ଶ୍ରୀକାନ୍ତ ରାଉତ ଓ କୁମୁଦିନୀ ରାଉତଙ୍କର ଜାମାତା ଅଟନ୍ତି। ସର୍ବଶେଷରେ ପତ୍ନୀ ସସ୍ମିତା ରାଉତ ଓ ଏକମାତ୍ର କନ୍ୟା ମନୋସ୍ମିତା ରାଉତଙ୍କର ଆନ୍ତରିକ ସହଯୋଗ ଯୋଗୁ ସେ ଏ ସଫଳତା ପାଇଛନ୍ତି ବୋଲି ଡ. ନାୟକ ପ୍ରକାଶ କରିଛନ୍ତି।

ଧ–୭୦୩୦୬

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଘରର କଥା ହେଉ କିମ୍ବା ଅଫିସିଆଲି କାମରେ, ଅଟକି ରହିଥିବା କାମ ସମ୍ପନ୍ନ କରିବେ। ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମ, ମରାମତି, ଯାନ୍ତ୍ରିକ ଜନିଷ କିଣା ବିକା ସବୁ କିଛି ପାଇଁ ଭଲ। ପଡ଼ୋଶୀ, ସହକର୍ମୀ, ଭାଇଭଉଣୀ ସହ ଯୁକ୍ତିତର୍କ ଲାଗିପାରେ । ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି।

**ବୃଷ** ସକାଳୁ କିଛି ଅର୍ଥ କିମ୍ବା ଖୁସି ଖବର ପାଇବେ । ଆପଣ ଅନାବଶ୍ୟକ ଭାବରେ କାହାକୁ କିଛି ଉପଦେଶ ଦେଲେ ସେହି ବ୍ୟକ୍ତି ତାହାକୁ ଭୁଲ୍ ବୁଝିବ। ଅଫିସ୍‌କୁ ଯିବା ବାଟରେ ଅଜଣା ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇପାରନ୍ତି। ଚେଷ୍ଟା କରୁଥିବା କାମ ଶୀଘ୍ର ଶେଷ କରିବା ପାଇଁ ଖୁବ୍ ଆଶାବାଦୀ ହେବେ।

**ମିଥୁନ** ଆଜି ଦିନଟିରେ ଯାହା କରିବା ପାଇଁ ମନସ୍ଥ କରିଛନ୍ତି, ତାହା ସକାଳୁ ଆରମ୍ଭ କରିଦେବା ଭଲ। ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ଧୈର୍ଯ୍ୟହରା ହୋଇପାରନ୍ତି। ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି।

**କର୍କଟ** ପ୍ରତ୍ୟେକ କ୍ଷେତ୍ରରେ ଅବହେଳା ଓ ନିଜର କାଳକ୍ଷେପଣ ନୀତି କିମ୍ବା ଅଳସୁଆମି ହେତୁ କାମ ଗୁଡିକ ଧିମେଇ ଯିବ। ଅର୍ଥାଭାବ ନ ଥିଲେ ମଧ୍ୟ ହାତ ଖୋଲା କରି ଖର୍ଚ୍ଚ କରିପାରିବେ ନାହିଁ। କଚେରି ମାମଲା କିମ୍ବା ବିବାଦୀୟ ଘଟଣା ଜଟିଳ ହେବ। ବନ୍ଧୁ ବାନ୍ଧବ ସୁବିଧାବାଦୀ ଗୁଣରେ ଶୋଷଣ କରିବେ।

**ସିଂହ** କୌଣସି ନୂଆ କାମ ହାତକୁ ନେବେ। ନିରପେକ୍ଷତା ଅବଲମ୍ବନ ନ କଲେ ଘରେ ହେଉ କିମ୍ବା କର୍ମକ୍ଷେତ୍ରରେ ସମାଲୋଚିତ ହେବାକୁ ପଡିବ। ଦେହ ଭଲ ରହିବ, ମାତ୍ର ଦୁର୍ବଳତାଜନିତ କ୍ଳାନ୍ତିବୋଧ କରିବେ। ମନ ଭୁଲାଣିଆ କଥା କହି ଶତ୍ରୁଠାରୁ ମଧ୍ୟ କାମ ହାସଲ କରିନେଇପାରନ୍ତି।

**କନ୍ୟା** ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ମୁକାବିଲା ସହ ପରିସ୍ଥିତିକୁ ସାମନା କରିବାକୁ ପଡିବ। କେତେକ କାମ ଅଟକି ରହିଥିବା କାରଣରୁ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ଘରୋଇ କଳହକୁ ନେଇ ଅଶାନ୍ତି ଦେଖାଦେଇପାରେ। ପ୍ରିୟବନ୍ଧୁମାନଙ୍କ ସହ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ।

**ତୁଳା** ନିକଟ ସମ୍ପର୍କୀୟ ଆଗରେ ନ ହେଲେ ମଧ୍ୟ ପଛରେ ବିଭିନ୍ନ କଥା କହିବେ। ଯେତେ ତୁନିତାନି କରି ରହିଲେ ମଧ୍ୟ ପରିବାର ଭିତରେ ପ୍ରଶଂସା ସୂଚକ ପଦୁଟିଏ କଥା ଶୁଣିବାକୁ ମିଳିବ ନାହିଁ। ବ୍ୟବସାୟରେ ଲାଭ କମ୍ ମିଳିଲେ ମଧ୍ୟ ଆଗାମୀ କ୍ଷେତ୍ର ପ୍ରସ୍ତୁତ ହୋଇ ରହିବ। ଯାନବାହନ ଚଳାଚଳରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ।

**ବିଛା** ଦିନଟିରେ ଅଧିକାଂଶ ସମୟ ବନ୍ଧୁଙ୍କ ସହ ବିଭିନ୍ନ ଆଲୋଚନାରେ କଟିବ। ପରୋକ୍ଷ ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ ଅପମାନଜନକ ସ୍ଥିତିରୁ ଖସି ଯାଇପାରନ୍ତି। ବ୍ୟବସାୟ, ପରିବହନ, ରାଜନୀତି, କଳା ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରୁ ଶୁଭଫଳ ମିଳିବ ।

**ଧନୁ** ନୂତନ ଯୋଜନା ଆରମ୍ଭ କରି ଖୁସି ରହିବେ ଏବଂ ସମ୍ପର୍କୀୟଙ୍କ ସାହାଯ୍ୟ ଅବଶ୍ୟ ମିଳିବ। ମଙ୍ଗଳୋତ୍ସବ କାର୍ଯ୍ୟ ସମ୍ପନ୍ନ ପାଇଁ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି । କୌଣସି ବ୍ୟକ୍ତିଙ୍କ ସରଳକଥାକୁ ଆଧାର କରି ଆଶାବାଦୀ ହେବେ। କେତେକ କ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ମକର** ଆଶା ଓ ବିଶ୍ୱାସ ରଖି ମାଡିଚାଲିଲେ ଅବଶ୍ୟ ଆଶା ପୂରଣ ହୋଇଯିବ। କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବେ। ନିଜର ଅବହେଳାରୁ କେତେକ ସୁଯୋଗ ହାତଛଡା ହୋଇପାରେ। ଆତ୍ମୀୟଙ୍କ ସହ ମତପାର୍ଥକ୍ୟ ହେବା କାରଣରୁ ମାନସିକ ଶାନ୍ତି ବ୍ୟାହତ ହେବ ।

**କୁମ୍ଭ** ସାଧାରଣ କଥାକୁ ବଡ ଆକାରରେ ଚିନ୍ତା କରି ବେଶି ବ୍ୟସ୍ତ ହୋଇପାରନ୍ତି। ଫେରିବା ରାସ୍ତାରେ ଜଣେ ଅପରିଚିତଙ୍କ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ଉପରିସ୍ଥମାନେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା ଏଜେନ୍ସି ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**ମୀନ** ଯେତେ ଚେଷ୍ଟା କଲେ ମଧ୍ୟ ଅନ୍ୟମାନଙ୍କୁ ସହଜରେ ସନ୍ତୁଷ୍ଟ କରିପାରିବେ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଶାରୀରିକ ସୁସ୍ଥତା ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ଖୁସି ହେବେ।

ଆଜି ପୌଷ କୃଷ୍ଣ ଦ୍ୱାଦଶୀ ରବିବାର, ଜାନୁୟାରୀ ୧୦ ତାରିଖ, ରାଶିନକ୍ଷତ୍ର–ଅନୁରାଧା/ବିଛା, ଦିବା ଘ.୧୦.୪୯ମି. ଗତେ ଜ୍ୟେଷ୍ଠା ନକ୍ଷତ୍ର। ମେଷ ରାଶିର ଘାତବାର। ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ୦୭.୧୧ମି. ଗତେ ଘ.୦୯.୨୧ମି. ମଧ୍ୟେ, ଘ.୧୨.୧୬ମି. ଗତେ ଘ.୦୩.୧୦ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୩.୫୩ମି. ଗତେ ଘ.୦୪.୩୭ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ.୦୩.୫୯ମି. ଗତେ ଘ.୦୫.୨୧ମି. ମଧ୍ୟେ ରାହୁକାଳ।

## | ପର୍ଯ୍ୟଟନସ୍ଥଳୀ |

# ବ୍ରାହ୍ମଣ କୁଣ୍ଡ



ବ୍ରାହ୍ମଣ କୁଣ୍ଡ



ମୟୂରଭଞ୍ଜ ଜିଲା ଶିମିଳିପାଳର ମନଲୋଭା ପ୍ରାକୃତିକ ପରିବେଶ ସାଙ୍ଗକୁ ସୁଉଚ୍ଚ ବୃକ୍ଷର ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ ସବୁଜିମା ଆକର୍ଷିତ କରେ ପର୍ଯ୍ୟଟକଙ୍କୁ। ଏହାରି ମଧ୍ୟରେ ଅପୂର୍ବ ଶୋଭା ଓ ସୁଷମାର ଗନ୍ତାଘର ପାଲଟିଛି 'ବ୍ରାହ୍ମଣକୁଣ୍ଡ'। ବାଙ୍ଗିରିପୋଷି ବ୍ଲକ ଚାକିଡ଼ି ପଞ୍ଚାୟତର ବଣ-ଜଙ୍ଗଲ ଘେରା ପାହାଡ଼ିଆ ରାସ୍ତାର ଅଙ୍କାବଙ୍କା ପଥ ଦେଇ ରହିଛି ଏହାର ସ୍ଥିତି। ଚତୁର୍ଦ୍ଦିଗରେ ପରିବେଷ୍ଟିତ ହୋଇଛି ବୃହଦାକାୟ ପଥର ଏବଂ ତା' ମଧ୍ୟରେ ପାହାଡ଼ିଆ ଝରଣା। ଝରଣାର କାଚକେନ୍ଦୁ ପାଣି ଉପରୁ ଝରି ପଡ଼ି ତଳେ ଜମା ହେବା ପରେ ସୃଷ୍ଟି ହୋଇଛି ଏକ ବିରାଟ ପାଣିକୁଣ୍ଡ। ଆଉ ସେହି କୁଣ୍ଡରେ ଶୋଭା ମଣ୍ଡନ କରୁଛନ୍ତି ଦୀର୍ଘବର୍ଷ ଧରି ସଂରକ୍ଷିତ ରହିଥିବା ଶହ ଶହ ବଡ଼ ମାଛ। ନୀଳ ରଙ୍ଗର ଶୀତଳ ଜଳରାଶି ମଧ୍ୟରେ ମାଛଙ୍କ ପହଁରିବା ଦୃଶ୍ୟ ଦେଖଣାହାରୀଙ୍କ ପାଇଁ ପାଲଟିଯାଏ ଅଭୁଲା ସ୍ମୃତି। ନିକଟସ୍ଥ ପାହାଡ଼ ମଧ୍ୟରେ ରହିଛି ଆରାଧ୍ୟ ଦେବୀଦେବଙ୍କ ଏକ ପୂଜାସ୍ଥଳୀ। ଆଦିବାସୀ-ଦେହୁରୀ ପରମ୍ପରାରେ ସେଠାରେ ପ୍ରତ୍ୟେକ ଦିନ ପୂଜା କରାଯାଏ। ଆଖପାଖ ୩ଟି ଗ୍ରାମର ଗ୍ରାମବାସୀ ମିଳିତ ଭାବେ ବାବା ବାଘଜୋଡ଼ା ପୂଜା କମିଟି ଗଠନ କରି ଉକ୍ତ ସ୍ଥାନର ବିକାଶ ପାଇଁ ସଂଗ୍ରାମ ଜାରି ରଖିଛନ୍ତି। ସ୍ଥାନଟିର ରକ୍ଷଣାବେକ୍ଷଣ ସହିତ ପର୍ଯ୍ୟଟକଙ୍କ ସୁରକ୍ଷା ନିମନ୍ତେ ପ୍ରତିଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଉକ୍ତ କମିଟିର ଉପସ୍ଥିତି ଦେଖିବାକୁ ମିଳିଥାଏ। ରାତ୍ରି ଯାପନ ପାଇଁ ଶିମିଳିପାଳ ରିସୋର୍ଟ, ଖଇରି ରିସୋର୍ଟ ସହ ହୋଟେଲ ବାଙ୍ଗିରିପୋଷୀ ନାମକ ୩ଟି ଲଜିଂ ବ୍ୟବସ୍ଥା ରହିଛି।

### କେମିତି ଯିବେ

ବାରିପଦାଠାରୁ ଏହି ସ୍ଥାନର ଦୂରତା ୬୦ କି.ମି.। ଭୁବନେଶ୍ୱର-ବାଙ୍ଗିରିପୋଷି ସୁପରଫାଷ୍ଟ ଟ୍ରେନ୍ ଯୋଗେ ଆସି ବାଙ୍ଗିରିପୋଷିରେ ଓହ୍ଲାଇ ହେବ। ବାଙ୍ଗିରିପୋଷି ବଜାରରୁ ବ୍ରାହ୍ମଣକୁଣ୍ଡ ଯିବା ପାଇଁ ସବୁ ସମୟରେ ଟ୍ୟାକ୍ସି ଓ ଅଟୋ ଉପଲବ୍ଧ ରହିଥାଏ। ଏହି ବଜାରଠାରୁ ୨ଟି ରାସ୍ତା ଦେଇ ଯିବାକୁ ପଡ଼ିଥାଏ। କୁସୁମବନ୍ଧ ପଞ୍ଚାୟତ ଦେଇ ୨୦ କି.ମି. ଓ ସୋରିଷପାଳ ଦେଇ ୩୫ କି.ମି. ପର୍ଯ୍ୟନ୍ତ ଦୂରତା ଅତିକ୍ରାନ୍ତ କରିବାକୁ ପଡ଼ିଥାଏ। ୪୯ ନଂ. ଜାତୀୟ ରାଜପଥରେ ବାଙ୍ଗିରିପୋଷି ଅବସ୍ଥିତ ଥିବାରୁ ଏଠାକୁ ସବୁ ସ୍ଥାନରୁ ଯାତ୍ରୀବାହୀ ଯାନର ଚଳପ୍ରଚଳ ସୁବିଧା ରହିଛି।

- ରିପୋର୍ଟ: ନୀଳାଦ୍ରି ବିହାରୀ ଦଣ୍ଡପାଟ, ବାରିପଦା ଅଫିସ

# ସସ୍ କାରଖାନାରେ ଚଢ଼ାଉ, ଗୋଦାମ ସିଲ୍

**ଚଣ୍ଡିଖୋଲ, ୯।୧ (ଡି.ଏନ.ଏ.)**

ଯାଜପୁର ଜିଲା ବଡ଼ଚଣା ଥାନା ଅଧୀନ କୁନ୍ଦଳ ଛକରେ ଏକ ବେନାମୀ ସସ୍ କାରଖାନା ଚାଲୁଥିଲା। ଏହି ଖବର ମିଳିବା ପରେ ଶୁକ୍ରବାର ରାତିରେ ଯାଜପୁର ଏସ୍‌ଡିପିଓ ଚିନ୍ମୟ ନାୟକଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ସସ୍ ତିଆରି ହେଉଥିବା ଦ୍ରବ୍ୟର ଗୁଣବତ୍ତା ପରୀକ୍ଷା ପାଇଁ ପୋଲିସ ନମୁନା ସଂଗ୍ରହ କରିଥିଲା। ଏଥିସହିତ ଗୋଦାମକୁ ସିଲ୍ କରାଯାଇଥିଲା। ଏକ ବଡ଼ ହଲ୍ ମଧ୍ୟରେ ସସ୍ କାରଖାନା ଚାଲୁଥିଲା ବେଳେ ଏଥିରେ ବ୍ୟବହୃତ ଜିନିଷ ଅସଲି କି ନକଲି ତାହା ଜଣାପଡି ନ ଥିଲା। ସେଥିପାଇଁ ସେଠାରେ



ଜବତ ସସ୍ ଓ ଅନ୍ୟ ସାମଗ୍ରୀ।



ପ୍ରସ୍ତୁତ କରୁଥିବା କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପୋଲିସ ନୋଟିସ ଦେଇ ଛାଡ଼ିବା ସହିତ ସମ୍ପୂର୍ଣ୍ଣ କାଗଜପତ୍ର ଦାଖଲ ପାଇଁ ସମୟ ଦେଇଛି। ଖାଦ୍ୟ ନିରୀକ୍ଷକ ପ୍ରସ୍ତୁତ ହେଉଥିବା ସସ୍‌କୁ ପରୀକ୍ଷା କରିଛନ୍ତି କି ନାହିଁ ସେ ସମ୍ପର୍କରେ କାଗଜପତ୍ର ମାଗିଥିଲେ ମଧ୍ୟ ପ୍ରସ୍ତୁତକାରୀ କମ୍ପାନୀ କୌଣସି କାଗଜ ଦେଖାଇ ପାରି ନ ଥିଲେ। ପୋଲିସ ଗୋଦାମକୁ ସିଲ୍ କରିବା ସହ ପ୍ରସ୍ତୁତ ସସ୍‌ର ନମୁନା ପରୀକ୍ଷା ପାଇଁ ପଠାଇଛି। ଯଦି ଏହା ନକଲି ଜଣାପଡ଼େ ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ଡିପିଓ କହିଛନ୍ତି। ଦର୍ପଣ ତହସିଲଦାର ବରଣେନ୍ଦୁ ମହାନ୍ତି, ବଡ଼ଚଣା ଥାନାଧିକାରୀ ପ୍ରିୟବ୍ରତ ରାଉତ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

# ଅଗ୍ରଣୀ ବିଶ୍ୱବିଦ୍ୟାଳୟ କରିବାକୁ ଆହ୍ୱାନ




**ଭୁବନେଶ୍ୱର, ୯।୧ (ବ୍ୟୁରୋ)**

**ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ବୈଠକ**

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ସମସ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଅଧ୍ୟକ୍ଷତା କରି କହିଲେ, ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟର ଗୁଣାତ୍ମକମାନ ଅଭିବୃଦ୍ଧି କରିବା ପାଇଁ ସମସ୍ତ ଅନୁବନ୍ଧିତ ମହାବିଦ୍ୟାଳୟର ଯୋଗଦାନ ଓ ସହଯୋଗ ଅପରିହାର୍ଯ୍ୟ। ୟୁଜିସି ନିୟମ ଅନୁଯାୟୀ ୧୨(ବି) ଓ ୨(ଏଫ୍) ସ୍ୱୀକୃତି ପାଇଁ ବିଶ୍ୱବିଦ୍ୟାଳୟ ସମସ୍ତ ପ୍ରସ୍ତୁତି କରୁଛି। ଏହାପରେ ନାକ୍ ମାନ୍ୟତା ପାଇଁ ମଧ୍ୟ ଆବେଦନ କରିବ ବୋଲି ସେ କହିଥିଲେ। ସେହିଭଳି ବୈଠକରେ ନାକ୍, ଆଇଡିପି, ୟୁଜିସି, ଏନ୍‌ଏସ୍‌ଏସ୍, କ୍ରୀଡ଼ା ପରିଷଦ, ଇ-ଶିକ୍ଷାଦାନ, ପରୀକ୍ଷା ପରିଚାଳନା ଆଦି ସମ୍ପର୍କରେ ସମ୍ପୃକ୍ତ ଅଧିକାରୀମାନେ ଅଧ୍ୟକ୍ଷମାନଙ୍କୁ ବିଶଦ ଭାବେ ସୂଚନା ଦେଇଥିଲେ। ରମାଦେବୀ ବିଶ୍ୱବିଦ୍ୟାଳୟକୁ ଦେଶର ଏକ ଅଗ୍ରଣୀ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ଅଧ୍ୟକ୍ଷମାନଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ ରାଜ୍ୟର ୪୮ଟି ଅନୁବନ୍ଧିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ପ୍ରଫେସର ସସ୍ମିତା ମହାନ୍ତି ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଫେସର ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ଦେବବାଳା ସ୍ୱାଇଁ, ଅଲିଭା ମହାନ୍ତି, ବିଭୁଦେନ୍ଦୁ ପତି, ମାନସ ବେହେରା, ଶଙ୍କର ପ୍ରସାଦ ମହାନ୍ତି, ଛବିରାଣୀ ପାଣିଗ୍ରାହୀ ପ୍ରମୁଖ ଶିକ୍ଷାନୁଷ୍ଠାନ ଓ ଅନ୍ୟ କେତେକ ପ୍ରସଙ୍ଗରେ କହିଥିଲେ। ମହାବିଦ୍ୟାଳୟ ବିକାଶ ପରିଷଦ ଅଧ୍ୟକ୍ଷ ପ୍ରଫେସର ଚଣ୍ଡିଚରଣ ରଥ ସ୍ୱାଗତ ଭାଷଣ ଓ ମଧୁସ୍ମିତା ପତି ଧନ୍ୟବାଦ ଦେଇଥିଲେ।

# ମୟୂରଭଞ୍ଜରେ କୁମ୍ଭୀର ଗଣନା ଆରମ୍ଭ

**ବାରିପଦା ଅଫିସ, ୯।୧**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ନଦୀ ଓ ନାଳ ମାନଙ୍କରେ କୁମ୍ଭୀର ଗଣନା କାର୍ଯ୍ୟ ଶନିବାରଠାରୁ ଆରମ୍ଭ ହୋଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ବିଭାଗର ୧୮ଟି ଟିମ୍ ଏହି ଗଣନା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଶିମିଳିପାଳରୁ ବାହାରିଥିବା ଦେଓ, ବୁଢ଼ାବଲଙ୍ଗ, ଖଇରୀ, ଖଡ଼ଖାଇ ନଦୀ ଓ ରାମତୀର୍ଥରେ କୁମ୍ଭୀର ଗଣନା କାର୍ଯ୍ୟ ଚାଲିଛି। ପୂର୍ବାହ୍ନ ୮ଟାରୁ ଯଶିପୁର ଖଇରୀ ନଦୀର ରାମତୀର୍ଥଠାରେ ଏସସିଏଫ ପ୍ରଦୀପ ଦେ ଓ ତାଙ୍କ ଟିମ୍ ଗଣନା କରିଥିଲେ। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ ବୋଲି କରଞ୍ଜିଆ ଡିଏଫ୍‌ଓ ଲାଡେ ଗଜାନନ ଦୟାନନ୍ଦ କହିଛନ୍ତି। ଏ ସମ୍ପର୍କରେ ଗତ ୫ ଓ ୬ ତାରିଖରେ ନଅଣା, ତାଳବନ୍ଧ, ଗୁଡ଼ଗୁଡିଆ, ଚହଲା, ବରେହିପାଣି, କେନ୍ଦୁମୁଣ୍ଡି, ଠାକୁରମୁଣ୍ଡା ଆଦି ସମସ୍ତ ରେଞ୍ଜର ଅଧିକାରୀ ଓ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା।

# ତାସ୍‌ଖେଳରୁ ହତ୍ୟା: ଛାତିରେ ଭୁଷି ଦେଲେ କୁକୁଡ଼ା କାତି, ଯୁବକ ମୃତ



ଅଭିଯୁକ୍ତଙ୍କ ଘରେ ପୋଲିସ୍‌ର ତଦନ୍ତ।

**ସଜନାଗଡ଼, ୯।୧ (ଡି.ଏନ.ଏ.)**

ସାମାନ୍ୟ ତାସ୍‌ଖେଳରୁ ହତ୍ୟାକାଣ୍ଡ। ଖେଳରେ ହାରିଯିବା ପରେ ଜଣେ ଯୁବକ ଉତ୍ତ୍ୟକ୍ତ ହୋଇ ଜିତିଥିବା ଯୁବକଙ୍କୁ କୁକୁଡା କାତିରେ ଆକ୍ରମଣ କରି ହତ୍ୟା କରିବା ଘଟଣା ବାଲେଶ୍ୱର ଜିଲା ନୀଳଗିରି ଥାନା ମିତ୍ରପୁର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏନେଇ ମୃତକଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୭/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ମିତ୍ରପୁର ଅଞ୍ଚଳରେ ଦୀର୍ଘଦିନ ଧରି ଜୁଆ ଖେଳ ହୋଇଆସୁଛି। ବହୁବାର ଉଭୟପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିଲେ ମଧ୍ୟ ନିଜ ନିଜ ଭିତରେ ସମାଧାନ ହୋଇଯାଇଥାଏ। ଶନିବାର ଅପରାହ୍ଣ ପ୍ରାୟ ୨ଟା ବେଳେ ମିତ୍ରପୁରସ୍ଥିତ କୁଅଁରପୁର ମାହାଲ (ତୈଳାସାହି) ଗ୍ରାମର କୁନା ଭୋଳ ଗାଁ ରାସ୍ତାରେ ସାଙ୍ଗମାନଙ୍କ ସହିତ ତାସ ଖେଳୁଥିଲେ। ହାର୍‌ଜିତ୍‌କୁ ନେଇ ପରସ୍ପର ମଧ୍ୟରେ ପାଟିତୁଣ୍ଡ ଚାଲିଥିବା ବେଳେ ହଠାତ୍ ଉକ୍ତ ଗ୍ରାମର ଗଣେଶ ସିଂ ଉତ୍ତ୍ୟକ୍ତ ହୋଇ ଏକ କୁକୁଡ଼ା କାତିରେ କୁନା ଭୋଳଙ୍କ ଛାତିକୁ ଭୁଷି ଦେଇଥିଲେ। ଘଟଣାସ୍ଥଳରେ କୁନା ରକ୍ତାକ୍ତ ଅବସ୍ଥାରେ ଛଟପଟ ହୋଇ ଚିତ୍କାର କରୁଥିବା ବେଳେ ସ୍ଥାନୀୟ ଲୋକେ ପହଞ୍ଚିଥିଲେ। ଲୋକଙ୍କୁ ଦେଖି ଗଣେଶ ନିକଟସ୍ଥ ଜଙ୍ଗଲକୁ ପଳାଇ ଯାଇଥିଲେ। ସ୍ଥାନୀୟ ଲୋକେ ଓ ପରିବାରବର୍ଗ କୁନାଙ୍କୁ ଉଦ୍ଧାର କରି ନୀଳଗିରି ଉପଖଣ୍ଡ ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର କୁନାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ କୁନାଙ୍କ ସ୍ତ୍ରୀ ଲିଲିତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନୀଳଗିରି ଆଇଆଇସି ପ୍ରଭଞ୍ଜନ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଥାନାର ସବ୍‌ଇନ୍ସପେକ୍ଟର ବାସୁଦେବ ଜୟସିଂହ ୨ଟି ଟିମ୍ କରି ତଦନ୍ତ ଜୋରଦାର କରିଛନ୍ତି। ଗୋଟିଏ ଟିମ୍ ଘଟଣାସ୍ଥଳ ସହ ଅଭିଯୁକ୍ତ ଗଣେଶଙ୍କ ଘରେ ପହଞ୍ଚି ତଦନ୍ତ କରିଛି। ଅନ୍ୟ ଟିମ୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ନିକଟସ୍ଥ ଜଙ୍ଗଲରେ ସର୍ଚ୍ଚ ଅଭିଯାନ ଜାରି ରଖିଛନ୍ତି। ମୃତ କୁନାଙ୍କ ଏକ ଦେଢ଼ ବର୍ଷର ପୁଅ ଓ ୪ବର୍ଷ ଝିଅ ଅଛନ୍ତି।

# ଜଳିଗଲା ୨ ଧାନ ଗୋଦାମ: ହଜାରରୁ ଊର୍ଦ୍ଧ୍ୱ ବସ୍ତା ପାଉଁଶ

**ଭଦ୍ରକ ଅଫିସ, ୯।୧**

ଭଦ୍ରକ ଜିଲା ଚାନ୍ଦବାଲି ଶାସ୍ତ୍ରୀନଗରରେ ଶୁକ୍ରବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ୨ଟି ଧାନ ଗୋଦାମ ଜଳିଯାଇଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଚାନ୍ଦବାଲି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ୨ ଧାନ ଗୋଦାମ ସହ ଗୋଟିଏ ସାନିଟାରୀ ସାମଗ୍ରୀ ଦୋକାନ ଗୃହ ମଧ୍ୟ ଜଳି ଯାଇଥିଲା।

ଗୋଦାମରେ ଥିବା ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ବସ୍ତା ଧାନ ପୋଡ଼ି ପାଉଁଶ ହୋଇଯାଇଥିବା ପ୍ରାଥମିକ ଆକଳନ କରାଯାଇଛି ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଲା ତାହା ଅସ୍ପଷ୍ଟ ରହିଛି। କ୍ଷତିଗ୍ରସ୍ତ ୩ ବ୍ୟବସାୟୀ ସ୍ଥାନୀୟ ଅଞ୍ଚଳର ଏମ୍ ବି ୟାକୁବ୍, ଏମ୍ ବି ୟାସିମ୍ ଓ ପୂର୍ଣ୍ଣେନ୍ଦୁ ନନ୍ଦ ବୋଲି ଜଣାପଡ଼ିଛି।



ଚାକିରି ହରାଇଥିବା କୋଭିଡ୍ ୧୯ ସିସିଏଚ୍ ନିଯୁକ୍ତିପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ପୁନଃଥଇଥାନ ସହ ସ୍ଥାୟୀ ଚାକିରି ଦାବି କରି ଭୁବନେଶ୍ୱର ଲୋୟର ପିଏମ୍‌ଜି ଧାରଣାସ୍ଥଳରେ ଶନିବାର ଝାଡ଼ୁଧରି ଅଭିନବ ପ୍ରତିବାଦ କରୁଛନ୍ତି।

## ଗଣ୍ଡଗୋଳରେ ଶିଶୁକନ୍ୟାର ମୃତ୍ୟୁ

**ସମ୍ବଲପୁର, ୯।୧ (ବ୍ୟୁରୋ):** ସମ୍ବଲପୁର ଜିଲା ବୁର୍ଲା ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଖେଳିବାକୁ ନେଇ ଗଣ୍ଡଗୋଳ ସମୟରେ ଆକ୍ରମଣ ଯୋଗୁ ଜଣେ ଶିଶୁକନ୍ୟା (୬)ର ମୃତ୍ୟୁ ଘଟିଛି। ଗୁରୁବାର ଏହି ଘଟଣା ଘଟିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଦିନକ ପରେ ଅର୍ଥାତ୍ ଶୁକ୍ରବାର ରାତିରେ ଶିଶୁକନ୍ୟାର ବାପାଙ୍କ ଅଭିଯୋଗ କ୍ରମେ ପୁଣି ବୁର୍ଲା ଥାନାରେ ହତ୍ୟା ମାମଲା ରୁଜୁ ହୋଇଛି। ଯାହା ନାମରେ ଅଭିଯୋଗ ଆସିଛି ସେ ମଧ୍ୟ ଛୋଟ ପିଲା। ହେଲେ ପୋଲିସ ଆଇନ ପରିଧି ଭିତରେ ରହି ତଦନ୍ତ ଜାରି ରଖିଛି ବୋଲି ବୁର୍ଲା ଥାନା ଅଧିକାରୀ ବି.ବି. ଭୋଇ କହିଛନ୍ତି। ସୂଚନାଯୋଗ୍ୟ, ଗୁରୁବାର ଶିଶୁ କନ୍ୟା ଓ ୧୦ବର୍ଷର ତାଙ୍କ ବଡଭାଇ ସାଙ୍ଗହୋଇ ଗାଁଦାଣ୍ଡରେ ଖେଳୁଥିଲେ। ଏହି ସମୟରେ ପଡ଼ୋଶୀ ପରିବାରର ଜଣେ ନାବାଳକ ଆସି ତାଙ୍କ ସହ ଖେଳିବାକୁ କହିଥିଲେ। ଶିଶୁକନ୍ୟା ମନା କରିବାରୁ ଏହାକୁ ନେଇ ପିଲାମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ନାବାଳକ ଜଣକ ଏକ ବାଉଁଶ ବାଡିରେ ଶିଶୁକନ୍ୟାକୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡରେ ଆଘାତ ଲାଗିବାରୁ ସେ ଅଚେତ ହୋଇ ପଡିଯାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ବୁର୍ଲା ଭୀମସାରକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ଅପରକୋଲାବ କେନାଲରେ ୩୦ ଫୁଟ ଘାଇ

## ଶତାଧିକ ଏକର ଚାଷଜମିରେ ମାଡ଼ିଗଲା ପାଣି, ମାଟି

- ଘଟଣାସ୍ଥଳ ପରିଦର୍ଶନ କଲେ ଜିଲାପାଳ, ଉପଜିଲାପାଳ
- କଂକ୍ରିଟ କେନାଲ କରିବାକୁ ପ୍ରସ୍ତାବ ଦେଇଛି ବିଭାଗ
- କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦେବାକୁ ବିଧାୟକଙ୍କ ଦାବି

**ଜୟପୁର, ୯।୧ (ନି.ପ୍ର.)**



ଭୁଶୁଡ଼ିପଡିଥିବା କେନାଲ।

ଅପର କୋଲାବ ପ୍ରୋଜେକ୍ଟର ଧନପୁର ଶାଖା କେନାଲ ଶୁକ୍ରବାର ରାତିରେ ଭୁଶୁଡ଼ିପଡିଛି। ଫଳରେ ପାଖାପାଖି ୩୦ ଫୁଟ୍ ଓସାରରେ ଘାଇ ସୃଷ୍ଟି ହୋଇ ଚାଷଜମିରେ ପାଣି ପଶିଛି। ଶତାଧିକ ଏକର ଚାଷଜମିରେ ପାଣି ପଶି ମାଟି ମାଡ଼ିଯାଇଛି। ମୁଖ୍ୟ ରାଇଟ କେନାଲଠାରୁ ୫ ଶହ ମିଟର ଦୂରରେ ଥିବା ଏହି ଶାଖା କେନାଲ ଜୟପୁର ସହରର ଗାନ୍ଧୀ ଛକଠାରୁ ପାରାବେଢ଼ା ଓ ଏକଟାଗୁଡା ମଝିରେ ପ୍ରବାହିତ ହେଉଛି। କେନାଲ ଭାଙ୍ଗି ଚାଷଜମି ଓ ଗ୍ରାମ ଆଡ଼କୁ ପାଣି ମାଡି ଆସିବାରୁ ଖଳାରେ ଶୋଇଥିବା ଚାଷୀ ଏବଂ ଗ୍ରାମ ଲୋକେ ଭୟଭୀତ ହୋଇ ବାହାରକୁ ଚାଲି ଆସିଥିଲେ। ଖବରପାଇ ବିଳମ୍ବିତ ରାତିରେ ବିଧାୟକ ତାରାପ୍ରସାଦ ବାହିନୀପତି ଘଟଣାସ୍ଥଳରେ ପହଞ୍ଚି କୋଲାବ କେନାଲ କର୍ତ୍ତୃପକ୍ଷଙ୍କୁ ଫୋନ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ୨ ଘଣ୍ଟା ପରେ ଅଧିକାରୀମାନେ ସେଠାରେ ପହଞ୍ଚିଥିଲେ। ଗ୍ରାମବାସୀଙ୍କ ସହାୟତାରେ ୨ଟି ଗେଟ୍ ବନ୍ଦ କରିବା ପରେ ବିପଦ ଟଳିଥିଲା। ଚାଷ କ୍ଷତିଗ୍ରସ୍ତ ହେବାନେଇ ଜୟପୁର ବ୍ଲକ ଏକଟାଗୁଡା ପଞ୍ଚାୟତର ଚାଷୀ ଚିନ୍ତାରେ ପଡିଛନ୍ତି। ସେମାନେ ରବିଫସଲ ନେଇ ଜମିରେ ଧାନ ରୋଇଥିଲେ। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁ ୩୦/୪୦ ବର୍ଷର କେନାଲ ସମୟକ୍ରମେ ଦୁର୍ବଳ ହୋଇ ଭାଙ୍ଗିପଡ଼ିଥିବା ସେମାନେ ଅଭିଯୋଗ କରିଛନ୍ତି। ଜମିକୁ ପାଣି ମାଡିବା ପାଇଁ ଚାଷୀ ଜଳକର ଦେଉଥିବା ବେଳେ କେନାଲର ରକ୍ଷଣାବେକ୍ଷଣ କରା ନ ଯିବା ହେତୁ ଏବେ ଦୁର୍ବଳ ହୋଇପଡି କେନାଲ ଭୁଶୁଡିପଡିଛି। ଏହା ମାଟି କେନାଲ ହୋଇଥିବାରୁ ଏପରି ଘଟିଲା। ୨ ଦିନ ମଧ୍ୟରେ ଏହାର ମରାମତି କାର୍ଯ୍ୟ ଶେଷ ହେବ ବୋଲି ବିଭାଗୀୟ ଏସ୍‌ଡିଓ ସୁବାସ ଚନ୍ଦ୍ର ମିଶ୍ର ସଫେଇ ଦେଇଛନ୍ତି। ଏ ସମ୍ପର୍କରେ ଜାଣିବା ପରେ ଶନିବାର ଜିଲାପାଳ ମଧୁସୂଦନ ମିଶ୍ର, ଉପଜିଲାପାଳ ହେମକାନ୍ତ ସାୟ ଘଟଣାସ୍ଥଳ ପରିଦର୍ଶନ କରି ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। କନିଷ୍ଠମନ୍ତ୍ରୀ ପ୍ରସନ୍ନ କୁମାର ପଣ୍ଡା, ଏସ୍‌ଡିଓ ମିଶ୍ର କେନାଲରେ ମାଟି ପକାଇ ମରାମତି କାର୍ଯ୍ୟ ଆରମ୍ଭ କରିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଭାଗ କୋଲାବ ଜଳଭଣ୍ଡାରର ୪ଟି ଗେଟ୍ ବନ୍ଦ କରିଛି। ଫଳରେ ଧନପୁର, କାଳିଆ ଗାଁ, ଖୁଡୁପି, ଅନ୍ତା, ବାଲିଆ ଭଳି ଗ୍ରାମକୁ ଜଳ ଯୋଗାଣ ବନ୍ଦ ରହିଛି। କେନାଲ ବିପଦସଙ୍କୁଳ ଅବସ୍ଥାରେ ଥିବା ବେଳେ କଂକ୍ରିଟ କେନାଲ କରିବା ପାଇଁ ବିଭାଗ ପ୍ରସ୍ତାବ ଦେଇଥିଲେ ମଧ୍ୟ ସରକାର ଗୁରୁତ୍ୱ ଦେଇ ନ ଥିବା ଉପସ୍ଥିତ ଲୋକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତରରେ ଏସ୍‌ଡିଓ ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ବିଧାୟକ ବାହିନୀପତି କ୍ଷତିଗ୍ରସ୍ତ ଲୋକଙ୍କୁ କ୍ଷତିପୂରଣ ଦେବା ସହ ଏ ଦିଗରେ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ଶିଶୁପୁତ୍ରକୁ ଯୌନ ନିର୍ଯାତନା, ଜେଲ ଗଲେ ଅଭିଯୁକ୍ତ

**ବଲାଙ୍ଗୀର ଅଫିସ, ୯।୧**



ଗିରଫ ଅଭିଯୁକ୍ତ ଅବିନିଶ ନାୟକ।

୩ ବର୍ଷର ଶିଶୁପୁତ୍ରକୁ ଅପ୍ରାକୃତିକ ଯୌନ ନିର୍ଯାତନା ଦେବା ଅଭିଯୋଗରେ ବଲାଙ୍ଗୀର ଟାଉନ୍ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଉତ୍ତରପ୍ରଦେଶ ରାଜ୍ୟର ଅବିନିଶ ନାୟକ(୧୯)। ଶନିବାର ପୀଡିତ ଶିଶୁପୁତ୍ର ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି। ଏ ନେଇ ଟାଉନ୍ ଥାନାରେ ଦଫା ୩୭୭, ପୋକ୍‌ସୋ ଆକ୍ଟରେ ଏକ ମାମଲା (ନଂ.୧୫/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ବଲାଙ୍ଗୀର ପୋକ୍‌ସୋ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ଉତ୍ତରପ୍ରଦେଶରୁ ଆସି ଏକ ଦମ୍ପତି ବଲାଙ୍ଗୀର ସହରର ଏକ ପଡାରେ ଭଡ଼ାଘର ନେଇ ଚୁଡିବ୍ୟବସାୟ କରୁଥିଲେ। କିଛିଦିନ ତଳେ ସେମାନଙ୍କ ଦୁଇ ସମ୍ପର୍କୀୟ ଯୁବକ ମଧ୍ୟ ଉତ୍ତରପ୍ରଦେଶରୁ ଆସି ସେହି ଘରେ ରହି ଚୁଡି ବ୍ୟବସାୟ କରୁଥିଲେ। ସେମାନଙ୍କ ମଧ୍ୟରୁ ଅବିନିଶ ଶୁକ୍ରବାର ଚୁଡି ବିକିବାକୁ ନ ଯାଇ ଭଡାଘରେ ଥିଲେ। ସନ୍ଧ୍ୟାବେଳେ ଭଡାଘର ମାଲିକଙ୍କ ୩ବର୍ଷର ଶିଶୁପୁତ୍ରକୁ ଯୌନ ନିର୍ଯାତନା ଦିଆଯାଇଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ଶିଶୁର ମଳଦ୍ୱାରରୁ ରକ୍ତ ବାହାରୁଥିବା ଦେଖି ପରିବାର ଲୋକେ ପ୍ରଥମେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇଥିଲେ। ପରେ ପରିବାର ଲୋକେ ଶୁକ୍ରବାର ରାତିରେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଘଟଣାକୁ ନେଇ ପଡ଼ାରେ ଉତ୍ତେଜନା ପ୍ରକାଶ ପାଇଥିଲା।

> ମୁଁ ଜଣେ ଭକ୍ତ ନୁହେଁ, ମୁଁ ମଧ୍ୟ ଜ୍ଞାନୀ ନୁହେଁ। ମୁଁ ମଧ୍ୟ ଭଗବାନଙ୍କର ଜଣେ କର୍ମୀ ନୁହେଁ। ମୁଁ ତା'ହେଲେ କ'ଣ ? ମୁଁ ପ୍ରଭୁଙ୍କ ହାତରେ ଏକ ଯନ୍ତ୍ର। ମୁଁ ସେହି ଗୋପାଳ ଭଗବାନ ବଜାଉଥିବା ଖଣ୍ଡିଏ ବଂଶୀ ମାତ୍ର। ପ୍ରଭୁଙ୍କ ଶ୍ୱାସ- ପବନରେ ଉଡ଼ିଯାଉଥିବା ପତ୍ରଟିଏ। —ଶ୍ରୀଅରବିନ୍ଦ

# ଅଧିକାର ଫେରାଇଆଣ



ଆକାର ପଟେଲ

ଚଳିତ ମାସରେ ଆମେ ଗଣତନ୍ତ୍ର ଦିବସ ପାଳନ କରିବା, ଯାହା ସ୍ୱାଧୀନତା ଦିବସଠାରୁ ଭିନ୍ନ। ଏହି ଦୁଇ ଦିବସ ମଧ୍ୟରେ ଥିବା ପାର୍ଥକ୍ୟ ସମ୍ପୂର୍ଣ୍ଣ ବୁଝାପଡେନି କି ଅନୁଭବ ବି କରାଯାଇ ପାରେ ନାହିଁ। ଅଗଷ୍ଟ ୧୫ରେ ଭାରତରୁ ବିଦେଶୀ ଶାସନ ହଟାଇ ଦିଆଯାଇଥିଲା ଓ ଏହିଦିନକୁ ଆମେ ପ୍ରତିବର୍ଷ ସ୍ୱାଧୀନତା ଦିବସ ଭାବେ ପାଳନ କରୁ। ଜାନୁୟାରୀ ୨୬କୁ ଆମେ ଗଣତନ୍ତ୍ର ଦିବସ ଭାବେ ପାଳନ କରୁଛୁ,କାରଣ ଏହି ଦିନ ଗଣତନ୍ତ୍ର ପାଇଁ ସମ୍ବିଧାନ କାର୍ଯ୍ୟକାରୀ କରିଛୁ। ଉଲ୍ଲେଖନୀୟ ଯେ, କିଛି କାରଣ ପାଇଁ ଆମେ ଗଣତନ୍ତ୍ର ଦିବସକୁ ଏକ ସେନାବାଦର ଉତ୍ସବ ଭାବେ ପାଳନ କରୁ। ସଶସ୍ତ୍ର ସେନା କର୍ମଚାରୀଙ୍କ ସହ ସେମାନଙ୍କ ଯୁଦ୍ଧ ମେଶିନ ଏହି ଦିବସରେ ମାର୍ଚ୍ଚିଂରେ ଭାଗ ନେଇଥାନ୍ତି। ଉତ୍ତରପୂର୍ବ ଏବଂ କଶ୍ମୀର ଯେଉଁଠି ଲୋକମାନଙ୍କର ସେନା କାର୍ଯ୍ୟକଳାପ ସମ୍ବନ୍ଧରେ ଅଭିଜ୍ଞତା ରହିଛି ସେମାନଙ୍କ ପାଇଁ ଏହି ଉତ୍ସବ କି ଗୁରୁତ୍ୱ ରଖେ କିମ୍ବା ସାଧାରଣତନ୍ତ୍ର ଦିବସ ପାଳନ କରିବାର ଏହା କ'ଣ ଠିକ୍ ଧାରା- ଏମିତିକା ପ୍ରଶ୍ନ ସେମାନଙ୍କୁ କରିପାରିବା। ଗଣତନ୍ତ୍ର ଲୋକତନ୍ତ୍ର ଠାରୁ ମଧ୍ୟ ବହୁତ ବଡ଼। ନିର୍ବାଚନ ମାଧ୍ୟମରେ ବହୁମତ ହାସଲ କରିଥିବା ଲୋକ ପ୍ରତିନିଧିମାନଙ୍କ ଦ୍ୱାରା ଶାସିତ ସରକାରକୁ ଲୋକତନ୍ତ୍ର କୁହାଯାଏ। ସାର୍ବଜନିକ ବୟସ୍କ ମତାଧିକାର- ନିଜ ମତାଧିକାର ସାବ୍ୟସ୍ତ କରି ଲୋକ ପ୍ରତିନିଧିମାନଙ୍କୁ ଚୟନ କରିବା ହେଉଛି ଗଣତନ୍ତ୍ରର ଏକ ପକ୍ଷ। ଏହାର ଅନ୍ୟ ଦୁଇଟି ପକ୍ଷ ବା ଉଦ୍ଦେଶ୍ୟ ହେଉଛି ମୌଳିକ ଅଧିକାର ସାବ୍ୟସ୍ତ କରିବା ଏବଂ ନାଗରିକ ସ୍ୱାଧୀନତା। ଏହି ଦୁଇଟିଯାକ ସମାନ୍ତରାଳ ଭାବେ ଗୁରୁତ୍ୱପୂର୍ଣ୍ଣ ଏବଂ ଏହାକୁ ଛାଡି ତୁମେ ହୁଏତ ଲୋକତନ୍ତ୍ରକୁ ଉପଭୋଗ କରିପାରିବ, କିନ୍ତୁ ଗଣତନ୍ତ୍ରକୁ ହାସଲ କରିପାରିବ ନାହିଁ। ଏହା ମଧ୍ୟରେ ଅଭିବ୍ୟକ୍ତିର ସ୍ୱାଧୀନତାର ଅଧିକାର, ଶାନ୍ତିପୂର୍ଣ୍ଣ ସମବେତ ଅଧିକାର, ଧର୍ମ ସ୍ୱତନ୍ତ୍ରତାର ଅଧିକାର, ସଂଘ ଗଢ଼ିବାର ଅଧିକାର ଏବଂ ଯେକୌଣସି ବୃତ୍ତି ଆପଣାଇ ସ୍ୱତନ୍ତ୍ର ଭାବେ ଜୀବନଧାରଣ କରିବାର ଅଧିକାର ରହିଛି। ଆପଣ ଯଦି ଏଭଳି ଏକ ରାଷ୍ଟ୍ରରେ ବାସ କରୁଥିବେ ଯେଉଁଠାରେ ବୟସ୍କମାନଙ୍କୁ ମତଦାନ କରିବାର ଅଧିକାର ରହିଥିବ ଏବଂ ନିର୍ବାଚନ ହେଉଥିବ, କିନ୍ତୁ ସେମାନଙ୍କର ଉପରୋକ୍ତ କୌଣସି ଅଧିକାର ଏବଂ ସ୍ୱାଧୀନତା ସବୁ ନ ଥିବ, ତେବେ ସେହି ଦେଶରେ ହୁଏତ ଲୋକତନ୍ତ୍ର ଥାଇପାରେ, କିନ୍ତୁ ଗଣତନ୍ତ୍ର ନ ଥିବ। ତେଣୁ ଅଧିକାର ପ୍ରକୃତରେ ଲୋକଙ୍କ ପାଖରେ ନାହିଁ, ରହିଛି ଦେଶ ଚଳାଉଥିବା ସରକାରଙ୍କ ନିକଟରେ।

ଭାରତୀୟମାନଙ୍କର ଶାନ୍ତିପୂର୍ଣ୍ଣ ଭାବେ ସମବେତ ଦେବାର ଅଧିକାର ରହିଛି। ଏହା ବାସ୍ତବରେ ଏକ ମୌଳିକ ଅଧିକାର। କିନ୍ତୁ ଭାରତୀୟମାନଙ୍କର ଏହି ଅଧିକାର ନାହିଁ। କେବଳ ପୋଲିସ ଏବଂ ପ୍ରଶାସନିକ ଅଧିକାରୀମାନଙ୍କୁ ଦରଖାସ୍ତ କରି ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ପାଇଁ ଅନୁମତି ପାଇବାର ଅଧିକାର ସେମାନଙ୍କର ଅଛି। ଅପରପକ୍ଷେ ସରକାରଙ୍କ ପାଖରେ ଏହାକୁ ଅନୁମତି ଦେବା, ନାକଚ କରିବା କିମ୍ବା ଉତ୍ତର ନ ଦେବାର ଅଧିକାର ଅଛି। ସେହିପରି ନାଗରିକମାନଙ୍କର ବୃତ୍ତିଗତ ଅଧିକାର ବି ନାହିଁ। ଏବେ ଲାଗୁ କରାଯାଇଥିବା ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶର ନୂଆ ଆଇନ ଏବଂ ବହୁ ପୁରୁଣା ଆଇନ ଓ କୋର୍ଟଙ୍କ ରାୟରୁ ଜଣାପଡ଼େ କି ଲୋକମାନଙ୍କର ଧାର୍ମିକ ସ୍ୱାଧୀନତା ନାହିଁ। ଭାରତରେ ବାକ୍ ସ୍ୱାଧୀନତାକୁ ମଧ୍ୟ ଦେଶଦ୍ରୋହ, ମାନହାନି ଓ ଅବମାନନା ଆଇନ ଦ୍ୱାରା ଅପରାଧ ରୂପେ ବିବେଚନା କରାଯାଉଛି। ପ୍ରଥମରୁ ସମ୍ବିଧାନରେ ଯେଉଁ ସବୁ ଅଧିକାର ଏବଂ ସ୍ୱାଧୀନତାକୁ 'ମୌଳିକ' ଭାବେ ଉପସ୍ଥାପନା କରାଯାଇଥିଲା ତାହା ଏବେ ସେମିତି ନାହିଁ। ଏଥିରୁ ଯାହା ନିଷ୍କର୍ଷ ମିଳୁଛି ଯେ ଭାରତ ଏକ ଲୋକତନ୍ତ୍ର। କିନ୍ତୁ ଏହା ଏକ ଗଣତନ୍ତ୍ର ହୋଇପାରିବ କି ? ବାସ୍ତବତା ହେଉଛି, ଏବେ ନାଗରିକମାନଙ୍କ ନିକଟରେ ସେମାନଙ୍କ ମୌଳିକ ଅଧିକାରଗୁଡ଼ିକ ନାହିଁ, ସେଗୁଡ଼ିକ ସରକାରଙ୍କ ପଖରେ ରହିଛି। ସମୟର ସ୍ରୋତରେ ଏହା ଘଟିଛି। ଉପର ଲିଖିତ ସବୁ ଅଧିକାରଗୁଡ଼ିକୁ ଭାରତୀୟମାନଙ୍କୁ ସମ୍ବିଧାନ ପ୍ରଦାନ କରିଥିଲା, ଯେଭଳି ଏଗୁଡ଼ିକ ଆମେରିକା ଭଳି ଗଣତନ୍ତ୍ରରେ ରହିଛି। ଭାରତରେ ଏହିସବୁ ଅଧିକାରକୁ ସଂଶୋଧନ କରାଗଲା। ଏହାକୁ ଏତେ କଟାକଟି କରାଗଲା ଯେ, ଏବେ ଏହି ସବୁ ଅଧିକାର ଆଦୌ ନାହିଁ ବୋଲି କୁହାଯାଇପାରେ। ସରକାର ଲୋକମାନଙ୍କଠାରୁ ଅଧିକାର ଛଡ଼ାଇ ନେଇଛନ୍ତି। ନିଜ ସୁବିଧା ପାଇଁ ସରକାର ଏହାକୁ ଗୃହୀତ କରାଇଛନ୍ତି। ଏ ସମ୍ପର୍କରେ ସମ୍ବିଧାନର ପାର୍ଟ-୩ରେ ଯୋଡ଼ା ହୋଇଥିବା ଫୁଟ୍‌ନୋଟରୁ ଅନେକ କିଛି ଜାଣିହେବ। ଫୁଟ୍‌ନୋଟ୍‌ରୁ ଜଣାପଡେ ଯେ,ବାକ୍ ସ୍ୱାଧୀନତା ଉପରେ ପ୍ରତିବନ୍ଧକ ଲଗାଇବାରେ ସରକାରଙ୍କୁ କେହି ଅଟକାଇ ପାରିବେ ନାହିଁ। ସମ୍ବିଧାନ ସଭା ମାଧ୍ୟମରେ ବାକ୍ ସ୍ୱାଧୀନତାର ଅଧିକାର ପାଇଥିବା ଲୋକମାନେ ଏବେ ସରକାରଙ୍କ ଅଧୀନ ହୋଇଗଲେ। ସେହିପରି ସମ୍ବିଧାନର ଫୁଟ୍‌ନୋଟସ ଏବଂ ସେଗୁଡ଼ିକର ବ୍ୟାଖ୍ୟା ଜିଇଁବାର ଅଧିକାର ସମେତ ଅନ୍ୟ ସବୁ ଅଧିକାର ଏବଂ ସ୍ୱାଧୀନତା ଛଡାଇ ନେଲା। ବିନା ଅପରାଧରେ ଭାରତ ସରକାର ଜଣଙ୍କୁ ଜେଲରେ ରଖିପାରିବେ। ତେବେ ନାଗରିକମାନଙ୍କ ଉପରେ କ୍ଷମତା ଜାହିରି କରୁଥିବା ଗୋଟିଏ ସରକାର ଓ ବ୍ରିଟିଶ ଶାସନ ମଧ୍ୟରେ କ'ଣ ପ୍ରଭେଦ ରହିଛି ? ତେବେ ଏ ସମ୍ପର୍କରେ ଏବେ କ'ଣ କରାଯାଇପାରିବ। ସମାଧାନର ବାଟ ସ୍ପଷ୍ଟ। ଯଦି ସରକାର ଅତୀତରେ କରିଥିବା କ୍ଷତି ଦୂରକରିବା ଲାଗି ପ୍ରଯତ୍ନ ହୁଅନ୍ତି,ତେବେ ସମାଧାନ ହୋଇପାରିବ। ସମ୍ବିଧାନର ଧାରା ୧୩ କହେ, 'ସରକାର ଏମିତି କୌଣସି ବିଧି ଗଠନ କରିପାରିବେ ନାହିଁ ଯାହା ଉକ୍ତ ଧାରାରେ ପ୍ରଦତ୍ତ ଅଧିକାରଗୁଡ଼ିକୁ ଛଡାଇ ନେବ ବା ନ୍ୟୂନ କରିବ ଏବଂ ଏହି ଧାରାକୁ ବିରୋଧ କଲାଭଳି କୌଣସି ଆଇନ ବ୍ୟର୍ଥ ହେବ'। ସରକାର ତାଙ୍କ ନାଗରିକମାନଙ୍କୁ ଧୋକା ଦେଇଥିବା ଏଥିରୁ ସ୍ପଷ୍ଟ ଜଣାପଡୁଛି। ଏ ପର୍ଯ୍ୟନ୍ତ ଆମ ସପକ୍ଷରେ ରହିଥିବା ସମ୍ବିଧାନର ସେହି ସବୁ ଭାଗଗୁଡ଼ିକୁ ଉପଯୋଗ କରିବା ଏବଂ ଅନ୍ୟାୟରେ ଆମମାନଙ୍କଠାରୁ ଛଡ଼ାଇ ନିଆଯାଇଥିବା ଆମର ଅଧିକାର ଓ ସ୍ୱାଧୀନତାକୁ ସରକାରଙ୍କଠାରୁ ଫେରାଇ ଆଣିବାକୁ ଆମେ ଏହି ଗଣତନ୍ତ୍ର ଦିବସରେ ପ୍ରତିଜ୍ଞା କରିବା ଉଚିତ।

E-mail: aakar.patel@gmail.com

# ବାଟ ହୁଡ଼ିଲେ ବିପଦ



ଉପେନ୍ଦ୍ର ବିଶ୍ୱାଳ

କ୍ଷଣିକ ଉନ୍ମାଦନାରେ ଭାସିଯାଇ ଝିଅମାନେ କିପରି ନିଜ ପାଇଁ କବର ଖୋଳନ୍ତି, ସେମିତି କେତୋଟି ଘଟଣା ଓ ତା'ର କୁପରିଣତିକୁ ନେଇ ଆଜିର ଏ ଆଲେଖ୍ୟ। ମହିଳା କଲେଜ ସାମ୍ନାରେ ଏପାଖସେପାଖ ହେଉଥିବା ଜଣେ ଉଦ୍‌ଭ୍ରାନ୍ତ ଯୁବକର ଜାଲରେ ଶିକାର ହୁଏ ସମ୍ଭ୍ରାନ୍ତ ଘରର କନ୍ୟାଟିଏ। ବୁଝାଇବା ବିଫଳ ହେବାରୁ ତାକୁ ଯେବେ ଆକଟ କରାଯାଏ, ଘରଲୋକଙ୍କ ମୁହଁରେ ଚୂନ କଳା ବୋଲିଦେଇ, ନଛୋଡ଼ବନ୍ଧା ଝିଅଟି ଚମ୍ପଟ ମାରେ ସେ ପୁଅଟି ସହିତ। କିଛି ମାସ ପରେ ସମ୍ପୂର୍ଣ୍ଣ ଭିନ୍ନ ପରିବେଶ ଓ ସଂସ୍କୃତିରେ ଆଉଟୁପାଉଟୁ ହେଲା ସେ। ମାତ୍ର, ପଛକୁ ଫେରିଆସିବାକୁ ଆଉ ବାଟ ନ ଥିଲା। ପୁଣି, ବର୍ଷ କେଇଟା ପରେ ଯୁବତୀଠାରୁ ମୁହଁ ଫେରାଇ ନେଇ ସୌମ୍ୟଦର୍ଶୀ ଯୁବକଟି ଜଣେ ପରେ ଜଣେ, ଏହିପରି ଆଉ ଦୁଇଜଣଙ୍କୁ ବିବାହ କରିବା ପରେ, ବଢ଼ିଚାଲିଲା ନିର୍ଯାତନା। ଅଧିକ ଲୋକହସା ଓ ତଲାକର ଭୟରେ ନୀରବ ରହୁଥିବା ଝିଅଟି, ଶେଷରେ ବାଧ୍ୟ ହେଲା ଯମ ହାବୁଡ଼ରୁ ବାହାରି ଆସିବାକୁ। ବିଗତ ଦଶ ବର୍ଷକାଳ ଦୁଇ ପିଲାଙ୍କୁ ନେଇ ଅଲଗା ରହୁଥିବା ଝିଅଟି, ଆଜି ବି ଜଳୁଛି ତିଳତିଳ କରି। ଏଇ ଗଲା ଡିସେମ୍ବର ଶେଷ ସପ୍ତାହର ଏକ ଘଟଣା। ପୋଲିସର ସମୟୋଚିତ ହସ୍ତକ୍ଷେପ ଯୋଗୁ ବର୍ତ୍ତିଗଲା ଝିଅଟି। ମାତ୍ର କେଇଟା ଦିନର ଫେସ୍‌ବୁକ୍‌ର ସମ୍ପର୍କ, ସୁଦୂର ମୁମ୍ବାଇର ପୁଅଟି ସହିତ। ସମ୍ପୂର୍ଣ୍ଣ ଅଜଣା, ଅଦେଖା ସେ ପୁଅଟିକୁ ବିବାହ ପାଇଁ ଘରେ ଜିଦି କଲା ଝିଅଟି। କିଛି ନ ଜାଣି, ନ ବୁଝି କେଉଁ ମାଆ-ବାପା ଅବା ସମର୍ପି ଦିଅନ୍ତେ ନିଜ ଝିଅଟିକୁ? କାହା କଥାକୁ କର୍ଣ୍ଣପାତ ନ କରି ମୁମ୍ବାଇରୁ ଆସିଥିବା ଯୁବକଟି ସହ ପହଞ୍ଚିଲା କଚେରିରେ। 'ଲଭ ଜିହାଦ' ବୋଲି ପ୍ରଘଟ ହେବାରୁ, ଗଣ୍ଡଗୋଳର ଆଶଙ୍କାକରି ପୁଅ-ଝିଅଙ୍କୁ ନିଜ ହେପାଜତକୁ ନେଇଗଲା ପୋଲିସ ଏବଂ ଉଭୟ ପରିବାରକୁ ଡକାଇ ପଠାଇଲା। ତା' ପରେ ଚେତନା ଫେରିପାଇଲା ଝିଅଟି। ନିଷିଦ୍ଧ ଇଲାକାରେ ବିକ୍ରି ହେବାର ଭୟ ହେଉ ଅବା ଜୀବନହାନିର ଭୟ, କେଉଁ ଏକ ଅଦୃଶ୍ୟ ଆଶଙ୍କାରେ ଶିହରି ଉଠିଲା ଓ ଭୋ ଭୋ ହୋଇ କାନ୍ଦି ଉଠିଲା ସେ। ସନ୍ଧ୍ୟାରେ ମାଆ-ବାପାଙ୍କ ସହିତ ଫେରି ଯାଇଥିଲା ଘରକୁ। ମୋବାଇଲରୁ ଏକପ୍ରକାର ସେ ସନ୍ନ୍ୟାସ ନେଇଥିବାର ଜଣାଯାଏ ଏବେ।

'ପ୍ରେମ' କରିବା ଗୋଟେ ବଡ଼ ବାହାଦୁରି ବୋଲି ଭାବୁଥିବା ଆଜିର କେତେକ ଝିଅ କେମିତି ନୃଶଂସତାର ଶିକାର ହୁଅନ୍ତି, ତାହା ଜଣାପଡ଼େ ୨୩ ବର୍ଷୀୟା ଜଣେ ଆଇଟି ଇଞ୍ଜିନିୟରର ହତ୍ୟାରେ। ମୁମ୍ବାଇର ଏକ କମ୍ପାନୀରେ ଚାକିରି କରୁଥିବା ଯୁବତୀଟି ଛନ୍ଦି ହୋଇଗଲା ସେହି ଯୁବକର ଜାଲରେ, ଯିଏ କି ଫେସ୍‌ବୁକ୍‌ରେ ଜାଲ ବିଛାଇଥିଲା ନିଜକୁ ଜଣେ କୋଟିପତି ବଡ଼ ବ୍ୟବସାୟୀଙ୍କ ଏକମାତ୍ର ପୁଅର ପରିଚୟ ଦେଇ। ଘରେ ନ ଜଣାଇ ଦୁହେଁ ଭଡ଼ା ନେଇ ରହିଲେ ଅଲଗା। କିଛିଦିନ ପରେ ଝିଅଟି ଜାଣିବାକୁ ପାଇଲା- ଭିନ୍ନ ସମ୍ପ୍ରଦାୟର ଏହି ଯୁବକର ସ୍ତ୍ରୀ ସମେତ ଦୁଇଟି ପିଲା ବି ଅଛନ୍ତି। ଫଟୋ ଓ ଭିଡିଓ ଭାଇରାଲର ଭୟ ଦେଖାଇ ଧର୍ମ ପରିବର୍ତ୍ତନ ସହିତ ଝିଅଟିକୁ ଲୁଟି ଚାଲିଲା। ଆହୁରି ଅଧିକ ଅର୍ଥ ଲୋଭରେ ଅନୈତିକ କାମ ପାଇଁ ତାକୁ ଯେବେ ବାଧ୍ୟ କରିଛି, ସେତେବେଳେ ତା' ପଞ୍ଝାରୁ ଖସିବାକୁ ଚେଷ୍ଟା କରିଛି ଝିଅଟି। ଏହା ଜାଣିପାରି ଅତି ବୀଭତ୍ସ ଭାବେ ଯୁବତୀକୁ ହତ୍ୟାକରିଛି ସେ। ଶବ ବ୍ୟବଚ୍ଛେଦ ଓ ପୋଲିସର ଅନୁସନ୍ଧାନରୁ ପରେ ଜଣାଗଲା ଯେ, ନୂଆ-ପୁରୁଣା ହୋଇ ଝିଅଟି ଦେହରେ ଅସଂଖ୍ୟ ଛୁରିକାଘାତ ଥିଲା। 'ଦେହ ଓ ଅର୍ଥ ଲୋଭରେ ତାକୁ ଫସେଇଥିଲା' ବୋଲି ପୋଲିସ ନିକଟରେ ପୁଅଟି ବି ସ୍ୱୀକାର କରିଥିଲା।

ଏଠାରେ ଆଉଥରେ ସ୍ପଷ୍ଟ କରିଦେବା ଉଚିତ ହେବ ଯେ, କୌଣସି ସମ୍ପ୍ରଦାୟକୁ ଟାର୍ଗେଟ କରିବା, ଆଲେଖ୍ୟଟିର ଅଭିପ୍ରାୟ ନୁହଁ। କଠୋର ସତ୍ୟକୁ ଉପସ୍ଥାପନ ପୂର୍ବକ ସରଳ-ନିରୀହପ୍ରାଣା ଝିଅଙ୍କୁ ଟିକିଏ ସତର୍କ ଓ ସଚେତନ କରାଇବା ସହ ସାମ୍ପ୍ରଦାୟିକ ହିଂସାକାଣ୍ଡ ଏଡ଼ାଇ, ସାମାଜିକ ସଂହତି ଅତୁଟ ରଖିବା ହେଉଛି ଆମର ଅସଲ ଉଦ୍ଦେଶ୍ୟ। କାରଣ, ଗତ ଦୁଇବର୍ଷ ଭିତରେ ବରୀ-ରାମଚନ୍ଦ୍ରପୁର, କାକଟପୁର, ଭଦ୍ରକ, ବାଲେଶ୍ୱର, ବ୍ରହ୍ମପୁର ଆଦି ସ୍ଥାନରେ ପୋଲିସର ସତର୍କ ପଣିଆ ଯୋଗୁ, ସାମ୍ପ୍ରଦାୟିକ ସଂଘର୍ଷକୁ ଏଡ଼ାଯାଇ ପାରିଛି। ପୁନଶ୍ଚ, ଆଜିର ଦିନରେ ଗଣମାଧ୍ୟମରେ ପ୍ରକାଶିତ ଏହିପରି କେତୋଟି ଘଟଣା ନଜରକୁ ଆସିଛି, ଯାହାର ଲିଙ୍କ୍ ରହିଛି ଆତଙ୍କୀଙ୍କ ସହିତ।

ଜାତିସଂଘ ଆତଙ୍କବାଦୀ ଦମନ ଅଭିଯାନର ମୁଖ୍ୟ ଭି. ଭ୍ଲାଦିମୀରଙ୍କ ଅନୁଯାୟୀ ସିରିୟା, ତୁର୍କୀ, ଇରାକ, ଲିବିୟା, ୟେମେନ ଆଦି ଦେଶରେ ୨୮ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ସଂଗଠନରେ ହଜାର ହଜାର ଉଗ୍ରବାଦୀ ଯୁବକ ସକ୍ରିୟ। ଗତ ୨୦୧୭ର ସିରିୟାରେ ଆତଙ୍କୀଙ୍କ ଆତ୍ମଘାତୀ ଆକ୍ରମଣରେ ୩୫ହଜାରରୁ ଅଧିକ ସଂଖ୍ୟକ ମୃତ୍ୟୁରେ କେବଳ ୧୬ହଜାର ଥିଲେ ଇସ୍ଲାମିକ ଷ୍ଟେଟ୍‌ର ଜିହାଦୀ ଯୁବକ। ଆଜି ବି ସିରିୟାରେ ଖୁବ ସକ୍ରିୟ ଥିବା ଅତି ଉଗ୍ର, ଇସ୍ଲାମିକ ଷ୍ଟେଟ ସଂଗଠନରେ ପ୍ରାୟ ୧୫ ହଜାର ଯୁବକ ଅଛନ୍ତି। ଭାରତର ଶହଶହ ଯୁବକ (କେବଳ କେରଳରୁ ଶତାଧିକ) ବି ସେଥିରେ ଯୋଗଦେଇଛନ୍ତି। ଉପରୋକ୍ତ ଦେଶଗୁଡ଼ିକରେ ସକ୍ରିୟ ଥିବା ଉଗ୍ରବାଦୀ ଶିବିର ପାଇଁ ମୋଟା ଅଙ୍କର ଅର୍ଥ ବିନିମୟରେ ସେମାନେ ଯୌନଦାସୀ କିଣୁଥିବାର ଚର୍ଚ୍ଚା ଧରେ। ଆଉ ଏଥିପାଇଁ ସେମାନଙ୍କ ଆଖି ଭାରତ ଉପରେ ହିଁ ବେଶି ଅଛି। ଇସ୍ଲାମିକ ଷ୍ଟେଟ ସଂଗଠନରେ ସାମିଲ ଥିବା ସନ୍ଦିଗ୍ଧ ଯୁବକମାନଙ୍କ ପରିବାର ସଦସ୍ୟଙ୍କ ଭଏସ କ୍ଲିପିଂ, ଫୋନ୍ ଟ୍ୟାପିଂ ଆଦି ଜରିଆରେ କେନ୍ଦ୍ର ଗୋଇନ୍ଦା ଓ କେରଳ ପୋଲିସକୁ ଏ ସଂକ୍ରାନ୍ତ ଅନେକ ତଥ୍ୟ ଆଜି ହସ୍ତଗତ। ବିବାହରେ ବିଫଳ ହେଲେ ବା ବିବାହର ମାସ/ବର୍ଷ କେଇଟା ପରେ, ଯୁବତୀମାନଙ୍କୁ ବିକ୍ରି କରୁଥିବାର ଜଣାଯାଏ। ସିରିୟାସ୍ଥ ଇସ୍ଲାମିକ ଷ୍ଟେଟରେ ସାମିଲ ଥିବା କେରଳର ଜଣେ ଯୁବକ ୨୦୧୭ ମସିହାର ଆତ୍ମଘାତୀ ଆକ୍ରମଣରେ ମୃତ୍ୟୁବରଣ କଲାପରେ, ସ୍ତ୍ରୀ (ହିନ୍ଦୁ ଯୁବତୀ)ଟି ଉଗ୍ରବାଦୀ ଶିବିରରେ ଯୌନଦାସୀ ଭାବେ କିପରି ଷଢୁଛି, ସ୍ୱାମୀର ପରିବାର ଲୋକଙ୍କୁ କାନ୍ଦିକାନ୍ଦି କହୁଥିଲାବେଳେ, କେରଳ ପୋଲିସ ତାହାକୁ ରେକର୍ଡ କରିବାରେ ସମର୍ଥ ହୋଇଥିଲା। ଅନ୍ୟ ଏକ ଘଟଣା କ୍ରମରେ ବିବାହର ବର୍ଷେ ପରେ ସୌଦି ଆରବରେ ଚାକିରି କରୁଥିବା ଯୁବକଟି ଖୁବ୍ ମୋଟା ଅଙ୍କରେ ସିରିୟାର ଇସ୍ଲାମିକ ଷ୍ଟେଟକୁ ଯୌନଦାସୀ ଭାବେ ସ୍ତ୍ରୀଙ୍କୁ ବିକ୍ରି କରିବାକୁ ମୂଲଚାଲ କରୁଥିଲାବେଳେ, ଯୁବତୀଟି ଜାଣିପାରି ଘର ଲୋକଙ୍କୁ ଜଣେଇବା ଦ୍ୱାରା ସେଠାକାର ପ୍ରବାସୀ ଭାରତୀୟଙ୍କ ସହାୟତାରେ ମୁକୁଳି ପାରିଥିଲା। ଭାରତରେ ପହଞ୍ଚି କେରଳ ହାଇକୋର୍ଟରେ ନଭେମ୍ବର ୨୦୧୭ ମସିହାରେ ଏ ସଂକ୍ରାନ୍ତରେ ସ୍ୱାମୀ ବିରୋଧରେ କେସ୍ କରିବାରୁ, ସମଗ୍ର ଦକ୍ଷିଣ ଭାରତରେ ଚାଞ୍ଚଲ୍ୟ ଖେଳିଯାଇଥିଲା। ଓଡ଼ିଶାରେ ବି ଏମିତି ଘଟଣାଟିଏ ଘଟିବାକୁ ଯାଉଥିଲା ୨୦୧୯ ମସିହାରେ। ଜୁନ୍ ୯, ୨୦୧୯ରେ ଅପହୃତା ଯୁବତୀକୁ ବିବାହ କରିବାରେ ବିଫଳ ହେବାରୁ ୩୫ ଲକ୍ଷ ଟଙ୍କା ଅଗ୍ରୀମ ନେଇ ସୌଦି ଆରବ ଚାଲାଣ କରିବାକୁ ଉଦ୍ୟମ କରୁଥିବାବେଳେ ଯାଜପୁର ପୋଲିସ ହରିୟାଣାରୁ ଯୁବତୀଙ୍କୁ ଉଦ୍ଧାର କରିବା ସହିତ ଯୁବକଟିକୁ ବାନ୍ଧିବାରେ ସମର୍ଥ ହୋଇଥିଲା।

ଏବେ ଆସିବା ଯୌବନର ଡେଣା ଲାଗୁ ଲାଗୁ ପତଙ୍ଗସମ ନିଆଁକୁ ଝାସ ଦେଇ ସର୍ବନାଶ ରଚୁଥିବା ଝିଅମାନଙ୍କ ପାଖକୁ। ଜୀବନ ଯୁଦ୍ଧରେ ହାରିଯାଉଥିବା ସେ ଝିଅମାନଙ୍କୁ ଯଦି ପଚରାଯାଏ, ତାଙ୍କ ଦୁର୍ଦ୍ଦଶାର କାରଣ କିଏ ? ତେବେ ଉତ୍ତର ଆସିବ- ସେମାନେ ନିଜେ। ଅର୍ଥାତ୍ ଜୀବନର ଭଲ ବା ମନ୍ଦର ସୃଷ୍ଟିକର୍ତ୍ତା ଆମେ ହିଁ ନିଜେ। ଅବଶ୍ୟ ଯୌବନ ଆସିଲେ ସ୍ୱପ୍ନମୟ ହୋଇଉଠେ ଝିଅଙ୍କ ମନ। ତା' ବୋଲି ମାଆ ବାପାଙ୍କୁ ତୁଚ୍ଛକରି ସଂସାର ରଚିବା ଆଳରେ ଅନିଶ୍ଚିତତାକୁ ଆପଣାଇ ନେବା କ'ଣ ଠିକ୍ କି? ଯେଉଁଠି ଅନିଶ୍ଚିତତା, ସେଇଠି ଅନ୍ଧାର। ଯେଉଁଠି ଅନ୍ଧକାର, ସେଇଠି ବିପଦର ସମ୍ଭାବନା। ଯୌବନର ରଙ୍ଗିନ ଚଷମାରେ ଦୁନିଆଟା ଆମକୁ ରଙ୍ଗମୟ ଦେଖାଯାଏ। କିନ୍ତୁ ବାସ୍ତବରେ ଦୁନିଆର ଚିତ୍ର କିନ୍ତୁ ଭିନ୍ନ ଥାଏ। କେବଳ ବାହାରର ଚେହେରାକୁ ଦେଖି କାହାକୁ ବରଣ କରିନେବା ଅର୍ଥ, ବିନାଶକୁ ଆମନ୍ତ୍ରଣ କରିବା। ମଶା ମାରିବାବେଳେ ତାଳି ମାରିବା ଓ ନାମ-ଜପବେଳର ତାଳି, ଉଭୟଙ୍କ ଭିତରେ ଯେମିତି ଅନେକ ତଫାତ ଥାଏ, ସେମିତି ବି ଅନ୍ଧଭାବେ ନିଜେ ନିଷ୍ପତ୍ତି ନେବା ଓ ବୁଝି-ବିଚାରି ସଭିଙ୍କ ସମ୍ମତି ଓ ଆଶୀର୍ବାଦରେ ସଂସାର ରଚିବା ଭିତରେ ଅନେକ ପ୍ରଭେଦ। ଏବେ ଏବେ ଆମ୍ବଗଛରେ ବଉଳ। ତା'ପରେ ଆମ୍ବଟି କଷି ହୋଇ ବଢ଼ିଥାଏ। ଯେତେ ବଢ଼ିଲେ ବି ତୋଳିବାକୁ ତାହା ଉପଯୁକ୍ତ ହୋଇ ନ ଥାଏ, ଯେ ପର୍ଯ୍ୟନ୍ତ ଭଗବାନ ସେଥିରେ ମଧୁରତା ଭରି ନ ଥାନ୍ତି। କଞ୍ଚା ଆମ୍ବ ଖଟା ହିଁ ଖଟା। ସେହିପରି ଯୌବନ ଆସିଗଲାକ୍ଷଣି ଆମେ କ'ଣ ସଂସାର ବସେଇବା ପାଇଁ ଉପଯୁକ୍ତ ହୋଇଗଲୁ ? ଠିକ୍ ସମୟ ଆସିଗଲେ ଆମ ଜୀବନରେ ମଧୁରତା ଭରିବାକୁ ମାଆ ବାପା ଆମର ସୁବ୍ୟବସ୍ଥା ନିଶ୍ଚିତ କରିବେ। ସେଥିପାଇଁ ଟିକେ ଅପେକ୍ଷା କରିବା ଉଚିତ। ଅପେକ୍ଷାର ଫଳ ବି ସବୁବେଳେ ମିଠା ହୋଇଥାଏ। ଏଣୁ ଚହଲା ବୟସ (ଅନ୍ତତଃ ୨୧ ବର୍ଷ ପର୍ଯ୍ୟନ୍ତ)ରେ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ହଜାରେ ଥର ଚିନ୍ତା କରିବା ଉଚିତ। ତରତରରେ ଶିଆଳକୁ ସହଜ ଶିକାର କରିବା ଅପେକ୍ଷା, ସିଂହ ସନ୍ଧାନରେ ରହିବା ଉଚିତ। ଏଥିରେ ବିଫଳତା ଆସିଲେ ବି ବିଶେଷ କ୍ଷତି ନୁହଁ। ଜୀବନରେ ଶାନ୍ତି ଚାହଁ ତ ନିଜ ହୃଦୟ ଓ ବିବେକର କଥାକୁ ଟିକେ ଶୁଣ। ଚହଲା ମନକୁ ଯିଏ ବୁଝାଇ / ବଦଳାଇ ପାରିଛି, ସିଏ ହିଁ ବାସ୍ତବରେ ବିଜୟୀ ହୋଇଛି। ଅତଏବ, କାହାରି ସଉକ ଓ ସ୍ୱାର୍ଥ ପାଇଁ ଝିଅମାନେ ଯେମିତି ବଳି ନ ପଡ଼ନ୍ତୁ, ଏତିକି ହିଁ କାମନା।

ଗୋଡ଼ିଶୂଳ, ସଜନାଗଡ଼, ବାଲେଶ୍ୱର
ମୋ-୯୪୩୭୪୩୬୦୭୩
email-unbiswal05@gmail. com

# ନାଗରିକ ଅଧିବକ୍ତା

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥକଙ୍କ ଦ୍ୱାରା ତିନି ଦିନ ତଳେ କ୍ୟାପିଟୋଲ୍ ବିଲ୍ଡିଂ ଉପରେ ଆକ୍ରମଣ ଘଟଣା ସମଗ୍ର ବିଶ୍ୱକୁ ସ୍ତବ୍ଧ କରିଦେଇଛି। ବିଶ୍ୱନେତା ଟ୍ରମ୍ପଙ୍କ ଏଭଳି କାର୍ଯ୍ୟକୁ ନିନ୍ଦା କରିଛନ୍ତି। ହିଂସା ପରେ ଟ୍ରମ୍ପ୍ ହାର୍ ମାନିବାକୁ ବାଧ୍ୟ ହୋଇଛନ୍ତି। ଜୋ ବାଇଡେନ୍‌ଙ୍କୁ ୨୦ ଜାନୁୟାରୀରେ ଶୃଙ୍ଖଳିତ ଭାବେ ଦାୟିତ୍ୱ ହସ୍ତାନ୍ତର କରିବେ ବୋଲି କହିଛନ୍ତି। ସବୁ ଠିକ୍‌ଠାକ୍ ରହିଲେ ବାଇଡେନ୍ ପ୍ରଶାସନ ଧାର୍ଯ୍ୟ ତାରିଖରୁ କାର୍ଯ୍ୟ ଆରମ୍ଭ କରିବେ। ଇତିମଧ୍ୟରେ ବାଇଡେନ୍ ବିଭିନ୍ନ କ୍ଷେତ୍ରରେ ପଦାଧିକାରୀ ନିଯୁକ୍ତ କରିଚାଲିଛନ୍ତି। ତାଙ୍କ ଟିମ୍‌ରେ କେତେକ ଭାରତୀୟ ସ୍ଥାନ ପାଇସାରିଥିବା ବେଳେ ଏବେ ଭାରତୀୟ ପ୍ରବାସୀଙ୍କ କନ୍ୟା ଭନିତା ଗୁପ୍ତା ସଦ୍ୟ ସାମିଲ ହୋଇଛନ୍ତି। ଆମେରିକାରେ ନାଗରିକ ଅଧିକାର ଉପରେ କାର୍ଯ୍ୟ କରୁଥିବା ଆଇନଜୀବୀ ଭନିତାଙ୍କୁ ବାଇଡେନ୍ ଆସୋସିଏଟ୍ ଆର୍ଟର୍ନି ଜେନେରାଲ ପଦ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଡିପାର୍ଟମେଣ୍ଟ ଅଫ୍ ଜଷ୍ଟିସ୍ (ଡିଓଜେ)ର ତୃତୀୟ ସର୍ବାଧିକ ପଦବୀ ହେଉଛି ଆସୋସିଏଟ୍ ଆର୍ଟର୍ନି ଜେନେରାଲ। ଭନିତାଙ୍କ ନାମ ଘୋଷଣା କରି ବାଇଡେନ୍ କହିଛନ୍ତି ଯେ, ତାଙ୍କୁ ସେ ବହୁପୂର୍ବରୁ ଜଣେ ଅଙ୍ଗୀକାରବଦ୍ଧ ନାଗରିକ ଅଧିକାର ଓକିଲ ଭାବେ ଜାଣିଛନ୍ତି। ସର୍ବଦା ସେ ସମାନତା ଓ ଅନ୍ୟାୟ ବିରୋଧରେ ଲଢ଼େଇ କରି ନ୍ୟାୟ ବ୍ୟବସ୍ଥାରେ ଏକ ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି ବୋଲି ବାଇଡେନ୍ କହିବା ସୂଚାଇ ଦେଉଛି ଯେ ନବନିଯୁକ୍ତ ରାଷ୍ଟ୍ରପତି ତାଙ୍କୁ ଯଥେଷ୍ଟ ସମ୍ମାନ ଦେଉଛନ୍ତି।

ଭନିତା ୧୯୭୪ରେ ଫିଲାଡେଲ୍‌ଫିଆରେ ଜନ୍ମଗ୍ରହଣ କରିଥିଲେ। ୟେଲେ ବିଶ୍ୱବିଦ୍ୟାଳୟରୁ ସେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ୨୦୦୧ରେ ନ୍ୟୁୟର୍କ ୟୁନିଭର୍ସିଟି ସ୍କୁଲ ଅଫ୍ ଲ'ରୁ ସେ ଆଇନବିଦ୍ୟାରେ ଡିଗ୍ରୀ ଅର୍ଜନ କରିଥିଲେ। ପଢ଼ା ଶେଷ କରି ସେ ନ୍ୟାଶନାଲ ଆସୋସିଏଶନ ଅଫ୍ କଲର୍ଡ ପିପୁଲ୍ (ଏନ୍ଏଏସିପି)ର ଲିଗାଲ ଡିଫେନ୍ସ ଫଣ୍ଡ୍‌ରେ କାର୍ଯ୍ୟ କରିଥିଲେ। ପରେ ସେ ଆମେରିକାନ୍ ସିଭିଲ୍ ଲିବର୍ଟିଜ୍ ୟୁନିୟନ (ଏସିଏଲ୍‌ୟୁ)ରେ ଯୋଗ ଦେଇଥିଲେ।



ବ୍ୟକ୍ତିତ୍ୱ

ଭନିତା ଗୁପ୍ତା

ଆଇନ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିବା ଯୋଗୁ ଭନିତାଙ୍କୁ ଓବାମା-ବାଇଡେନ୍‌ଙ୍କ ପ୍ରଶାସନ ସମୟରେ ଜଷ୍ଟିସ୍ ଡିପାର୍ଟମେଣ୍ଟରେ ସ୍ଥାନ ମିଳିଥିଲା। ସେତେବେଳେ ସେ ସିଭିଲ୍ ରାଇଟ୍ସ ଡିଭିଜନ୍‌ର ନେତୃତ୍ୱ ନେଇଥିଲେ। ସେହି ସମୟରେ ଫର୍ଗୁଶନ ଏବଂ ମିସୋରି ପୋଲିସ ବିଭାଗ ଦ୍ୱାରା କ୍ଷମତା ଅପବ୍ୟବହାର ହେଉଥିଲା। ଏଥିସହିତ ଅନ୍ୟାନ୍ୟ ସମ୍ପ୍ରଦାୟଗୁଡ଼ିକ ବିରୋଧରେ ହିଂସା ଓ ବର୍ଣ୍ଣବୈଷମ୍ୟଜନିତ ଅନ୍ୟାୟ ଘଟୁଥିବାରୁ ତାହାର ତଦନ୍ତ ଦାୟିତ୍ୱ ଭନିତାଙ୍କ ଉପରେ ନ୍ୟସ୍ତ କରାଯାଇଥିଲା। ଏବେ ତାଙ୍କୁ ଡିପାର୍ଟମେଣ୍ଟ ଅଫ୍ ଜଷ୍ଟିସ୍‌ରେ ଗୁରୁତ୍ୱପୂର୍ଣ୍ଣ ପଦବୀ ମିଳିଥିବାରୁ ସେ ବାଇଡେନ୍‌ଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ନିଜର ପୁରୁଣା କର୍ମକ୍ଷେତ୍ରକୁ ଆସିପାରିଥିବାରୁ ସେ ଖୁସିବ୍ୟକ୍ତ କରିଛନ୍ତି। ଯେଉଁ ବିଭାଗକୁ ଅତି ଭଲପାଆନ୍ତି, ସେହିଠାରେ କାର୍ଯ୍ୟ କରିବାର ସୁଯୋଗ ମିଳିଥିବାରୁ ସେ ସଂଘୀୟ ଆଇନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି।

ଏନ୍ଏଏସିପିରେ ଆଇନଜୀବୀ ଭାବେ କାର୍ଯ୍ୟ କରିବା ବେଳେ ଭନିତାଙ୍କୁ ସଫଳତା ମିଳିଥିଲା । ୩୮ ଜଣ ଆଫ୍ରିକୀୟ-ଆମେରିକୀୟଙ୍କ ବିରୋଧରେ ଭୁଲବଶତଃ ଡ୍ରଗ୍ସ କାରବାର ଅଭିଯୋଗ ଅଣାଯାଇ ୬ ମିଲିୟନ ଆମେରିକୀୟ ଡଲାର ଜରିମାନା କରାଯାଇଥିଲା। ନ୍ୟାୟ ଦେବାକୁ ଯାଇ ଭନିତା ଯେତେବେଳେ ସେମାନଙ୍କୁ ମୁକ୍ତ କରିଦେଲେ, ସେତେବେଳେ ତାଙ୍କ ଖ୍ୟାତି ବଢ଼ିଯାଇଥିଲା। ବର୍ଣ୍ଣ ବୈଷମ୍ୟ ବିରୋଧରେ ଲଢ଼େଇ କରିବା ଲାଗି ତାଙ୍କ ଆଗ୍ରହ ପଛରେ ରହିଛି ଏକ ବ୍ୟକ୍ତିଗତ ଅନୁଭୂତି ବୋଲି ଭନିତା କହିଛନ୍ତି। ଥରେ ମ୍ୟାକ୍‌ଡୋନାଲ୍ଡ ରେସ୍ତୋରାଁରେ ଭଉଣୀ, ମା' ଓ ଜେଜେମା'ଙ୍କ ସହ ଭନିତା ବସିଥିଲେ। ଯେତେବେଳେ ସେମାନେ ଖାଇବା ଆରମ୍ଭ କଲେ, ପରବର୍ତ୍ତୀ ଟେବୁଲ୍‌ରେ କିଛି ଲଣ୍ଠିତ ଲୋକ ସେମାନଙ୍କୁ ଉପଲକ୍ଷ୍ୟ କରି ବର୍ଣ୍ଣବୈଷମ୍ୟ ଆକ୍ଷେପ କରିବା ସହ ଖାଦ୍ୟ ଫୋପାଡ଼ିଥିଲେ। ସେମାନଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ଆମେ ସମସ୍ତେ ଖାଇବା ଛାଡ଼ି ପଳାଇ ଆସିଥିଲୁ ବୋଲି ଭନିତା କହିଛନ୍ତି। ସେହି ଘଟଣା ତାଙ୍କ ମନରେ ଅସୁରକ୍ଷାର ଏକ ଗାର ଟାଣି ଦେଇଥିଲା। ଏବେ ସେ ୨୦୦ ମାନବ ଅଧିକାର ସଙ୍ଗଠନକୁ ନେଇ ଗଠିତ ଲିଡରଶିପ୍ କନ୍‌ଫରେନ୍ସ ଅନ୍ ସିଭିଲ୍ ଆଣ୍ଡ୍ ହ୍ୟୁମାନ୍ ରାଇଟ୍ସର ଅଧ୍ୟକ୍ଷ ତଥା ସିଇଓ ଭାବେ କାର୍ଯ୍ୟ କରୁଛନ୍ତି। ସବୁ ଆମେରିକୀୟଙ୍କ ନାଗରିକ ଅଧିକାରର ସୁରକ୍ଷା ଓ ଗଣତନ୍ତ୍ରକୁ ମଜଭୁତ କରିବା ଦିଗରେ ଭନିତାଙ୍କ ତ୍ୟାଗ ଆଜି ତାଙ୍କୁ ଆସୋସିଏଟ୍ ଆର୍ଟର୍ନି ଜେନେରାଲ ପଦରେ ବସାଇବାର ଗୌରବ ଆଣି ଦେଇଛି। ଯେତେବେଳେ ଗତବର୍ଷ 'ବ୍ଲାକ୍ ଲାଇଭ୍‌ସ ମେଟର' ବିକ୍ଷୋଭ ହୋଇଥିଲା, ସେତେବେଳେ ଭନିତାଙ୍କ ନେତୃତ୍ୱ ମଧ୍ୟ ଚର୍ଚ୍ଚାକୁ ଆସିଥିଲା। ନ୍ୟାୟ ପାଇଁ ଲଢ଼େଇ ତାଙ୍କୁ ଆଜି ନ୍ୟାୟ ବିଭାଗରେ ଅବସ୍ଥାପିତ କରିବାରେ ସହାୟକ ହୋଇଛି ବୋଲି କୁହାଯାଉଛି।

ଭନିତାଙ୍କ ସଂସାର କହିଲେ ସ୍ୱାମୀ ଓ ଦୁଇପୁଅ। ସ୍ୱାମୀ ଚିନ୍ହ କ୍ୟୁ.ଲେ ହେଉଛନ୍ତି ଡିଷ୍ଟ୍ରିକ୍ଟ ଅଫ୍ କଲମ୍ବିଆର ଲିଗାଲ ଏଡ୍ ସୋସାଇଟିର ନିର୍ଦ୍ଦେଶକ।

—ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଧୁମଧାମରେ ବାହାଘର। ତା' ପୁଣି ଦୁଇଟି ରାଜ୍ୟର କୁକୁରଙ୍କର। ଏକଥା ହୁଏତ ଅନେକଙ୍କୁ ଅଜବ ମନେ ହୋଇପାରେ, କିନ୍ତୁ ଏମିତି ଏକ ବାହାଘର ହୋଇଛି ମଧ୍ୟପ୍ରଦେଶର ପୁଛିକରଗୁବା ଗାଁରେ। ଇନ୍ଦ୍ର ଦେବତାଙ୍କୁ ଖୁସି କରି ଗାଁର ଜଳକଷ୍ଟ ଦୂର କରିବା ନିମନ୍ତେ ଗାଁ ଲୋକେ କୁକୁରମାନଙ୍କର ଏଭଳି ଏକ ଅଜବ ବାହାଘର କରିଛନ୍ତି। ମଧ୍ୟପ୍ରଦେଶର ପୁଛିକରଗୁବା ଗାଁରେ ମୁଲଚନ୍ଦ ନାୟକଙ୍କର ରଶ୍ମି ନାମକ ଏକ ମାଈ କୁକୁର ସହିତ ଉତ୍ତରପ୍ରଦେଶର ଅଶୋକ ଯାଦବଙ୍କର କୁକୁର ଗୋଲୁ ସହିତ ବାହାଘର ହୋଇଥିଲା। ଦୁଇ କୁକୁରଙ୍କର ବିବାହ ଧୁମଧାମରେ ହୋଇଥିଲା। ମୁଲଚନ୍ଦ କନ୍ୟାପକ୍ଷ ହିସାବରେ ଯଥାରୀତି ହିନ୍ଦୁ ପରମ୍ପରାରେ ବିବାହ କରାଇ ଗାଁର ୮୦୦ ଲୋକଙ୍କୁ ଭୋଜି ଦେଇଥିଲେ। ଏହାପରେ ରଶ୍ମିକୁ ବିଦା କରିବା ସମୟରେ ସେ ଓ ତାଙ୍କ ପରିବାର ଲୋକେ କାନ୍ଦି ପକାଇଥିଲେ। ଏଭଳି ଏକ ଭିନ୍ନ ଧରଣର ବିବାହକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା ହେଉଛି। ଗାଁ ଲୋକଙ୍କ ବିଶ୍ୱାସ କି କଥା କହି ପାରୁ ନ ଥିବା ପଶୁଙ୍କର ବିବାହ କରାଇଲେ ଇନ୍ଦ୍ର ଦେବତା ଖୁସି ହୁଅନ୍ତି ଏବଂ ଜଳ ଦାନ କରିଥାନ୍ତି। ମଧ୍ୟପ୍ରଦେଶର ପୁଛିକରଗୁବା ଗାଁରେ କିଛିଦିନ ଧରି ଜଳର ଅଭାବ ଦେଖାଦେଇଛି। ଲୋକେ ଏହି ପାଣି ସମସ୍ୟା ଦୂର କରିବା ପାଇଁ କୁକୁରଙ୍କର ବିବାହ କରାଇଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

**୧୦ ଜାନୁୟାରୀ ୧୯୯୬**

- ବାଂଲାଦେଶର ଚାନ୍ଦପୁର ଜିଲାରେ ୨ଟି ଯାତ୍ରୀବାହୀ ଟ୍ରେନ୍ ମଧ୍ୟରେ ଧକ୍କାହେବା ଫଳରେ ୫୦ ଯାତ୍ରୀ ମୃତ।
- ପ୍ରଧାନମନ୍ତ୍ରୀ ନରସିଂହ ରାଓ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ମୁଖ୍ୟ ଯୁଦ୍ଧ ଟ୍ୟାଙ୍କ୍ 'ଅର୍ଜୁନ'କୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି।
- ଦେଶର ସବୁଠାରୁ ଦୁଃସାହସୀ ଚଳଚ୍ଚିତ୍ର ଅଭିନେତ୍ରୀ ନାଦିଆଙ୍କ ୮୭ ବର୍ଷ ବୟସରେ ପରଲୋକ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | D | | | | 2 | | | B | A | | | 5 | 8 | C |
| | 3 | | | | | | 7 | 9 | D | | | | | B |
| | | 5 | A | | | | | | | | E | | 3 | 7 |
| 8 | 2 | | | | | 3 | | | | 4 | | | | A |
| | C | | | | | | 2 | 8 | | | | | E | |
| | | | D | | | | 4 | E | | 6 | | | | 1 |
| | | | | | 1 | | D | | 2 | | | E | | 9 |
| | 7 | | 3 | | | 5 | | 6 | E | A | 4 | | | |
| 3 | | | 2 | 8 | | | 1 | | | | | | 5 | |
| | | | C | | | 0 | | | 8 | | | 4 | | |
| D | 1 | | B | | | 7 | | | 4 | | | | | 3 |
| A | | | | 4 | 9 | 6 | 8 | | | | 7 | | 2 | |
| 5 | | | | D | 7 | | B | | | 1 | A | C | | |
| | 8 | 9 | | | E | | | | | | | 1 | B | D |
| | 6 | | | | | | | | C | | B | A | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | D | 3 | 4 | 1 | 9 | B | C | 8 | 7 | 5 | 2 | E | A | 0 |
| 0 | 9 | 5 | 7 | 3 | A | 6 | 2 | E | 8 | C | 1 | D | 4 | B |
| 8 | C | 7 | B | E | 5 | 1 | 0 | D | A | 4 | 9 | 2 | 3 | 6 |
| A | 4 | B | 8 | 2 | 6 | 7 | 3 | 5 | E | 0 | D | 9 | 1 | C |
| E | 1 | 2 | 0 | C | D | 9 | A | 4 | 3 | B | 6 | 5 | 8 | 7 |
| 7 | 2 | 1 | 5 | A | 8 | C | B | 0 | D | 6 | 4 | 3 | E | 9 |
| B | 6 | 0 | E | 4 | 1 | 8 | 5 | 2 | 9 | 3 | 7 | A | C | D |
| 4 | 3 | 9 | 2 | D | C | A | 1 | 7 | 0 | E | 5 | 6 | B | 8 |
| C | E | D | 9 | B | 7 | 4 | 6 | 3 | 1 | 8 | A | 0 | 2 | 5 |
| 5 | A | 8 | 6 | 0 | 3 | E | D | 9 | B | 2 | C | 4 | 7 | 1 |
| 3 | 7 | A | 1 | 9 | E | 2 | 8 | B | 6 | D | 0 | C | 5 | 4 |
| 2 | 8 | 4 | 3 | 6 | 0 | 5 | 9 | A | C | 7 | B | 1 | D | E |
| D | B | E | C | 5 | 2 | 0 | 7 | 1 | 4 | 9 | 3 | 8 | 6 | A |
| 1 | 0 | C | D | 7 | 4 | 3 | E | 6 | 5 | A | 8 | B | 9 | 2 |
| 9 | 5 | 6 | A | 8 | B | D | 4 | C | 2 | 1 | E | 7 | 0 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଚାଷୀଙ୍କୁ ଅଧିକ ଦର କିଏ ଦେବ

ମହାଶୟ,

କୃଷିକ୍ଷେତ୍ରରେ ଯତ୍‌କିଞ୍ଚିତ କୃଷକମାନଙ୍କ ପାଇଁ ବ୍ୟବସ୍ଥା ଥିଲା ସମୟାନୁକ୍ରମେ ତାହା ଗୋଟିଏ ପରେ ଗୋଟିଏ ଲୋପ କରିଦିଆଯାଇଛି। ସାରା ଦେଶରେ କୃଷକମାନଙ୍କ ଆନ୍ଦୋଳନ ଏବେ ମୁଖ୍ୟ ପ୍ରସଙ୍ଗ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ତାଙ୍କ ସମର୍ଥକମାନେ କୃଷି ଆଇନ-୨୦୨୦ ସପକ୍ଷରେ କହିଚାଲିଛନ୍ତି। କେନ୍ଦ୍ର ସରକାରଙ୍କ ମତରେ ନୂଆ କୃଷି ଆଇନ ବଳରେ ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣ କରାଯାଇପାରିବ। ଏହି ସଂସ୍କାର ଯୋଗୁ କୃଷି କ୍ଷେତ୍ରରେ ଘରୋଇ ପୁଞ୍ଜି ନିବେଶ ବୃଦ୍ଧି ପାଇବ। ଉତ୍ପାଦିତ ଶସ୍ୟ ଖୋଲାବଜାରରେ ବିକ୍ରି ହେଲେ ଚାଷୀ ଲାଭାନ୍ୱିତ ହେବ ବୋଲି ସରକାର ଡିଣ୍ଡିମ ପିଟିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନୂଆ କୃଷି ଆଇନକୁ ସମଗ୍ର ଭାରତବର୍ଷର କୋଣ ଅନୁକୋଣରେ ବିରୋଧ କରାଯାଉଛି। କୃଷକ ସଂଗଠନଗୁଡ଼ିକ ମଧ୍ୟ ଏହି ବିବାଦୀୟ ଆଇନକୁ ପ୍ରତ୍ୟାହାର ପାଇଁ ଦାବି କରିବା ଫଳରେ ବିଭିନ୍ନ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାକୁ ବସିଲାଣି। ନୂତନ ଆଇନ କାର୍ଯ୍ୟକାରୀ ହେଲେ ଏହା ଚାଷୀଙ୍କୁ ଆଦୌ ଲାଭ ଦେବ ନାହିଁ ବରଂ କର୍ପୋରେଟ ସଂସ୍ଥା ଅଧିକ ଲାଭବାନ ହେବେ ଓ ଚାଷୀ ଶୋଷଣର ଶିକାର ହେବା ନିଶ୍ଚିତ।

ଦେବଭକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

## ଚିରନ୍ତନୀ

ମୂକର ମୁଖେ ଫୁଟାଇ ରବ
ଅନ୍ଧ ଚକ୍ଷେ ଛବି ବିଭବ
ପାଷାଣ ପଥେ ବୁହାଇ ନବ ନିର୍ଝର
ଜଡ଼ର ଦେହେ ଜୀବନ ତୁମେ ସଞ୍ଚର।
(ବର୍ଷା ନାୟିକା)
—କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ଏଏମ୍-ଏନ୍ଏସ୍‌ର ସମ୍ପ୍ରସାରଣ ଯୋଜନାକୁ କେନ୍ଦ୍ରମନ୍ତ୍ରୀଙ୍କ ପ୍ରଶଂସା

**ନୂଆଦିଲ୍ଲୀ,୯।୧:** ୨ ପ୍ରମୁଖ ଇସ୍ପାତ ନିର୍ମାତା ଆର୍ସେଲର ମିତ୍ତଲ- ନିପନ୍ ଷ୍ଟିଲ(ଏଏମ୍-ଏନ୍ଏସ୍) ଗୁଜରାଟର ହାଜରା ପ୍ଲାଣ୍ଟକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିକଟରେ ଗସ୍ତ କରିଛନ୍ତି। ଏଏମ୍ ଏବଂ ଏନ୍ଏସ୍ ଏହାର ହାଜରା ଫାସିଲିଟିକୁ ସମ୍ପ୍ରସାରଣ କରିବା ଲାଗି ଯୋଜନା ରଖିଛନ୍ତି। ଏହି ପଦକ୍ଷେପକୁ କେନ୍ଦ୍ରମନ୍ତ୍ରୀ ପ୍ରଶଂସା କରିଛନ୍ତି। ଏହି ଅବସରରେ ମାନୁଫାକଚରିଂ ଫାସିଲିଟିର ବିଭିନ୍ନ ୟୁନିଟକୁ ପ୍ରଧାନ ବୁଲି ଦେଖିଥିଲେ। ଆତ୍ମ ନିର୍ଭର ଭାରତ ଗଠନ ଦିଗରେ କମ୍ପାନୀର ବିଭିନ୍ନ ଯୋଜନା ଉପରେ ସେ ଅବଗତ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଧାନ କହିଛନ୍ତି, ହାଜରା ସହ ଓଡିଶାରେ ଏହି ୨ କମ୍ପାନୀ ଯୌଥ ଉଦ୍ୟୋଗ ସ୍ଥାପନ ନେଇ ଯୋଜନା ରଖିଛନ୍ତି। ଏଭଳି ନିଷ୍ପତ୍ତି ଆତ୍ମ ନିର୍ଭର ଭାରତ ଗଠନ ଦିଗରେ ଯୋଗଦାନ ରଖିବ। ସ୍ପେଶାଲ ଷ୍ଟିଲ ଏବଂ ଭାଲ୍ୟୁ ଆଡେଡ ଷ୍ଟିଲ ପ୍ରସ୍ତୁତି ନେଇ ଓଡିଶାରେ ନିବେଶ କରିବାକୁ କମ୍ପାନୀ ଯୋଜନା ରଖିଛି। ଏହାକୁ ନେଇ ସେ କମ୍ପାନୀକୁ ଧନ୍ୟବାଦ ଦେଇଛନ୍ତି। ୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥା ଗଠନରେ ଓଡିଶା ଏକ ପ୍ରମୁଖ ରାଜ୍ୟ ଭାବେ ଯୋଗଦାନ ରଖିବା ନେଇ ସେ ଆଶା ପ୍ରକଟ କରିଛନ୍ତି।

## ହୋମ୍‌ଲୋନ୍‌ରେ ଏସ୍‌ବିଆଇର ରିହାତି

**ନୂଆଦିଲ୍ଲୀ,୯।୧:** ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ତା'ର ଗ୍ରାହକଙ୍କ ପାଇଁ ହୋମ୍ ଲୋନ ଉପରେ ବର୍ତ୍ତମାନ ଆକର୍ଷଣୀୟ ରିହାତି ଦେଉଛି। ବ୍ୟାଙ୍କ ଗୃହ ଋଣ ଉପରେ ଏହାର ସୁଧହାର ୦.୩୦% ପର୍ଯ୍ୟନ୍ତ କମ୍ କରିଥିବା ବେଳେ ପ୍ରୋସେସିଂ ଫି ସମ୍ପୂର୍ଣ୍ଣ ଛାଡ କରିଛି। ଶୁକ୍ରବାର ଏ ନେଇ ବ୍ୟାଙ୍କ ପକ୍ଷରୁ ବିସ୍ତୃତ ଭାବରେ ଘୋଷଣା କରାଯାଇଛି। ଏସ୍‌ବିଆଇର ନୂଆ ସୁଧହାର ସିବିଲ ସ୍କୋର ସହ ସମ୍ପୃକ୍ତ ଏବଂ ୩୦ ଲକ୍ଷ ପର୍ଯ୍ୟନ୍ତ ଋଣ ଲାଗି ସୁଧହାର ୬.୮୦ ପ୍ରତିଶତରୁ ଆରମ୍ଭ ହୋଇଛି। ସେହିପରି ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଋଣ ଲାଗି ସୁଧହାର ୬.୯୫ ପ୍ରତିଶତରୁ ଆରମ୍ଭ କରାଯାଇଛି। ଯଦି ମହିଳା ଗୃହ ଋଣ ଲାଗି ଆବେଦନ କରୁଛନ୍ତି ତେବେ ଅତିରିକ୍ତ ୦.୦୫% ସୁଧ ରିହାତି ମିଳିବ।

# ଭୁବନେଶ୍ୱରରେ ଏଚ୍‌ଆଣ୍ଡଏମ୍‌ର ନୂଆ ଷ୍ଟୋର

ଭୁବନେଶ୍ୱର,୯।୧




ଅନ୍ତର୍ଜାତୀୟ ରିଟେଲର ହେନ୍‌ସ ଆଣ୍ଡ ମରିଟ୍‌ଜ ଏବି, ଏଚ୍ ଆଣ୍ଡ ଏମ୍ ଭୁବନେଶ୍ୱରରେ ଏହାର ପ୍ରଥମ ଷ୍ଟୋର ଶନିବାର ଶୁଭାରମ୍ଭ କରିଛି। ଭାରତରେ ଏହି କମ୍ପାନୀ ନିଜର ସମ୍ପ୍ରସାରଣ ଧାରା ଜାରି ରଖିବା ସହ ୫୦ତମ ଷ୍ଟୋର ଦ୍ୱାରା ଉପସ୍ଥିତି ଜାହିର କରିଛି। ସର୍ବୋତ୍ତମ ମୂଲ୍ୟରେ ଫ୍ୟାଶନ ଏବଂ କ୍ୱାଲିଟି ଲାଗି ଏହି ବ୍ରାଣ୍ଡ ଲୋକପ୍ରିୟତା ହାସଲ କରିଛି। ସ୍ଥାନୀୟ ଜନପଥର ରୁପାଲି ଛକ ନିକଟରେ ୨ଟି ଫ୍ଲୋର ବିଶିଷ୍ଟ ୧୫,୫୭୬ ବର୍ଗଫୁଟ ପରିମିତ ସ୍ଥାନରେ ଷ୍ଟୋରଟି ଅବସ୍ଥିତ। ଆଧୁନିକତା, କ୍ଲାସିକ, ବ୍ୟାପକ ଚୟନର ସୁବିଧା ଗ୍ରାହକ ଏଠାରେ ଲାଭ କରିପାରିବେ। ନୂଆ ଷ୍ଟୋରରେ ପୁରୁଷ, ମହିଳା, କିଶୋର ଏବଂ ଶିଶୁମାନଙ୍କ ଲାଗି ପୋଷାକ, ଜୋତା ଏବଂ ଆସେସୋରିଜ ଉପଲବ୍ଧ। ସମଗ୍ର ପରିବାର ପାଇଁ ଗୋଟିଏ ଛାତ ତଳେ ଫ୍ୟାଶନ ଗ୍ରାହକ ଲାଭ କରିପାରିବେ। ଏଠାରେ ୨୯୯ ଟଙ୍କାର ଆରମ୍ଭ ମୂଲ୍ୟରୁ ଆସେସୋରିଜ, ମହିଳାଙ୍କ ପୋଷାକ ୩୯୯ ଟଙ୍କାରୁ, ୭୯୯ ଟଙ୍କାରୁ ଡେନିମ ଏବଂ ୧୨୯୯ ଟଙ୍କାରୁ ପୁରୁଷଙ୍କ ପୋଷାକ ମିଳୁଛି।

ଏ ସମ୍ପର୍କରେ ଏଚ୍‌ଆଣ୍ଡଏମ୍‌ର ମାର୍କେଟିଂ ଏବଂ କମ୍ୟୁନିକେଶନ ମୁଖ୍ୟ ଅମିତ କୋଠାରୀ କହିଛନ୍ତି, ଭୁବନେଶ୍ୱରରେ ନୂଆ ଷ୍ଟୋର ସହ ନୂଆ ବର୍ଷକୁ ସ୍ୱାଗତ କରାଯାଇଛି। ଘରୋଇ ବଜାରରେ ୫ ବର୍ଷରେ ୫୦ ଷ୍ଟୋର ସ୍ଥାପନ କରାଯାଇଛି। ଗୁଣବତ୍ତା ଏବଂ ସର୍ବୋତ୍ତମ ମୂଲ୍ୟ ଦିଗରେ ବର୍ତ୍ତମାନ ଧ୍ୟାନ ରଖାଯାଇଛି। ବର୍ତ୍ତମାନ ଷ୍ଟୋରଗୁଡିକରେ ସାମାଜିକ ଦୂରତ୍ୱ ନିୟମ ଏବଂ ସୁରକ୍ଷା ପଦକ୍ଷେପକୁ ନଜରରେ ରଖାଯାଇଛି। ସୂଚନାଯୋଗ୍ୟ ଏଚ୍ ଆଣ୍ଡ ଏମ୍ ୨୦୧୫ରେ ନୂଆଦିଲ୍ଲୀରେ ଏହାର ପ୍ରଥମ ଷ୍ଟୋର ଶୁଭାରମ୍ଭ କରିଥିଲା।

କମ୍ପାନୀ ଏହାର ସମସ୍ତ ଷ୍ଟୋରରେ ଗାରମେଣ୍ଟ ସଂଗ୍ରହ ଏବଂ ରିସାଇକ୍ଲିଂ ସର୍ଭିସ ପ୍ରଦାନ କରୁଛି। ଏହି ଅଭିଯାନ ବର୍ଷର ପ୍ରତ୍ୟେକ ଦିନରେ ଯେକୌଣସି ବ୍ରାଣ୍ଡର ପୋଷାକ ଏବଂ ଟେକ୍ସଟାଇଲଗୁଡିକୁ ଯେକୌଣସି ସ୍ଥିତିରେ ଷ୍ଟୋରରେ ଗ୍ରହଣ କରିଥାଏ। ଷ୍ଟୋରର କ୍ୟାଶ ଡେସ୍କରେ ପୁରୁଣା ପୋଷାକ ବ୍ୟାଗକୁ ହସ୍ତାନ୍ତର କରି ନିଜର ପରବର୍ତ୍ତୀ କ୍ରୟ ଲାଗି ଏକ ଭାଉଚର ରିସିଭ କରିପାରିବେ। ଏଚ୍ ଆଣ୍ଡ ଏମ୍ ହେନ୍‌ସ ମରିଟଜ ଏବି(ପବଲ୍) ୧୯୪୭ରେ ସ୍ୱିଡେନରେ ସ୍ଥାପିତ ହୋଇଥିଲା। ଏଚ୍ ଆଣ୍ଡ ଏମ୍ ବ୍ୟତୀତ ଏହି ଗ୍ରୁପରେ ସିଓଏସ୍, ମଙ୍କି, ୱିକେଡ ଓ ଅଦର ଷ୍ଟୋରିଜ, ଏଚ୍ ଆଣ୍ଡ ଏମ୍ ହୋମ୍, ଆର୍ କେଟ ଓ ଆଫାଉଣ୍ଡ ଭଳି ବ୍ରାଣ୍ଡ ରହିଛି। ଏହି ଗ୍ରୁପରେ ୫୨ ଅନଲାଇନ ମାର୍କେଟ, ଫ୍ରାଞ୍ଚାଇଜି ମାର୍କେଟ ସହ ପ୍ରାୟ ୭୪ ବଜାରରେ ୫ ହଜାରରୁ ଅଧିକ ଷ୍ଟୋର ରହିଛି। ଏହି କମ୍ପାନୀରେ ୧.୭୯ ଲକ୍ଷରୁ ଅଧିକ କର୍ମଚାରୀ ରହିଛନ୍ତି।

# ଟୟୋଟାର ନୂଆ ଫର୍ଚୁନର, ଲେଜେଣ୍ଡର



ନୂଆଦିଲ୍ଲୀ,୯।୧

ଟୟୋଟା କିର୍ଲୋସ୍କାର ମୋଟର ପକ୍ଷରୁ ନୂଆ ଫର୍ଚୁନର ଏବଂ ଏକ୍ସକ୍ଲୁସିଭ ଲେଜେଣ୍ଡର ବଜାରକୁ ଆସିଛି। ଅଟୋମେଟିକ ଟ୍ରାନ୍ସମିଶନ ଭାରିଆଣ୍ଟରେ ଫର୍ଚୁନରକୁ ବଜାର ପ୍ରବେଶ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ୨.୮ ଲିଟରର ଡିଜେଲ ଇଞ୍ଜିନ, ୬ ସ୍ପିଡ୍ ଅଟୋମେଟିକ, ୬ ସ୍ପିଡ୍ ମାନୁଆଲ ଟ୍ରାନ୍ସମିଶନ ତଥା ଇଣ୍ଟେଲିଜେଣ୍ଟ ମାନୁଆଲ ଟ୍ରାନ୍ସମିଶନ ବିକଳ୍ପ ରହିଛି। ସେହିଭଳି ୨.୭ ଲିଟରର ପେଟ୍ରୋଲ ଇଞ୍ଜିନ, ୬ ସ୍ପିଡ୍ ଅଟୋମେଟିକ, ୫ ସ୍ପିଡ୍ ମାନୁଆଲ ଟ୍ରାନ୍ସମିଶନ ରହିଛି। ନୂଆ ସମ୍ମୁଖ ଗ୍ରୀଲ ସହିତ ପୋନଟୋନ ସେପ୍‌ଡ ବମ୍ପର, ନୂଆ ହେଡ୍ ଲ୍ୟାମ୍ପ, ଶାର୍ପ ଏଲ୍ଇଡି ଲାଇନ ଗାଇଡ, ଡେ ଟାଇମ ରନିଂ ଲ୍ୟାମ୍ପ, ମଲ୍ଟିଆକ୍ସିସ ସ୍ପୋକ୍ ଆଲଏ ହ୍ୱିଲ ସହିତ ମେଟାଲିକ ଫିନିଶିଂ ରହିଛି। ନୂଆ ଲେଜେଣ୍ଡରରେ ଏକ୍ସକ୍ଲୁସିଭ ହେଡ୍ ଲ୍ୟାମ୍ପ, ସ୍ଲିଟ୍ କ୍ୱାର୍ଡ ଏଲ୍ଇଡି, ପଉ ଶାର୍ପ ବମ୍ପର ଭଳି ଅନ୍ୟାନ୍ୟ ପ୍ରମୁଖ ଫିଚର ରହିଛି। ୨ ଯାନର ଏକ୍ସଶୋ'ରୁମ ମୂଲ୍ୟ କେରଳ ବ୍ୟତୀତ ଅନ୍ୟ ସମସ୍ତ ସ୍ଥାନରେ ସମାନ ରହିବ।

# ବଜାଜ ସବୁଠୁ ମୂଲ୍ୟବାନ୍ ୨ ଚକିଆ କମ୍ପାନୀ

ନୂଆଦିଲ୍ଲୀ,୯।୧

ବଜାଜ ଅଟୋ ଲିମିଟେଡ ବିଶ୍ୱର ପ୍ରଥମ ୨ ଚକିଆ ଯାନ କମ୍ପାନୀ ହିସାବରେ ୧ ଲକ୍ଷ କୋଟି ଟଙ୍କାର ମାର୍କେଟ କ୍ୟାପିଟାଲାଇଜେଶନ ହାସଲ କରିଛି। ଜାନୁୟାରୀ ପହିଲାରେ ବଜାଜ ଅଟୋ ଲିମିଟେଡର ଶେୟାର ମୂଲ୍ୟ ୩୪୭୯ ଟଙ୍କାରେ ବନ୍ଦ ହୋଇଥିଲା। ବର୍ତ୍ତମାନ ବଜାଜ ଅଟୋ ଏହାର କାର୍ଯ୍ୟାରମ୍ଭର ୭୫ ବର୍ଷ ପାଳନ କରୁଛି। ଏଭଳି ସମୟରେ କମ୍ପାନୀକୁ ଏଭଳି ସଫଳତା ମିଳିଛି। କମ୍ପାନୀର ଏଭଳି ସଫଳତା ଅନ୍ୟ ୨ ଚକିଆ କମ୍ପାନୀଗୁଡିକ ତୁଳନାରେ ଯଥେଷ୍ଟ ଅଧିକ। ମାର୍କେଟ କ୍ୟାପିଟାଲାଇଜେଶନରେ ଏହି ବର୍ଗରେ ଅନ୍ୟ କୌଣସି କମ୍ପାନୀ ଏଭଳି ସଫଳତା ହାସଲ କରିପାରିନାହାନ୍ତି। ଏହି ପରିପ୍ରେକ୍ଷୀରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ରାଜୀବ ବଜାଜ କହିଛନ୍ତି ଯେ, ମୋଟର ସାଇକେଲ ଶ୍ରେଣୀ ଉପରେ କମ୍ପାନୀର ତୀକ୍ଷଣ ଦୃଷ୍ଟି ଏବଂ ଭିନ୍ନତା ଆଣିବା ରଣକୌଶଳ ପ୍ରତି ଦୃଢ ପ୍ରତିବଦ୍ଧତା ସହିତ ବିଶ୍ୱ ସ୍ତରୀୟ ଆକାଂକ୍ଷା ଏବଂ ଟିପିଏମ୍ କାର୍ଯ୍ୟକାରିତା ଯୋଗୁ ଏଭଳି ସଫଳତା ହାସଲ କରିବାକୁ କମ୍ପାନୀ ସକ୍ଷମ ହୋଇଛି।

# ଓଜିବିର ୪ ଏଟିଏମ୍ ଉଦ୍‌ଘାଟିତ




ଭୁବନେଶ୍ୱର,୯।୧

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ(ଓଜିବି)ର ୪ ଏଟିଏମ୍ ଉଦ୍‌ଘାଟିତ ହୋଇଯାଇଛି। ନୟାଗଡ ଜିଲାର ଭାପୁର, ମଧ୍ୟଖଣ୍ଡ, ଇଟାମାଟି ଏବଂ ମହିପୁରଠାରେ ଅଧ୍ୟକ୍ଷ ବୃନ୍ଦାବନ ନାୟକଙ୍କ ଦ୍ୱାରା ଏଟିଏମ୍ ଶୁଭାରମ୍ଭ କରାଯାଇଛି। ନୂଆ ସୁବିଧା ଦ୍ୱାରା ସ୍ଥାନୀୟ ଅଞ୍ଚଳର ଜନସାଧାରଣ ବିଶେଷ ଭାବେ ଉପକୃତ ହେବ ବୋଲି ଆଶା କରାଯାଉଛି। କାର୍ଯ୍ୟକ୍ରମ ଅବସରରେ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ବସନ୍ତ କୁମାର ପାତ୍ର, ଖୋର୍ଦ୍ଧା ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ନିରଞ୍ଜନ ରାଉତ, ପ୍ରବନ୍ଧକ ପ୍ରଫୁଲ୍ଲ କୁମାର ପ୍ରଧାନ, ସ୍ଥାନୀୟ ଶାଖାଗୁଡିକର ଶାଖା ପ୍ରବନ୍ଧକ, ବିଶିଷ୍ଟ ଗ୍ରାହକ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ବ୍ୟାଙ୍କର ଗ୍ରାହକ କୈନ୍ଦ୍ରିକ ସେବାର ବିସ୍ତାର ନିମନ୍ତେ ବ୍ୟାଙ୍କର ଏହି ପ୍ରୟାସକୁ ସ୍ଥାନୀୟ ଜନସାଧାରଣ ପ୍ରଶଂସା କରିଥିଲେ।

# ଅଲ୍ ନ୍ୟୁ ଏମ୍‌ଜି ହେକ୍ଟର

**ନୂଆଦିଲ୍ଲୀ,୯।୧:** ଏମ୍‌ଜି ମୋଟର ଇଣ୍ଡିଆ ପକ୍ଷରୁ ଅଲ୍ ନ୍ୟୁ ହେକ୍ଟର-୨୦୨୧ ରେଞ୍ଜକୁ ଶୁଭାରମ୍ଭ କରାଯାଇଛି। ଯାନଟିର ପ୍ରାରମ୍ଭିକ ମୂଲ୍ୟ ୧୨.୮୯ ଲକ୍ଷ ଟଙ୍କା ରହିଛି। ଏଥିରେ ଅନେକ ସ୍ୱତନ୍ତ୍ର ଫିଚର ସଂଯୋଗ କରାଯାଇଛି, ଯାହା ଇଣ୍ଡଷ୍ଟ୍ରିରେ ପ୍ରଥମ। ଡୁଆଲ ଟୋନ୍ ଏକ୍ସଟେରିୟର, ଇଣ୍ଟେରିୟର ସହ ବିଭିନ୍ନ ବିକଳ୍ପ ଗ୍ରାହକଙ୍କୁ ପ୍ରଦାନ କରାଯାଇଛି। ଭାରତର ପ୍ରଥମ ଇଣ୍ଟରନେଟ ଏସ୍‌ୟୁଭି ଭାବେ ପରିଚିତ ଏହି ଯାନ ନୂଆ ବୋଲ୍ଡ ଥର୍ମୋ ପ୍ରେସ୍‌ଡ ଫ୍ରଣ୍ଟ କ୍ରୋମ ଗ୍ରୀଲ, ଲକଜୁରିଅସ ସାମ୍ପେନ ଏବଂ ବ୍ଲାକ ଡୁଆଲ ଟୋନ ଥିମ ଇଣ୍ଟେରିୟର, ୧୮ ଇଞ୍ଚ ଷ୍ଟାଇଲିସ ଡୁଆଲ ଟୋନ ଆଲଏ ଏବଂ ଇଣ୍ଡଷ୍ଟ୍ରି ଫାଷ୍ଟ ହିଙ୍ଗଲିସ ଭଏସ କମାଣ୍ଡ ସହ ଯାନଟି ବଜାରକୁ ଆସିଛି। ୭ ସିଟ୍ ଅବତାରରେ ୫ ଏବଂ ୬ ସିଟ ବିକଳ୍ପ ଏହା ପ୍ରଦାନ କରୁଛି। ଗ୍ରାହକଙ୍କ ଆକାଂକ୍ଷାକୁ ସର୍ବଦା ଧ୍ୟାନରେ ରଖିବାକୁ ପ୍ରୟାସ ଜାରି ରହିଥିବା ଏମ୍‌ଜି ମୋଟର ଇଣ୍ଡିଆର ସଭାପତି ଏବଂ ପରିଚାଳନା ନିର୍ଦ୍ଦେଶକ ରାଜୀବ ଛାବା ସୂଚନା ଦେଇଛନ୍ତି।




**OFFICE OF THE MUNICIPAL COUNCIL KEONJHARGARH**
email-keonjharm.hud@rediffmail.com
**Invitation for Bids (IFB) 'e' Procurement NOTICE**
**Bid Identification No.KGM-12/2020-21**
**Letter No.121/KGM/Date 08.01.2021**

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online bid in single cover system through e-Procurement.
1. Nature of work- Civil work. 2. No. of work - 14 Nos. 3. Value of works: Rs.1,72,000/- to 15,00,000/-. 4. Date & time of availability of bid document in the portal: From 11.01.2021 at 11.00 A.M. upto 20.01.2021 at 5.00 P.M. 5. Date of opening of bid in portal 22.01.2021 at 11.00 A.M. 6. Name & address of the officer inviting bid- EO, Keonjhargarh Municipality.
Further details can be seen from Website: www.tendersorissa.gov.in
**Sd./- Executive Officer, Keonjhargarh Municipality**

# ସେଣ୍ଟ୍ରାଲରେ ହାପିନେସ୍ ସେଲ୍

ଭୁବନେଶ୍ୱର,୯।୧

BHUBANESWAR CENTRAL BRAND.NEW

**୨୦୦ରୁ ଊର୍ଦ୍ଧ୍ୱ ବ୍ରାଣ୍ଡରେ ମିଳୁଛି ଆକର୍ଷଣୀୟ ରିହାତି**

ନୂଆ ବର୍ଷ ଉପଲକ୍ଷେ ଭୁବନେଶ୍ୱର ସେଣ୍ଟ୍ରାଲ ଷ୍ଟୋରରେ 'ହାପିନେସ ସେଲ୍' ଶୁଭାରମ୍ଭ ହୋଇଛି। ଏହି ଅବସରରେ ୨୦୦ରୁ ଊର୍ଦ୍ଧ୍ୱ ଜାତୀୟ ତଥା ଅନ୍ତର୍ଜାତୀୟ ବ୍ରାଣ୍ଡ ଉପରେ ୫୧% ପର୍ଯ୍ୟନ୍ତ ରିହାତି ଉପଲବ୍ଧ ହେଉଛି। ସେହିଭଳି ୩ ଦିନିଆ ସ୍ପେଶାଲ ଫ୍ଲାଟ ୫୦% ଅଫ୍ ସୁବିଧା ରବିବାର ଯାଏ ମିଳିବ। ଏହି ସମୟରେ ଷ୍ଟୋରରୁ କିଣାକିଣି କରି ଖୁସିକୁ ଗ୍ରାହକ ବଢାଇପାରିବେ। ନିର୍ଦ୍ଦିଷ୍ଟ କ୍ରୟ ଉପରେ ଶପିଂ ଭାଉଚର ପ୍ରଦାନ କରାଯାଉଛି। ଏହାକୁ ପରବର୍ତ୍ତୀ ସମୟରେ କ୍ରୟରେ ଗ୍ରାହକ ବ୍ୟବହାର କରିପାରିବେ। ସେହିଭଳି ଏସ୍‌ବିଆଇ କ୍ରେଡିଟ କାର୍ଡରେ ୬% ଇନଷ୍ଟାଣ୍ଟ ଡିସ୍‌କାଉଣ୍ଟ ମିଳୁଛି। ଗ୍ରାହକଙ୍କ ଲାଗି ଗିଫ୍ଟ ସୁବିଧା ମଧ୍ୟ ରହିଛି। ୯୯୯ ଟଙ୍କାର କିଣାକିଣି ଉପରେ ୮,୮୦୦ ଟଙ୍କାର ଆମେରିକାନ ଟୁରିଷ୍ଟର କ୍ୟାବିନ ସାଇଜ ଟ୍ରଲି ବ୍ୟାଗ୍ ଅଫର ପ୍ରାଇସରେ ୧,୯୯୯ ଟଙ୍କାରେ ଗ୍ରାହକ ପାଇପାରିବେ। ସେହିଭଳି ୩୬ ହଜାର ଟଙ୍କାର ୩ ସେଟ୍ ଆମେରିକାନ ଟୁରିଷ୍ଟର ଟ୍ରଲି ବ୍ୟାଗ୍ ୭,୯୯୯ ଟଙ୍କା ଏବଂ ୩ ହଜାର ଟଙ୍କାର ଆମେରିକାନ ଟୁରିଷ୍ଟର ଡଫଲ୍ ଟ୍ରଲି ବ୍ୟାଗ ୯୯୯ ଟଙ୍କାରେ ମିଳିବ। ଏହି ପ୍ରଡକ୍ଟ ଉପରେ ୩ ବର୍ଷର ୱାରେଣ୍ଟି ରହିଛି। ଏହାବାଦ କନଭର୍ସ ବ୍ରାଣ୍ଡର ୨୪୯୯ ଟଙ୍କା ମୂଲ୍ୟର ବ୍ୟାଗ୍ ପ୍ୟାକ ଅଫରରେ ୭୯୯ ଟଙ୍କାରେ ମିଳୁଛି। ଗ୍ରାହକଙ୍କ ଲାଗି ଜିରୋ କଷ୍ଟ ଇଏମ୍ଆଇ ସୁବିଧା କରାଯାଇଛି। ଏଥିରେ କୌଣସି ପ୍ରୋସେସିଂ ଫି ଏବଂ ଇଣ୍ଟରେଷ୍ଟ ଲାଗିବ ନାହିଁ। ୱିଣ୍ଟର ପ୍ରଡକ୍ଟରେ ୩୦ ରୁ ୫୦% ପର୍ଯ୍ୟନ୍ତ ରିହାତି ଗ୍ରାହକ ପାଇବେ। ସେହିଭଳି ଲାଇଫ ଷ୍ଟାଇଲ ପ୍ରଡକ୍ଟ ବର୍ଗରେ ପ୍ରମୋଶନାଲ ଅଫର ରହିଛି। ସ୍ପୋର୍ଟସ ସେଗ୍‌ମେଣ୍ଟ ପ୍ରମୋଶନାଲ ରିହାତିରେ ଫ୍ଲାଟ ୫୦% ଅଫର ରହିବ। ସେଣ୍ଟ୍ରାଲ ଅଫର ବାଦ ବ୍ରାଣ୍ଡଗୁଡିକ ପକ୍ଷରୁ ଅଲଗା ଭାବେ କିଛି କିଛି ରିହାତି ରହିଛି। ଗ୍ରାହକ ବ୍ୟାଙ୍କଗୁଡିକର ଲୟାଲ୍ଟି ପଏଣ୍ଟ ପାଇବେ, ଯାହାକୁ ପରେ କ୍ରୟ ବେଳେ ବ୍ୟବହାର କରିହେବ। ଷ୍ଟୋର ୧୦.୩୦ରୁ ସଂଧ୍ୟା ୯ଟା ଯାଏ ଖୋଲା ରହୁଛି। ସାମାଜିକ ଦୂରତ୍ୱ ନିୟମ ପାଳନ ସହ ଗ୍ରାହକଙ୍କୁ ସମସ୍ତ ସେବା ଯୋଗାଣ ହେଉଛି। ଏହାବାଦ ଫ୍ୟାଶନ ଲଭରଙ୍କ ଲାଗି ନିୟୁ ସିଜନ ମର୍ଚ୍ଚାଣ୍ଡାଇଜ ଉପଲବ୍ଧ କରାଯାଉଥିବା ସେଣ୍ଟ୍ରାଲର ଷ୍ଟୋର ଜେନେରାଲ ମ୍ୟାନେଜର ଆତିଶ ପ୍ରଧାନ ସୂଚନା ଦେଇଛନ୍ତି।

**OFFICE OF THE GENERAL MANAGER DISTRICT INDUSTRIES CENTRE, SUNDARGARH**
Mail ID-dicsng@nic.in
Letter No.20/Dt.08.01.2021
**QUOTATION CALL NOTICE**

Sealed quotations along with samples are invited in plain paper from MSMEs of State of Odisha for supply of Cerena Indica Bee boxes for APIS Cerena hive with stand & tools to the Bee Keeping trainees in different Block of Sundargarh District for the year 2020-21 & 2021-22 as per specifications.

The detail terms and conditions along with specifications, bid documents, last date of receipt of tender, opening of tender, cancellation/extension/ corrigendum etc. will be made available in the district website www.sundergarh.nic.in w.e.f. 11th January 2021, which can be referred till last date of submission of bids.

1. Last date of receipt of tender paper - 27.01.2021 upto 5.00 P.M.
2. Opening of tender- Dt.28.01.2021 at 11.00 A.M.
3. Cost of tender Rs.10000.00 (Rupees ten thousand) only in shape of DD drawn in favour of General Manager, District Industries Centre, Sundargarh payable at Sundargarh which is non refundable.

**Sd./- General Manager DIC, Sundargarh**

GOVERNMENT OF ODISHA
**PANCHAYATIRAJ & DRINKING WATER DEPARTMENT**
**OFFICE OF THE PANCHAYAT SAMITI, NANDAHANDI**
At/P.O.: Nandahandi, Dist.- Nabarangpur, PIN - 764078
Ph.: 06858-229720/229711
e-mail: ori-nandahandi@nic.in
**TENDER CALL NOTICE No. 02/2020-21**
Letter No. 39/21 Dated: 08.01.2021

Block Development Officer, Nandahandi invites **"Tender for supply of Pictorial Tiles printed with PMAY(G) & BPGY Logo"** as per specifications from reputed/registered firms/ agencies for affix at the entrance of houses under Rural Housing Scheme of Nandahandi Block, through bid System. Detailed tender documents comprising Background, Scope of Work, Technical Evaluation Criteria, Financial Bid evaluation and annexure for submitting the tender can be downloaded from district website **www.nabarangpur.nic.in** from 11.01.2021 to 15.01.2021.

| Sl. No. | Name of the Work | EMD to be Deposited (Rs.) | Cost of Tender Documents (Non-refundable) (Rs.) |
|---|---|---|---|
| 1 | 2 | 3 | 4 |
| 1 | Supply of Pictorial Tiles printed with PMAY (G) & BPGY Logo | 5000.00 | 5,000.00 |

**Sd./- Block Development Officer, Nandahandi**

# ହୋଣ୍ଡା ଆକ୍ଟିଭା ଗ୍ରାହକ ସଂଖ୍ୟା ୨.୫ କୋଟି ଟପିଲା




ନୂଆଦିଲ୍ଲୀ,୯।୧

ହୋଣ୍ଡା ଆକ୍ଟିଭା ଗ୍ରାହକଙ୍କ ସଂଖ୍ୟା ୨.୫ କୋଟି ଟପିଛି। ଫଳରେ ଭାରତୀୟ ୨ ଚକିଆ ଯାନ ଶିଳ୍ପରେ କମ୍ପାନୀ ଇତିହାସ ରଚିଛି। ଦେଶର ପ୍ରଥମ ସ୍କୁଟର ବ୍ରାଣ୍ଡ ଭାବେ କମ୍ପାନୀ ଏଭଳି ସଫଳତା ହାସଲ କରିଛି। ୨୦୦୧ରେ ୧୦୨ ସିସି ଆକ୍ଟିଭା ଜରିଆରେ ହୋଣ୍ଡା ବଜାରରେ ପ୍ରବେଶ କରିଥିଲା। ବିଗତ ବର୍ଷ ଗୁଡିକରେ ହୋଣ୍ଡା ଆକ୍ଟିଭା ଅନେକ ମାଇଲ ଖୁଣ୍ଟ ଅତିକ୍ରମ କରିଛି। ଏହାର ସଦ୍ୟତମ ଉଲ୍ଲେଖନୀୟ ସଫଳତା ହେଲା ବିଏସ୍-୬। ପ୍ରତ୍ୟେକ ପିଢି ଏହି ମଡେଲଟିକୁ ବହୁତ ଭଲ ପାଇବା ଦେଇଥିବା କମ୍ପାନୀ ପ୍ରକାଶ କରିଛି। ବଜାରକୁ ଆସିବାର ୩ ବର୍ଷ ପରେ ଏହା ଏକ ପ୍ରମୁଖ ସ୍ଥାନରେ ରହିଲା। ପରବର୍ତ୍ତୀ ୨ ବର୍ଷରେ ଏହାର ବିକ୍ରି ୧୦ ଲକ୍ଷ ୟୁନିଟ ଛୁଇଁଥିଲା। ଉନ୍ନତ ପ୍ରଯୁକ୍ତି ବ୍ୟବହାର ଯୋଗୁ ୨୦୧୫ରେ ଆକ୍ଟିଭା ବ୍ରାଣ୍ଡ ୧୫ ବର୍ଷ ମଧ୍ୟରେ ୧ କୋଟି ବିକ୍ରି ମାଇଲ ଖୁଣ୍ଟ ଟପିବାକୁ ସକ୍ଷମ ହୋଇଥିଲା। ସ୍କୁଟରର ଗ୍ରହଣୀୟତା ବଢିବା ସହ ଆକ୍ଟିଭା ବିକ୍ରି ତ୍ୱରାନ୍ୱିତ ହୋଇଥିଲା। ଆକ୍ଟିଭା ପରିବାରର ସଫଳତାର ରହସ୍ୟ ହେଉଛି ନେତୃତ୍ୱ ବଳରେ ଏହା ଗଠନ କରିଥିବା ବିଶ୍ୱାସ ବୋଲି କମ୍ପାନୀର ସିଇଓ ଆତଶୁସି ଓଗାତା କହିଛନ୍ତି।

**Tender Call Notice**
**PANCHAYAT SAMITI, JUJOMURA, DIST.- SAMBALPUR**
**BID IDENTIFICATION No: 01/2020-21**
**No. 39 Dated- 08.01.2021**

The Block Development Officer, Jujomura on behalf of Governor of Odisha invites **Percentage Rate** bids in single cover system for the construction of works as detailed in the table, from the class of eligible contractors as mentioned in Column-5 (five) registered with the State Goverments and Contractors of equivalent Grades/ class registered with central Government/ MES/ Railways, to be eventually drawn up in PWD P-1 Agreement form, for Constrution of New labour Room Building at PHC (N), Padiabahal i.e. civil works. The proof of registration from the appropriate authority shall be enclosed along with the Bid. If successful, the bidder who has not registered under state government has to register under the state PWD in appropriate class of eligibility before signing of the agreement. The bidders may submit bids for the following work.

| Sl. No. | Name of the Works | Approximate value of work | Period of Completion | Class of Contractor | Bid Security @ 1% | Cost of bid document (including 18% GST) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of New Labour Room Building at PHC (N), Padiabahal | Rs. 23,84,664.00 | 6 (Six) Calendar months | "B" & "C" Class | Rs. 23,847,00 | Rs. 6,000/-+ Rs. 1080/- |

**1.** Bids must be accompanied with E.M.D. (Bid Security) of the amount specified for the work in the table Col. 6 above in shape of N.S.C/P.O.T.D./ Post Office Savings Pass Book/Deposit receipt of any Scheduled Bank (Valid minimum one year from the date of receipt) duly pledged in favour of **Block Development Officer, Jujomura, Sambalpur.** Bidders desirous to hire machineries or equipments from outside of the State are required to furnish 2% of the amount put to tender as bid security instead of 1%. Bids without E.M.D. or in other shape will not be considered and liable for rejection. **(N.B:- E.M.D. in shape of Cash/Pay Orders or Bankers Cheques/Bank Draft is not acceptable.),**
**2.** The sale of the Bid document shall start at 10.00 AM of 19.01.2021and Close at 5.30 P.M. of 01.02.2021 during office hours in the office of the undersigned. Bids shall be received by this Agency up to 05.30 PM on date 03.02.2021 through Registered Post or Speed Post only. The authority will not be held responsible for any Postal delay in delivering of the Bid documents or non-receipt of the same.
**3.** The Bid will be opened on 04.02.2021 at 11 A.M. in the office of the undersigned in the presence of the members of the Block Level Tender/ Purchase committee and the bidders or their authorised representative if the office happens to be closed on the date of receipt/ opening of the bids as specified, above will be received/ opened on the next working day at same time and venue.
**4.** To know the detail terms & Condition please visit the Block Office , Jujomura in working days.

**Sd/- Block Development Officer, Jujomura**

GOVERNMENT OF ODISHA
**PANCHAYATIRAJ & DRINKING WATER DEPARTMENT**
**OFFICE OF THE PANCHAYAT SAMITI, NABARANGPUR**
AT/P.O./DIST.-NABARANGPUR, PIN: 764059, Ph.- 06858-222071
e-mail:ori-bnawarangpur@nic.in
**TENDER CALL NOTICE NO.02/2020-21**
Letter No.50/21 Dated:08.01.2021

Block Development Officer, Nabarangpur invites "Tender for supply of Pictorial Tiles printed with PMAY & BPGY Logo" as per specifications from reputed/registered firms/agencies for affix at the entrance of houses under Rural Housing Scheme of Nabarangpur Block, through bid system.

Detailed tender documents comprising Background, Scope of work, Technical Evaluation criteria, Financial bid evaluation and annexure for submitting the tender can be downloaded from district website www.nabarangpur.nic. in from 11.01.2021 to 17.01.2021.

| Sl. No. | Name of the work | EMD to be deposited (Rs.) | Cost of tender documents (Non refundable) (Rs.) |
|---|---|---|---|
| 1 | 2 | 3 | 4 |
| 1 | Supply of Pictorial Tile printed with PMAY & BPGY Logo | 6,500.00 | 5,000.00 |

**Sd./- Block Development Officer Nabarangpur**

ଧରିତ୍ରୀ
DHARITRI

ରବିବାର, ଜାନୁୟାରୀ ୧୦, ୨୦୨୧

# ରାୟଗଡ଼ା



## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ମାଲକାନଗିରି,୯।୧(ଡି.ଏନ୍.ଏ.) - ମାଲକାନଗିରି ଜିଲା କାଲିମେଲା ବ୍ଲକ ଚିତ୍ରାଙ୍ଗପାଲି ପଞ୍ଚାୟତ ଏମ.ଭି-୯୮ ଗ୍ରାମର ଜଣେ ଯୁବକ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଏହି ଗ୍ରାମର ଚନ୍ଦ୍ର ମଲ୍ଲିକଙ୍କର ତାଙ୍କ ସ୍ତ୍ରୀଙ୍କ ସହ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା । ପରେ ଚନ୍ଦ୍ର ଗୁହାଳ ଘରକୁ ଯାଇ ସେଠାରେ ନିଜ ଗାମୁଛାରେ ଫାଶି ଲଗାଇ ଆତ୍ମହତ୍ୟା କରିଥିଲେ। କିଛି ସମୟ ପରେ ପରିବାର ଲୋକେ ଜାଣି ତାଙ୍କୁ ଉଦ୍ଧାର କରି ଏମଭି -୫୫ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ଚନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ । ସୂଚନା ପାଇ ପୋଟେରୁ ଫାଣ୍ଡି ଅଧିକାରୀ ମନୋହର ସାହୁ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ସାହୁ କହିଛନ୍ତି।

### କିନ୍ନରଙ୍କ ଅଧିକାର ସମ୍ପର୍କିତ ଶିବିର

ମାଲକାନଗିରି,୯।୧(ଡି.ଏନ୍.ଏ.) - ମାଲକାନଗିରି ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ କିନ୍ନରମାନଙ୍କ ଅଧିକାର ସମ୍ପର୍କରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ଅମରେଶ ନାୟକ, ଆଇନସେବା ପ୍ରାଧିକରଣର ରିମାଣ୍ଡ ଓକିଲ ଜୋସେଫ ଜେମ୍ସ ଅତିଥି ଭାବେ ଯୋଗ ଦେଇଥିଲେ। ଅଧାପକ ଡ. ରଞ୍ଜନ କୁମାର ସ୍ୱାଇଁ କିପରି କିନ୍ନରମାନେ ସମାଜରେ ସମ୍ବିଧାନିକ ଅଧିକାର ପାଇବେ ଓ ଅଧିକାର ଠାରୁ ବଞ୍ଚିତ ନ ହେବେ ସେ ଦିଗ ପ୍ରତି ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମାଲକାନଗିରି କଲେଜର ଛାତ୍ରୀଛାତ୍ର ଓ କିନ୍ନରମାନେ ଉପସ୍ଥିତ ଥିଲେ।

### ୩ୟ ଥର ପାଇଁ ବିଦ୍ୟାମନ୍ଦିରକୁ ଉତ୍କୃଷ୍ଟ ବିଦ୍ୟାଳୟ ପୁରସ୍କାର

ଦାମନଯୋଡି,୯।୧(ଡି.ଏନ.ଏ.)- ନାଲ୍‌କୋ ଟାଉନଶିପ୍‌ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର କ୍ରମାଗତ ୩ୟ ଥର ପାଇଁ ରାଜ୍ୟ ସରକରଙ୍କ ଉତ୍କୃଷ୍ଟ ବିଦ୍ୟାଳୟ ପ୍ରୋତ୍ସାହନ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି । ୨୦୧୮ ଓ ୨୦୧୯ ରେ ୨୦ ଜଣ ଲେଖାଏ ଛାତ୍ରୀଛାତ୍ର ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ପାଇଥିବା ବେଳେ ୨୦୨୦ରେ ୧୯ ଜଣ ଏହି ବୃତ୍ତିପାଇଁ ମନୋନୀତ ହୋଇଛନ୍ତି । ବିଭିନ୍ନ ସମୟରେ ଏହି ବିଦ୍ୟାମନ୍ଦିରର ଛାତ୍ରମାନେ ବିଭିନ୍ନ ମେଧା ପରୀକ୍ଷାରେ କୃତିତ୍ୱ ହାସଲ କରିବା ସହ ଜାତୀୟ ଓ ରାଜ୍ୟ ସ୍ତରର କ୍ରୀଡାରେ ସଫଳତା ପାଇଛନ୍ତି । ବିଦ୍ୟାମନ୍ଦିର ଅଧକ୍ଷ ଶୁଭ୍ରାଂଶୁ ଶେଖର ବାହିନୀପତି ଛାତ୍ରୀଛାତ୍ରଙ୍କ ସଫଳତା ନିମନ୍ତେ ଆଚାର୍ଯ୍ୟା, ଆଚାର୍ଯ୍ୟ, ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଏହାର ଶ୍ରେୟ ଦେଇଛନ୍ତି।

### ବାଇକ୍ ଧକ୍କାରେ ଜଣେ ମୃତ

ଜୟପୁର,୯।୧ (ନି.ପ୍ର.)-ଜୟପୁର ପଞ୍ଚାନନ ମନ୍ଦିର ଜୟନଗର ରାସ୍ତାର ପିଏଚ୍‌ଡି କାର୍ଯ୍ୟାଳୟ ନିକଟରେ ଏକ ବାଇକ୍ ଧକ୍କାରେ ପାଇଲସାହିର ମନ୍ମଥ କୁମାର ଦାଶ(୬୧)ଙ୍କ ମୃତ୍ୟୁ ହୋଇଛି। ସେ କେତେଜଣ ବନ୍ଧୁଙ୍କ ସହ ଏକ କାର୍ଯ୍ୟରେ ଯାଇ ଘରକୁ ଫେରୁଥିବା ବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ବାଇକ ଚାଳକ ଦାଶରଥୀ ଲାଇନର ସୁରେଶ ହିଆଲ ଗୁରୁତର ଅବସ୍ଥାରେ କୋରାପୁଟ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜରେ ଚିକିତ୍ସାଧୀନ ଅଛନ୍ତି। ଘଟଣାର ତଦନ୍ତ ଏସ୍‌ଆଇ ରତ୍ନାକର ସେଠୀ କରୁଛନ୍ତି। ଏନେଇ ଟାଉନ ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ ହୋଇଛି।

### କୋଭିଡ୍ ଟିକାକରଣ ନେଇ ଡ୍ରାଏ ରନ୍ କାର୍ଯ୍ୟକ୍ରମ

ଦାମନଯୋଡି,୯।୧(ଡି.ଏନ.ଏ.)- କୋଭିଡ୍ -୧୯ ପ୍ରତିଶେଧକ ଟୀକା ଦେବା ପୂର୍ବରୁ କୋରାପୁଟ ବ୍ଲକ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ୍ରାଏରନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମକରନ୍ଦ ବେଉରାଙ୍କ ଉପସ୍ଥିତିରେ ଏହା କରାଯାଇଥିଲା। ହିତାଧିକାରୀ ତାଲିକାରେ ଥିବା ସ୍ୱାସ୍ଥ୍ୟ କର୍ମଚାରୀ ଆସିବା ପରେ ସୁରକ୍ଷାକର୍ମୀ ତାଙ୍କ ନାମ, ଠିକଣା ଯାଞ୍ଚ କରି ଅପେକ୍ଷା କୋଠରିରେ ବସାଇଥିଲେ। ପରେ ଟୀକାକରଣ ଗୃହକୁ ଯାଇ ଟିକାନେବା ବ୍ୟବସ୍ଥାର ଅଭ୍ୟାସ କରାଯାଇଥିଲା। ଅନ୍ୟ ଏକ କୋଠରିରେ ଅଧଘଣ୍ଟା ବିଶ୍ରାମ ନେବା ପରେ ଘରକୁ ପଠାଇବା ବ୍ୟବସ୍ଥା ହୋଇଥିଲା। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ନୀଳମାଧବ ଶତପଥୀ, କିଶୋର ଚନ୍ଦ୍ର ସାହୁ, ୟୁନିସେଫ୍ କନସଲଟାଣ୍ଟ ସିପ୍ରା ମଖିଜା, ମାତାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ତାପସ ରଞ୍ଜନ ବେହେରା, ନୂତନ ସିଂ,ସ୍ୱାସ୍ଥ୍ୟକେନ୍ଦ୍ର ଟିକାକରଣ ଅଧିକାରୀ ରାଜେନ୍ଦ୍ର ଜାନି, ପ୍ରମୁଖ ଉପସ୍ଥିତ ଥିଲେ ।

## ଗାଡ଼ିରେ ପୋଲିସ ଲେଖି ଗଞ୍ଜେଇ ଚାଲାଣ: ୩ ଗିରଫ

କୋରୁକୋଣ୍ଡା,୯।୧(ଡି.ଏନ୍.ଏ.)



ଜବତ ଗଞ୍ଜେଇ ଏବଂ ଗିରଫ ୩ ଅଭିଯୁକ୍ତ ।

ମାଲକାନଗିରି ଜିଲା ଓର୍କେଲ ପୋଲିସ ଏକ ନକଲି ପୋଲିସ ଗାଡ଼ିରୁ ଚୋରାଚାଲାଣ ହେଉଥିବା ଗଞ୍ଜେଇ ଜବତ କରିଛି। ଅଭିଯୁକ୍ତମାନେ ପୋଲିସ ପୋଷାକ ପିନ୍ଧି ଗାଡ଼ିରେ ପୋଲିସ ଲେଖି ଅଭିନବ ଉପାୟରେ ଗଞ୍ଜେଇ ଚାଲାଣ କରୁଥିଲେ। ଏଥିରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ରାଜୁ ଖରିଫା (୨୪), ରାଜୀବ କୁମାର(୨୬) ଏବଂ ଆକାଶ କୁମାର(୨୬) । ସେମାନଙ୍କ ମଧ୍ୟରୁ ୨ଜଣ ବିହାର ପାଟଣା ଜିଲା ମଉଜିପୁରର ସରିସ୍ତାବାଦ ଗ୍ରାମର ହୋଇଥିବା ବେଳେ ଅନ୍ୟ ଜଣେ ମୁଜାଫରପୁର ଜିଲା ମୁଜାଫରନଗରର ବୋଲି ଜଣାପଡିଛି।

ଖବରରୁ ଜଣାପଡ଼ିଛି ଗଞ୍ଜେଇ ଚୋରାଚାଲାଣ ହେଉଥିବା ଖବର ପାଇ ପୋଲିସ ଗୁରୁବାର ରାତି ୨ଟାରେ ବାଲିମେଲା ଛକ-ଡାଇକ-୩ ମୁଖ୍ୟ ରାସ୍ତାର ଖଡ଼ିକାଝୁଡ଼ି ନିକଟରେ ଏସ୍‌ଆଇ ମିଳନ ମଜୁମଦାରଙ୍କ ନେତୃତ୍ୱରେ ଏକ ଟିମ୍ ଜଗି ରହିଥିଲେ। ଏହି ସମୟରେ ଏକ କାର (ଓଡି ୩୩ ବି- ୩୬୭୬)ରେ ପୋଲିସ ଲେଖା ହୋଇଥିବା ଦେଖି ଗାଡ଼ିଟିକୁ ଅଟକାଇଥିଲେ। ଗାଡ଼ିରେ ବସିଥିବା ବ୍ୟକ୍ତିମାନେ ମଧ୍ୟ ପୋଲିସ ପୋଷାକ ପିନ୍ଧିଥିଲେ। ଓର୍କେଲ ପୋଲିସ ସେମାନଙ୍କୁ କେଉଁ ଅଞ୍ଚଳର ପୋଲିସ ବୋଲି ପଚାରିବାରୁ ସେମାନେ ବିହାରର ବୋଲି ପରିଚୟ ଦେଇଥିଲେ। ମାତ୍ର ତାଙ୍କ ଗାଡ଼ିର ନଂ. ପ୍ଲେଟ୍ ଓଡ଼ିଶା ରାଜ୍ୟର ଥିଲା। ସେମାନେ ହିନ୍ଦୀ ଭାଷା କହୁଥିବାବେଳେ ସେମାନଙ୍କ କଥାବାର୍ତ୍ତାରେ ତାଳମେଳ ରହୁ ନ ଥିବା ଲକ୍ଷ୍ୟକରି ଓର୍କେଲ ପୋଲିସ ଗାଡ଼ି ଯାଞ୍ଚ କରିଥିଲା। ସେଥିରୁ ୧ କୁଇଣ୍ଟାଲ ଗଞ୍ଜେଇ ମିଳିଥିଲା। ଏହାର ବଜାର ମୂଲ୍ୟ ୨ଲକ୍ଷ ଟଙ୍କା ହେବ। ଗଞ୍ଜେଇ, କାର ଜବତକରି ପୋଲିସ ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ସେମାନେ ଏହି ଗଞ୍ଜେଇ ନାକାମାମୁଡି ଅଞ୍ଚଳରୁ ଆଣି ବିହାର ଚାଲାଣ କରୁଥିଲେ। କେସ୍ ନଂ. ୬/୨୧ରେ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି ବୋଲି ଥାନାଧିକାରୀ ସୌମେନ୍ଦୁ ତ୍ରିପାଠୀ କହିଛନ୍ତି। ଏହାର ତଦନ୍ତ କୃଷ୍ଣଚନ୍ଦ୍ର ଶାହା କରୁଛନ୍ତି। ସୂଚନାଯୋଗ୍ୟ ସେମାନେ ବ୍ୟବହାର କରୁଥିବା କାର୍ ନମ୍ବରରେ ଜାଲିଆତି କରିଛନ୍ତି। ଏହାର ପ୍ରକୃତ ନମ୍ବର (ଡିଏଲ୍ ୪ସି ଏଇ- ୭୫୬୦) ବୋଲି ଜଣାପଡିଛି।

## ଶକ୍ତି ବିଭାଗ ସଚିବଙ୍କୁ ସାନି ନୋଟିସ ଜାରି କଲେ ଏନ୍‌ଏଚ୍‌ଆରସି

ନବରଙ୍ଗପୁର,୯।୧(ବି.ପ୍ର.)

**ଦିଆଲୁ ଟାକ୍ରି ମୃତ୍ୟୁ ଘଟଣା**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ କୋଇଲିମୁଣ୍ଡା ଗାଁର ଚାଷୀ ଦିଆଲୁ ଟାକ୍ରିଙ୍କ ୨୦୨୦ ଜୁନ୍ ୧୫ରେ ନିଜ ଜମିରେ ଛିଣ୍ଡିପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିଲା। ଏ ନେଇ ମାନବାଧିକାର କର୍ମୀ ଦିଲୀପ କୁମାର ଦାଶ ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇ ଏ ନେଇ ଅଭିଯୋଗ କରିବା ସହ ଦିଆଲୁଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ଦାବି କରିଥିଲେ। ଏହାକୁ ଭିତ୍ତିକରି ୨୦୨୦ ଅକ୍ଟୋବର ୧୮ରେ ୧୬୯୫ ନଂ.ରେ ଏକ ମାମଲା ରୁଜୁ ହୋଇଥିଲା। ଜାତୀୟ ମାନବାଧିକାର କମିଶନ ଏହାର ବିଚାରକରି ୨୦୨୦ ଅଗଷ୍ଟ ୫ରେ ନୋଟିସ ଜାରି କରିଥିଲେ। ଏ ନେଇ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନବରଙ୍ଗପୁର ଜିଲାପାଳ, ଏସ୍‌ପି ଏବଂ ଶକ୍ତି ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଦ୍ୟାବଧି ଶକ୍ତି ବିଭାଗ ପକ୍ଷରୁ କୌଣସି ରିପୋର୍ଟ ଦାଖଲ ହୋଇ ନ ଥିବାରୁ ମାନବାଧିକାର କମିଶନ ପୁନର୍ବାର ଚଳିତ ମାସ ୮ ତାରିଖରେ ଶକ୍ତି ବିଭାଗ ସଚିବଙ୍କୁ ନୋଟିସ ଜାରି କରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ତାଗିଦ କରିଛନ୍ତି। ୪ ସପ୍ତାହ ମଧ୍ୟରେ ରିପୋର୍ଟ ନ ଦେଲେ ମାନବାଧିକାର ସୁରକ୍ଷା ଆଇନ ଧାରା ଅନୁଯାୟୀ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ୨୦୨୦ ଅଗଷ୍ଟ ୫ରେ କମିଶନଙ୍କ ନୋଟିସ ପାଇବା ପରେ ନବରଙ୍ଗପୁର ଜିଲାପାଳ ସେହି ମାସ ୧୨ ତାରିଖରେ ସାଉଥକୋ ନିର୍ବାହୀ ଯନ୍ତ୍ରୀଙ୍କୁ ରିପୋର୍ଟ ମାଗିଥିଲେ। ହେଲେ ସାଉଥ୍‌କୋ ପକ୍ଷରୁ ଏ ନେଇ କୌଣସି ରିପୋର୍ଟ ଦାଖଲ ହୋଇ ନ ଥିବାରୁ ମାନବାଧିକାର କମିଶନ ସାନି ନୋଟିସ ଜାରି କରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

## ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ

ଜୟପୁର, ୯।୧ (ନି.ପ୍ର.)

**୧୫,୬୫,୫୪୫ ଗଣିଲେ ଜରିମାନା**

ଲୁହାରଡ୍ ବୋଝେଇ କରି ନେଉଥିବା ବେଳେ ୩ଟି ଟ୍ରକ୍ ଉପରେ ଜୟପୁର ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଚଢାଉ କରିଛି । ଜିଏସ୍‌ଟି ଫାଙ୍କି ଥିବାରୁ ସେମାନଙ୍କଠାରୁ ମୋଟ ୧୫ ଲକ୍ଷ ୬୫ ହଜାର ୫୪୫ ଟଙ୍କା ଜରିମାନା ଆଦାୟ କରିଛି । ଟ୍ରକ୍ (ଏପି ୩୫ ଏକ୍ସ-୯୫୦୫)ରୁ ୫ ଲକ୍ଷ ୨୯ ହଜାର ୮୭୭ ଟଙ୍କା, ଟ୍ରକ୍ (ଓଡି ୧୦ ଜେ-୨୩୩୯)ରୁ ୫ ଲକ୍ଷ ୩୬ ହଜାର ୫୧ ଟଙ୍କା ଏବଂ ଟ୍ରକ୍ ( ଓଡି ୧୦ଡି-୯୩୩୨)ରୁ ୪ ଲକ୍ଷ ୯୯ ହଜାର ୬୧୭ ଟଙ୍କା ଜରିମାନା ଆଦାୟ କରାଯାଇଛି । ଆନ୍ଧ୍ର ପ୍ରଦେଶ ନମ୍ବର ଥିବା ଟ୍ରକ୍ ୨୪ ହଜାର ୯୨୦ କେଜି ରଡ୍ ନେଇ ମଦୁରୱାଡାରୁ ଛତିଶଗଡ଼ର ଭିଲାଇକୁ ଯାଉଥିଲା । ଏହାର ମୂଲ୍ୟ ୭ ଲକ୍ଷ ୭୯ ହଜାର ୨୩୧ ଟଙ୍କା ହେବ । ଏସ୍‌ଆଇ ଏଣ୍ଟରପ୍ରାଇଜେସ୍‌ର ରଡ୍ ବୋଲି କାଗଜପତ୍ର ଯାଞ୍ଚ ବେଳେ ଜଣାପଡ଼ିଥିଲା । ତେବେ ଏନେଇ ଜିଏସ୍‌ଟି କର୍ମଚାରୀ ଭୁବନେଶ୍ୱରସ୍ଥିତ ମୁଖ୍ୟାଳୟ ସହ ଆଲୋଚନାକରି ଯାଞ୍ଚ କରିବାରୁ ଏହା ନକଲି କାଗଜପତ୍ର ବୋଲି ଜଣାପଡିଥିଲା । ଏସ୍‌ଆଇ ଏଣ୍ଟରପ୍ରାଇଜେସ ନାମରେ କିଛି ଜିଏସ୍‌ଟିରେ ପଞ୍ଜୀକୃତ ନ ଥିବା ବିଭାଗ ଜାଣିବାକୁ ପାଇଥିଲା । ପରେ ଟ୍ରକ୍ ଡ୍ରାଇଭରଙ୍କୁ ପଚାରାଉଚରା କରିବାରୁ ସେ ଭୁବନେଶ୍ୱରର ସ୍ମୃତିରଞ୍ଜନ ସାହୁଙ୍କ ମାଧ୍ୟମରେ ଏହି ରଡ୍ ଚାଲାଣ କରୁଥିବା କହିଥିଲେ। ଏପରି ଭାବରେ ମଧ ଅନ୍ୟ ୨ଟି ଟ୍ରକ୍ ସେମିଳିଗୁଡ଼ାରୁ ରାୟପୁର ଲୁହାରଡ୍ ଚାଲାଣ ବେଳେ ସ୍କ୍ୱାଡ ଚଢ଼ାଉ କରି ଧରିଥିଲା।

## ୧୯ ବର୍ଷରୁ କମ୍ କ୍ରିକେଟ ଟିମ୍ ଚୟନ

ଜୟପୁର,୯।୧(ନି.ପ୍ର.)

ଜୟପୁର ବିକ୍ରମଦେବ ଷ୍ଟାଡିୟମଠାରେ ୧୯ବର୍ଷରୁ କମ୍ ବୟସର କ୍ରିକେଟ ଖେଳାଳି ଚୟନ ଶନିବାର ଆରମ୍ଭ ହୋଇଛି । ଏଥିରେ ଯୋଗ ଦେଇଥିବା ୮୦ ଜଣଙ୍କ ମଧ୍ୟରୁ ୩୦ଜଣ ଚୟନ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ପୁଣି ଖେଳାଳି ଚୟନ କରାଯିବ। ଏହା ପରେ ତାଲିକା ପ୍ରକାଶ ପାଇବ। ଚୟନକର୍ତ୍ତା ରୂପେ କମିଟିର ଅସିତ ଦାସ, ବାବୁଲା ରାଉତ, ବଳରାମ ପାଣିଗ୍ରାହୀ, ଦିଲୀପ କୁମାର ସ୍ୱାଇଁ, ଅନୁପ ପାତ୍ର, ରବି ନାୟକ, ୱାଇ. ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ । ୧୬ ବର୍ଷରୁ କମ୍ ବୟସର ଖେଳାଳିଙ୍କୁ ନେଇ କ୍ରିକେଟ ଟିମ୍ ରବିବାର ଚୟନ ହେବା କାର୍ଯ୍ୟକ୍ରମ ରହିଛି। ଚୟନ ସମୟରେ ବିଧାୟକ ତାରାପ୍ରସାଦ ବାହିନୀପତି ପହଞ୍ଚି ଚୟନ ପ୍ରକ୍ରିୟା ତଦାରଖ କରିଥିଲେ । କୋରାପୁଟ ଜିଲାର ୮୦ ଖେଳାଳି ଭାଗ ନେଇଥିଲେ ।

## ୨୭୧ କେଜି ଗଞ୍ଜେଇ ଜବତ, ୧ ଅଟକ

ରାୟଗଡ଼ା ଅଫିସ,୯।୧



ଜବତ ଗଞ୍ଜେଇ ।

ପରିବା ଗାଡ଼ିରେ ଗଞ୍ଜେଇ ଚାଲାଣବେଳେ ରାୟଗଡ଼ା ଟାଉନ ଥାନା ପୋଲିସ ୨୭୧.୭ କେଜି ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଅଟକ ରଖିଛି। ସେ ହେଲେ ବାଲେଶ୍ୱର ଜିଲାର ଅମରେନ୍ଦ୍ର ଦାଶ। ସୂଚନା ଅନୁଯାୟୀ, ଗଞ୍ଜେଇ ଚାଲାଣ ନେଇ ପୋଲିସ ଖବର ପାଇ ଶିରିକଣା ଛକରେ ଯାନବାହନ ଯାଞ୍ଚ କରିଥିଲା। ଏହି ସମୟରେ ଏକ ବୋଲେରୋ ପିକ୍‌ଅପ ଭ୍ୟାନ୍‌କୁ ସନ୍ଦେହରେ ଅଟକାଇ ଯାଞ୍ଚବେଳେ ସେଥିରୁ ୧୨ ବ୍ୟାଗ୍ ଗଞ୍ଜେଇ ବାହାରିଥିଲା। ଏହାର ମୂଲ୍ୟ ସାଢ଼େ ୧୩ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି । ଗଞ୍ଜେଇ ଚାଲାଣରେ ବ୍ୟବହୃତ ଗାଡ଼ି ଏବଂ ଅଟକ ବ୍ୟକ୍ତିଙ୍କ ମୋବାଇଲ ପୋଲିସ ଜବତ କରି ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି। ଏ ନେଇ ଟାଉନ୍ ଥାନାରେ ୭/୨୧ରେ ଏକ ମାମଲା ରୁଜୁ ହୋଇଛି।

## କୋଡ଼ିଙ୍ଗାମାଳି ସୁରକ୍ଷା ମଞ୍ଚ ଗଢ଼ି ଅର୍ଥ ଆଦାୟ ଅଭିଯୋଗ

ଦଶମନ୍ତପୁର, ୯।୧(ଡି.ଏନ୍.ଏ.)



ବିଜେଡି ପକ୍ଷରୁ କର୍ମକର୍ତ୍ତାମାନେ ଥାନା ସେକେଣ୍ଡ ଅଫିସରଙ୍କୁ ଅଭିଯୋଗପତ୍ର ଦେଉଛନ୍ତି।

**ବିରୋଧକରି ଥାନାରେ ଏତଲା ଦେଲା ବିଜେଡି**

ଲକ୍ଷ୍ମୀପୁର ବ୍ଲକ କୋଡ଼ିଙ୍ଗାମାଳି ଖଣି ଖନନ କାର୍ଯ୍ୟ ଜାରି ରହିଛି। କେତେଜଣ ବ୍ୟକ୍ତି କୋଡ଼ିଙ୍ଗାମାଳି ସୁରକ୍ଷା ମଞ୍ଚ ନାମରେ ଏକ ସଙ୍ଗଠନ ଗଢ଼ି ବିଭିନ୍ନ ସମୟରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଛନ୍ତି। ଏହାକୁ ବିରୋଧକରି ଶନିବାର କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ବିଜେଡି ପକ୍ଷରୁ ସ୍ଥାନୀୟ ଥାନାରେ ଏକ ଲିଖିତପତ୍ର ପ୍ରଦାନ କରାଯାଇଛି।

ଖବରରୁ ଜଣାପଡ଼ିଛି କୋଡ଼ିଙ୍ଗାମାଳିରେ ଓଏମ୍‌ସି ଖଣି ଖନନ ଦାୟିତ୍ୱ ନେଇଛି। ଏହା ଅଧୀନରେ ୩ ବର୍ଷ ହେଲା ମୈତ୍ରୀ କମ୍ପାନୀ ଏବଂ ମାଇନିଂ ଇଣ୍ଡିଆ ପ୍ରା.ଲି.ନାମରେ ୨ଟି ସଂସ୍ଥା କାର୍ଯ୍ୟ କରୁଛନ୍ତି। ଏହାଦ୍ୱାରା କୋଡ଼ିଙ୍ଗାମାଳି ଅଞ୍ଚଳର ୫ହଜାରରୁ ଊର୍ଦ୍ଧ୍ୱ ପରିବାର ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଭାବେ ଜୀବିକା ନିର୍ବାହ କରି ଆସୁଛନ୍ତି। ଏପରିସ୍ଥଳେ କେତେଜଣ ବ୍ୟକ୍ତି କୋଡ଼ିଙ୍ଗାମାଳି ସୁରକ୍ଷା ମଞ୍ଚ ନାଁରେ ସଂସ୍ଥା ଗଠନ କରି ଅଞ୍ଚଳବାସୀଙ୍କଠାରୁ ଜୋର ଜବରଦସ୍ତ ଅର୍ଥ ଆଦାୟ କରୁଛନ୍ତି। ଏହି ଦୁଇ ସଂସ୍ଥାରେ କାର୍ଯ୍ୟ କରୁଥିବା ଅଞ୍ଚଳର ଶ୍ରମିକଙ୍କୁ କାର୍ଯ୍ୟରୁ ବାହାର କରିବାକୁ ଯୋଜନା କରୁଛନ୍ତି। ଏହାକୁ ବ୍ଲକ୍ ବିଜେଡି ବିରୋଧକରି ଥାନାରେ ଲିଖିତ ଭାବେ ଜଣାଇଛି। ବ୍ଲକ ଉପାଧକ୍ଷ ନାରାୟଣ ବିଶୋୟୀଙ୍କ ନେତୃତ୍ୱରେ ଥାନା ସେକେଣ୍ଡ ଅଫିସର ବିଜୟକେତନ ପଣ୍ଡାଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ସମ୍ପାଦକ ସୁରେଶ ସୁବୁଦ୍ଧି, ମୁନା ଖରା, ଅନନ୍ତ ଖରା, ଅରୁଣ ରଥନାୟକ, ଜିଲା ପରିଷଦ ସଭ୍ୟ କହ୍ନେଇ ଜାନି, ମୋହନ ଭତ୍ରା, ମହେନ୍ଦ୍ର କୁଳଦୀପଙ୍କ ସମେତ ୨ ହଜାରରୁ ଊର୍ଦ୍ଧ୍ୱ କର୍ମୀ,କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆମ ଅଞ୍ଚଳର ଲୋକଙ୍କ ଜୀବନ ଜୀବିକାରେ କୌଣସି ସମସ୍ୟା ଉପୁଜିଲେ ଆବଶ୍ୟକ ହେଲେ ଆମେ ଜିଲାପାଳଙ୍କୁ ଭେଟିବୁ ବୋଲି ବିଶୋୟୀ କହିଛନ୍ତି।

## ସ୍ୱାମୀଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଲେ ସ୍ତ୍ରୀ

ଜୟପୁର,୯।୧(ନି.ପ୍ର. )

ଜୟପୁର ସଦରଥାନା ଅଞ୍ଚଳରେ ଗଞ୍ଜାମର ଜଣେ ପୁରୁଷ ଓ ଜଣେ ମହିଳା ଆସି ସ୍ୱାମୀ ସ୍ତ୍ରୀ ରୂପେ ୧୦ବର୍ଷ ଧରି ରହୁଥିଲେ। ତେବେ ସେ ଅନ୍ୟ ଜଣେ ମହିଳାଙ୍କ ସହ ସମ୍ପର୍କ ରଖି ସ୍ତ୍ରୀଙ୍କୁ ଗତ କିଛି ଦିନ ହେବ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଶୁକ୍ରବାର ମହିଳାଙ୍କ ନିକଟରେ ଥିବା ଦେଢ ଲକ୍ଷ ଟଙ୍କା ଚୋରି କରି ନେଇ ବ୍ୟକ୍ତିଜଣକ ଗଞ୍ଜାମକୁ ଚାଲିଯାଇଛନ୍ତି। ଏନେଇ ମହିଳା ଜଣକ ମହିଳା ଥାନାରେ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ବୋଲି ଏଏସଆଇ ଜାଗିଲି ଗମାଙ୍ଗ କହିଛନ୍ତି।

## ବୈପାରିଗୁଡ଼ା: ଧାନମଣ୍ଡିରେ ଅବ୍ୟବସ୍ଥା

ବୈପାରୀଗୁଡା,୯।୧(ଡି.ଏନ୍.ଏ.)

- ପଡ଼ି ରହିଛି ୫ ହଜାର କୁଇଣ୍ଟାଲ ଧାନ
- ଶୀତ କାକରରେ ଜଗିଛନ୍ତି ଚାଷୀ

ଶନିବାର ବୈପାରିଗୁଡ଼ା ଧାନମଣ୍ଡିରୁ ଧାନ ନ ଉଠିବା ନେଇ ଚାଷୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଟୋକନ୍ ପାଇଥିବା ଆଖପାଖ ଅଞ୍ଚଳର ଶତାଧିକ ଚାଷୀ ଶନିବାର ସକାଳୁ ବୈପାରିଗୁଡା ମଣ୍ଡିକୁ ଧାନ ଆଣିଥିଲେ । ଧାନ ଉଠାଇବାକୁ ଆସିଥିବା ଜଣେ ମାତ୍ର ମିଲର ତାଙ୍କ ହାତରେ କେବଳ ୫ଶହ ୫୭ କୁଇଣ୍ଟାଲ ଧାନ କିଣିବାକୁ ଥିବା କହି ଚାଲିଯାଇଥିଲେ । ଏ ସମ୍ପର୍କରେ ମଣ୍ଡି ପରିଚାଳନା କରୁଥିବା ଲ୍ୟାମ୍ପସର ଜଣେ କର୍ମଚାରୀଙ୍କୁ ପଚାରିବାରୁ ସେ କହିଲେ, ଟୋକନ୍ ପାଇଥିବା ସମସ୍ତ ଚାଷୀଙ୍କ ଧାନ ୧୫ ତାରିଖ ପର୍ଯ୍ୟନ୍ତ ମଣ୍ଡିରେ ଗଚ୍ଛିତ ରହିବ ବୋଲି ଉପର ସ୍ତରରୁ ନିର୍ଦ୍ଦେଶ ଆସିଛି। ଭୁବନେଶ୍ୱରରୁ ଏକ ସ୍କ୍ୱାଡ୍ ଜିଲାରେ ୯୦ ମଣ୍ଡି ବୁଲି ଦେଖି ରିପୋର୍ଟ ଦେବା ପରେ ଚାଷୀଙ୍କଠାରୁ ଧାନ କିଣିବା ନେଇ ସ୍ଥିର କରାଯିବ। ତେବେ ଏହି ସ୍କ୍ୱାଡ୍ କେବେ ଆସିବେ ତାହା ଜଣାପଡିନାହିଁ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ଚଳିତ ବର୍ଷ ଏଯାଏ ୧ ଲକ୍ଷ ୩୦ ହଜାର କୁଇଣ୍ଟାଲ ଧାନ ବ୍ଲକର ଚାଷୀଙ୍କଠାରୁ ଖରିଦ କରାଗଲାଣି । ଗତବର୍ଷ ୧ ଲକ୍ଷ ୭୪ ହଜାର କୁଇଣ୍ଟାଲ ଧାନ କିଣାଯାଇଥିଲା। ଗତବର୍ଷ ଅପେକ୍ଷା ଚଳିତବର୍ଷ ୪୪ ହଜାର କୁଇଣ୍ଟାଲ ଧାନ କମ୍ କିଣାଯାଇଛି।

## ମଣ୍ଡିକୁ ଆସୁନି, ମିଲ୍‌କୁ ଚାଲିଯାଉଛି ଧାନ

ବିଷମକଟକ,୯।୧

- ମିଲର, ଲ୍ୟାମ୍ପସ, ଆର୍‌ଏମ୍‌ସିର ସଲାସୁତରାରେ ଚାଲିଛି ମଣ୍ଡି
- ଚାଷୀଙ୍କ ସମସ୍ୟା ଶୁଣିବାକୁ ମଣ୍ଡିରେ ରହୁନାହାନ୍ତି ଉଚ୍ଚ କର୍ତ୍ତୃପକ୍ଷ
- ମଣ୍ଡିକୁ ଯିବା ଆଗରୁ ମିଲର କମ୍ ଦରରେ କିଣୁଛନ୍ତି ଧାନ



ମିଲ୍‌କୁ ପଠାଯାଉଥିବା ଧାନ ।

ରାୟଗଡ଼ା ଜିଲା ବିଷମକଟକ ବ୍ଲକରେ ମଣ୍ଡି ବ୍ୟବସ୍ଥାରେ କୌଣସି ସୁଧାର ନ ଥିବା ଅଭିଯୋଗ ହୋଇଛି। ଉଚ୍ଚ କର୍ତ୍ତୃପକ୍ଷ ମଣ୍ଡି ପରିଦର୍ଶନ କରୁ ନ ଥିବାରୁ ମିଲରମାନେ ଚାଷୀଙ୍କଠାରୁ କମ୍ ଟଙ୍କାରେ ଧାନ କିଣି ସରକାରୀ ମୂଲ୍ୟରେ ମଣ୍ଡିରେ ବିକ୍ରି କରି ମାଲାମାଲ ହେଉଛନ୍ତି। ଅନ୍ୟପକ୍ଷରେ ମଣ୍ଡିରେ ଟୋକନ୍ ନ ମିଳିବା ଏବଂ ଅନ୍ୟ ସମସ୍ୟା ଯୋଗୁ ଚାଷୀ କମ୍ ଦରରେ ମିଲରଙ୍କୁ ଧାନ ବିକ୍ରି କରିବାକୁ ବାଧ ହେଉଥିବା କହିଛନ୍ତି। ମଣ୍ଡିକୁ କମ୍ ପରିମାଣରେ ଧାନ ଆସୁଥିବାବେଳେ ମିଲରମାନେ ବେନିୟମଭାବେ ଚାଷୀଙ୍କଠାରୁ ସରକାରୀ ମୂଲ୍ୟଠାରୁ କମ୍ ଦରରେ ଧାନ କିଣୁଛନ୍ତି। ମିଲର, ଲ୍ୟାମ୍ପସ ଏବଂ ଆର୍‌ଏମ୍‌ସିର ମିଳିତ ସଲାସୁତରାରେ ଧାନ ମଣ୍ଡିକୁ ଯିବା ପୂର୍ବରୁ ମିଲ୍‌କୁ ଚାଲିଯାଉଥିବାବେଳେ ମଣ୍ଡିରେ ଅଧିକ ଧାନ କିଣାଯାଉଥିବା ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଭୁଲ୍ ତଥ୍ୟ ଦିଆଯାଉଥିବା ଚାଷୀ ଅଭିଯୋଗ ଆସୁଛି। ସୂଚନାଯୋଗ୍ୟ, ବ୍ଲକରେ ଧାନ କ୍ରୟ ନିମନ୍ତେ ଲ୍ୟାମ୍ପସକୁ ଦାୟିତ୍ୱ ଦିଆଯାଇଛି। ରବିବାର ବ୍ୟତୀତ ଅନ୍ୟ ସମସ୍ତ ଦିନରେ ବିଭିନ୍ନ ସ୍ଥାନରେ ମଣ୍ଡି ଖୋଲି ଧାନ କ୍ରୟ କରାଯାଉଥିବା ଦର୍ଶାଯାଉଛି। କିନ୍ତୁ ଚାଷୀ ମଣ୍ଡିକୁ ଧାନ ନେଇ ଗଲେ ସେମାନଙ୍କୁ ଦୀର୍ଘ ସମୟ ଧରି ଅପେକ୍ଷା କରାଯାଉଛି ଏବଂ ଅନେକ ଚାଷୀଙ୍କୁ ଠିକ୍ ସମୟରେ ଟୋକନ ଦିଆଯାଉ ନ ଥିବାରୁ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହେଲେ ମଣ୍ଡିକୁ ଲ୍ୟାମ୍ପସ ଏବଂ ମିଲରଙ୍କ ବ୍ୟତୀତ ଅନ୍ୟ କୌଣସି ଅଧିକାରୀ ତଥା ଉଚ୍ଚ କର୍ତ୍ତୃପକ୍ଷ ଆସୁ ନ ଥିବାରୁ ଚାଷୀ ନିଜ ସମସ୍ୟା ଜଣାଇବାରେ ବିଫଳ ହେଉଥିବା ସେମାନେ କହିଛନ୍ତି।

ଏହାର ସୁଯୋଗ ନେଇ ମିଲରମାନେ ବିଭିନ୍ନ ଆଳ ଦେଖାଇ ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ୨ଶହରୁ ୩ଶହ ଟଙ୍କା କମ୍ ଦରରେ ବିକ୍ରି କରିବାକୁ ବାଧ କରୁଛନ୍ତି। ଏଥିରେ ରାଜି ନ ହେଲେ କ୍ରୟକାରୀ ସଂସ୍ଥା ମଧ ଧାନ କିଣିବାକୁ ରାଜି ହେଉନାହାନ୍ତି। ଫଳରେ ଚାଷୀ ଅନ୍ୟ ଉପାୟ ନ ପାଇ କମ୍ ଦରରେ ଧାନ ବିକ୍ରି କରୁଛନ୍ତି। ଏହା ଦେଖି ଅନ୍ୟ ଚାଷୀମାନେ ମଧ ମଣ୍ଡିକୁ ଧାନ ଆଣିବା ପାଇଁ ମନଉଣା କରୁଥିବାବେଳେ କ୍ରୟକାରୀ ସଂସ୍ଥା ହଜାର ହଜାର କୁଇଣ୍ଟାଲ ଧାନ କିଣୁଥିବା ଦର୍ଶାଇ ଲାଭବାନ ହେଉଛି। ମଣ୍ଡି ପରିଚାଳନା ବାବଦ ଖର୍ଚ୍ଚ ଏବଂ ଧାନ ମିଲ୍‌କୁ ନେବା ପାଇଁ ରାଜ୍ୟ ସରକାର କୁଇଣ୍ଟାଲ ପିଛା ପରିବହନ ଖର୍ଚ୍ଚ ମଧ ଦେଉଛନ୍ତି। କିନ୍ତୁ ବାସ୍ତବରେ ମଣ୍ଡିକୁ ଧାନ ନ ଆସି ମଧ ମିଳିତ ସଲାସୁତରାରେ ବାହାରୁ ହିଁ କାରବାର କରାଯାଉଛି। କିନ୍ତୁ ମଣ୍ଡିରେ ଧାନ କିଣାଯାଉଥିବା ନେଇ ଅନ୍‌ଲାଇନରେ ମିଥ୍ୟା ତଥ୍ୟ ଦିଆଯାଉଛି ବୋଲି ଚାଷୀଙ୍କ ମଧ୍ୟରେ ଅଭିଯୋଗ ହେଉଛି। ତେବେ ମଣ୍ଡିକୁ କେତେ ଧାନ ଆସୁଛି ଏବଂ କେତେଜଣ ଚାଷୀ ଧାନ ବିକ୍ରି କରିଛନ୍ତି, ସେ ନେଇ ପଚାରିଲେ କ୍ରୟକାରୀ ସଂସ୍ଥା ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମଧ ଦିଆଯାଉନାହିଁ। ଶୁକ୍ରବାର ହାଟମୁନିଗୁଡା ଧାନମଣ୍ଡିକୁ ମାତ୍ର ୭ଟି ଟ୍ରାକ୍ଟର ଏବଂ ପିକ୍‌ଅପରେ ଧାନ ଆସିଥିବାବେଳେ ଏହାଠାରୁ ଯଥେଷ୍ଟ ଅଧିକ ଧାନ କ୍ରୟ କରାଯାଇଥିବା ଦର୍ଶାଯାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏ ନେଇ ଜିଲା ସମବାୟ ସଂସ୍ଥା ଅଧିକାରୀ ପ୍ରମୋଦ କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଯଦି ମଣ୍ଡିକୁ ଧାନ ନ ଆସି କ୍ରୟକାରୀ ସଂସ୍ଥା ଧାନ କ୍ରୟ କରୁଛି, ତାହା ସମ୍ପୂର୍ଣ୍ଣ ବେନିୟମ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଲ୍ୟାମ୍ପସ ଏମ୍‌ଡି ଧାନ ବୋଝେଇ ଗାଡ଼ିର ଫଟୋ କିପରି ପଠାଉଛନ୍ତି ସେ ନେଇ ତଦନ୍ତ କରାଯିବ। ଅଭିଯୋଗ ସତ ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସୁପାରିସ କରାଯିବ ବୋଲି ସେ କହିଛନ୍ତି।

## ଆନ୍ଧ୍ର- ଓଡ଼ିଶା ସୀମାନ୍ତରେ ଅବକାରୀ ଚଢ଼ାଉ

କୋରାପୁଟ,୯।୧(ସ୍ୱ.ପ୍ର.)

ଆନ୍ଧ୍ର- ଓଡ଼ିଶା ସୀମାନ୍ତ କୋରାପୁଟ ଜିଲାର ବନ୍ଧୁଗାଁ ଓ ନାରାୟଣପାଟଣା ବ୍ଲକରେ ବ୍ୟାପକ ପରିମାଣରେ ଦେଶୀ ମଦ ରନ୍ଧା ହୋଇ ଚୋରାଚାଲାଣ ହେଉଥିବା ଅଭିଯୋଗ ପରେ କୋରାପୁଟ ଜିଲାପାଳ ଓ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଶନିବାର ଚଢାଉ କରିଥିଲେ। ଉଭୟ ରାଜ୍ୟର ଅବାକରୀ ବିଭାଗ କର୍ମଚାରୀ ଉପରୋକ୍ତ ଦୁଇ ବ୍ଲକର ବିଭିନ୍ନ ଗ୍ରାମରେ ମିଳିତ ଚଢାଉ କରି ମଦ ଜବତ କରିବା ସହ ପୋଚ ନଷ୍ଟ କରିଥିଲେ। ସେହିପରି ଅନ୍ୟ ଏକ ମାମଲାରେ ଅବକାରୀ ବିଭାଗ ଚଢାଉ କରି ମଦ ସହ ୨ଟି ବାଇକ ଜବତ କରିଛି। ଏଥିରେ ଜଡିତ ୨ଜଣଙ୍କୁ ଗିରଫ କରାଯାଇଛି। ଚଢାଉରେ ଅତିରିକ୍ତ ଜିଲା ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡି, ଅବକାରୀ ନିରୀକ୍ଷକ ତେଜରାଜ ଜାନି, ଲକ୍ଷ୍ମୀପୁର ଭାରପ୍ରାପ୍ତ ଅବକାରୀ ନିରୀକ୍ଷକ ଉଷାବତୀ ଗୌଡ, ନାରାୟଣପାଟଣାର ଭାରପ୍ରାପ୍ତ ଅବକାରୀ ନିରୀକ୍ଷକ ଦୟାନନ୍ଦ ସାଆନ୍ତାଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

**ରୋଗୀ ଅଧିକାର ସଚେତନତା ଅଭିଯାନ**

ମାଲକାନଗିରି,(ଡି.ଏନ୍.ଏ.)- ମାଲକାନଗିରି ଜିଲାରେ ରୋଗୀ ଅଧିକାର ସଚେତନତା ଅଭିଯାନ ଅକ୍ସଫାମ ସହାୟତାରେ ହାର୍ମୋନି ପକ୍ଷରୁ ଚାଲୁରହିଛି। ଏହି ପରିପ୍ରେକ୍ଷୀରେ କାଲିମେଲା ବ୍ଲକର ଏମଭି- ୧୦୭,ଚେଲିଗୁଡା ମାଲକାଗିରି ବ୍ଲକର ଗୋରାଖୁଣ୍ଟା ଓ କୃଷ୍ଣିଓାଡା ଗ୍ରାମରେ ରୋଗୀ ଅଧିକାର ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ହାର୍ମୋନିର ସମ୍ପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀ,ଗୋରାଖୁଣ୍ଟା ସରପଞ୍ଚ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ଚାଇଲ୍ଡ ଲାଇନ ଟିମ ଲିଡର୍ କୋରା ମିସାଇଲ ରାଜୁ ପ୍ରମୁଖ ଉପସ୍ଥିତ ଥିଲେ !

## ସଂକ୍ଷେପରେ

### ମୁନିଗୁଡ଼ାରେ ବିଏସ୍ଏନ୍ଏଲ୍ ନେଟ୍ୱର୍କ ସମସ୍ୟା

ମୁନିଗୁଡ଼ା,୯।୧(ଡି.ଏନ୍.ଏ.)- ମୁନିଗୁଡ଼ାରେ ବିଏସ୍ଏନ୍ଏଲ୍ ନେଟ୍ୱର୍କ ସମସ୍ୟା ଲାଗିରହିଛି। ବାରମ୍ବାର ନେଟ୍ୱର୍କ ସମସ୍ୟା ଯୋଗୁ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଶୁକ୍ରବାର ଦିନତମାମ ନେଟୱର୍କ ନ ଥିବା ଯୋଗୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ମୋବାଇଲରେ କଥାବାର୍ତ୍ତା ହେବାରେ ସମସ୍ୟା ସହ ବ୍ୟାଙ୍କ କାରବାର, ସରକାରୀ ଓ ବେସରକାରୀ ଅନୁଷ୍ଠାନରେ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। ତେବେ ଏହା ଦିନକର ସମସ୍ୟା ନୁହେଁ। ଅନେକ ସମୟରେ ଅଞ୍ଚଳରେ ଏପରି ସମସ୍ୟା ଯୋଗୁ ସର୍ବ ପୁରାତନ ଏହି ସଂସ୍ଥା ଉପରେ ଅଞ୍ଚଳବାସୀଙ୍କ ଆସ୍ଥା ତୁଟିବାରେ ଲାଗିଛି। ତେଣୁ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

### ଜଳିଗଲା ଧାନଗଦା

କୋଡ଼ିଙ୍ଗା,୯।୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା କୋଡ଼ିଙ୍ଗା ପଞ୍ଚାୟତ ଗୁଡ଼ାସାହିରେ ଶନିବାର ଏକ ଧାନଗଦାରେ ନିଆଁଲାଗି ଜଳିଯାଇଛି। ସୂଚନା ଅନୁଯାୟୀ ଗାଁର ଯୁଗଧର ବିଶୋୟୀ ଚଳିତ ବର୍ଷ ୨ ଏକର ଜମିରେ ଧାନ ଚାଷ କରିଥିଲେ। ଅମଳ ଧାନକୁ ସେ ନିକଟସ୍ଥ ଖଳାରେ ଗଦାଇଥିଲେ। ତେବେ ସନ୍ଧ୍ୟାରେ ଧାନରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଗାଁ ଲୋକେ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। କୋଷାଗୁମୁଡ଼ା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବର୍ଷକର ଧାନ ଜଳିଯାଇଥିବାରୁ ଯୁଗଧର ହତାଶ ହୋଇପଡ଼ିଛନ୍ତି। କ୍ଷୟକ୍ଷତି ଆକଳନ କରି ତାଙ୍କୁ ସହାୟତା ଯୋଗାଇଦେବାକୁ ଗ୍ରାମାବସୀ ଦାବି କରିଛନ୍ତି।

### ଓଡ଼ିଶାରେ ପ୍ରଥମ ଡ଼ିଇଏଫ ମେଶିନର ଶୁଭାରମ୍ଭ

ବୋରିଗୁମ୍ମା,୯।୧ (ଡି.ଏନ.ଏ.)- କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ବଣ୍ଡାଗୁଡସ୍ଥିତ ପ୍ରଶାନ୍ତି ଫିଲିଙ୍ଗ ଷ୍ଟେସନ ରେ ଓଡ଼ିଶା ର ପ୍ରଥମ ଡ଼ିଇଏଫ ମେଶିନ ଉଦଘାଟିତ ହୋଇଛି। ଏହି ମେଶନକୁ ଇଣ୍ଡିଆନ ଅଏଲର ଗ୍ରାହକ ଦିବସ ଅବସରରେ ଶନିବାର କମ୍ପାନୀର ଇଞ୍ଜିନିୟର ଆର.ଏସ.ଏମ. ମେହେନ୍ଦି ହୁସେନ,ଏଏସଏମ ଶୁଭମ ସିଂ ଏବଂ ପ୍ରଖର ଭଞ୍ଜ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଏସ -୬ ଚାରିଚକିଆରୁ ଉର୍ଦ୍ଧ୍ୱ ଯାନରେ ଡିଜେଲ ବ୍ୟତୀତ ଡ଼ିଇଏଫ ଅଏଲର ଆବଶ୍ୟକ ହୋଇଥାଏ। ଏହାକୁ ଡିଇଏଫ ମେଶିନ ସାହାଯ୍ୟରେ ଗାଡିରେ ଭରାଯାଏ। ଓଡ଼ିଶାରେ ଏହି ମେଶିନ ବୋରିଗୁମ୍ମାରେ ପ୍ରଥମ କରି ଶୁଭାରମ୍ଭ କରାଗଲା ବୋଲି ହୁସେନ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଶାନ୍ତି ଫିଲିଙ୍ଗ ଷ୍ଟେସନର ସତ୍ତ୍ୱାଧିକାରୀ ରଙ୍ଗନାଥ ମିଶ୍ର, ଭୀଷ୍ମ ପୁଜାରୀ, ଜନକ ଶର୍ମା, ସନ୍ତୋଷ କୁମାର ନାୟକ,ରଞ୍ଜନ ସାମନ୍ତରାୟ ,ସବରିଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

### ଜେଲ୍ ଅନ୍ତେବାସୀଙ୍କ ପ୍ରସ୍ତୁତ ସାମଗ୍ରୀ ବିକ୍ରି ପାଇଁ ପଦକ୍ଷେପ

ଜୟପୁର,୯।୧( ନି.ପ୍ର. )-ଜୟପୁର ସବ୍‌ଜେଲରେ ଥିବା ଅନ୍ତେବାସୀଙ୍କ ମାନସିକ ସନ୍ତୁଳନ ଠିକ ରଖିବା ଏବଂ ବନ୍ଦୀ ଜୀବନ କାଟି ଜେଲରୁ ବାହାରିବା ପରେ ନିଜେ ରୋଜଗାରକ୍ଷମ ହେବାପାଇଁ ଜେଲ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଅନ୍ତେବାସୀଙ୍କ ଦ୍ୱାରା ଜେଲ ମଧ୍ୟରେ ପ୍ରସ୍ତୁତ ହେଉଥିବା ବିଭିନ୍ନ ସାମଗ୍ରୀକୁ ସର୍ବସାଧାରଣଙ୍କ ବିକ୍ରି ଲାଗି ଡିଜିପି ସନ୍ତୋଷ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶରେ ଶନିବାର ଏକ କାଉଣ୍ଟର ଖୋଲାଯାଇଛି। ଜେଲ ସୁପରିଟେଣ୍ଡେଣ୍ଟ ଲଲାଟେନ୍ଦୁ ଭୂଷଣ ଦାସଙ୍କ ତତ୍ତ୍ୱାଧାନରେ ସବ୍‌ଜେଲର ଅନ୍ତେବାସୀମାନେ ହଳଦୀ ଗୁଣ୍ଡ, ଅଟା, ବେସନ ପ୍ରସ୍ତୁତ କରୁଛନ୍ତି। ମହିଳା ଅନ୍ତୋବାସୀମାନେ ଝାଡୁ ପ୍ରସ୍ତୁତ କରୁଛନ୍ତି।

### ୩ ଗୁରୁତର ରୋଗୀଙ୍କୁ ରକ୍ତଦେଇ ଜୀବନ ବଞ୍ଚାଇଲେ ୩ ସିପାହି

କୋରାପୁଟ,୯/୧(ସ୍ୱ.ପ୍ର) କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ୩ ଗୁରୁତର ରୋଗୀଙ୍କୁ ନିଜ ରକ୍ତ ଦେଇ ସେମାନଙ୍କ ଜୀବନ ବଞ୍ଚାଇଛନ୍ତି ୩ ଜଣ ଓଏସଏପି ତୃତୀୟ ବାଟାଲିୟନର ସିପାହୀ। ସିପାହି ସଂଗ୍ରାମ ମଲ୍ଲିକ, ବିଶ୍ୱଜିତ ସାହୁ, ନରେଶ ଚନ୍ଦ୍ର ରାଉତରାୟଙ୍କ ଏହି କାର୍ଯ୍ୟ ପାଇଁ ସେମାନଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ମେଡିକାଲ କଲେଜ ଓ ହସ୍ପିଟାଲରେ ସିକଲିନ ରୋଗରେ ପଡି ଚିକିତ୍ସିତ ହେଉଥିବା ନାରାୟଣପାଟଣାର ଜଣେ ୯ ବର୍ଷର ବାଳକ, କୋରାପୁଟ ପରଜାପଣ୍ଡି ଗ୍ରାମର ୧୬ ବର୍ଷର ବବିତା ଜାନି ଏବଂ ନବରଙ୍ଗପୁର ଜିଲା ପାପଡାହାଣ୍ଡି ଅଞ୍ଚଳର ହୃଦରୋଗୀ ୫୦ ବର୍ଷର ରଙ୍କନିଧି ମହାକୁଡଙ୍କୁ ଉପରୋକ୍ତ ୩ ସିପାହୀ ନିଜ ରକ୍ତ ଦେଇ ସେମାନଙ୍କ ଜୀବନ ବଞ୍ଚାଇଛନ୍ତି।

# ବ୍ରହ୍ମପୁରରୁ ଚନ୍ଦାହାଣ୍ଡିକୁ ଗଡୁନି ସରକାରୀ ବସ୍

ଝରିଗାଁ,୯।୧(ସ୍ୱ.ପ୍ର.)




- ୩ ବର୍ଷ ତଳେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ସେବା
- ବିଭିନ୍ନ ଆଳ ଦେଖାଉଛି ବିଭାଗ

ରାଜ୍ୟ ସରକାର ଲୋକଙ୍କ ସୁବିଧା ପାଇଁ ଅନେକ ଯୋଜନା କରୁଛନ୍ତି। ହେଲେ ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହୋଇପାରୁ ନ ଥିବା ଦେଖାଯାଉଛି। ରାଜ୍ୟ ସଡ଼କ ପରିବହନ ନିଗମ(ଓଏସ୍ଆର୍‌ଟିସି) କ୍ଷେତ୍ରରେ ଦେଖିବାକୁ ମିଳିଛି ସମାନ ଘଟଣା। ୨୦୦୮ ମସିହାରୁ ରାଜ୍ୟ ସଡ଼କ ପରିବହନ ନିଗମ ଦ୍ୱାରା ବ୍ରହ୍ମପୁରଠାରୁ ଚନ୍ଦାହାଣ୍ଡିକୁ ବସ୍ ଚଳାଚଳ ନିମନ୍ତେ ରୁଟ୍ ପରମିଟ୍ ମିଳିଥିଲେ ମଧ୍ୟ ସମ୍ପୃକ୍ତ ବିଭାଗ ବସ୍ ଚଳାଇବାରେ ଅସମର୍ଥ ହୋଇଥିଲା। ଏହାପରେ ୨୦୧୭ରେ ତତ୍କାଳୀନ ରାଜ୍ୟ ପରିବହନ ମନ୍ତ୍ରୀ ତଥା ଏବେକାର ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କ ପ୍ରଚେଷ୍ଟାରେ ଏହି ରୁଟ୍‌ରେ ବସ୍ ଚଳାଚଳ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୭ ମେ ୬ରେ ବ୍ରହ୍ମପୁରରୁ ଚନ୍ଦାହାଣ୍ଡିକୁ ନୂତନ ଶୀତତାପ ନିୟନ୍ତ୍ରିତ(ଏସି)ବସ୍ ସେବାର ଶୁଭାରମ୍ଭ କରିଥିଲେ। ହେଲେ ବସ୍‌ଟି ବ୍ରହ୍ମପୁରରୁ ରାତି ୯ଟା ୪୫ରେ ବାହାରି ସକାଳ ପ୍ରାୟ ୧୦ଟାରେ ଉମରକୋଟରେ ପହଞ୍ଚିଥିଲେ ମଧ୍ୟ ଚନ୍ଦାହାଣ୍ଡିକୁ ବସ୍ ଚଳାଚଳ କରି ନ ଥିଲା; ଯଦ୍ୱାରା ଚନ୍ଦାହାଣ୍ଡି ଏବଂ ଝରିଗାଁ ବ୍ଲକ୍‌ର ଲୋକେ ବ୍ରହ୍ମପୁରରୁ ଆସି ଉମରକୋଟରେ ପହଞ୍ଚିବା ପରେ ପୁଣି ଅନ୍ୟ ଗାଡ଼ିରେ ଯିବାକୁ ବାଧ୍ୟ ହେଉଛନ୍ତି। କେତେଜଣ ଯାତ୍ରୀ ତତ୍କାଳୀନ ପରିବହନ ମନ୍ତ୍ରୀ ଏବଂ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଏ ବିଷୟରେ ଜଣାଇବା ପରେ ଉକ୍ତ ବସ୍‌ଟି ଚନ୍ଦାହାଣ୍ଡି ଅଭିମୁଖେ ଗଡ଼ିଥିଲା। ମାତ୍ର କିଛିଦିନ ପରେ ରାସ୍ତା ଖରାପ, କମ୍ ଯାତ୍ରୀ, ମାଓବାଦୀ ସପ୍ତାହ ଆଦି ଆଳରେ ବସ୍ ଚଳାଚଳ ବନ୍ଦ ହୋଇଥିଲା।

ବସ୍ ସେବା ଶୁଭାରମ୍ଭର ଏହା ମଧ୍ୟରେ ୩ ବର୍ଷ ବିତିଯାଇଥିଲେ ମଧ୍ୟ ବସ୍ ଚଳାଚଳ ନ କରିବାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଗଞ୍ଜାମ ଜିଲାର ଅଧିକ ସଂଖ୍ୟକ ଲୋକ ଝରିଗାଁ ଏବଂ ଚନ୍ଦାହାଣ୍ଡି ବ୍ଲକ୍‌ରେ ବସବାସ କରୁଛନ୍ତି। ତେଣୁ ସେମାନଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏପରିକି ଉଚ୍ଚଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ପାଇଁ ମଧ୍ୟ ଏଠାକାର ଛାତ୍ରୀଛାତ୍ର ଓ ଜନସାଧାରଣ ବ୍ରହ୍ମପୁର ଉପରେ ନିର୍ଭରଶୀଳ। ହେଲେ ବସ୍ ଚଳାଚଳ ବନ୍ଦ ହେବାପରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ବସ୍ ଚଳାଚଳ ବନ୍ଦ ନେଇ ଅବଗତ ନ ଥିବା ଲୋକେ ଅନ୍‌ଲାଇନରେ ଟିକେଟ ବୁକିଂ ସମୟରେ ଝରିଗାଁ ଏବଂ ଚନ୍ଦାହାଣ୍ଡିକୁ ଟିକେଟ କରୁଛନ୍ତି। ହେଲେ ବସ୍‌ଟି ଉମରକୋଟରେ ଯାତ୍ରୀଙ୍କୁ ଓହ୍ଲାଇ ଚାଲିଯାଉଛି। ଏହା ବାବଦରେ ବଳକା ଟଙ୍କା ମଧ୍ୟ ଯାତ୍ରୀଙ୍କୁ ମିଳୁନି। ଇତିମଧ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଉମରକୋଟଠାରୁ ଚନ୍ଦାହାଣ୍ଡି ପର୍ଯ୍ୟନ୍ତ ପ୍ରାୟ ୭୦ କୋଟି ଟଙ୍କା ବ୍ୟୟରେ ଦୁଇ ଲାଇନ ବିଶିଷ୍ଟ ନୂତନ ରାସ୍ତା ନିର୍ମାଣ ସରିଛି। ତେଣୁ ବସ୍ ଚଳାଚଳରେ କୌଣସି ସମସ୍ୟାର ମଧ୍ୟ ଆଶଙ୍କା ନାହିଁ। ଶୀଘ୍ର ଚନ୍ଦାହାଣ୍ଡିକୁ ବସ୍ ଚଳାଚଳ ପାଇଁ ଦାବି ହେଉଛି।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ କର୍ମଶାଳା

ଗୁଣପୁର,୯।୧(ଡି.ଏନ୍.ଏ.)–

**କୋଭିଡ୍-୧୯ର ସଫଳ ମୁକାବିଲା ନେଇ ଆଲୋଚନା**

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର କୋଭିଡ-୧୯ ବିଷୟକୁ ନେଇ ଅନ୍ତର୍ଜାତୀୟ କର୍ମଶାଳା ଅନ୍‌ଲାଇନ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଜୈବ ପ୍ରଯୁକ୍ତି ବିଭାଗ ପକ୍ଷରୁ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ନୂଆଦିଲ୍ଲୀସ୍ଥିତ ନାକ୍‌ର ଅଧ୍ୟକ୍ଷ ପଦ୍ମଶ୍ରୀ ପ୍ରଫେସର ଭି.ଏସ. ଚୌହାନ ଯୋଗଦେଇ କୋଭିଡ୍ ଭୂତାଣୁର ବିଭିନ୍ନ ରୂପ, ଏହାର ଭୟାବହତା ଏବଂ ସଫଳ ମୁକାବିଲା ବିଷୟରେ ଆଲୋକପାତ କରିଥିଲେ। ସେହିପରି ସମ୍ମାନିତ ଅତିଥି ରୂପେ ତାଇୱାନସ୍ଥିତ ଜାତୀୟ ଚଙ୍ଗଚେଙ୍ଗ ବିଶ୍ୱବିଦ୍ୟାଳୟର ପ୍ରଫେସର ୱେନ୍. ଚିନ୍ ଲି ଅଂଶଗ୍ରହଣ କରି କରୋନା ସମୟରେ ବିଶ୍ୱବିଦ୍ୟାଳୟର ଭୂମିକା ଉପରେ ଆଲୋକପାତ କରିଥିଲେ। ଜିଆଇଇଟି ବିଶ୍ୱବିଦ୍ୟାଳୟର ଉପସଭାପତି ଚନ୍ଦ୍ରଧ୍ୱଜ ପଣ୍ଡା, କୁଳପତି ଗୌତମ ଘୋଷ, ମହା ନିର୍ଦ୍ଦେଶକ ଜଗଦିଶ ପଣ୍ଡା, ରେଜିଷ୍ଟ୍ରାର ଏନ.ଭି. ଜେରା ଓ ସମସ୍ତ ବିଭାଗର ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ସାମିଲ ଥିଲେ। ଡିନ୍ ଗବେଷଣା ପ୍ରଫେସର ଜେ.ବି.ଭି. ସୁବ୍ରମଣ୍ୟମ୍ ସ୍ୱାଗତ ଭାଷଣ ରଖିଥିବାବେଳେ ଆବାହକ ମନୋଜ ଦାସ ଧନ୍ୟବାଦ ଦେଇଥିଲେ। ଏଥିରେ ଦେଶ ଏବଂ ବିଦେଶର ଅନେକ ଛାତ୍ରୀଛାତ୍ର, ଗବେଷକ, ଶିକ୍ଷାବିତ୍ ଅଂଶଗ୍ରହଣ କରି ସନ୍ଦର୍ଭ ପାଠ କରିଥିଲେ। ୟୁକେସ୍ଥିତ ଅଷ୍ଟୋନ ବିଶ୍ୱବିଦ୍ୟାଳୟର ପ୍ରଫେସର ଅମିତ୍ ଚଟ୍ଟୋପାଧ୍ୟାୟ, ଭିଏତନାମ୍‌ର ପ୍ରଫେସର ନିୟୁଙ୍ଗ ହାଙ୍ଗ, ବାଂଲାଦେଶ ଢାକା ବିଶ୍ୱବିଦ୍ୟାଳୟର ପ୍ରଫେସର ,ସି.ଆର୍. ଆସନ, ଆଇଆଇଟି ନୂଆଦିଲୀର ପ୍ରଫେସର ଡି. ସନ୍ଦର ଏବଂ ନୂଆଦିଲ୍ଲୀସ୍ଥିତ ଲାଇଫ୍‌କେୟାର ଇନୋଭଶନ ପ୍ରାଇଭେଟ ଲିମିଟେଡ୍‌ର ପ୍ରତିଷ୍ଠାତା ଜିତେନ୍ଦ୍ର ଏନ୍. ବର୍ମା ଅଂଶଗ୍ରହଣ କରିଥିଲେ।

# ଦାବି ପୂରଣ ନ ହେଲେ ଟିକା ନେବୁନି



ସଂଘ ପକ୍ଷରୁ ଦାବିପତ୍ର ଦିଆଯାଉଛି।

ପାପଡ଼ାହାଣ୍ଡି,୯।୧,(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମୀମାନେ ବିଭିନ୍ନ ଦାବି ନେଇ ନବରଙ୍ଗପୁର ସିଡିଏମ୍‌ଓଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଶନିବାର ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ପ୍ରିୟରଞ୍ଜନ ବାହାଲିଙ୍କୁ ପ୍ରଦାନ କରିଛନ୍ତି। ରାଜ୍ୟର ମହିଳା ଓ ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ ଏବଂ ସ୍ୱାସ୍ଥ୍ୟ ପରିଦର୍ଶକ ସଂଘର ୧୫ଶହ ସ୍ୱାସ୍ଥ୍ୟ କର୍ମୀ କରେନା ସମୟରେ ଜୀବନକୁ ବାଜି ଲଗାଇ ସେବା ଯୋଗାଇଥିଲେ। ଏବେ ସରକାର ସେମାନଙ୍କୁ ଅଣଦେଖା କରିବା ସହ ଅବହେଳା ପ୍ରଦର୍ଶନ କରିଛନ୍ତି। ତେଣୁ ସ୍ୱାସ୍ଥ୍ୟ କର୍ମୀମାନେ ଏହାର ପ୍ରତିବାଦ କରିଛନ୍ତି। ସରକାର ଡାକ୍ତର ଓ ଷ୍ଟାଫ ନର୍ସମାନଙ୍କୁ ପଦୋନ୍ନତି ଦେବା ସହ କ୍ୟାଡର ପରିବର୍ତ୍ତନ କରୁଛନ୍ତି। କିନ୍ତୁ ଏମାନେ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ପଦୋନ୍ନତି ପାଇନାହାନ୍ତି ଏବଂ କ୍ୟାଡର ପରିବର୍ତ୍ତନ ମଧ୍ୟ ହୋଇନାହିଁ।

ତେଣୁ ଏହି ଦାବି ଗୁଡ଼ିକ ପୂରଣ ନ ହେଲେ ସ୍ୱାସ୍ଥ୍ୟ କର୍ମୀମାନେ ଟିକା ନେବେନାହିଁ ବୋଲି ଚେତାବନୀ ଦେଇଛନ୍ତି। ତେବେ କଳା ବ୍ୟାଜ୍ ପିନ୍ଧି ଟିକାକରଣ କାର୍ଯ୍ୟରେ ସହଯୋଗ କରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# କୋଭିଡ୍ ନିୟମ ଉପରେ ନଜର ରଖିବ ସ୍ୱତନ୍ତ୍ର ଟିମ୍

ନବରଙ୍ଗପୁର,୯।୧(ବି.ପ୍ର.)

**କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠିତ**

ନବରଙ୍ଗପୁର କେନ୍ଦ୍ରୀୟ ବିଦ୍ୟାଳୟର ୨୦୨୧ ବର୍ଷ ପାଇଁ ନୂତନ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ କମିଟି ଅଧ୍ୟକ୍ଷ ଜିଲାପାଳ ଅଜିତ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ୯ ମାସ ପରେ ସରକାର ବିଦ୍ୟାଳୟ ଖୋଲିବାକୁ ଅନୁମତି ଦେଇଛନ୍ତି। ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ କିଭଳି ପାଠପଢ଼ା ଚାଲିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ୧୦୦ ଦିନ ମଧ୍ୟରେ ସମସ୍ତ ପାଠ୍ୟକ୍ରମ ସାରିବା ପାଇଁ ନିର୍ଦ୍ଦେଶ ରହିଛି। କୋଭିଡ ଗାଇଡ୍‌ଲାଇନ୍ ପାଳନ କରି ପାଠ ପଢ଼ାଇବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଦଶମ ଶ୍ରେଣୀର ୪୯ ଛାତ୍ରୀଛାତ୍ରଙ୍କ ପଢ଼ିବା ପାଇଁ ୨ବଡ଼ ଶ୍ରେଣୀ ଗୃହ ଓ ଦ୍ୱାଦଶ ଶ୍ରେଣୀର ୨୨ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ପୃଥକ ବ୍ୟବସ୍ଥା କରାଯାଇଥିବାରୁ କମିଟି ସଦସ୍ୟ ସନ୍ତୋଷ ବ୍ୟକ୍ତ କରିଥିଲେ। ଏହା ବ୍ୟତୀତ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। ଉକ୍ତ କମିଟି କୋଭିଡ୍ ନିୟମ ପାଳନ ନେଇ ସ୍ୱତନ୍ତ୍ର ଧ୍ୟାନ ଦେବେ। ଏହି କମିଟିରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଦୂରଦର୍ଶନର ଖବରଦାତା ପ୍ରଭାତୀ ବିଷୋୟୀଙ୍କ ସମେତ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ନିରୋଜ ସିଂଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିପରି ଏହି ଅବସରରେ କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଓ କାର୍ଯ୍ୟକାରୀ କମିଟି ଗଠିତ ଗଠନ କରାଯାଇଛି। ଏଥିରେ ଜିଲାପାଳ ଅଧ୍ୟକ୍ଷ ରହିଥିବାବେଳେ ଅଧ୍ୟକ୍ଷ ପ୍ରତିନିଧିଭାବେ ଉପଜିଲାପାଳ ଭାସ୍କର ରଇତୋ, ୱାଇ. ଭେଙ୍କେଟେଶ୍ୱରୀ, ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ଓ. ନିବେଦିତା, ୨ଅଭିଭାବକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ପ୍ରଭାତୀ ବିଷୋୟୀ, ସିଡିଏମ୍‌ଓ ଚୌଧୁରୀ ଶୋଭାରାଣୀ ମିଶ୍ର, ପାପଡ଼ାହାଣ୍ଡି ତହସିଲଦାର ପ୍ରେମ୍‌ଲାଲ ହିଆଲ, ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଶ୍ରୀ ଉମେହାନୀ ଓ ସଦସ୍ୟ ସଚିବଭାବେ ବିଦ୍ୟାଳୟର ଅଧ୍ୟକ୍ଷ ମଣ୍ଟୁ କୁମାର ରହିଛନ୍ତି। ଏଥିସହ ସହଯୋଗୀ ସଦସ୍ୟ ରୂପେ ନିର୍ବାହୀ ଯନ୍ତ୍ରୀ ଏସ୍.କେ. ସାହୁ, ନବରଙ୍ଗପୁର କେନ୍ଦ୍ରୀୟ ସରକାରୀ କର୍ମଚାରୀ ଭାବେ ଜି.ଭି. ପୁନ୍ଦୁରୀ ସାଗର, ସଡ଼କ ଓ ଗୃହ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ସୁଦାମ ଚରଣ ମହାପାତ୍ରଙ୍କୁ ଚୟନ କରାଯାଇଛି। ସେହିଭଳି କ୍ରୟ କମିଟି ଭାବେ ବିଦ୍ୟାଳୟର ଶିକ୍ଷକ ଅରବିନ୍ଦ ଶର୍ମାଙ୍କ ସହ କନିଷ୍ଠ ଯନ୍ତ୍ରୀ ସେବତୀ ସାହୁ ଓ ସୁଶ୍ରୀ ଉମେହାନୀଙ୍କୁ ରଖାଯାଇଛି । ଏହି କମିଟି ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବ ବୋଲି ବିଦ୍ୟାଳୟର ଅଧ୍ୟକ୍ଷ ମଣ୍ଟୁ କୁମାର ସୂଚନା ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଡି.କେ. ଉପାଧ୍ୟାୟ, ଅକ୍ଷୟ କୁମାର ପ୍ରଧାନ ଓ ଅଜିତ ଯାଦବ ଉପସ୍ଥିତ ଥିଲେ।

## 'ମିଷ୍ଟରିସ୍ ଇନ୍ କ୍ୱାଣ୍ଟମ୍ ୱାର୍ଲ୍ଡ' ବିଷୟରେ ଆଲୋଚନା

ରାୟଗଡ଼ା ଅଫିସ,୯।୧–

ରାୟଗଡ଼ା ଅଟୋନୋମୋସ୍ କଲେଜ ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ଶନିବାର ଏକ ଅନ୍‌ଲାଇନ୍ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଭି. ଆର୍. ରତ୍ନଶ୍ରୀ ଏହାର ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତାଭାବେ ହରିଶ ଚନ୍ଦ୍ର, ପ୍ରଫେସର ଅରୁଣ କୁମାର ପତି 'ମିଷ୍ଟରିସ୍ ଇନ୍ କ୍ୱାଣ୍ଟମ୍ ୱାର୍ଲ୍ଡ' ସନ୍ଦର୍ଭ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ବିଭାଗୀୟ ମୁଖ୍ୟ ଅରୁଣ କୁମାର ଖାଡ଼ଙ୍ଗା ପରିଚାଳନା କରିଥିବବେଳେ ସହ ଅଧ୍ୟାପକ ସୁମନ୍ତ କୁମାର ସାହୁ ସଂଯୋଜନା କରିଥିଲେ। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ପୂର୍ବତନ ମୁଖ୍ୟ ଗୌରୀଶଙ୍କର ତ୍ରିପାଠୀଙ୍କ ସମେତ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# କୋରାପୁଟ: ଆଇଆରବିଏନର ପ୍ରକାଶ ଦେଲେ ପ୍ଲାଜ୍‌ମା

କୋରାପୁଟ,୯।୧(ସ୍ୱ.ପ୍ର)



କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ ଥିବା ପ୍ଲାଜମା ବ୍ୟାଙ୍କରେ ଶନିବାର ଜଣେ ବ୍ୟକ୍ତି ପ୍ଲାଜମା ଦାନ କରିଛନ୍ତି। ଫଳରେ ପ୍ଲାଜମା ୧୯୦ ୟୁନିଟକୁ ବୃଦ୍ଧି ପାଇଛି। ଏଥିରୁ ୪୯ ୟୁନିଟ ବ୍ୟବହୃତ ହୋଇ ୧୪୧ ୟୁନିଟ ମହଜୁଦ ଥିବା ଜିଲା ପ୍ଲାଜମା ନୋଡାଲ ଅଧିକାରୀ ତଥା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ କହିଛନ୍ତି। ଶନିବାର କୋରାପୁଟ ଆଇଆରବିଏନର ପ୍ରକାଶ କିଶାନ ୧୦୦ ତମ ବ୍ୟକ୍ତି ଭାବେ ନିଜ ପ୍ଲାଜମା ଦାନ କରିଥିଲେ । ପୂର୍ବରୁ କୋରାପୁଟ ୭ମ ଆଇଆରବିଏନର ନୀଳମାଧବ ସ୍ୱାଇଁ ୯୮ତମ ବ୍ୟକ୍ତି ଓ କୃଷ୍ଣଚନ୍ଦ୍ର କର୍ଣ୍ଣ ୯୯ତମ ବ୍ୟକ୍ତିଭାବେ ନିଜ ପ୍ଲାଜମା ଦାନ କରିଥିଲେ । ଏହି ଅବସରରେ ଜିଲା ପ୍ଲାଜମା ନୋଡାଲ ଅଧିକାରୀ ନାୟକ ଉପରୋକ୍ତ ସିପାହୀମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ଓଏସଏପି ତୃତୀୟ ବାଟାଲିୟନର ଦୁର୍ଗପତିଙ୍କ ସମେତ ଲମତାପୁଟ ବିଡିଓ, ସୁନାବେଡା ପୌର ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, କରୋନାର ନିରାକରଣ ପାଇଁ ଅଗଷ୍ଟ ୨୭ରେ କୋରାପୁଟ ମେଡିକାଲ କଲେଜଠାରେ ପ୍ଲାଜାମା ୟୁନିଟ ଉଦ୍‌ଘାଟିତ ହୋଇଥିଲା। ଦାମନଯୋଡି ଅଞ୍ଚଳର ବିଷ୍ଣୁ ଗରଡା ପ୍ରଥମ ବ୍ୟକ୍ତି ଭାବେ ନିଜର ପ୍ଲାଜାମା ଦାନ କରିଥିଲେ । କୋରାପୁଟ ଜିଲାରୁ ୬୪ ଜଣ, ରାୟଗଡାରୁ ୫, ନବରଙ୍ଗପୁର ଜିଲାରୁ ୧୫ ଓ ମାଲକାନାଗିରି ଜିଲାରୁ ୧୬ ଜଣ ବ୍ୟକ୍ତି ନିଜ ପ୍ଲାଜମା ଦାନ କରିଛନ୍ତି।

# ପୋଷ୍ଟର ଚିରିବା ଅଭିଯୋଗରେ ଥାନାରେ ଏତଲା

ରାୟଗଡ଼ା ଅଫିସ,୯।୧–

ନୂତନ ବର୍ଷ ଏବଂ ମକର ସଂକ୍ରାନ୍ତି ଉପଲକ୍ଷେ ଉପଲକ୍ଷେ ବିଜେଡି ପକ୍ଷରୁ ରାୟଗଡ଼ା ସହରର ପ୍ରମୁଖ ସ୍ଥାନ ମାନଙ୍କରେ ପୋଷ୍ଟର ଏବଂ ହୋର୍ଡିଂ ଲାଗିଥିଲା। ହେଲେ କିଛି ଦୁର୍ବୃତ୍ତ ଏହାକୁ ଚିରିଦେଇଥିବା ନେଇ ବିଜୁ ଯୁବ ଜନତା ଦଳ ପକ୍ଷରୁ ରାୟଗଡ଼ା ଟାଉନ୍ ଥାନାରେ ଏତଲା ଦିଆଯାଇଛି। ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଦେବାଶିଷ ଖାଡ଼ଙ୍ଗା ଦାବି କରିଛନ୍ତି। ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅଭିନାଶ ବିଶୋୟୀ ଓ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ବିନାୟକ ପଲେଇଙ୍କ ନେତୃତ୍ୱରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ନେ। ଓ କର୍ମୀ ଉପସ୍ଥିତ ରହି ଟାଉନ୍ ଥାନାଧିକାରୀ ନିହାର ରଞ୍ଜନ ପ୍ରଧାନଙ୍କୁ ଏତଲା ଦେଇଛନ୍ତି।

# ଜୟପୁର: ବିକ୍ରି ହେଉଛି ଅପମିଶ୍ରିତ ସାମଗ୍ରୀ

ଜୟପୁର, ୯।୧ (ନି.ପ୍ର.)

- ପ୍ରଶାସନ ନୀରବ,ଫାଇଦା ଉଠାଉଛନ୍ତି ବ୍ୟବସାୟୀ
- ବନ୍ଦ କାରଖାନାର ନକଲି ସାମଗ୍ରୀ ବଜାରରେ ମିଳୁଛି
- କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି

କୋରାପୁଟ ଜିଲା ଜୟପୁର ସହର ଓ ଆଖପାଖ ଅଞ୍ଚଳରେ ନକଲି ସାମଗ୍ରୀ ବିକ୍ରି ବୃଦ୍ଧି ପାଇବାରେ ଲାଗିଛି। ଅଧିକାଂଶ ସାମଗ୍ରୀରେ ଅପମିଶ୍ରଣ ହେଉଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଅପମିଶ୍ରଣକାରୀଙ୍କୁ ସେମାନଙ୍କ କାରବାର କରିବାରେ ବେଶ୍ ସୁହାଇଛି। କଟକରେ କେତେକ ଅପମିଶ୍ରତ ଜିନିଷ ତିଆରି ହୋଇ ବସ୍ ଯୋଗେ କୋରାପୁଟ ଜିଲାର ଜୟପୁର, ବୋରିଗୁମ୍ମା,ଲମତାପୁଟ, କୁନ୍ଦୁରା, ବୈପାରିଗୁଡ଼ା, ନନ୍ଦପୁର, ଲକ୍ଷ୍ମୀପୁର ଆଦି ଅଞ୍ଚଳରେ ବିକ୍ରି ହେଉଥିଲା । ଏବେ ଜୟପୁରରେ ବିଭିନ୍ନ ପ୍ରକାର ନକଲି ସାମଗ୍ରୀ ଉତ୍ପାଦନ ହେଉଥିବା ଅଭିଯୋଗ ହେଉଛି। ଏହି ନକଲି ସାମଗ୍ରୀ ବ୍ୟବହାରକରି ଲୋକେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। କରୋନା ପାଇଁ ଜିଲାରେ କେତେକ କ୍ଷୁଦ୍ରଶିଳ୍ପ କାରଖାନା ବନ୍ଦ ହୋଇଯାଇଛି। କେତେଜଣ ଅସାଧୁ ବ୍ୟବସାୟୀ ସମ୍ପୃକ୍ତ କମ୍ପାନୀର ଲୋଗୋକୁ ନକଲ କରି ନିମ୍ନମାନର ଜିନିଷ ଅପେକ୍ଷାକୃତ କମ୍ ମୂଲ୍ୟରେ ହୋଲ୍‌ସେଲରେ ବିକ୍ରି କରି ଚାଲିଛନ୍ତି। ଉକ୍ତ ଅଞ୍ଚଳରେ ଛୋଟ ପିଲାଙ୍କ ଖାଇବା ଚୋକଲେଟ୍‌ଠାରୁ ଆରମ୍ଭ କରି ହଳଦୀଗୁଣ୍ଡ, ଜିରାଗୁଣ୍ଡ, ଲଙ୍କାଗୁଣ୍ଡ, ଘିଅ, ଖାଇବା ତେଲ ଭଳି ସାମଗ୍ରୀରେ ଅପମିଶ୍ରଣ ହେଉଛି । ପ୍ରଶାସନ ପକ୍ଷରୁ ବ୍ୟବସାୟ ପ୍ରତିଷ୍ଠାନଗୁଡିକ ଉପରେ ଚଢାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଖୋଲା ଆକାଶ ତଳେ ପଢ଼ିଲେ ଛାତ୍ରୀଛାତ୍ର

କୋରୁକୋଣ୍ଡା ୯।୧(ଡି.ଏନ୍.ଏ.)



ଖୋଲା ଆକାଶ ତଳେ ବସି ପଢୁଥିବା ଛାତ୍ରୀଛାତ୍ର।

**କ୍ୱାରାଣ୍ଟାଇନ ଶ୍ରେଣୀଗୃହ ହସ୍ତାନ୍ତର ହୋଇନି**

ରାଜ୍ୟ ସରକାର କରୋନାଜନିତ ସ୍ଥିତି ସୁଧୁରୁଥିବା ଲକ୍ଷ୍ୟକରି ୧୦ମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଲାଗି ୮ରୁ ରାଜ୍ୟର ସମସ୍ତ ଉଚ୍ଚବିଦ୍ୟାଳୟ ଖୋଲିଥିଲେ। କୋଭିଡ୍ କଟକଣା ପାଳନକରି ପାଠ ପଢ଼ାଇବାକୁ ବିଦ୍ୟାଳୟଗୁଡିକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର କେତେକ ସ୍ଥାନରେ ଆବଶ୍ୟକ ସୁବିଧା ସୁଯୋଗ ନ ଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ସ୍ୱାଭାବିକ ହୋଇପାରିନାହିଁ। ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକର ଏକ ବିଦ୍ୟାଳୟ କରୋନା ସମୟରେ କ୍ୱାରାଣ୍ଟାଇନ ସେଣ୍ଟର ହୋଇଥିଲା। ଏହାକୁ ଏଯାଏ ପ୍ରଶାସନ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିନାହିଁ। ଫଳରେ ସେଠାରେ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଖୋଲା ଆକାଶ ତଳେ ପାଠ ପଢୁଥିବା ଜଣାପଡିଛି। କୋରୁକୋଣ୍ଡା ବ୍ଲକ ନୀଳାକାମ୍ବେରୁ ପଞ୍ଚାୟତର ସରକାରୀ ଉଚ୍ଚ ବିଦ୍ୟାଳୟରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ଯେଉଁ ବିଦ୍ୟାଳୟ ଶ୍ରେଣୀଗୃହଗୁଡିକ କରୋନା ସମୟରେ କ୍ୱାରାଣ୍ଟାଇନ ସେଣ୍ଟର ହୋଇଥିଲା, ସେସବୁକୁ ବିଦ୍ୟାଳୟକୁ ହସ୍ତାନ୍ତର କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଥିଲେ। ଏହାକୁ କାର୍ଯ୍ୟକାରୀ କରିବାକୁ ମାଲକାନଗିରି ଜିଲାପାଳ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ମାଧ୍ୟମରେ ଏକ ଚିଠି ଜିଲାର ସମସ୍ତ ବିଡିଓଙ୍କୁ ନିକଟକୁ ପଠାଇଥିଲେ। ଦୀର୍ଘ ୩ ମାସରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଏଯାଏ ନୀଳାକାମ୍ବେରୁ ପଞ୍ଚାୟତର ସରକାରୀ ଉଚ୍ଚ ବିଦ୍ୟାଳୟ ଶ୍ରେଣୀଗୃହ ପ୍ରଧାନ ଶିକ୍ଷକଙ୍କୁ ହସ୍ତାନ୍ତର କରାଯାଇନାହିଁ। ଶ୍ରେଣୀକକ୍ଷଗୁଡିକ ମଧ୍ୟ ସାନିଟାଇଜ ହୋଇପାରିନାହିଁ। ଏନେଇ ଆମେ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପରିଡ଼ାଙ୍କୁ ପଚାରିବାରୁ ସେ କହିଲେ, ସେ ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ,କୋରୁକୋଣ୍ଡା ବିଡିଓ ଏବଂ ଶେଷରେ ମାଲକାନଗିରି ଜିଲାପାଳଙ୍କୁ ଚିଠି ଲେଖି ଜଣାଇଥିଲେ। ଏଯାଏ କୌଣସି ସୁଫଳ ମିଳିନାହିଁ। କୌଣସି ଉପାୟ ନ ପାଇ ଛାତ୍ରୀଛାତ୍ରଙ୍କୁ ଖୋଲା ଆକାଶ ତଳେ ବସାଇ ପାଠ ପଢ଼ାଉଛୁ ବୋଲି କହିଥିଲେ। ଏନେଇ କୋରୁକୋଣ୍ଡା ବିଡିଓ ଅଂଶୁମାନ ମହାପାତ୍ରଙ୍କୁ ପଚାରିବାରୁ ସେ ଶନିବାର ବିଦ୍ୟାଳୟ ଛୁଟି ଥିବା କହିଥିଲେ। ସୋମବାର ସୁଦ୍ଧା ଶ୍ରେଣୀଗୃହ ଖୋଲିବା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ପଞ୍ଚାୟତକୁ ନିର୍ଦ୍ଦେଶ ଦେବେ ବୋଲି କହିଥିଲେ।

## ସଂକ୍ଷେପରେ

### ଚିଟ୍‌ଫଣ୍ଡ ଠକେଇ ମାମଲା
## ଅଭିଯୁକ୍ତ ସୁଧୀରଙ୍କୁ ସର୍ତ୍ତମୂଳକ ଜାମିନ

**କଟକ ଅଫିସ, ୯।୧:** ରୁଦ୍ରତପ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜ୍‌ମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ସୁଧୀର ସାହୁଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଏଥିପାଇଁ ତାଙ୍କୁ ୧୨ ଲକ୍ଷ ନଗଦ ଜମା ସହ ୩୩ ଲକ୍ଷ ଟଙ୍କାର ସମ୍ପତ୍ତି ଦାଖଲ କରିବାକୁ ଅଦାଲତ ସର୍ତ୍ତାରୋପ କରିଛନ୍ତି। ଏଥିସହ ମାମଲାର ପ୍ରମାଣ ନଷ୍ଟ କରିବେ ନାହିଁ ଏବଂ ୫୦ ହଜାର ଲେଖାଏଁ ୩ ଜଣ ଜାମିନଦାରଙ୍କ ବଦଳରେ ସେ ଜାମିନରେ ଯିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ସାହୁଙ୍କ ପକ୍ଷରୁ ରୁଜୁ ଜାମିନ ଆବେଦନର ଶୁଣାଣି ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ କରି ହାଇକୋର୍ଟ ବିଚାରପତି ବି.ପି. ରାଉତରାୟ ଏହି ନିର୍ଦ୍ଦେଶ ଦେଇଛନ୍ତି। ସାହୁ ସ୍ୱଳ୍ପ ସମୟରେ ଟଙ୍କା ଦୁଇଗୁଣା କରିବା ଲୋଭ ଦେଖାଇ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ସାଧାରଣ ଲୋକଙ୍କ ନିକଟରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିଥିଲେ। ତେବେ ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ସେ ଟଙ୍କା ଫେରାଇ ନ ଥିଲେ। ୬୨ଲକ୍ଷ ୭୯ ହଜାର ୨ ଶହ ଟଙ୍କା ସାହୁ ହଡପ କରିଥିବା ନେଇ ଅଭିଯୋଗ ହୋଇଥିଲା। କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ମାମଲାର ତଦନ୍ତ ଭାର ନେଇଥିଲା। ଏହି ମାମଲା କଟକର ଓପିଆଇଡି କୋର୍ଟରେ ବିଚାରାଧୀନ ରହିଛି। ପରବର୍ତ୍ତୀ ସମୟରେ ସାହୁ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ଏ ନେଇ ହାଇକୋର୍ଟରେ ଏହାର ଶୁଣାଣି ହୋଇଥିଲା। ହାଇକୋର୍ଟରେ ମାମଲାର ଶୁଣାଣି ବେଳେ ଅଭିଯୁକ୍ତଙ୍କ ପକ୍ଷରୁ ଦର୍ଶାଯାଇଥିଲା, ୨୦୧୯ ଜୁନ୍ ୧୮ ତାରିଖରୁ ସେ ଜେଲ୍‌ରେ ଅଛନ୍ତି। ଏହି ମାମଲାର ତଦନ୍ତ ସରିଛି। ସାହୁ ଜମାକାରୀଙ୍କୁ ୧୭ ଲକ୍ଷ ୪ ହଜାର ଟଙ୍କା ଫେରସ୍ତ କରିସାରିଛନ୍ତି ବୋଲି ତାଙ୍କ ଓକିଲ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି।

## ଲାଗିହେଲା ପହିଲିଭୋଗ

**ବାଲିଅନ୍ତା,୯।୧(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ଅଧୀନ କାକରୁଦ୍ରପୁର ଅଞ୍ଚଳର ଆରାଧ୍ୟ ଠାକୁର ଶ୍ରୀପତିତପାବନ ଦେବଙ୍କ ପାରମ୍ପରିକ ପହିଲିଭୋଗ ନୀତି ଶନିବାର ମନ୍ଦିରରେ ପାଳିତ ହୋଇଯାଇଛି। ସମସ୍ତ ନୀତିକାନ୍ତି ଅନୁସାରେ ପତିତପାବନ ଜୀଉଙ୍କୁ ପହିଲି ଭୋଗ ଲାଗି କରାଯାଇଥିଲା। ଏଥିପାଇଁ ଭୋର ୫ଟାରେ ଆଳତି ପରେ ସାଢ଼େ ୫ଟାରେ ଖେଚୁଡି ଭୋଗ ଲାଗି କରାଯାଇଥିଲା। ପରେ ମଧ୍ୟାହ୍ନ ଧୂପରେ ଖେଚୁଡ଼ି, ଡାଲମା, ଶାଗ ଓ ଖିରି ଭୋଗ କରାଯାଇଥିଲା। ଠାକୁରଙ୍କ ପୌଷ ମାସରେ ଏହି ନୀତି ପାଇଁ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ଏହି ଭୋଗ କାର୍ଯ୍ୟକ୍ରମରେ ବିଧାୟକ ଡ.ଅରବିନ୍ଦ ଢାଲି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜଗତ ଜୀବନ ସାହୁ, କବିତା ପରିଡ଼ା ଓ ଟ୍ରଷ୍ଟି ଦିଗମ୍ବର ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ।

# ସ୍କୁଲ୍ ଛାତ୍ରଙ୍କ ପାଇଁ ବଦଳିଲା 'ମୋ ବସ୍' ସମୟ

**ଭୁବନେଶ୍ୱର, ୯।୧(ବ୍ୟୁରୋ)**

- ଟୁଇଟ୍‌ରେ ନିବେଦନ କରିଥିଲେ ସାଇ ଅନ୍ୱେଷା
- ତ୍ୱରିତ ପଦକ୍ଷେପ ନେଲେ ଅରୁଣ ବୋଥ୍ରା



ଜଣେ ସ୍କୁଲ ଛାତ୍ରଙ୍କ ପାଇଁ ବଦଳିଛି 'ମୋ ବସ୍'ର ସମୟ ସୂଚୀ। ଭୁବନେଶ୍ୱରର ଏମ୍‌ବିଏସ୍ ସ୍କୁଲରେ ପଢୁଥିବା ସାଇ ଅନ୍ୱେଷ ନାମକ ଜଣେ ଛାତ୍ରଙ୍କ ଅନୁରୋଧକ୍ରମେ ମୋ ବସ୍ ପରିଚାଳନା କରୁଥିବା କ୍ୟାପିଟାଲ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ବସ୍ ଚଳାଚଳ ସମୟରେ ପରିବର୍ତ୍ତନ କରାଯାଇଛି।

ଅନ୍ୱେଷ ଲିଙ୍ଗିପୁରରେ ପରିବାର ସହ ରହୁଛନ୍ତି। ମୋ ବସ୍‌ରେ ସ୍କୁଲ ଯିବା ଆସିବା ବେଳେ ସ୍କୁଲ ଓ ବସ୍ ଚଳାଚଳ ସମୟ ଭିନ୍ନ ରହୁଥିବାରୁ ସେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଅନ୍ୱେଷ କ୍ରୁଟ୍‌ର ଏମ୍‌ଡି ତଥା ଆଇପିଏସ୍ ଅଫିସର ଅରୁଣ ବୋଥ୍ରାଙ୍କୁ ଟୁଇଟ୍ କରି ଜଣାଇଥିଲେ। ଉକ୍ତ ଟୁଇଟ୍‌ରେ ଅନ୍ୱେଷ ଉଲ୍ଲେଖ କରିଥିଲେ ଯେ, ସେ ପଢୁଥିବା ଏମ୍‌ବିବିଏସ୍ ସ୍କୁଲଟି ଭୌମନଗରରେ ରହିଛି। ତାଙ୍କର ସ୍କୁଲ ପହଞ୍ଚିବା ଶେଷ ସମୟ ହେଉଛି ୭ଟା ୩୦। ମାତ୍ର ଲିଙ୍ଗିପୁର ଦେଇ ଯାଉଥିବା ମୋ ବସ୍‌ଟି ୭ଟା ୪୦ରେ ତାଙ୍କ ଘର ନିକଟରୁ ଛାଡ଼ିଥାଏ। ତେଣୁ ସ୍କୁଲରେ ପହଞ୍ଚିବାରେ ବହୁ ବିଳମ୍ବ ହେଉଥିବାରୁ ପାଠପଢ଼ାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଦୃଷ୍ଟି ଦେବାକୁ ସେ ବୋଥ୍ରାଙ୍କୁ ନିବେଦନ କରିଥିଲେ। ତେବେ ଏହି ଟୁଇଟ୍‌ର ମାତ୍ର କିଛି ସମୟ ମଧ୍ୟରେ ବୋଥ୍ରାଙ୍କ ସହଯୋଗରେ କ୍ରୁଟ୍ ରୁଟ୍ ନଂ.୧୩ରେ ଚଳାଚଳ କରୁଥିବା ମୋ ବସ୍‌ର ସମୟ ସୂଚୀରେ ପରିବର୍ତ୍ତନ କରିଛି। ବସ୍‌ଟି ଲିଙ୍ଗିପୁରରେ ୭ଟା ୪୦ରୁ ଛାଡ଼ିବା ପରିବର୍ତ୍ତେ ଏଣିକି ୭ଟାରେ ଛାଡ଼ିବ। ସାଇ ଅନ୍ୱେଷଙ୍କୁ ସ୍କୁଲ ଯିବାରେ ଆଉ ଅସୁବିଧା ହେବନାହିଁ ବୋଲି ବୋଥ୍ରା କହିଛନ୍ତି। ତେବେ ଏହାର ସବୁ ଶ୍ରେୟ ମୋ ବସ୍ କର୍ତ୍ତୃପକ୍ଷ ଓ କ୍ରୁଟ୍ ଜିଏମ୍ ଦୀପ୍ତି ମହାପାତ୍ରଙ୍କୁ ଦେଇଛନ୍ତି ଅରୁଣ ବୋଥ୍ରା।

# ଦ୍ୱିତୀୟ ଦିନରେ ସ୍କୁଲ ପରିଦର୍ଶନ କଲେ ଗଣଶିକ୍ଷା ସଚିବ



କ୍ୟାପିଟାଲ ହାଇସ୍କୁଲ ଶ୍ରେଣୀ ଗୃହରେ ଗଣଶିକ୍ଷା ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ ଓ ଅନ୍ୟମାନେ।

**ଭୁବନେଶ୍ୱର, ୯।୧(ବ୍ୟୁରୋ)**

ସ୍କୁଲ ଖୋଲିବାର ଶନିବାର ଥିଲା ଦ୍ୱିତୀୟ ଦିନ। ସ୍କୁଲରେ ପାଠପଢ଼ା କିପରି ହେଉଛି ଓ କୋଭିଡ୍ ଗାଇଡ୍‌ଲାଇନ ପାଳନ ହେଉଛି କି ନାହିଁ ତାହାର ଅନୁଧ୍ୟାନ କରିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ, ଓସେପାର ଯୁଗ୍ମ ନିର୍ଦ୍ଦେଶକ ଡ. ସନାତନ ପଣ୍ଡା, ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ ବନ୍ଦନା ମହାପାତ୍ର ଭୁବନେଶ୍ୱର କ୍ୟାପିଟାଲ ହାଇସ୍କୁଲ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି। ଅଧିକାରୀମାନେ ପ୍ରାୟ ୪୫ ମିନିଟ୍ ଧରି ସ୍କୁଲ ପରିସର ବୁଲି ଦେଖିବା ସହ ପ୍ରଧାନଶିକ୍ଷୟିତ୍ରୀ ସୋନାମିକା ରାୟ, ଶିକ୍ଷକ ଓ ପିଲାଙ୍କ ସହିତ କଥା ହୋଇଥିଲେ। ୧୦୦ଦିନ କିପରି ପାଠପଢ଼ା ହୋଇପାରିବ ସେଥିପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ରହିବା ପାଇଁ ସଚିବ ଶିକ୍ଷକମାନଙ୍କୁ ପ୍ରେରଣା ଦେଇଥିଲେ। ସେ କହିଥିଲେ ଯେ, କରୋନାକୁ ନେଇ ପିଲାଙ୍କ ଭିତରେ ଯେଉଁ ଭୟ ରହୁଛି ତାକୁ ଦୂର କରିବା ପାଇଁ ପିଲାଙ୍କ ସହିତ କଥା ହୁଅନ୍ତୁ। ୭୦ପ୍ରତିଶତ ପାଠ୍ୟକ୍ରମରେ ପରୀକ୍ଷା ହେବ ବୋଲି ପିଲାଙ୍କୁ ଅବଗତ କରାଇବା ସହିତ ସେମାନେ ପରୀକ୍ଷାକୁ ନେଇ ଯେପରି ଭୟ ନ କରନ୍ତି ସେନେଇ ସଚେତନ କରିବାକୁ ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଦୀର୍ଘଦିନ ପରେ ସ୍କୁଲକୁ ଫେରି ପିଲାମାନେ କିପରି ଅନୁଭବ କରୁଛନ୍ତି ସେ ସମ୍ପର୍କରେ ସଚିବ ନିଜେ ପିଲାଙ୍କୁ ପଚାରି ବୁଝିଥିଲେ।




କୋଭିଡ୍ ନେଗେଟିଭ୍ ରିପୋର୍ଟକୁ ବିରୋଧ କରିବା ସହ ବିନା କଟକଣାରେ ଭକ୍ତମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ପାଇଁ ଅନୁମତି ଦାବି କରି ଜଗନ୍ନାଥ ସେନା ପକ୍ଷରୁ ଶ୍ରୀମନ୍ଦିର ସମ୍ମୁଖରେ ଶନିବାର ଦୀପପ୍ରଜ୍ୱଳନ କରାଯାଉଛି।

# ନେଗେଟିଭ୍ ରିପୋର୍ଟକୁ ଶ୍ରୀଜଗନ୍ନାଥ ସେନାର ବିରୋଧ

**ପୁରୀ ଅଫିସ,୯।୧**

**ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥା ସରଳୀକରଣ ପାଇଁ ଦାବି**

ମହାପ୍ରଭୁଙ୍କ ଦର୍ଶନ ପାଇଁ କୋଭିଡ୍ ନେଗେଟିଭ୍ ରିପୋର୍ଟ ବାଧ୍ୟତାମୂଳକ କରାଯାଇଥିବା ବେଳେ ପ୍ରଶାସନର ଏଭଳି ନିଷ୍ପତ୍ତିକୁ ବିଭିନ୍ନ ମହଲରେ କଡ଼ା ସମାଲୋଚନା କରାଯାଉଛି। ପ୍ରଶାସନର ଏହି ଏସ୍‌ଓପି ଗାଇଡ୍‌ଲାଇନକୁ ବିରୋଧ କରି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶନିବାର ସମୂହ ଦୀପଦାନ ହୋଇଛି। ଏ ନେଇ ଶ୍ରୀ ଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ରାଜ୍ୟ ସରକାରଙ୍କ ଦୋମୁହାଁ ଆଇନ ଯୋଗୁ ହଜାର ହଜାର ଭକ୍ତ ଦର୍ଶନରୁ ବଞ୍ଚିତ ହେଉଛନ୍ତି। ଲିଙ୍ଗରାଜ ମନ୍ଦିର ପାଇଁ ପ୍ରଶାସନ କୋଭିଡ୍ ନେଗେଟିଭ୍ ରିପୋର୍ଟ ବାଧ୍ୟତାମୂଳକ କରି ନ ଥିବାବେଳେ ଶ୍ରୀମନ୍ଦିରରେ କାହିଁକି ଏହାକୁ ବାଧ୍ୟତାମୂଳକ କରାଯାଇଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଆହୁରି ସେ କହିଛନ୍ତି, ଜିଲାରେ ଜିଲା ବାହାର ଲୋକଙ୍କ ଟେଷ୍ଟିଂ ନେଇ କୌଣସି ବ୍ୟବସ୍ଥା ହୋଇନି। କେବଳ କିଛି ହାତଗଣତି ବେସରକାରୀ ଡାକ୍ତରଖାନା ୫ଶହରୁ ହଜାର ଟଙ୍କା ଦେଇ କୋଭିଡ୍ ରିପୋର୍ଟ ଆଣୁଛନ୍ତି। ତେବେ କେବଳ ଧନୀ ଶ୍ରେଣୀର ଲୋକେ ହିଁ ନେଗେଟିଭ୍ ରିପୋର୍ଟ ଆଣି ଜଗନ୍ନାଥଙ୍କୁ ଦର୍ଶନ କରିପାରୁଥିବା ବେଳେ ଗରିବ ଲୋକେ ନିରାଶ ହୋଇ ଫେରୁଛନ୍ତି। ପ୍ରଶାସନ ଏସବୁ ଦେଖି ଚୁପ୍ ରହୁଛି। କୋଭିଡ୍ ଟେଷ୍ଟ ନେଇ ସରକାରୀ ସ୍ତରରେ କୌଣସି ବ୍ୟବସ୍ଥା ହେଉଛି, ନା ବିନା ନେଗେଟିଭ୍ ରିପୋର୍ଟରେ ମନ୍ଦିର ପ୍ରବେଶ କରିବାକୁ ଅନୁମତି ମିଳୁଛି। ପ୍ରଶାସନ ଦିନକୁ ୧୫ ହଜାରରୁ ୧୭ ହଜାର ଲୋକଙ୍କ ପାଇଁ ଦର୍ଶନ ବ୍ୟବସ୍ଥା କରିଥିବା ବେଳେ ଏହି ନେଗେଟିଭ୍ ରିପୋର୍ଟ ଯୋଗୁ ୩ରୁ ୯ ତାରିଖ ମଧ୍ୟରେ ଏତିକି ସଂଖ୍ୟକ ଲୋକ ଦର୍ଶନ କରିନାହାନ୍ତି। ତେଣୁ ପ୍ରଶାସନ ପକ୍ଷରୁ ଦର୍ଶନ ବ୍ୟବସ୍ଥାକୁ ସରଳୀକରଣ କରିବାକୁ ସଂଘ ପକ୍ଷରୁ ଦାବି ହୋଇଛି। ଦର୍ଶନ ବ୍ୟବସ୍ଥା କଟକଣାରୁ କୋଭିଡ୍ ନେଗେଟିଭ୍ ପ୍ରାବଧାନ ନ ହଟାଇଲେ ଆଗାମୀ ଦିନରେ ବ୍ୟାପକ ଗଣଆନ୍ଦୋଳନ ତେଜିବ ବୋଲି ପଟ୍ଟନାୟକ କହିଛନ୍ତି।

## ହାଇୱା ଧକ୍କାରେ ସିକ୍ୟୁରିଟି ଗାର୍ଡ ମୃତ

**ଜଟଣୀ,୯।୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜଟଣୀ ରାସ୍ତାର ଚାଚେରା ସବର ସାହି ନିକଟରେ ଶନିବାର ହାଇୱା ଧକ୍କାରେ ଜଣେ ସିକ୍ୟୁରିଟି ଗାର୍ଡଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ଼ ଜିଲା ଦଶପଲ୍ଲା ଅଞ୍ଚଳର ସନ୍ତୋଷ ନାୟକ(୩୨)। ସେ ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଥିବା ଏସ୍‌ଏମ୍‌ଏସ୍ କମ୍ପାନୀରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରନ୍ତି। ଜଟଣୀ ପଟୁ ଏକ ହାଇୱା ଖୋର୍ଦ୍ଧା ଅଭିମୁଖେ ଯାଉଥିବା ବେଳେ ଚାଚେରା ସବର ସାହିଠାରେ ଭାରସାମ୍ୟ ହରାଇ ସାଇକଲ ଚାଳକ ସନ୍ତୋଷ ଏବଂ ସ୍କୁଟିରେ ଯାଉଥିବା ଦୁଇ ଆରୋହୀଙ୍କୁ ଧକ୍କା ଦେଇଥିଲା। ସନ୍ତୋଷ ନିକଟରେ ଥିବା ବିଦ୍ୟୁତ୍ ଖୁଣ୍ଟିରେ ପିଟିହୋଇ ତଳେ ପଡିଯାଇଥିଲେ। ସ୍କୁଟିଚାଳକ ଦ୍ୱୟ ଅଳ୍ପକେ ବର୍ତ୍ତି ଯାଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ସନ୍ତୋଷଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସ୍କୁଲ ମିଶ୍ରଣ ନିଷ୍ପତ୍ତିକୁ ବିରୋଧ

**ବୋଲଗଡ଼,୯।୧(ଡି.ଏନ୍.ଏ.)**

ବୋଲଗଡ ବ୍ଲକ ଫାସିଓଦା ପଞ୍ଚାୟତ ଅନ୍ତର୍ଗତ ମଣ୍ଡଳସିଂହ ଗ୍ରାମରେ ଥିବା ସରକାରୀ ନିମ୍ନ ପ୍ରାଥମିକ ବିଦ୍ୟାଳୟକୁ ନିକଟ ଦିଘିରୀ ଗ୍ରାମସ୍ଥିତ ବିଦ୍ୟାଧର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମିଶାଇବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହି ନିଷ୍ପତ୍ତିକୁ ବାତିଲ ଦାବିରେ ଶନିବାର ସରପଞ୍ଚ ବ୍ରଜକିଶୋର ପାତ୍ରଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ଲୋକେ ଶିବମନ୍ଦିର ପ୍ରାଙ୍ଗଣରେ ଏକତ୍ରିତ ହୋଇ ଆଲୋଚନା କରିଛନ୍ତି। ବିଦ୍ୟାଳୟ ମିଶ୍ରଣ ନିଷ୍ପତ୍ତିର ପୁନଃବିଚାର କରା ନ ଗଲେ ଆସନ୍ତା ୧୨ ତାରିଖରେ ଜାତୀୟ ରାଜପଥର ବିଜିପୁର ଛକ ଠାରେ ରାସ୍ତା ଅବରୋଧ କରାଯିବ ବୋଲି ସରପଞ୍ଚ ପାତ୍ର କହିଛନ୍ତି।

# ଭାଙ୍ଗ ଖୁଆଇ ନାବାଳିକାଙ୍କୁ ବଳାତ୍କାର

**କଟକ ସଦର,୯।୧(ଡି.ଏନ୍.ଏ.)**

କଟକ ବଡ ଡାକ୍ତରଖାନା ପରିସରରେ ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯାଇଥିଲା। ଘଟଣାଟି ଗତ ୬ ତାରିଖରେ ଘଟିଥିଲେ ମଧ୍ୟ ଜଗତ୍‌ସିଂହପୁର ଜିଲା ବିରିଡି ଥାନାରେ ଶନିବାର ଏ ନେଇ ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ଦଫା ୩୭୬(୩) ଓ ପୋକ୍‌ସୋ ଆଇନ ଧାରା ୪ ଅନୁଯାୟୀ ଏକ ମାମଲା(ନଂ.୭/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣାଟି କମିଶନରେଟ୍ ପୋଲିସ ଅଞ୍ଚଳରେ ଘଟିଥିଲେ ମଧ୍ୟ ସରକାର ଓ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅଭିଯୋଗକାରିଣୀ ଯେକୌଣସି ଥାନାରେ ଅଭିଯୋଗ କଲେ ତାହା ଗ୍ରହଣଯୋଗ୍ୟ ହେବ। ସେହି ଦୃଷ୍ଟିରୁ ବିରିଡି ଥାନାରେ ମାମଲା ରୁଜୁ କରାଗଲା ବୋଲି ଥାନାଧିକାରୀ ଦିଲୀପ କୁମାର ସାହୁ କହିଛନ୍ତି।

ପୋଲିସ ସୂତ୍ରରୁ ପ୍ରକାଶ, ବୁଧବାର ନାବାଳିକା ଜଣକ ମାଆଙ୍କ ଦେଖାରଖା କରିବା ପାଇଁ ଡାକ୍ତରଖାନାକୁ ଯାଇଥିଲେ। ସେହିଦିନ ଅଭିଯୁକ୍ତଙ୍କ ସ୍ତ୍ରୀ ମଧ୍ୟ ପ୍ରସୂତି ୱାର୍ଡରେ ଚିକିତ୍ସାଧୀନ ଥିଲେ। ଅଭିଯୁକ୍ତ ଓ ନାବାଳିକା ଗୋଟିଏ ଗ୍ରାମର ହୋଇଥିବାରୁ ପରସ୍ପର ମଧ୍ୟରେ ଚିହ୍ନା ପରିଚୟ ହୋଇଥିଲା। ସେହିଦିନ ରାତି ୧୦ଟାରେ ଅଭିଯୁକ୍ତ ବାହାରକୁ ବୁଲିଯିବାର ବାହାନା ଦେଖାଇ ନାବାଳିକାଙ୍କୁ ଡାକିଥିଲେ। ପରେ ଭାଙ୍ଗ ଖାଇବାକୁ ଦେବାରୁ ନାବାଳିକା ଅଚେତ ହୋଇପଡିଥିଲେ। ଏହାପରେ ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ଅଭିଯୁକ୍ତ ଜଣକ ବଳାତ୍କାର କରିଥିଲେ। ନାବାଳିକା ଗାଁକୁ ଫେରିବା ପରେ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଶେଷରେ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ପରାମର୍ଶକ୍ରମେ ନାବାଳିକାଙ୍କ ମାଆ ଥାନାରେ ଏତଲା ଦେଇଥିଲେ।

# ମହାପ୍ରଭୁଙ୍କୁ ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ



**ପୁରୀ ଅଫିସ,୯।୧**

କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁରୀରେ ପହଞ୍ଚି ଶନିବାର ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ପ୍ରଶାସନ ଦ୍ୱାରା ଲାଗୁ ହୋଇଥିବା ଏସ୍‌ଓପି ମାନି କୋଭିଡ୍ ନେଗେଟିଭ୍ ରିପୋର୍ଟ ଦେଖାଇ ସେ ଶ୍ରୀମନ୍ଦିର ପ୍ରବେଶ କରିଛନ୍ତି। ତେବେ ତାଙ୍କ ସହ ବିଧାୟକ ତଥା ଭାଜପା ନେତା ଜୟନ୍ତ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବା ପରେ ପ୍ରତିକ୍ରିୟା ରଖି ସେ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ କରିବା ମୋ ପାଇଁ ସୌଭାଗ୍ୟ। ବିଶ୍ୱ ମହାମାରୀର ଭୀଷଣ ପ୍ରକୋପ ସତ୍ତ୍ୱେ ମଧ୍ୟ ମହାପ୍ରଭୁଙ୍କ ଆଶୀର୍ବାଦ ଆମ ସମସ୍ତଙ୍କ ଉପରେ ରହିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଯେଉଁ କଟକଣା ହୋଇଛି ତାହାକୁ ସମସ୍ତେ ମାନିବା ଦରକାର। ମାନିଛନ୍ତି ମଧ୍ୟ। ଦେଶର ଅଧିକାଂଶ ଧର୍ମାନୁଷ୍ଠାନ ବିନା କୋଭିଡ୍ ନେଗେଟିଭ୍ ରିପୋର୍ଟରେ ଦର୍ଶନ ଅନୁମତି ଦେଉଛନ୍ତି। ତେଣୁ ମୋର ବ୍ୟକ୍ତିଗତ ଭାବେ ମତ ଏହା ଯେ ପ୍ରଶାସନ ବିନା କୋଭିଡ୍ ନେଗେଟିଭ୍‌ରେ ଦର୍ଶନ ସୁବିଧା କରିବା ନେଇ ବିଚାର କରିବା ଉଚିତ। ଶ୍ରୀମନ୍ଦିରର ଚାରି ଦ୍ୱାର ଦେଇ ଶ୍ରଦ୍ଧାଳୁ ପ୍ରବେଶ କରନ୍ତୁ ଓ ଶୃଙ୍ଖଳିତ ଦର୍ଶନ କରନ୍ତୁ। ପୁରୀକୁ ଆସୁଥିବା କିମ୍ବା ଆସିବାକୁ ଚାହୁଁଥିବା ସମସ୍ତ ଭକ୍ତଙ୍କ ଆର୍ଥିକ ସାମର୍ଥ୍ୟତାକୁ ମଧ୍ୟ ବିଚାରକୁ ନେବା ଆବଶ୍ୟକ। ଅନେକ ସମ୍ବଳ ଅଭାବରୁ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହେଉଛନ୍ତି। ଏଣୁ ଭକ୍ତ-ଭଗବାନ ମଧ୍ୟରେ ଏତେ ବାଧା ସୃଷ୍ଟି ନ କରାଯାଉ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। ସେହିଭଳି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀରେ ଆନ୍ତର୍ଜାତିକ ବିମାନ ବନ୍ଦର ନିର୍ମାଣ ପାଇଁ କେନ୍ଦ୍ରକୁ ଦେଇଥିବା ପ୍ରସ୍ତାବକୁ ମଧ୍ୟ ସେ ସ୍ୱାଗତ କରିଛନ୍ତି। ପୁରୀ ଏକ ପର୍ଯ୍ୟଟନ ସହର ହୋଇଥିବାରୁ ପର୍ଯ୍ୟଟକଙ୍କ ସୁବିଧା ଓ ପୁରୀ ବିକାଶ ଦୃଷ୍ଟିରୁ ଏଠାରେ ବିମାନବନ୍ଦର ନିର୍ମାଣ ହେବା ଉଚିତ ବୋଲି ସେ କହିଛନ୍ତି।

## ଝାମ୍ପିନେଲେ ସୁନାଚେନ

**ଯାଁଳା,୯।୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଯାଁଳା ଫାଣ୍ଡି ଅଧୀନ ତଳକ୍ଷେତା ଛକ ନିକଟରେ ଶନିବାର ଦୁଇଜଣ ଲୁଟେରା ଜଣେ ମହିଳାଙ୍କଠାରୁ ସୁନାଚେନ ଝାମ୍ପିନେଇ ଫେରାର ହୋଇଯାଇଛନ୍ତି। ସୂଚନା ମୁତାବକ, ଜଟଣୀ ବ୍ଲକ ଛଣଘର ପଞ୍ଚାୟତର ମମତା ସ୍ୱାଇଁ କୌଣସି କାମରେ ଦକ୍ଷିଣ ମୁଣ୍ଡମୁହାଣକୁ ଆସିଥିଲେ। ଅପରାହ୍ନ ପ୍ରାୟ ୩ଟାରେ ମମତା ତାଙ୍କ ମାଉସି ପୁଅଙ୍କ ସହ ବାଇକ୍‌ରେ ଛଣଘର ଯାଉଥିଲେ। ତଳକ୍ଷେତା ଛକଠାରେ ଦୁଇଜଣ ଲୁଟେରା ବାଇକ୍‌ରେ ଆସି ହଠାତ୍ ମମତାଙ୍କ ବେକରୁ ୨ଭରିର ସୁନାଚେନକୁ ଛିଣ୍ଡାଇ ନେଇ ଫେରାର ହୋଇଯାଇଥିଲେ। ଫଳରେ ମମତା ଆହତ ହୋଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

# ଟ୍ରାଫିକ ଜାମ୍‌ରେ ୧୮ ମିନିଟ୍ ଫସିଲା ଆମ୍ବୁଲାନ୍ସ

**ଗୋପ,୯।୧(ଡି.ଏନ୍.ଏ.)**




ପର୍ଯ୍ୟଟନ ଋତୁ ଚାଲିବା ସହ କରୋନା କଟକଣା କୋହଳ ପରେ ବିଶ୍ୱ ପ୍ରସିଦ୍ଧ ପୁରୀ, କୋଣାର୍କକୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ହେଲେ ଅଧିକାଂଶ ସମୟ ମୁଖ୍ୟତଃ ଗୋପ ବ୍ଲକର ଗୋପ ବଜାରରେ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଶନିବାର ସକାଳ ୯ଟାରେ ଟ୍ରାଫିକ ଜାମ୍ ଯୋଗୁ ରୋଗୀ ନେଇ ଯାଉଥିବା ଏକ ୧୦୮ ଆମ୍ବୁଲାନ୍ସ ପ୍ରାୟ ୧୮ ମିନିଟ ଧରି ଫସିରହିଥିଲା। ଡିୟୁଟିରେ ଥିବା ଗୃହରକ୍ଷୀମାନେ ଅଟକି ଥିବା ଆମ୍ବୁଲାନ୍ସକୁ ବହୁ କଷ୍ଟରେ ଟ୍ରାଫିକରୁ ବାହାର କରିଥିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ, କରୋନା କଟକଣା କୋହଳ ହୋଇଥିବାରୁ ପୁରୀ, କୋଣାର୍କ ସୂର୍ଯ୍ୟ ମନ୍ଦିର, ମା' ରାମଚଣ୍ଡୀ ଓ ଚନ୍ଦ୍ରଭାଗା ବୁଲିବାକୁ ପ୍ରତିଦିନ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଆସୁଛନ୍ତି। କିନ୍ତୁ ଗୋପ ବଜାରରେ ଜବରଦଖଲ ସାଙ୍ଗକୁ କେତେକ ଦୋକାନୀ ରାସ୍ତା ଉପରେ ବ୍ୟବସାୟ କରିବା ଯୋଗୁ ଟ୍ରାଫିକ ସମସ୍ୟା ଅଧିକ ଦେଖାଦେଇଛି। ଅଧିକାଂଶ ସମୟ ଏପରି ଟ୍ରାଫିକ ସମସ୍ୟା ରହୁଥିବାରୁ ପର୍ଯ୍ୟଟକଙ୍କ ଗାଡ଼ି ଓ ସାଧାରଣ ଗାଡ଼ି ଘଣ୍ଟା ଘଣ୍ଟା ଧରି ଠିଆ ହେଉଛି। ଶନିବାର ଏହି ଟ୍ରାଫିକ ଜାମ୍‌ରେ ଏକ ଗୁରୁତର ରୋଗୀ ନେଇଯାଉଥିବା ଆମ୍ବୁଲାନ୍ସ ଫସିରହିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସ୍ଥାନୀୟ ପୋଲିସ ଏଥିପ୍ରତି ଗୁରୁତ୍ୱ ଦେବା ସହ ଏଠାରେ ଅଧିକ ସଂଖ୍ୟକ ପୋଲିସ ମୁତୟନ କରିବା ପାଇଁ ଦାବି କରାଯାଇଛି। ଏ ସମ୍ପର୍କରେ ଗୋପ ଥାନା ଅଧିକାରୀ ସୁଧୀର କୁମାର ସାହୁ କହିଛନ୍ତି, ଗୃହରକ୍ଷୀମାନଙ୍କୁ ଟ୍ରାଫିକରେ ମୁତୟନ କରାଯାଇଛି। ମାତ୍ର ସାଧାରଣ ଲୋକେ ଓ ଉଠା ଦୋକାନୀମାନେ ସଚେତନ ହେଲେ ଏପରି ସମସ୍ୟା ହେବନି। ଦୋକାନୀମାନଙ୍କୁ ମଧ୍ୟ ରାସ୍ତା ଉପରେ ବ୍ୟବସାୟ ନ କରିବାକୁ ତାଗିଦ୍ କରାଯାଉଛି।

## ମହାପ୍ରଭୁଙ୍କ ଦର୍ଶନ



ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଏସ୍.ମୁରଲୀଧର ଶନିବାର ଶ୍ରୀଜୀଉଙ୍କୁ ଦର୍ଶନ ସାରି ଶ୍ରୀମନ୍ଦିରରୁ ବାହାରୁଛନ୍ତି।



ସଡ଼କ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଶନିବାର ପରିବାର ସହ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି।

## ସଂକ୍ଷେପରେ

### ଉନ୍ନୟନ କାମରେ ହେରଫେର, ଜିଆରଏସ୍ ନିଲମ୍ବିତ



ବାହାନଗା,୯।୧ (ଡି.ଏନ.ଏ.)-ବିଭିନ୍ନ ଉନ୍ନୟନ କାମରେ ହେରଫେର ଓ ଲାଞ୍ଚ ନେବା ଅଭିଯୋଗରେ ବାଲେଶ୍ୱର ଜିଲା ବାହାନଗା ବ୍ଲକର ଜଣେ ଜିଆରଏସ୍ ହରମୋହନ ସାମନ୍ତରାୟଙ୍କୁ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ କାର୍ଯ୍ୟାଳୟରୁ ନିଲମ୍ବିତ କରିଛନ୍ତି। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅଭିଯୋଗର ତଦନ୍ତ କରି ଚିଠି ନଂ.୧୧୯/୨୦୨୧ରେ ତା ୮।୧।୨୦୧୨ ରିଖରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଦୁର୍ନୀତି ଅଭିଯୋଗରେ ୨୦୧୨ରେ ଚିଠି ନଂ.୨୪୮/୧୮୬/୨୦୧୨ରେ ଜିଲା ପ୍ରଶାସନ ତାଙ୍କୁ ନିଲମ୍ବିତ କରିଥିଲେ । ତେବେ ଜିଆରଏସ୍ ସାମନ୍ତରାୟ ଏହି ନିଲମ୍ବନ ବିରୋଧରେ କଟକ ଉଚ୍ଚ ନ୍ୟାୟାଳୟରେ ଆଶ୍ରୟ ନେଇଥିଲେ। ତେବେ ହାଇକୋର୍ଟ ବିଚାର କରି ଜିଆରଏସ୍‌ଙ୍କୁ ପୁନଃ ନିଯୁକ୍ତି ପ୍ରଦାନ କରିଥିଲେ।

### ମିଳୁନି ଟୋକନ, ଚିନ୍ତାରେ ଚାଷୀ

କେନ୍ଦୁଝର, ୯।୧ (ସ୍ୱ.ପ୍ର.)-ରାଜ୍ୟରେ ଧାନ କିଣା କାର୍ଯ୍ୟ ଜୋରସୋରରେ ଚାଲିଥିବା ବେଳେ ଅନେକ ସ୍ଥାନରେ ଶେଷ ହେବାକୁ ବସିଛି । କିନ୍ତୁ କେନ୍ଦୁଝର ଜିଲାରେ ଅଦ୍ୟାବଧି ବହୁ ଚାଷୀଙ୍କୁ ଟୋକନ ମିଳି ନ ଥିବାରୁ ଚାଷୀ ମାନେ ଧାନ ରଖି କିପରି ବିକିବେ ସେ ନେଇ ଚିନ୍ତାରେ ରହିଛନ୍ତି। କିଛି ଦିନ ତଳେ ଘଷିପୁରା ବ୍ଲକର ୫ଶହରୁ ଊର୍ଦ୍ଧ୍ୱ ଚାଷୀ ପ୍ରତିବାଦ କରିବା ପରେ ଦୀର୍ଘ ମାସ ପରେ ଟୋକନ ପାଇଥିବା ବେଳେ ହରିଚନ୍ଦନପୁର ଓ ଅନ୍ୟାନ୍ୟ ବ୍ଲକର ବହୁ ଚାଷୀ ଏଯାଏ ଟୋକନ ପାଇ ନ ଥିବା ଜଣାପଡିଛି । ଫଳରେ ସେମାନଙ୍କ ଧାନ ବିକି ପାରୁନାହାନ୍ତି। ଘରେ ଧାନ ସାଇତି ରଖିବାକୁ ବ୍ୟବସ୍ଥା ନାହିଁ। ଏଣୁ ମେଘୁଆ ପାଗ ଦେଖି ସେମାନେ ଚିନ୍ତିତ ହୋଇ ପଡିଛନ୍ତି । ସେମାନେ ହେଲେ ଜଂଘିରାର ରଞ୍ଜନ ଦାସ, ବିଚିତ୍ର କୁମାର ପୃଷ୍ଟି, ସୁମନ୍ତ କୁମାର ପୃଷ୍ଟି, କୁଶ ସାହୁ, ମକରଧ୍ୱଜ ବାରିକ, ନଳପଙ୍ଗାର ଗୋବର୍ଦ୍ଧନ ସାହୁ, ପଳାଶପାଳର ସଞ୍ଜୟ ପାଇକରାୟ, କାନ୍ତିଭୂଷଣ ପାଇକରାୟ, ମଣିପୁରର ଭାରତ ବ୍ରହ୍ମ ସମେତ ବହୁ ଚାଷୀ ଟୋକନ ପାଇ ନଥିବାବେଳେ ସଦର ବ୍ଲକର ଶତାଧିକ ଚାଷୀ ମଧ ଟୋକନ ନ ପାଇ ଚିନ୍ତାରେ ଅଛନ୍ତି। ଏଣୁ ତୁରନ୍ତ ଟୋକନ ନ ମିଳିଲେ ବାଧ ହୋଇ କମ ଦାମରେ ବେପାରୀଙ୍କୁ ବିକିବାକୁ ବାଧ ହେବେ ବୋଲି କହିଛନ୍ତି । ଏଣୁ ତୁରନ୍ତ ଏନେଇ ପ୍ରଶାସନ ପଦକ୍ଷେପ ନେବାକୁ ସେମାନେ ନିବେଦନ କରିଛନ୍ତି ।

### ୨ ଘରୁ ଟଙ୍କା, ସୁନାଗହଣା ଚୋରି

ବନ୍ତ,୯।୧(ଡି.ଏନ.ଏ)-ଭଦ୍ରକ ଜିଲା ବନ୍ତ ବ୍ଲକ କେନ୍ଦୁଆପଦା ଫାଣ୍ଡି ଅଧୀନ ରାମକୃଷ୍ଣପୁର ପଞ୍ଚାୟତ ନଈପାରିଗଡିଆ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ୨ଜଣଙ୍କ ଘରୁ ଚୋରି ହୋଇଛି। ଚୋରମାନେ ଘର ଭିତରେ ପଶି ଆଲମିରା ଲକର ଭାଙ୍ଗି ଚୋରି କରି ଘରର ପଛ ବାଟ ଦେଇ ପଳାଇ ଯାଇଛନ୍ତି। ଗ୍ରାମର ପ୍ରକାଶ ଚନ୍ଦ୍ର ପରିଡ଼ାଙ୍କ ଘରୁ ଆନୁମାନିକ ୧ ଲକ୍ଷ ଟଙ୍କା ସହ ୨ଟି ସୁନା ଚେନ୍ ଓ ତାଙ୍କ ଭାଇ ଯୋଗେନ୍ଦ୍ର ପରିଡାଙ୍କ ଘରୁ ଆନୁମାନିକ ୧୦ ହଜାର ଟଙ୍କା ଓ ସୁନାଗହଣା ଚୋରି ହୋଇଯାଇଛି। ଉଭୟ ପରିବାର ଭୋରରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଶନିବାର ପ୍ରକାଶ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୧/୨୧) ରୁଜୁ କରି ତଦନ୍ତ ଚଳାଇଛି।

### ସୀମା ବିବାଦକୁ ନେଇ ଗଣ୍ଡଗୋଳ, ୨ ଗିରଫ

ଡେଲାଙ୍ଗ,୯।୧(ଡି.ଏନ୍.ଏ.)- ଡେଲାଙ୍ଗ ଥାନା ମୁନିନ୍ଦା ପଞ୍ଚାୟତର ଅଳଉତା ଗ୍ରାମରେ ଘରବାଡ଼ିର ସୀମା ବିବାଦକୁ ନେଇ ଗଣ୍ଡଗୋଳ ହୋଇଥିବା ଅଭିଯୋଗରେ ପୋଲିସ ଶନିବାର ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଗ୍ରାମର ବଙ୍କିମ ଚନ୍ଦ୍ର ପାଢ଼ୀ ଓରଫ ଲଳିତ ଓ ବିଶ୍ୱରଞ୍ଜନ ପାଢ଼ୀ। ସୂଚନାଯୋଗ୍ୟ, ବଙ୍କିମଚନ୍ଦ୍ରଙ୍କ ଘର ବାତ୍ୟାରେ ଭାଙ୍ଗିଯାଇଥିବାରୁ ଏବେ ଘର ପାଚେରି ନିର୍ମାଣ କରୁଥିଲେ। ହେଲେ ପଡ଼ୋଶୀରେ ଥିବା ବିଶ୍ୱରଞ୍ଜନ ଏହାକୁ ବିରୋଧ କରିବା ସହ କଥା କଟାକଟି ହୋଇ ଆକ୍ରମଣ କରିଥିଲେ। ଏଥିରେ ବଙ୍କିମଙ୍କ ପରିବାର ଲୋକ ମଧ ଉଗ୍ରରୂପ ନେଇ ବିଶ୍ୱରଞ୍ଜନ ବାନ୍ଧି ଦେଇଥିଲେ। ପରେ ଏ ନେଇ ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ପୃଥକ ଭାବେ ୨ଟି ମାମଲା(ନଂ.୫, ୬/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ଶନିବାର ଉଭୟ ପରିବାରର ବିଶ୍ୱରଞ୍ଜନ ଓ ବଙ୍କିମଚନ୍ଦ୍ରଙ୍କୁ ପଚରାଉଚରା ପରେ ଗିରଫ କରିଥିବା ଡେଲାଙ୍ଗ ଥାନାଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ କହିଛନ୍ତି।

# ବୁଲେଟ୍ ପ୍ରୁଫ୍ ସଂଗ୍ରହାଳୟ ସୁରକ୍ଷା ଢିଲା

- ଆବଶ୍ୟକ କର୍ମଚାରୀ ନାହାନ୍ତି
- ସୁରକ୍ଷା ନେଇ ପ୍ରଶ୍ନ ଉଠାଇଲେ ସ୍ଥାନୀୟ ଲୋକେ

ଚଣ୍ଡିଖୋଲ,୯।୧(ଡି.ଏନ.ଏ.):



ଲଳିତଗିରିଠାରେ ଥିବା ବୁଲେଟ୍ ପ୍ରୁଫ୍ ସଂଗ୍ରହାଳୟ।

ଯାଜପୁର ଜିଲାର ବୌଦ୍ଧ ହୀରକ ତ୍ରିଭୁଜ ଭାବେ ପରିଗଣିତ ଲଳିତଗିରି, ରତ୍ନଗିରି ଓ ଉଦୟଗିରି ସାରାବିଶ୍ୱରେ ଓଡ଼ିଶାର ପରିଚୟ ସୃଷ୍ଟି କରିଛି। ଏହା ମଧ୍ୟରୁ ଲଳିତଗିରିରୁ ଆବିଷ୍କୃତ ବୁଦ୍ଧଙ୍କ ଅସ୍ଥି ଅନ୍ୟ କେଉଁଠି ଦେଖାଯାଏ ନାହିଁ। ଯେଉଁଥି ପାଇଁ ୧୦ କୋଟି ଟଙ୍କା ବ୍ୟୟରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ(ଏଏସ୍ଆଇ) ପକ୍ଷରୁ ଓଡ଼ିଶାର ପ୍ରଥମ ବୁଲେଟ୍ ପ୍ରୁଫ୍ ସଂଗ୍ରହାଳୟ ଲଳିତଗିରିଠାରେ କରାଯାଇଛି। ୨୦୧୮ ଡିସେମ୍ବର ୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସ ଜରିଆରେ ଏହାର ଲୋକାର୍ପଣ କରିଥିଲେ। ସେତେବେଳେ ଏଏସ୍ଆଇ ତରଫରୁ ଏହି ସଂଗ୍ରହାଳୟ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ମାତ୍ର ବର୍ଷକ ମଧ୍ୟରେ ଏହାର ସୁରକ୍ଷା ବ୍ୟବସ୍ଥା ଢିଲା ହୋଇଥିବା ଦେଖିବାକୁ ମିଳିଛି। ଆବଶ୍ୟକ କର୍ମଚାରୀ ଅଭାବ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ଏହାର ସୁରକ୍ଷାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ଦିବାରାତ୍ର ୨୪ଘଣ୍ଟା ତିନି ଥାକରେ ଏହି ସଂଗ୍ରହାଳୟ ପାଇଁ ୬ଜଣ ବନ୍ଧୁକଧାରୀ ସୁରକ୍ଷା କର୍ମୀ ଓ ୬ଜଣ ପର୍ଯ୍ୟଟକ ଗାଇଡ୍ ରହିବା କଥା। କିନ୍ତୁ ଏବେ ମାତ୍ର ଜଣେ ବନ୍ଧୁକଧାରୀ ଓ ୫ ଜଣ ପର୍ଯ୍ୟଟକ ଗାଇଡ୍ ରହିଛନ୍ତି। ଅନ୍ୟପକ୍ଷରେ ବୌଦ୍ଧବିହାର ପାଇଁ ୧୦ ଜଣ କର୍ମଚାରୀ ନିଯୁକ୍ତ ଥିଲାବେଳେ ୭ ଜଣ ରହିଛନ୍ତି। ଏତେବଡ଼ ପରିସୀମା ମଧ୍ୟରେ ରହିଥିବା ଏହି ବୌଦ୍ଧ ବିହାରର ସୁରକ୍ଷା ପାଇଁ କର୍ମଚାରୀ ଅଭାବ ସମସ୍ୟା ସୃଷ୍ଟି କରିଛି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

ଏଏସ୍ଆଇ ପକ୍ଷରୁ ୧୯୮୫-୮୬ରେ ଲଳିତଗିରିର ବୌଦ୍ଧ କୀର୍ତ୍ତିରାଜି ଖନନ ସମୟରେ ସେଠାରେ ଥିବା ବିରାଟ ବୌଦ୍ଧ ସ୍ତୂପ ମଧ୍ୟରୁ ବୁଦ୍ଧଙ୍କ ଅସ୍ଥି ମିଳିଥିଲା। ଏହି ଅସ୍ଥି ୩ଟି ଫରୁଆ ମଧ୍ୟରେ ଆବଦ୍ଧ ହୋଇ ରହିଥିଲା। ସ୍ତୂପ ମଧ୍ୟରୁ ଏକ କାଠଫରୁଆ ମିଳିଥିଲା। ଏହି କାଠଫରୁଆ ମଧ୍ୟରେ ଏକ ରୁପାଫରୁଆ ଓ ରୁପାଫରୁଆ ମଧ୍ୟରେ ଏକ ସୁନାଫରୁଆ ଭିତରେ ଅସ୍ଥି ରହିଥିଲା। ସେତେବେଳେ ଏଏସ୍ଆଇ ତରଫରୁ ଅସୁରକ୍ଷିତ ମନେକରି ଭୁବନେଶ୍ୱରଠାରେ ଥିବା ସଂଗ୍ରହାଳୟରେ ଏହାକୁ ନେଇ ରଖାଯାଇଥିଲା। ଏଏସ୍ଆଇର ତତ୍କାଳୀନ ଓଡ଼ିଶା ଅଧୀକ୍ଷକ ଗୋପାଳ ଚନ୍ଦ୍ର ଚାଓଲେଙ୍କ ନେତୃତ୍ୱରେ ଖନନ ଚାଲିଥିଲା ବେଳେ ଏହାକୁ ଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇଥିଲେ। ଏଠାରୁ ଆବିଷ୍କୃତ ମହାସ୍ତୂପ ଖ୍ରୀ.ପୂ. ୨ୟ ଶତାବ୍ଦୀରୁ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ସମୟର ବୋଲି ଐତିହାସିକ ମତ ରଖିଥିଲା ବେଳେ ଏଠାରୁ ମିଳିଥିବା ବୁଦ୍ଧଙ୍କ ଅସ୍ଥି ଫରୁଆରେ କୌଣସି ଶିଳାଲେଖ ନ ଥିବାରୁ ଏହା କେଉଁ ସମୟର ତାହା ଆକଳନ କରିବା କଷ୍ଟକର ହୋଇଥିଲା। ସ୍ଥାନୀୟ ଅଞ୍ଚଳବାସୀଙ୍କ ଦାବି ଓ ଆନ୍ଦୋଳନ ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବୁଲେଟ ପ୍ରୁଫ୍ ସଂଗ୍ରହାଳୟ କରାଯାଇ ସେଠାରେ ରୁପା ଓ ସୁନା ଫରୁଆରେ ଥିବା ଅସ୍ଥି ରଖା ଯାଇଥିଲା। ୯୦ ଏକର ପରିମିତ ଜମିରେ ଲଳିତଗିରିର ବ୍ୟାପକ ବୌଦ୍ଧ କୀର୍ତ୍ତିରାଜି ରହିଛି। ଏଠାରୁ ଗୌତମ ବୁଦ୍ଧଙ୍କ ପଥର ନିର୍ମିତ ଭୂମି ସ୍ପର୍ଶ ବୁଦ୍ଧ, ଧ୍ୟାନ ବୁଦ୍ଧ, ଅଭୟ ବୁଦ୍ଧ, ଧର୍ମଚକ୍ର ବୁଦ୍ଧ, ବରଦା ମୁଦ୍ରା ଆଦି ମୂର୍ତ୍ତି ଆବିଷ୍କୃତ ହୋଇଥିଲାବେଳେ ୩ରୁ ଅଧିକ ଚୈତ୍ୟ ଗୃହ ଓ ବୌଦ୍ଧ ବିହାର ଆବିଷ୍କୃତ ହୋଇଛି। ବ୍ୟାପକ ପର୍ଯ୍ୟଟକ ଆସୁଥିଲା ବେଳେ କର୍ମଚାରୀ ସଂଖ୍ୟା କମ୍ ଥିବାରୁ ଏହାର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠୁଛି। ଏ ସମ୍ପର୍କରେ ଏଏସ୍ଆଇ ଉପଅଧୀକ୍ଷକ ମାନସ ଚନ୍ଦ୍ର ସାହୁ କହିଛନ୍ତି, କରୋନା କଟକଣା ଯୋଗୁ ପର୍ଯ୍ୟଟକଙ୍କ ସଂଖ୍ୟା କମ୍ ଥିବାରୁ କର୍ମଚାରୀ ସଂଖ୍ୟା କମ୍ ଅଛି। ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଲେ ଅଧିକ ସୁରକ୍ଷା କର୍ମୀ ନିଯୁକ୍ତି କରାଯିବ।

# ମାନସିକ ଚାପରେ ୫୦% ଯବାନ

ନୂଆଦିଲ୍ଲୀ, ୯।୧

ଶତ୍ରୁ ପକ୍ଷ ଉପରେ ଆକ୍ରମଣ କିମ୍ବା ଆତଙ୍କବାଦର ମୁକାବିଲାରେ ଯେତିକି ସୈନ୍ୟ ଶହୀଦ ହେଉଛନ୍ତି, ତାହାଠାରୁ ଅଧିକ ଆତ୍ମହତ୍ୟା, ସହକର୍ମୀଙ୍କ ଦ୍ୱାରା ହତ୍ୟା କିମ୍ବା ଅନ୍ୟାନ୍ୟ ଅପ୍ରୀତିକର ଘଟଣାରେ ପ୍ରାଣ ହରାଉଛନ୍ତି। ଏହା ସେନା ପାଇଁ ଏକ ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ୧୩ ଲକ୍ଷ ଯବାନ ବିଶିଷ୍ଟ ଭାରତୀୟ ସେନାର ୫୦ ପ୍ରତିଶତରୁ ଅଧିକ କର୍ମଚାରୀ ଅତ୍ୟଧିକ ମାନସିକ ଚାପରେ ରହିଥିବା ଏକ ସର୍ଭେରୁ ଜଣାପଡ଼ିଛି। ପ୍ରତିରକ୍ଷା ଥିଙ୍କ୍-ଟ୍ୟାଙ୍କ୍ ୟୁନାଇଟେଡ୍ ସର୍ଭିସେସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ ପାଇଁ କଲୋନେଲ୍ ଏ.କେ. ମୋର୍ ଉକ୍ତ ସର୍ଭେ କରିଥିଲେ। ତେବେ ଉକ୍ତ ସର୍ଭେକୁ ସୈନ୍ୟବାହିନୀ ଖାରଜ କରିଦେଇଛି। ଅଳ୍ପ କେତେଜଣଙ୍କ ମତାମତ ନେଇ ଏତେବଡ଼ ନିଷ୍କର୍ଷରେ ପହଞ୍ଚିବା ସମ୍ଭବ ନୁହେଁ। ଜଣେ ବ୍ୟକ୍ତି ୪୦୦ ସୈନ୍ୟଙ୍କ ମତାମତକୁ ଆଧାରକରି ରିପୋର୍ଟ ଦେବା ଯୁକ୍ତିସଙ୍ଗତ ନୁହେଁ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ତେବେ ଏକଥା ସତ୍ୟ ଯେ ପ୍ରତିବର୍ଷ ହାରାହାରି ୧୦୦ ଯବାନ ବିଭିନ୍ନ କାରଣରୁ ଆତ୍ମହତ୍ୟା କରୁଛନ୍ତି। ୨୦୧୦ରୁ ଇତିମଧ୍ୟରେ ୯୫୦ରୁ ଅଧିକ ଯବାନ ଆତ୍ମହତ୍ୟା କରିଥିବା ଜଣାପଡିଛି। ସୀମାରେ ମୁତୟନ ଯବାନଙ୍କ ସମେତ ଜମ୍ମୁ-କଶ୍ମୀର ଏବଂ ଉତ୍ତରପୂର୍ବାଞ୍ଚଳରେ ଆତଙ୍କବାଦ ନିରୋଧୀ କାର୍ଯ୍ୟରେ ନିୟୋଜିତ ଯବାନମାନେ ଅଧିକ ମାନସିକ ଚାପରେ ରହୁଛନ୍ତି। ସେହିପରି ଫରୱାର୍ଡ ବା ଫିଲ୍ଡ ଅଞ୍ଚଳରେ ନିଯୁକ୍ତ ଯବାନମାନେ ଘରେ ଛାଡ଼ିଯାଇଥିବା ପରିବାରର ସମସ୍ୟା ବୁଝି ନ ପାରିବା ଆଦି କାରଣରୁ ଅତ୍ୟଧିକ ମାନସିକ ଚାପରେ ରହିଥାନ୍ତି। ଗତ ଦୁଇ ଦଶନ୍ଧି ମଧ୍ୟରେ ଯବାନଙ୍କ ମାନସିକ ଚାପ ଅଧିକ ବଢ଼ିଥିବା ସର୍ଭେରେ କୁହାଯାଇଛି।

# ଶିକାରୀ ଗୁଳିରେ ମୃତ୍ୟୁ ହୋଇଥିବା ସନ୍ଦେହ

- ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ବୃଦ୍ଧଙ୍କ ମୃତ୍ୟୁ ଘଟଣା
- ସିଲପଟ କାଠ ବନ୍ଧା ହୋଇଥିବା ୩ ସାଇକେଲ ଜବତ

କାଳିଆପାଣି,୯।୧(ଡି.ଏନ.ଏ.):

ଯାଜପୁର ଜିଲା କାଳିଆପାଣି ଥାନା ଅଧୀନ ନଗଡ଼ା-ଖୁଣ୍ଟାପଶି ଗ୍ରାମ ଜଙ୍ଗଲ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଘଟିଥିବା ଗୁଳିକାଣ୍ଡ ଘଟଣାରେ ପୋଲିସକୁ ମିଳିଛି ବଡ଼ ସୁରାକ। ଗୁଳିକାଣ୍ଡ ସ୍ଥଳରୁ ପୋଲିସ ୩ ସିଲପଟ କାଠ ବୋଝେଇ ସାଇକେଲ ଜବତ କରିଛି। ପୋଲିସ ସ୍ଥାନୀୟ ଲୋକଙ୍କୁ ପଚାରା ଉଚରା କରିବା ପରେ ଶିକାରୀ ଜଙ୍ଗଲୀ ପଶୁ ଶିକାର କରୁଥିବା ଜାଣିବାକୁ ପାଇଥିଲା। ତେବେ ଶିକାରୀଙ୍କ ଗୁଳିରେ ଗୋବିନ୍ଦଙ୍କ ମୃତ୍ୟୁ ହୋଇଥିବା ପୋଲିସ ସନ୍ଦେହ କରି ଅଧିକ ତଦନ୍ତ ଚଳାଇ ଥିବା ଥାନା ଅଧିକାରୀ ରମାକାନ୍ତ ମୁଦୁଲି ପ୍ରକାଶ କରିଛନ୍ତି। ତେଣୁ ତୁରନ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

ତାଙ୍କ କହିବା ଅନୁସାରେ, ଗୁରୁବାର ରାତିରେ ଢେଙ୍କାନାଳ ଜିଲା ଭୁବନ ଥାନା ଅଧୀନ କୁନ୍ଦିଦା ଗ୍ରାମର ଗୋବିନ୍ଦ ବେହେରା, ସେହି ଗ୍ରାମର ଚହଳି ସେଠୀ ଓ ଚଗଲି ଦାସ ନଗଡ଼ା ଅଞ୍ଚଳକୁ ସିଲପଟ କାଠ ପାଇଁ ଆସିଥିଲେ। ସାଇକେଲରେ କାଠ ବାନ୍ଧି ଚିଙ୍ଗୁଡ଼ିପାଳଠାରୁ ଖୁଣ୍ଟାପଶି ରାସ୍ତାରେ ଯାଉଥିବାବେଳେ ଶିକାରୀ ଜଙ୍ଗଲୀ ଜନ୍ତୁ ଭାବି ଗୁଳି ଚଳାଇଥିଲେ। ଫଳରେ ଏକ ଗୁଳି ଆସି ଗୋବିନ୍ଦଙ୍କ ପେଟରେ ବାଜିଥିଲା। ଚହଳି ଓ ଚଗଲି ଏହା ଦେଖି ଗୋବିନ୍ଦଙ୍କ ପୁଅକୁ ଜଣାଇଥିଲେ। ପୁଅ ଏକ ବୋଲେରୋ ଆଣି ବାପା ଗୋବିନ୍ଦଙ୍କୁ ପ୍ରଥମେ ଭୁବନ ଓ ପରେ ଢେଙ୍କାନାଳ ଡାକ୍ତରଖାନାକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଶୁକ୍ରବାର ଅଭିଯୋଗ ହେବାପରେ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜୟରାମ ଶତପଥୀ ଓ ଥାନା ଅଧିକାରୀ ମୁଦୁଲି ଘଟଣାସ୍ଥଳକୁ ତଦନ୍ତ କରିବାକୁ ଯାଇଥିବା ବେଳେ କୌଣସି ସୁରାକ ପାଇ ନ ଥିଲେ।

# ନିଖୋଜ ଶିଶୁ ଉଦ୍ଧାର ଉପରେ ଗୁରୁତ୍ୱ

ବ୍ରହ୍ମପୁର ଅଫିସ,୯।୧



ପୋଲିସ ଡିଜିଙ୍କ ଅପରାଧ ସମୀକ୍ଷା

**ବ୍ରହ୍ମପୁରରେ ପୋଲିସ ଡିଜି**

ବ୍ରହ୍ମପୁର ଗସ୍ତରେ ଶନିବାର ପୋଲିସ ମହାନିର୍ଦ୍ଦେଶକ ଅଭୟ ଆସି ଦକ୍ଷିଣାଞ୍ଚଳ ରେଞ୍ଜ ଡିଆଇଜିଙ୍କ କାର୍ଯ୍ୟାଳୟରେ ବ୍ରହ୍ମପୁର ଓ ଗଞ୍ଜାମ ପୋଲିସ ଜିଲାର ଅପରାଧ, ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ସମୀକ୍ଷା କରିଥିଲେ। ଏହି ଅବସରରେ ନିଖୋଜ ଶିଶୁଙ୍କୁ ଉଦ୍ଧାର କରିବା ଓ ସାଇବର୍ ଅପରାଧ ରୋକିବାକୁ ଡିଜି ଗୁରୁତ୍ୱ ଦେଇଥିଲେ। ସେହିପରି ପ୍ରତ୍ୟେକ ଥାନା କର୍ମଚାରୀ କିପରି ସାଇବର୍ ଅପରାଧ ନିୟନ୍ତ୍ରଣ ଉପରେ ପ୍ରଶିକ୍ଷଣ ନେଇ ପାରିବେ ସେ ଦିଗରେ ଡିଜି ପରାମର୍ଶ ଦେଇଥିବା ଡିଆଇଜି ସତ୍ୟବ୍ରତ ଭୋଇ ଖବରଦାତାଙ୍କୁ ସୂଚନା ଦେଇଛନ୍ତି। ଅଭୟ ଶନିବାର ଅପରାହ୍ନରେ ଡିଆଇଜିଙ୍କ କାର୍ଯ୍ୟାଳୟରେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଓ ଗଞ୍ଜାମ ଏସ୍‌ପି ବ୍ରିଜେଶ ରାଏଙ୍କୁ ନେଇ ଜିଲାର ଆଇନ ଶୃଙ୍ଖଳା ପରିସ୍ଥିତି, ନିଖୋଜ ଶିଶୁ ଉଦ୍ଧାର ପାଇଁ ସମୀକ୍ଷା କରିବା ସହ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଗତବର୍ଷ ଉଭୟ ପୋଲିସ ଜିଲାର ଅପରାଧ ରେକର୍ଡ ଓ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ବୁଝିଥିଲେ। ଆଗାମୀ ଦିନରେ ରାଜ୍ୟରେ ନିଖୋଜ ଶିଶୁ ଉଦ୍ଧାର ଅଭିଯାନ ଆରମ୍ଭ ହେବାକୁ ଯାଉଛି। ଏଣୁ ଏହାକୁ ବ୍ରହ୍ମପୁର ଓ ଗଞ୍ଜାମ ପୋଲିସ ଜିଲାରେ କିପରି ତ୍ୱରାନ୍ୱିତ କରାଯିବ ସେ ନେଇ ନିର୍ଦ୍ଦେଶ ଦେଇଥିଲେ। ୨୦୧୨ରୁ ଆଜି ପର୍ଯ୍ୟନ୍ତ ଉଭୟ ପୋଲିସ ଜିଲାରେ ଯେତିକି ଶିଶୁ ନିଖୋଜ ହୋଇଛନ୍ତି ସେଥିରୁ ୯୦ପ୍ରତିଶତଙ୍କୁ ଉଦ୍ଧାର କରାଯାଇଛି। ବଳକା ୧୦ପତିଶ୍ରତ ଶିଶୁଙ୍କୁ କିପରି ଖୋଜି ବାହାର କରାଯିବ ସେଥିପାଇଁ ତରିକା ପ୍ରସ୍ତୁତ କରାଯିବ ବୋଲି ଡିଆଇଜି କହିଥିଲେ। ସେହିପରି ପ୍ରତ୍ୟେକ ଥାନାରେ ସିସି ଟିଭି କ୍ୟାମେରା କାର୍ଯ୍ୟକ୍ଷମ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସିସିଟିଏନ୍‌ଏସ୍ ପୋର୍ଟାଲରେ ଜନସାଧାରଣ ଯେପରି ସମସ୍ତ ପ୍ରକାର ସୁବିଧା ପାଇବେ ଓ ତାହା ଯେଭଳି ଲୋକଙ୍କୁ ଶତପ୍ରତିଶତ ସେବା ଯୋଗାଇ ପାରିବ ସେ ନେଇ ଆଲୋଚନା ହୋଇଥିଲା। ନିଖୋଜ ଶିଶୁଙ୍କୁ ଉଦ୍ଧାର କରି ସମାଜର ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ପାଇଁ ଜିଲା ଶିଶୁ ସୁରକ୍ଷା ୟୁନିଟ, ଶିଶୁଙ୍କ ବିକାଶ ଦିଗରେ କାର୍ଯ୍ୟ କରୁଥିବା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରହିଛି। ଏହା ସତ୍ତ୍ୱେ ନିଖୋଜ ଶିଶୁଙ୍କୁ ଉଦ୍ଧାର କରିବାରେ ପୋଲିସର ଅଧିକ ଭୂମିକା ରହିଛି ବୋଲି ଡିଆଇଜି କହିଥିଲେ।

## କଲେଜ ଛାତ୍ରୀଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ସୋର, ୯।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ବଳାତ୍କାର ଓ ମାନସିକ ନିର୍ଯାତନା ଦିଆଯାଇଥିବା ନେଇ ତାଙ୍କ ପରିବାର ପକ୍ଷରୁ ସୋର ଥାନାରେ ଗତ ଡିସେମ୍ବର ୧୬ତାରିଖରେ ଅଭିଯୋଗ ହୋଇଥିଲା। ସୋର ଥାନା ଭାରପ୍ରାପ୍ତ ଅଧିକାରିଣୀ ମଧୁମିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅଭିଯୁକ୍ତ ଦୀପକ କୁମାର ସାହୁଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଦୀପକଙ୍କ ଘର କଟକ ଜିଲା ମାହାଙ୍ଗା ଯଶୁଆପୁର ଗ୍ରାମରେ ଦୀପକ ସୋର ଥାନା ମଙ୍ଗଳପୁର ନିକଟ ପାହାଡ ତଳି ଅଞ୍ଚଳରେ କେନାଲ ଖୋଳା କାମରେ ନିୟୋଜିତ ଥିବା ବେଳେ ଉକ୍ତ ଛାତ୍ରୀଙ୍କ ସହ ପରିଚିତ ହୋଇଥିଲେ। ଦୀପକ ବିବାହ କରିବାର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଛାତ୍ରୀଙ୍କ ପରିବାର ଲୋକେ ଏ ସମ୍ପର୍କରେ ଜାଣି ପ୍ରତିବାଦ କରିବା ପରେ ଦୀପକଙ୍କ ପରିବାର ଏଥିରେ ହସ୍ତକ୍ଷେପ କରିଥିଲେ। ଝିଅର ବୟସ ୧୮ ହେବା ପରେ ଦୁଇଜଣଙ୍କ ବିବାହ ଶୁଭଦିନ ଦେଖି କରାଇବାକୁ ରାଜି ହୋଇଥିଲେ। ଛାତ୍ରୀଙ୍କ ବୟସ ୧୮ ହେବା ପରେ ପରିବାର ପକ୍ଷରୁ ପୂର୍ବ ନିଷ୍ପତ୍ତି ଅନୁଯାୟୀ ବିବାହ ପ୍ରସ୍ତାବ ଦିଆଯାଇଥିଲା। ଦୀପକଙ୍କ ପରିବାର ଲୋକେ ପ୍ରତ୍ୟାଖାନ କରି ଧମକଚମକ ଦେଇଥିଲେ। ଏଥିସହ ଦୀପକ ପୀଡିତାଙ୍କୁ ବାହା ନ ହୋଇ ତାଙ୍କ ସାନ ଭଉଣୀକୁ ବାହାହେବାକୁ ମୋବାଇଲରେ ଲଗାତର ମେସେଜ୍ କରୁଥିଲେ। ଦୀପକ ପ୍ରସ୍ତାବରେ ରାଜି ନ ହେଲେ ପୀଡିତା ସହ ଶାରୀରକ ସମ୍ପର୍କ ବେଳର କିଛି ଫଟୋ ଭାଇରାଲ ହେବା ଭୟରେ ପୀଡିତାଙ୍କ ପରିବାର ଲୋକ ଥାନାରେ ଅଭିଯୋଗ କରିଥିଲେ। ଥାନାରେ ମାମଲା(ନଂ.୪୩୫/୨୦୨୦) ରୁଜୁ ପରେ ମୋବାଇଲ ଟ୍ରାକିଂ କରି ଦୀପକଙ୍କୁ ପୋଲିସ ବାରିପଦାରୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି।

## ଜୀବନ ଫେରିବା ଆଶାରେ ୧୦ଦିନ ଘରେ ରହିଲା ମୃତଦେହ

ବରଗଡ଼ ଅଫିସ୍,୯।୧

ବରଗଡ଼ ସହର ଉପକଣ୍ଠ ବରଡ଼ୋଲ ପଞ୍ଚାୟତ ଅନ୍ତର୍ଗତ ଡାଙ୍ଗ ଛକରେ ଜଣେ ମୃତକଙ୍କ ଜୀବନ ଫେରିବା ଆଶାରେ ୧୦ ଦିନ ଧରି ମୃତଦେହ ସତ୍କାର କରା ନ ଯିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଖବର ପାଇ ଶନିବାର ସ୍ଥାନୀୟ ସାମାଜିକ ଅନୁଷ୍ଠାନ ସଂକଳ୍ପର ସ୍ୱେଚ୍ଛାସେବୀମାନେ ମୃତଦେହ ଉଦ୍ଧାର କରି ସତ୍କାର କରିଥିଲେ। ସୂଚନା ଅନୁଯାୟୀ, ପ୍ରାୟ ୧୦ଦିନ ତଳେ ଡାଙ୍ଗ ଛକ ନିକଟ ଏକ ଘରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ପରିବାର କହିଲେ ତାଙ୍କ ଦୁଇ ଝିଅ, ସ୍ତ୍ରୀ ଏବଂ ଶାଶୁ। ମୃତକ ଜଣକ ପରିବାରରେ ଏକମାତ୍ର ପୁରୁଷ ଥିଲେ। ତେବେ ବୃଦ୍ଧଙ୍କ ମୃତ୍ୟୁ ହେବା ପରେ ମଧ ସେ ଫେରି ଆସିବା ଆଶା ନେଇ ସେମାନେ ମୃତଦେହକୁ ଘରେ ଘୋଡ଼ାଇ ରଖିଥିଲେ। ବାପା ପୁଣି ଜୀବନ ଫେରି ପାଇବେ ଏହି ଆଶା ନେଇ ସେମାନେ ମୃତଦେହକୁ ରଖିଥିବା ତାଙ୍କର ଜଣେ ଝିଅ କହିଛନ୍ତି। ଅନ୍ୟପଟେ ମୃତଦେହ ଦୁର୍ଗନ୍ଧ ହେବା ସହିତ ପୋକ ହୋଇଯାଇଥିଲା। ଖବର ପାଇ ସଂକଳ୍ପର ସଦସ୍ୟମାନେ ପୋଲିସ ସହାୟତାରେ ମୃତଦେହ ଉଦ୍ଧାର କରି ଦାହ କରିଥିଲେ।

## ଟାଟୁ ଦୋକାନୀଙ୍କୁ ଛୁରାମାଡ଼, ୨ ଗିରଫ

ଫୁଲବାଣୀ ଅଫିସ, ୯।୧

କନ୍ଧମାଳ ଜିଲା ଫୁଲବାଣୀ ସହରରେ ଟାଟୁ ବନାଇବାକୁ ନେଇ ଦୋକାନୀଙ୍କୁ ଛୁରାମାଡ ହୋଇଛି। ଘଟଣାରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ବୌଦ୍ଧ ଜିଲା ମୁସ୍‌ଲିମପଡାର ରୋନକ୍ ଇସଲାମ ଓ ଆକିବ୍ ହୁସେନ।

ରୋନକ୍ ଏବଂ ଆକିବ୍ ଶୁକ୍ରବାର ସାଙ୍ଗମାନଙ୍କ ସହ ଫୁଲବାଣୀ ସହରଠାରୁ ଅଳ୍ପଦୂର ତୁଡିପାଜୁ ଅଞ୍ଚଳକୁ ବଣଭୋଜି କରିବାକୁ ଆସିଥିଲେ। ଭୋଜି ସାରିବା ପରେ ଦୁହେଁ ଦେହରେ ଟାଟୁ କରିବାକୁ ସହରରେ ଥିବା ସନ୍ତୋଷ ପରିଡାଙ୍କ ଦୋକାନକୁ ଯାଇଥିଲେ। ସେମାନଙ୍କୁ ଅପେକ୍ଷା କରିବାକୁ ସନ୍ତୋଷ କହିଥିଲେ। ରାଗିଯାଇ ଯୁବକ ଦ୍ୱୟ ଗାଳିଗୁଲଜ କରିଥିଲେ। ପ୍ରତିବାଦ କରିବାରୁ ସେମାନେ ଏକ ଧାରୁଆ ଛୁରିରେ ସନ୍ତୋଷଙ୍କ ଛାତି ଏବଂ ପଛପଟକୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଫୁଲବାଣୀ ମେଡିକାଲ ନେଇଥିଲେ। ସନ୍ତୋଷଙ୍କ ଭାଇ ସୁନୀଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଚଢ଼ାଉ କରି ସମ୍ପୃକ୍ତ ଯୁବକ ଦ୍ୱୟଙ୍କୁ ଗିରଫ କରିବା ସହ ଛୁରି ଜବତ କରିଛି। ଏନେଇ ନଂ. ୭/୨୧ରେ ମାମଲା ରୁଜୁ ହୋଇଛି।

## ନାବାଳିକାଙ୍କ ଆତ୍ମହତ୍ୟା

ବାହାନଗା ,୯।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତ ଅଞ୍ଚଳର ଜଣେ ନାବାଳିକା ଶନିବାର ଘରେ କେହି ନ ଥିବା ବେଳେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ସନ୍ଧ୍ୟାରେ ଘରକୁ ଫେରିବା ପରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋପାଳପୁର ଫାଣ୍ଡି ପୋଲିସ୍ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

# ଧର୍ମେନ୍ଦ୍ର, ପୁରନ୍ଦେଶ୍ୱରୀଙ୍କ କୁଶପୁତ୍ତଳିକା ଦାହ

**ମାହାଙ୍ଗା ଡବଲ ମର୍ଡର ଘଟଣା**

- ରମାକାନ୍ତଙ୍କ ଗିରଫ ପାଇଁ ଦଳିତ ଆଦିବାସୀ ମହାସଂଘର ଦାବି

ନିଶ୍ଚିନ୍ତକୋଇଲି/ମାହାଙ୍ଗା/ସାଲେପୁର, ୯।୧(ସ୍ୱ.ପ୍ର.)



ଧର୍ମେନ୍ଦ୍ର ପ୍ରଧାନ, ଡି.ପୁରନ୍ଦେଶ୍ୱରୀଙ୍କ ପୋଷ୍ଟର ଜଳା ଯାଉଛି।

କଟକ ଜିଲା ମାହାଙ୍ଗା ବ୍ଲକ ଡବଲ ମର୍ଡର ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୭ ଜଣଙ୍କୁ ଗିରଫ କରି ଗ୍ରାମାଞ୍ଚଳ ପୋଲିସ କୋର୍ଟ ଚାଲାଣ କରିଛି। ଶନିବାର ଅଷ୍ଟମ ଦିନରେ ପୋଲିସକୁ କୌଣସି ସଫଳତା ମିଳିନାହିଁ। ଏହି ଘଟଣାକୁ ନେଇ କଂଗ୍ରେସ ଓ ଭାଜପା ତୁମ୍ବିତୋଫାନ କରୁଥିବା ବେଳେ ଶାସକ ବିଜେଡି ମୁହଁ ଖୋଲିଛି। ମାମଲାରେ ଭାଜପା ଶସ୍ତା ରାଜନୀତି କରୁଥିବା ଅଭିଯୋଗ କରି ସାଲେପୁରର ବିଜୁ ପଟ୍ଟନାୟକ ଛକରେ ବିଜେଡି ପକ୍ଷରୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଡି.ପୁରନ୍ଦେଶ୍ୱରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ବେଳେ ବିରୋଧୀ ଦଳ ଜାଣିଶୁଣି ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କୁ ମାମଲାରେ ଛନ୍ଦି ତାଙ୍କ ଲୋକପ୍ରିୟତାକୁ ହ୍ରାସ କରିବାକୁ ଉଦ୍ୟମ କରୁଛି ବୋଲି ମାହାଙ୍ଗା ବ୍ଲକ ଅଧ୍ୟକ୍ଷ ଶରତ ନାୟକ ଓ ଉପାଧ୍ୟକ୍ଷ ରସିଦା ବେଗମ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ମାହାଙ୍ଗାରେ ରାଜନୀତି ସରଗରମ ହୋଇଉଠିଛି। ମୁଖ୍ୟ ଅଭିଯୁକ୍ତ ପଞ୍ଚାନନ ସେଠୀଙ୍କ ବୟାନ ପରେ ଦଳିତ ଆଦିବାସୀ ମହାସଂଘ କର୍ମକର୍ତ୍ତା ମାହାଙ୍ଗା ଗସ୍ତରେ ଆସି ତାଙ୍କ ମା'ଙ୍କୁ ଭେଟିଛନ୍ତି । ଜାତୀୟ ଦଳିତ ଆଦିବାସୀ ମହାସଂଘ ସଭାପତି ଲିଟୁ ଦାସ, କାର୍ଯ୍ୟକାରୀ ସଭାପତି ପୀତବାସ ନାୟକ, ପ୍ରକାଶ ପ୍ରଧାନ, ଜଗନ୍ନାଥ ଭୋଇ ଓ ଟିକିନା ପରିଡା ଏବଂ ରାଷ୍ଟ୍ରୀୟ ଦଳିତ ମହାସଂଘର ରାଜ୍ୟ ସଭାପତି ଅଶୋକ ମଲିକ, ଆମ୍ବେଡ଼କର ଲୋହିଆ ମଞ୍ଚ ସଭାପତି ମନୋରଞ୍ଜନ ଜେନା, ପଛୁଆ ବର୍ଗ ମହାସଂଘର ସଭାପତି ଅନାଦି ସାହୁ ପ୍ରମୁଖ ପଞ୍ଚାନନଙ୍କ ମା'ଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଏହି ସମୟରେ ତାଙ୍କ ମା' କହିଛନ୍ତି, ଡିସେମ୍ବର ୨୭ରେ କୁଳମଣିଙ୍କ ପୁଅ ରମାକାନ୍ତ ତାଙ୍କ ଆଗରେ ୨ ପୁଅଙ୍କୁ ଉଲଗ୍ନ କରି ମାଡ଼ ମାରିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଦଳିତ ନେତାମାନେ ନିନ୍ଦା କରିବା ସହ ରମାକାନ୍ତଙ୍କୁ ପୋଲିସ କାହିଁକି ଗିରଫ କରୁନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ କଟକ ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଜେନା କୁହନ୍ତି, ମାମଲା ରୁଜୁ ହୋଇଛି। ସାଲେପୁର ଏସ୍‌ଡିପିଓ ଏହି ଘଟଣାର ତଦନ୍ତ କରୁଛନ୍ତି।

ସୂଚନାଯୋଗ୍ୟ, ସାଲେପୁର ଭାଜପା ପ୍ରଭାରୀ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ହତ୍ୟା ଘଟଣାରେ ପୋଲିସ ମନ୍ତ୍ରୀ ଜେନାଙ୍କ ସମେତ ୧୩ ଜଣଙ୍କ ନାମରେ ମାମଲା (ନଂ ୫/୨୧) ରୁଜୁ କରିଛି। ଘଟଣାରେ ଏଯାଏ ୭ ଜଣ ଗିରଫ ହୋଇଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ଭାଜପା ପକ୍ଷରୁ ଡିଜି ଅଫିସ ଘେରାଉ କରାଯାଇଥିଲା। ଡିଜିପି ଅଭୟ ୧୦ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଶୁକ୍ରବାର ପ୍ରତିଶ୍ରୁତି ଦେଇଥିଲେ। ଜଣେ ଡିଆଇଜି ସ୍ତର ଅଧିକାରୀ ଏହି ମାମଲାର ତଦନ୍ତ କରିବେ ବୋଲି ସେ କହିଥିଲେ। ଶନିବାର ଗୋଟିଏ ଦିନ ଅତିକ୍ରାନ୍ତ ହୋଇଯାଇଥିବା ବେଳେ ଆଉ ୯ ଦିନରେ କିପରି ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ତାହା ଦେଖିବାକୁ ବାକି ରହିଲା। ଏହି ଘଟଣାରେ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ କଂଗ୍ରେସ ପକ୍ଷରୁ ମଧ ଦାବି କରାଯାଇଛି।

# ଅଭୁଲା ପିକ୍‌ନିକ୍







**ଶୀତଦିନିଆ ଥଣ୍ଡା ପାଗରେ ସାଙ୍ଗସାଥୀ କିମ୍ବା ପରିବାର ସଦସ୍ୟଙ୍କ ସହ ନୂଆ ନୂଆ ଜାଗା ବୁଲିଯିବା ଏବଂ ପିକ୍‌ନିକ୍ କରିବାର ନିଆରା ଅନୁଭୂତି ସାଉଁଟିବାକୁ କିଏ ବା ଭଲ ନ ପାଏ। ହେଲେ ଏସବୁ ଭିତରେ କେବେ କେବେ ଏମିତି ବି କିଛି ଘଟଣା ଘଟିଯାଏ, ଯାହା କି ମନ ଭିତରେ ଅଭୁଲା ସ୍ମୃତି ହୋଇ ରହିଯାଏ ସବୁଦିନ ପାଇଁ...**



### ସାହସ କେଉଁଠୁ ଆସିଲା ଜାଣିନି



ପ୍ରିୟଙ୍କା

**ପ୍ରିୟଙ୍କା ମିଶ୍ର** (ଗୋଡ଼ିପଡ଼ା)- ଗତ ବର୍ଷର ଘଟଣା। ଜାନୁୟାରୀ ମାସର ଏକ ରବିବାର ଶୀତୁଆ ସକାଳୁ ଆମ ପରିବାରର ସଦସ୍ୟମାନେ ଭୁବନେଶ୍ୱରର ଶିଖରଚଣ୍ଡୀ ପର୍ଯ୍ୟଟନସ୍ଥଳରେ ପିକ୍‌ନିକ୍ କରିବାକୁ ପହଞ୍ଚିଲୁ। ଏକ ପିଣ୍ଡି ବୁକ୍ କରି ସମସ୍ତେ ମିଶି ମଜାମସ୍ତିରେ ରୋଷେଇ କାର୍ଯ୍ୟ ଆରମ୍ଭ କଲୁ। ଏପଟେ ରୋଷେଇ ଚାଲିଥିବା ବେଳେ ଅଳ୍ପ ଅଳ୍ପ ଜଣ ଯାଇ ଉପରେ ଥିବା ମନ୍ଦିର ଦର୍ଶନ କରି ଆସୁଥାନ୍ତି। ମୋ ପାଳି ପଡ଼ିଲା। ମୁଁ ଉପରକୁ ଯାଉଥିବା ବେଳେ ହଠାତ୍ ଛୋଟ ଛୁଆ କାନ୍ଦିବାର ଶବ୍ଦ ଶୁଭିଲା। ବ୍ୟସ୍ତ ହୋଇ ଏଣେ ତେଣେ ଚାହିଁଲି ଏବଂ ଶବ୍ଦ ଆସୁଥିବା ସ୍ଥାନ ଆଡ଼କୁ ଦୌଡ଼ିଲି। ଦେଖେତ ମନ୍ଦିର ପଛପଟ ଜଙ୍ଗଲରେ ପ୍ରାୟ ୩ ବର୍ଷର ଶିଶୁଟିର ହାତକୁ ମାଙ୍କଡ଼ ଭିଡୁଥିଲା। ଶିଶୁଟି ଏକାକୀ ଭୟରେ ଚିତ୍କାର କରୁଥିବା ଦେଖି କ'ଣ କରିବି ଭାବି ପାରୁ ନ ଥିଲି। ଏଣେ ଚାରିପଟେ ଏତେ ସଂଖ୍ୟାରେ ମାଙ୍କଡ଼ ଦେଖି ଖୁବ୍ ଭୟ ବି ଲାଗୁଥିଲା। ତଥାପି ସାହସର ସହ ପାଖରେ ପଡ଼ିଥିବା ଏକ ବାଡ଼ି ଧରି ମାଙ୍କଡ଼କୁ ବାଡ଼େଇଲି। ମାଙ୍କଡ଼ଟି ଭୟ ପାଇ ପଳାଇ ଯାଇଥିଲା। ପିଲାଟିକୁ ବୁଝାଇ ସାଙ୍ଗରେ ଆଣି ମନ୍ଦିରରେ ବସାଇଲି। ସେଠାରେ ଏତେଗୁଡ଼ିଏ ପିକ୍‌ନିକ୍ ହେଉଥିଲା ଯେ, ଏ ପିଲାଟି କାହାର ଜାଣିବା ମୁସ୍କିଲ୍ ଥିଲା। ତେଣୁ ମନ୍ଦିରରେ କିଛି ସମୟ ଅପେକ୍ଷା ପରେ ତା'ର ମାଆ ଆସି ପହଞ୍ଚିଲେ। ପିଲାଟିଠାରୁ ସବୁ ଘଟଣା ଶୁଣି ମୋତେ ଧନ୍ୟବାଦ ଜଣାଇଲେ। ମାଙ୍କଡ଼କୁ ମୋର ବହୁତ ଡ଼ର ଥିଲେ ବି ସେଦିନ ପିଲାଟିକୁ ବଞ୍ଚାଇବା ଲାଗି ସାହସ କେଉଁଠୁ ଆସିଲା ଭାବିଲେ ଏବେ ବି ଆଶ୍ଚର୍ଯ୍ୟ ଲାଗେ।

### ମାଡ଼ ଭୟରେ ଲୁଚି ଅଣନିଃଶ୍ୱାସୀ ହୋଇପଡ଼ିଥିଲି



ସାଗରିକା



ମିଳନ



ରାଜେନ୍ଦ୍ର

**ମିଳନ ମହାନ୍ତି** (କୁଶୁପୁର, ଗୋପ, ପୁରୀ)- ଏବେ ବି ମୁଁ ଭୁଲି ପାରୁନି କଲେଜ ସାଙ୍ଗସାଥୀଙ୍କ ସହ ଯାଇଥିବା ସେଇ ପିକନିକ୍ କଥା। ସେତେବେଳେ ମୁଁ ଯୁକ୍ତ ୩ ପଢୁଥିଲି। କଲେଜ ପକ୍ଷରୁ କପିଳାସ ପିକନିକ୍ ଯିବାର ଯୋଜନା ହେଲା। ମନରେ ଢେର୍ ଉତ୍କଣ୍ଠା ଥିଲା। ତେବେ ତାହା ପିକ୍‌ନିକ୍ ଯିବା ଲାଗି ନୁହେଁ ବରଂ ମୋ କ୍ଲାସ୍‌ମେଟ୍ ତଥା ପ୍ରେମିକା ସସ୍ମିତା କାନୁନ୍‌ଗୋ ମଧ ଯିବା କଥା ଶୁଣି। ହେଲେ ଯେବେ ଖବର ପାଇଲି ତା' ପରିବାର ଲୋକେ ତାକୁ ଯିବାକୁ ଦେଉ ନାହାନ୍ତି ଭାରି ମନ କଷ୍ଟ ହେଲା। କିନ୍ତୁ, ମୋ କ୍ଲାସର ଜଣେ ଝିଅ ତା' ଘରକୁ ଯାଇ ମୁଁ ଯାଉ ନାହିଁ ବୋଲି ମିଛ କହିବା ପରେ ତା' ଭାଇ ରାଜି ହୋଇଥିଲା। ଆମେ କଲେଜ ପାଖରୁ ଉଠିଲୁ। ଆଉ କେତେଜଣ ବାଟରୁ ଗୋଟେ ଗୋଟେ କରି ଗାଡ଼ିରେ ଚଢ଼ିଲେ। ସସ୍ମିତା ମଧ ବାଟରୁ ଚଢିବାର ଥିଲା। ହେଲେ ତାକୁ ଛାଡ଼ିବାକୁ ତା' ଭାଇ ଆସିବ ବୋଲି ମୋତେ ଜଣା ନ ଥିଲା। ମୁଁ ବସ୍ ଭିତରେ ବସିଥିଲି ଏବଂ ଜଣେ ସାଙ୍ଗ କହିଲା ଆରେ ଲୁଚିଯା ତା' ଭାଇ ସାଙ୍ଗରେ ଆସିଛି। ତୋତେ ଦେଖିଲେ ତା' ଯିବା କେବଳ ବନ୍ଦ ହେବନି ବରଂ ମିଛ କହିଥିବାରୁ ସେ ଝିଅ ସାଙ୍ଗ ସହ ମୋ ଉପରେ ମଧ ଗୁଡ଼ାଏ ମାଡ଼ ପଡ଼ିବା ଭୟରେ ମୁଁ ଡରିଗଲି। ଉପାୟ ନ ପାଇ ବସ୍ ଭିତରେ ଲାଗିଥିବା ଟିଭି ବାକ୍ସ ଭିତରେ ପଶିଗଲି। ତା' ଭାଇ ତାକୁ ବସେଇବା ବାହାନାରେ ମୋତେ ବସ୍ ଭିତରେ ଖୋଜି ନ ପାଇବାରୁ ଓହ୍ଲାଇ ଗଲା। ପ୍ରେମ ନିଶାରେ ବାକ୍ସ ଭିତରେ ପଶିଗଲି ସତ, ହେଲେ ତାହା ଆଉ ନ ଖୋଲିବାରୁ ଅଣନିଃଶ୍ୱାସୀ ହୋଇପଡ଼ିଲି। କିଛି ସମୟ ପରେ ଗାଡି ରଖାଯାଇ ଟିଭି ବାକ୍ସ ଭଙ୍ଗା ଯିବା ପରେ ମୁଁ ବାହାରିଲି। କେବଳ ସାଙ୍ଗସାଥୀ ନୁହେଁ ସାଙ୍ଗରେ ଥିବା ଅଧ୍ୟାପକମାନେ ମଧ ଏଥିପାଇଁ ଖୁବ୍ ହସିବା ସହ ଗାଳି ବି କଲେ। ଯଦିଓ ପରବର୍ତ୍ତୀ ସମୟରେ ସେଇ ଝିଅ ସହ ବିବାହ ହେଲା, ହେଲେ ଏବେ ବି ସେକଥା ମନେପଡ଼ିଲେ ହସ ଲାଗେ।

### ଘାଟିରେ ରାତି କାଟିବାର ମଜା ନିଆରା

**ସାଗରିକା ରଥ** (ରାମେଶ୍ୱର, ଖୋର୍ଦ୍ଧା)- ପିକନିକ୍ ଋତୁ ଆସିଲେ, ମୋର ଅତୀତର କଥା ମନେପଡିଯାଏ। ୨୦୦୩ ଡିସେମ୍ବର ମାସ କଥା। ସପରିବାର କାରରେ କୋରାପୁଟ ବୈପାରୀଗୁଡା ଗୁପ୍ତେଶ୍ୱର ଦର୍ଶନ କରିବାକୁ ବାହାରିଥିଲୁ। ଅଧିକ ବାଟ ଯିବାକୁ ପଡିବ ବୋଲି ପୂର୍ବ ରାତିରୁ ସବୁ କାମ ସାରି ଭୋରରୁ ବାହାରି ପଡ଼ିଲୁ। ଅପରାହ୍ନ ସୁଦ୍ଧା ଗୁପ୍ତେଶ୍ୱରରେ ପହଞ୍ଚିଗଲୁ। ନିକଟରେ କୋଲାବ ନଦୀ। ପାହାଡ଼ିଆ ନଦୀର ସୁଅ ବେଶି। ଏକଥା ମୋତେ ଜଣା ନ ଥିଲା। ପାଣିରେ ମଜା ନେବା ବେଳେ ମୋର ଗୋଡ ଖସି ପଡିଲା। ମୁଁ କିଛି ବାଟ ଭାସିଗଲି। ପାଖରେ ଥିବା ସମ୍ପର୍କୀୟ ଦାଦା ପ୍ରଶାନ୍ତ ବେହେରା ପାଣିରେ ପଶି ମୋତେ ବଞ୍ଚାଇଲେ। ସେତେବେଳେ ମୁଁ ପେଟେ ପାଣି ପିଇଦେଇଥିଲି, ସମସ୍ତେ ଭୟ କରି ଯାଇଥିଲେ। ପ୍ରାୟ ଅଧଘଣ୍ଟା ପରେ ମୋ ହୋସ ଆସିବା ଦେଖି ରୋଷେଇ ବାସ ଆରମ୍ଭ ହେଲା। ତେବେ ଏତିକିରେ ସରି ନ ଥିଲା ସେଦିନର ଘଟଣା। ଫେରିବା ବେଳେ ରାତି ପ୍ରାୟ ୯ଟା ବେଳେ ବୈପାରିଗୁଡା ଘାଟିରେ କାର ପଛ ଚକା ପଙ୍କଚର ହୋଇଗଲା। ଠିକ୍ କରିବାକୁ ପାଖରେ କୌଣସି ସାଧନ ନ ଥିଲା। ତେଣୁ ବାଧ ହୋଇ ଘାଟି ଉପରେ ରାତି କାଟିବାକୁ ପଡିଲା। ଘାଟିରେ ପ୍ରବଳ ଶୀତକୁ କୁହୁଡ଼ିରେ ରାତି ଯେତିକି ବଢୁଥିଲା ମନରେ ବନ୍ୟଜନ୍ତୁ ଆସିବାର ଭୟ ବି ସେତିକି ବଢୁଥିଲା। ବାହାରେ ପଡ଼ିଥିବା କାଠ, କାଠିକୁଟା ଏକାଠି କରି ନିଆଁ ଜାଳିଲୁ। ଶୀତରୁ ରକ୍ଷା ପାଇବା ଲାଗି ନିଆଁ ମୂଳେ ଚାରିପଟେ ବସି ରାତି କାଟିଲୁ। ରାତି ପାହିଲା ପରେ, ଘାଟିରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ପରେ ଡ୍ରାଇଭର ଏବଂ ବାପା, ଦାଦା ଚାଲି ଚାଲି ଯାଇ କିଛି ଦୂରରେ ଥିବା ଏକ ଗ୍ୟାରେଜ୍‌ରୁ ଜଣେ ମେକାନିକ୍ ଡାକି ଆଣିଲେ। ଚକା ମରାମତି ହେବା ପର୍ଯ୍ୟନ୍ତ, ଆମେ ସେଠାରେ ନ ରହି ପାଦରେ ଚାଲି ଚାଲି ବାହାରିଥିଲୁ। ଘାଟି ଉପରୁ ପ୍ରାକୃତିକ ପରିବେଶ ମଜା ନେଇଥିଲୁ। ପରିବାର ସହ ସେଲ୍ଫି ନେଇଥିଲୁ। ଗୁପ୍ତେଶ୍ୱର ବୁଲିବା କଥା ମନେପଡିଲେ, ସେହି ସ୍ମୃତି ଆଗରେ ନାଚି ଉଠେ।

### ଭୟରେ ପିକ୍‌ନିକ୍ ମଜା ଫିକା ପଡ଼ିଗଲା

**ରାଜେନ୍ଦ୍ର ନାରାୟଣ ସେନାପତି** (କର୍ମଜୀବୀ, ଫୁଲନଖରା, କଟକ)- ପ୍ରତିବର୍ଷ ପିକ୍‌ନିକ୍ ସିଜନ୍‌ରେ ସାଙ୍ଗସାଥୀଙ୍କ ସହ ହେଉ ବା ପରିବାର ସହ ମିଶି ପ୍ରାୟ ୪-୫ ଥର ପିକ୍‌ନିକ୍ ନିଶ୍ଚୟ ଯାଏ। ଆଉ ସବୁ ଥର ପିକ୍‌ନିକ୍‌ର କିଛି କିଛି ଅନୁଭୂତି ବି ରହିଛି। ହେଲେ ଦୁଇ ବର୍ଷ ତଳେ ସାଙ୍ଗମାନଙ୍କ ସହ ବେଲେଶ୍ୱରଠାରେ କରିଥିବା ଏକ ପିକ୍‌ନିକ୍‌ର ଅନୁଭୂତି ମନେ ପଡ଼ିଲେ ଏବେ ବି ଲୋମ ଟାଙ୍କୁରି ଉଠେ। ଆମେ ୯ ଜଣ ଯାଇଥିଲୁ। ପ୍ରଥମେ ସମୁଦ୍ରରେ ଗାଧୋଇ ସାରି ପାଖରେ ଥିବା ଝାଉଁ ବଣରେ ଭୋଜି ରୋଷେଇ ଆରମ୍ଭ କଲୁ। ଡିଜେ ଲଗା ମଜାମସ୍ତି ବି କରୁଥିଲୁ। ଜଣେ ସାଙ୍ଗ ବାଲିରେ ଖେଳିବାକୁ ପ୍ରସ୍ତାବ ଦେଲା। ତା' ପରେ ବାଲି ଖୋଳି ତାକୁ ମୁଣ୍ଡ ବାହାରେ ରଖି ସମ୍ପୂର୍ଣ୍ଣ ଶରୀର ପୋତି ଏକ ନାରୀ ମୂର୍ତ୍ତି ଭଳି ଆକାର ଦେଲୁ। ବେଶ୍ ଥଟା ମଜା ସାଙ୍ଗକୁ ତା' ସହ ଫଟୋ ନେବା ଭିତରେ ସେ ହଠାତ୍ ଖୁବ୍ ଜୋର୍‌ରେ ଚିତ୍କାର କରି କହିଲା ମୋ ପାଦକୁ କ'ଣ କାମୁଡ଼ି ଦେଲା। ପାଖରେ ପିକ୍‌ନିକ୍ କରୁଥିବା ଅନ୍ୟ ଦଳର ପିଲାମାନେ ମଧ ସେଠାକୁ ଧାଇଁ ଆସିଲେ। ଆମେ ତୁରନ୍ତ ତାକୁ ବାଲିରୁ କାଢିଲୁ। ରକ୍ତ ବାହାରୁଥିବା ଦେଖି କେହିଜଣେ କହିଲା ଏଠାରେ ବାଲିରେ ଅନେକ ବିଷାକ୍ତ ସାପ ରୁହନ୍ତି, ଥରେ ଏମିତି ଘଟଣାରେ ଜଣେ ମରିଯାଇଥିଲେ। ଏକଥା ଶୁଣି ସେ ସାଙ୍ଗଟି ଡରରେ ଥରି ଥରି ବେହୋସ୍ ହୋଇ ପଡ଼ିଲା। ଘଟଣା କ'ଣ ହୋଇଥିବ ଅବା ସେ ପିଲାଟି ମନ ଗଢା କାହାଣୀ କହୁଥିବ ଭାବିବାକୁ ଆଉ ସମୟ ନ ଥିଲା। ତୁରନ୍ତ ସେ ସାଙ୍ଗକୁ ଡାକ୍ତରଖାନା ନେଇଗଲୁ। ହେଲେ ଡାକ୍ତର ପରୀକ୍ଷଣ କରି କହିଲେ ଏହା କୌଣସି ବିଷାକ୍ତ ସାପ କାମୁଡ଼ା ନୁହେଁ ବରଂ ବାଲି କଙ୍କଡ଼ା କାମୁଡ଼ା ଭଳି ଲାଗୁଛି। ତଥାପି ଏକ ଇଞ୍ଜେକ୍ସନ ଦେଲେ। ସାଙ୍ଗଟି ବିଷ ଯୋଗୁ ନୁହେଁ ଭୟରେ ଚେତାଶୂନ୍ୟ ହୋଇପଡ଼ିଥିଲା ସେକଥା ବୁଝିବା ବାକି ନ ଥିଲା। ସେତେବେଳକୁ ସଂଧ୍ୟା ହୋଇଆସୁଥାଏ। ସମସ୍ତେ ଭୋକରେ ଥିଲୁ ଏବଂ ରୋଷେଇ ହୋଇ ନ ଥିବାରୁ ଏକ ଢାବାରେ ଖାଇଲୁ। ଯଦିଓ ତାକୁ ଡରୁଆ, ତୋ ଯୋଗୁ ପିକ୍‌ନିକ୍ ଖରାପ ହୋଇଗଲା ବୋଲି ପରେ ବହୁତ ଚିଡ଼େଇଲୁ ହେଲେ ସେ ସମୟରେ ଆମ ମନରେ କ'ଣ ଘଟୁଥିଲା ସେ କଥା ଜଣେ ଅନୁଭବୀ ହିଁ ବୁଝିପାରେ।

## ଏ ସପ୍ତାହର ପ୍ରଶ୍ନ

୧- ୟୁନିସେଫ୍‌ର ରିପୋର୍ଟ ଅନୁଯାୟୀ ଚଳିତ ଜାନୁୟାରୀ ୧ ତାରିଖରେ..... ଦେଶରେ ସର୍ବାଧିକ ସଂଖ୍ୟକ ଶିଶୁ ଜନ୍ମ ରେକର୍ଡ କରାଯାଇଛି ?
୨- 'ଇଣ୍ଡିଆନ୍ ୱାର୍ସ ଅଫ୍ ଇଣ୍ଡିପେଣ୍ଡେନ୍ସ-୧୮୫୭' ପୁସ୍ତକର ଲେଖକ....... ?
୩-ଭାରତର ସର୍ବାଧିକ କଫି ଉତ୍ପାଦନକାରୀ ରାଜ୍ୟ...... ?
୪- 'ଇଣ୍ଟରନାଶନାଲ ସ୍ନୋ ଲିଓପାର୍ଡ ଡେ' ପ୍ରତି ବର୍ଷ............ ତାରିଖରେ ପାଳନ କରାଯାଏ ?
୫- ଲିଫ୍ଟର ଉଦ୍ଭାବକ......... ?

## ଗତ ଥରର ଉତ୍ତର

୧ ଅରୁଣାଞ୍ଚଳ ପ୍ରଦେଶ ଏବଂ ଆସାମ
୨ ନ୍ୟାଶନାଲ୍ ଫିଲ୍ମ ଡେଭେଲପ୍‌ମେଣ୍ଟ କର୍ପୋରେଶନ
୩ ଭାରତସ୍କିଲ୍ସ
୪ ଟେବୁଲ୍ ଟେନିସ୍
୫ ମଧ୍ୟପ୍ରଦେଶ

## ଉତ୍ତରଦାତା



ଶୈଳେନ୍ଦ୍ର ନାରାୟଣ, ଭୁବନେଶ୍ୱର



ଭବାନୀ ଶଙ୍କର ମହାକୁଡ଼, ବଲାଙ୍ଗୀର



ଶୁଭ୍ରାଂଶୁ ପାଢୀ, ଗଞ୍ଜାମ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ୟୁଥ୍ କ୍ଲବ

# ଆତ୍ମତୃପ୍ତି ଦିଏ ପରୋପକାର

ପରୋପକାର କରି ସେମାନେ ପାଇଥାନ୍ତି ଆତ୍ମତୃପ୍ତି। ଆଉ ସେଇ ଆତ୍ମତୃପ୍ତି ନା କେବଳ ସେମାନଙ୍କୁ ବିଭିନ୍ନ ସମାଜଧର୍ମୀ କାର୍ଯ୍ୟ କରିବାକୁ ସହାୟକ ହୋଇଥାଏ ବରଂ ଏଦିଗରେ ଆଗେଇ ଯିବାକୁ ଯୋଗାଇଥାଏ ଭରପୂର ଖୋରାକ। ଏପରି ଏକ ୟୁଥ୍ କ୍ଲବ ରହିଛି ନୟାଗଡ଼ ଜିଲାର ଦଶପଲ୍ଲା ଏନଏସିର ଦଶପଲ୍ଲା ତ୍ରିନାଥବଜାରରେ। ୨୦୦୩ ମସିହାରେ ମାତ୍ର ୨୦ ଜଣ ସଭ୍ୟଙ୍କୁ ନେଇ ଗଢ଼ି ଉଠିଥିବା ଏହି ସୀତାରାମ ୟୁଥ୍ କ୍ଲବର ବର୍ତ୍ତମାନ ସଦସ୍ୟ ସଂଖ୍ୟା ୧୨୫। ଅସହାୟଙ୍କୁ ସହଯୋଗ କରିବା ହେଉ କି ସ୍ଥାନୀୟ ଅଞ୍ଚଳରେ ଥିବା ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବାରେ କ୍ଲବର ସଦସ୍ୟମାନଙ୍କ ଗଠନ ପାଇଁ ଏହି ଅନୁଷ୍ଠାନ କାର୍ଯ୍ୟ କରି ଆସୁଛି। ସେହିପରି କ୍ଲବ୍ ପକ୍ଷରୁ ରକ୍ତଦାନ ଶିବର, ମାଗଣା ସ୍ୱାସ୍ଥ୍ୟ ଶିବର ଆୟୋଜନ କରାଯାଉଛି। ଶରୀର ପାଇଁ ଯୋଗ ଯେ ଅପରିହାର୍ଯ୍ୟ, ଏଦିଗରେ ବି ଲୋକଙ୍କୁ ସଚେତନ କରାଯାଉଛି। ଏହା ବ୍ୟତୀତ କ୍ଲବ୍ ସଦସ୍ୟଙ୍କ ଉଦ୍ୟମରେ ସ୍ଥାନୀୟ ଲୋକକଳା ଓ ବିଭିନ୍ନ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ପାଇଁ ପ୍ରତିବର୍ଷ ୩ ଦିନ ଧରି ମହକ ନାମକ ଯୁବ ମହୋତ୍ସବ ଦଶପଲ୍ଲା ଓ ଆଖପାଖ ଅଞ୍ଚଳରେ ଆୟୋଜନ କରାଯାଉଛି। କ୍ଲବ୍‌ର ସଦସ୍ୟମାନେ କରୋନା ସମୟରେ ସତର୍କ ଓ ସୁରକ୍ଷିତ ରହିବା ଲାଗି ଜନସାଧାରଣଙ୍କୁ ସଚେତନ କରାଇବା ସହ ଏ ସମୟରେ



ଉଦ୍ୟମ ପ୍ରଶଂସାଯୋଗ୍ୟ। ଆଖପାଖରେ ଯଦି କୌଣସି ରାସ୍ତା ଦୁର୍ଘଟଣା ଘଟେ ଅବା କେହି ଅଜଣା ବ୍ୟକ୍ତି ଅସୁବିଧାରେ ପଡ଼ିଥାନ୍ତି ତେବେ ସେମାନଙ୍କୁ କ୍ଲବର ସଦସ୍ୟମାନେ ନିଜ ଆଡୁ ସହଯୋଗ କରିଥାନ୍ତି। ପାଖରେ ଅଗ୍ନିକାଣ୍ଡ ଘଟିଲେ ନିଆଁ ଲିଭାଇବା ଓ ପରେ ଅଗ୍ନି ବିପନ୍ନଙ୍କୁ ସହଯୋଗ କରି ଆସୁଛି ଏହି ଅନୁଷ୍ଠାନ। ପରିବେଶ ସୁରକ୍ଷା ଲାଗି ବୃକ୍ଷରୋପଣ କେତେ ଗୁରୁତ୍ୱପୂର୍ଣ୍ଣ ସେ ନେଇ ଜନସାଧାରଣଙ୍କୁ ସଚେତନ କରିବା ଲାଗି ସଦସ୍ୟମାନେ ବିଭିନ୍ନ ବୃକ୍ଷରୋପଣ କରି ତା'ର ଯତ୍ନ ମଧ ନେଇଥାନ୍ତି। ବୃକ୍ଷ ନ କାଟିବା, ପରିବେଶ ପ୍ରଦୂଷଣକୁ ରୋକିବା, ପ୍ଲାଷ୍ଟିକକୁ ନା, ବାପା ମା'ଙ୍କୁ ଅଣଦେଖା ନ କରିବା, ବିନା ହେଲ୍‌ମେଟରେ ଗାଡି ନ ଚଳାଇବା, ମଦ୍ୟପାନ କରି ଗାଡି ଚାଳନା ନ କରିବା ପରି ବିଭିନ୍ନ ପ୍ରକାରର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ଆସୁଛି। ରାସ୍ତାଘାଟ, ପୋଖରୀ, ଡ୍ରେନ ସଫେଇ କରି ସୁସ୍ଥ ପରିବେଶ ଭୋକିଲାଙ୍କୁ ଖାଦ୍ୟ ଯୋଗାଇ ଦେଉଛନ୍ତି। ବୃଦ୍ଧାଶ୍ରମକୁ ଯାଇ ସେମାନଙ୍କର ଭଲ ମନ୍ଦ ବୁଝିବା ସହ ସେମାନଙ୍କୁ ବିଭିନ୍ନ ପ୍ରକାର ସହଯୋଗ ମଧ କରୁଛନ୍ତି। ଗ୍ରାମାଞ୍ଚଳରେ ଲୋପ ପାଇ ଯାଉଥିବା ଖେଳକୁ ମଧ ବଞ୍ଚାଇ ରଖିବାରୁ ଉଦ୍ୟମ ଜାରି ରଖିଛନ୍ତି। ଏନେଇ କ୍ଲବର ସଭାପତି ସୁଜିତ କୁମାର ପ୍ରଧାନ ଓ ସମ୍ପାଦକ ମନୋଜ ସାହୁ କୁହନ୍ତି, ସେବା, ଧର୍ମ ଓ କ୍ରୀଡ଼ାକୁ କ୍ଲବର ସଦସ୍ୟମାନେ ପ୍ରାଥମିକତା ଦେଇ ଆସୁଛୁ। ତେବେ କ୍ଲବ ଗଠନ ପରଠାରୁ ଏଯାବତ୍ ହାଡିବନ୍ଧୁ ମହାକୁଡ଼, ତ୍ରିନାଥ ସାହୁ, ଉପେନ୍ଦ୍ର ସାହୁ, ରଘୁନାଥ ସାହୁ, ପଞ୍ଚାନନ ବେହେରା ପ୍ରମୁଖଙ୍କ ସମେତ ୧୦ଜଣଙ୍କୁ ନେଇ ଗଠିତ ଉପଦେଷ୍ଟା ମଣ୍ଡଳୀରୁ ପରାମର୍ଶ ନେଇ ଆମେ ସମସ୍ତ କାର୍ଯ୍ୟ କରି ଆସୁଛୁ। ତେବେ ଭବିଷ୍ୟତରେ ଏହି ସେବା ଏବଂ ସଚେତନତାମୂଳକ କାର୍ଯ୍ୟ ଆହୁରି ବ୍ୟାପକ କରିବା ସେମାନଙ୍କର ଲକ୍ଷ୍ୟ ବୋଲି କ୍ଲବ୍‌ର ସଦସ୍ୟମାନେ ପ୍ରକାଶ କରନ୍ତି।

-ଲୋକନାଥ ମିଶ୍ର



# ସକାରାତ୍ମକ ଚିନ୍ତା ଆଣେ ସଫଳତା

**ସଫଳତା ପାଇବାକୁ ହେଲେ ସର୍ବପ୍ରଥମେ ମଣିଷ ମାନସିକ ସ୍ତରରେ ସୁଦୃଢ ହେବା ଆବଶ୍ୟକ। ଆଉ ଏଥିପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ସକାରାତ୍ମକ ଭାବନା। କାରଣ ଏହା ହିଁ ମନକୁ ଆଗକୁ ବଢିବା ଲାଗି ଯୋଗାଇଥାଏ ପ୍ରେରଣା...**



- ସକାରାତ୍ମକ ଚିନ୍ତାର ଶକ୍ତି ଖୁବ୍ ଅଧିକ। ଏହା ଜଣଙ୍କୁ ଯେକୌଣସି ଅପ୍ରୀତିକର ଏବଂ କଷ୍ଟକର ପରିସ୍ଥିତିରୁ ମଧ ମୁକୁଳି ଆସିବାର ସାହସ ଯୋଗାଇ ଦେଇଥାଏ। ୟୁନିଭର୍ସିଟି ଅଫ୍ ନର୍ଥ କରୋଲିନାର ମନୋବିଜ୍ଞାନ ଗବେଷକ ବାର୍ବାରା ଫେଡ୍ରିକ୍ସନ୍‌ଙ୍କ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ମୁତାବକ ସକାରାତ୍ମକ ଚିନ୍ତାଧାରା ଏକ ସଫଳ କ୍ୟାରିୟର ଗଢିବାର ମୂଳମନ୍ତ୍ର।
- ନକାରାତ୍ମକ ଭାବନା ମଣିଷକୁ ନିରାଶ କରିଥାଏ। ଫଳରେ କ୍ୟାରିୟରକୁ ମଜଭୁତ୍ କରିବା କଷ୍ଟସାଧ୍ୟ ହୋଇପଡେ। ହେଲେ ଯେକୌଣସି ପରିସ୍ଥିତିରେ ବି ଯଦି ଭାବନା ସକାରାତ୍ମକ ହୁଏ ତେବେ ତାହା ମଣିଷକୁ ଆଶାବାଦୀ କରିଥାଏ ଏବଂ କଳେ ବଳେ କୌଶଳେ ସଫଳତା ଦିଗରେ ଆଗେଇ ଯିବାକୁ ବାଟ ଖୋଜିବାରେ ସାହାଯ୍ୟ କରିଥାଏ।
- ଏହାଦ୍ୱାରା କୌଣସି କାର୍ଯ୍ୟକୁ ନେଇ ମନ ଭିତରେ ଥିବା ଚିନ୍ତା, ଚାପ କିମ୍ବା ବିଫଳତାର ଅବସାଦ ଆଦିକୁ ଦୂର କରି ଆଗେଇଯିବାର ସାହସ ଯୋଗାଇଥାଏ ; ଯାହା କି ପରବର୍ତ୍ତୀ ସମୟରେ କାର୍ଯ୍ୟକ୍ଷେତ୍ରରେ ଆପଣଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ। ଅର୍ଥାତ୍ ଆପଣଙ୍କ ବ୍ୟବହାର ଏବଂ ଚିନ୍ତାଧାରାରେ ଅନ୍ୟମାନେ ମଧ ଉପକୃତ ହେଉଥିବାରୁ ଆପଣଙ୍କୁ ସେମାନେ ନିଜର ଆଦର୍ଶ ବା ରୋଲମଡେଲ୍ ଭାବେ ମଧ ଗ୍ରହଣ କରିଥାନ୍ତି।



- ଯଦି କୌଣସି ପ୍ରକାରର ଭାବନା ବା ଚିନ୍ତା ଆପଣଙ୍କୁ ଆଗକୁ ବଢିବାକୁ ମାନସିକ ସ୍ତରରେ ପ୍ରତିରୋଧ କରୁଛି ତେବେ ସର୍ବପ୍ରଥମେ ତାହାକୁ ଦୂର କରନ୍ତୁ। ନିଜ ଆତ୍ମବିଶ୍ୱାସ ବୃଦ୍ଧି ଲାଗି ମନରେ ସକାରାତ୍ମକ ଭାବନା ଆଣିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଆପଣ ଯୋଗ, ପ୍ରାଣାୟାମ ଆଦି କରିପାରିବେ। ବିଫଳତାରୁ ସଫଳ ହୋଇଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ଜୀବନୀ ପଢିପାରିବେ। ଏହା ମଧ ଆପଣଙ୍କ ମନୋବଳ ବଢାଇବ ଏବଂ ସଫଳ ହେବାଲାଗି ଉତ୍ସାହ ଓ ସକାରାତ୍ମକ ଭାବନା ସଞ୍ଚାର କରିବ।

## ଏଲ୍‌ଆଇସି ଅଫିସର ସଂଘ ପକ୍ଷରୁ କମ୍ବଳ ବଣ୍ଟନ

ଭୁବନେଶ୍ୱର: ଚଳିତ ମାସ ୮ ତାରିଖରେ ଏଲ୍‌ଆଇସିର କ୍ଲାସ୍-୧ ଅଫିସର ଫେଡେରେଶନର ୪୩ ତମ ସର୍ବଭାରତୀୟ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଏଲ୍‌ଆଇସିର ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ସ୍ଥାନୀୟ ୟୁନିଟ-୬ ସ୍ଥିତ ସହରାଞ୍ଚଳ ବାସଶୂନ୍ୟଙ୍କ ଆଶ୍ରୟସ୍ଥଳରେ ରହିଥିବା ଅସହାୟ ପୁରୁଷ ଓ ମହିଳାମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଅଫିସର ସଂଘର ସଭାପତି ନୃସିଂହ ଚରଣ ନାୟକ, ଅନିମେଶ ଦାସ ଏବଂ ରବୀନ୍ଦ୍ର କୁମାର ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ।



ଜର୍ମାନୀର ଓବେରହଫ୍ ସହରର ଲୋକେ ବରଫାଚ୍ଛନ୍ନ ରାସ୍ତାରେ ଯାତାୟାତ କରୁଛନ୍ତି।

# ୩ ଶୁଷ୍କ ନଦୀରେ ମାଛଚାଷ ଯୋଜନା ପ୍ରହସନ

**ଜଗତ୍‌ସିଂହପୁର ଅଫିସ, ୯।୧**

ସମୟ ଚକ୍ରରେ ସୁଗଭୀର ଅଳକା ନଦୀ ତା'ର ସ୍ଥିତି ହରାଇ ବସିଛି। ଏହି ନଦୀର ଅଧିକାଂଶ ଅଞ୍ଚଳ ଶୁଷ୍କ ହୋଇଯାଇଛି। ସେହିପରି ବାଲିଆ ଓ କାଠଯୋଡ଼ି ନଦୀର କିଛି ଅଂଶରେ ମଧ୍ୟ ଅନୁରୂପ ଅବସ୍ଥା ହୋଇଛି। ଏହାର ସୁଯୋଗ ନେଇ ବହୁ ଜମି ମାଫିଆ ଏସବୁ ନଦୀର ସହସ୍ରାଧିକ ହେକ୍ଟର ଜମି ଜବରଦଖଲ କରିବାରେ ଲାଗିଛନ୍ତି। ତେଣୁ ନଦୀଶଯ୍ୟାଗୁଡ଼ିକର ସୁବିନିଯୋଗ କରିବାକୁ ୪ ବର୍ଷ ପୂର୍ବରୁ ଯୋଜନା ପ୍ରସ୍ତୁତ କରାଯାଥିଲା। କେନ୍ଦ୍ରୀୟ ଅନ୍ତସ୍ଥଳୀୟ ମତ୍ସ୍ୟ ଗବେଷଣା ସଂସ୍ଥା (ସିଆଇଏଫ୍‌ଆର୍‌ଆଇ) ପକ୍ଷରୁ ଏକ ଟିମ୍ ୪ ଦିନିଆ ଜଗତ୍‌ସିଂହପୁର ଗସ୍ତ କରି କ୍ଷେତ୍ର ପରିଦର୍ଶନ କରିଥିଲେ। ସେମାନଙ୍କ ମତ ଅନୁଯାୟୀ, ଜିଲାର ପାଖାପାଖି ୧୫୦ ହେକ୍ଟର ନଦୀଶଯ୍ୟାରେ ପୋଖରୀ କରାଯାଇ ମାଛଚାଷ ସମ୍ଭବ। ଏଥିରୁ ବାର୍ଷିକ ୬୦୦ ଟନ୍ ମାଛ ଉତ୍ପାଦନ ହୋଇପାରିବ। ଏହାର ଆନୁମାନିକ ମୂଲ୍ୟ ୭ କୋଟିରୁ ଅଧିକ ଟଙ୍କା ହେବ ବୋଲି ଆକଳନ କରାଯାଇଥିଲା। କିନ୍ତୁ ସିଆଇଏଫ୍‌ଆର୍‌ଆଇ ସର୍ବେକ୍ଷଣ ରିପୋର୍ଟ ଦାଖଲ ସତ୍ତ୍ୱେ ଯୋଜନା ଆଗେଇ ପାରୁନାହିଁ। ଫଳରେ ଲୋକଙ୍କ ମନରେ ଯେଉଁ ଖୁସି ପରିଲକ୍ଷିତ ହୋଇଥିଲା ତାହା ଏବେ ମଉଳିବାକୁ ଲାଗିଲାଣି।

୨୦୧୬-୧୭ରେ ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ଏ ସମ୍ପର୍କରେ ଡିପିଆର୍ (ଡିଟେଲ୍ ପ୍ରୋଜେକ୍ଟ ରିପୋର୍ଟ) ପ୍ରସ୍ତୁତ କରାଯାଇଥିଲା। ମତ୍ସ୍ୟ ଯାନ୍ତ୍ରିକ ଖଣ୍ଡ ନିର୍ବାହୀ ଯନ୍ତ୍ରୀ ଓ ଜିଲା ମତ୍ସ୍ୟ ଅଧିକାରୀ ପ୍ରମୁଖ କ୍ଷେତ୍ର ପରିଦର୍ଶନ କରି କେଉଁଠି ମତ୍ସ୍ୟଚାଷ କରିବା ସମ୍ଭବ ସେହି ସ୍ଥାନ ଚିହ୍ନଟ କରିଥିଲେ। ଏହାପରେ ରାଜ୍ୟ ସରକାରଙ୍କ ପାଖକୁ ଡିପିଆର୍ ପଠାଯାଇଥିଲା। ଏଥିରେ ଦର୍ଶାଯାଇଥିଲା, ରଘୁନାଥପୁର ବ୍ଲକ ଅନ୍ତର୍ଗତ ସାଦେଇପୁରରୁ ରେଣୁଆ ପର୍ଯ୍ୟନ୍ତ ପାଖାପାଖି ୫ କିଲୋମିଟର ଲମ୍ବ କାଠଯୋଡି ନଦୀର ଶୁଷ୍କ ଅଂଶରେ ମାଛଚାଷ କରାଯାଇପାରିବ। ଫଳରେ ନିକଟବର୍ତ୍ତୀ ଅନ୍ୟ ୨ଟି ଗାଁ ଯଥା ତିହୁଡ଼ା ଓ ଗୋପାଳପୁରବାସୀ ମଧ୍ୟ ଉପକୃତ ହୋଇପାରିବେ। ନଦୀର ଶୁଷ୍କ ଅଂଶ ଓସାର ପାଖାପାଖି ୩୦୦ ମିଟର ହେବ। ଏହା କାଦୁଅ ଓ ଦଳପୂର୍ଣ୍ଣ। କିନ୍ତୁ ପାର୍ଶ୍ୱରେ ବିଜୁଳି ଓ ପିଚୁ ରାସ୍ତା ରହିଛି। ପ୍ରାଥମିକ ପର୍ଯ୍ୟାୟରେ ୭୫ ହେକ୍ଟର ଉନ୍ନତୀକରଣ କରାଯିବା ଆବଶ୍ୟକ। କୁଜଙ୍ଗ ବ୍ଲକ ଦେଇ ଯାଇଥିବା ବାଲିଆ ନଦୀର ଶୁଷ୍କଅଂଶ ମଧ୍ୟ ମାଛଚାଷ ପାଇଁ ଅନୁକୂଳ। କିନ୍ତୁ ପ୍ରାଥମିକ ପର୍ଯ୍ୟାୟରେ ୫୦ ହେକ୍ଟର ନଦୀ ଗର୍ଭ (୫ କିଲୋମିଟର ଦୈର୍ଘ୍ୟ ଓ ୨୦୦ ମିଟର ପ୍ରସ୍ଥ) ଉନ୍ନତୀକରଣର ଆବଶ୍ୟକତା ରହିଛି। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବଡ଼ଙ୍ଗ, ବାଲିଆ, ପାରିଅଙ୍ଗା ଓ ପାଟପୁର ଗ୍ରାମବାସୀ ଉପକୃତ ହୋଇପାରିବେ। ସେହିପରି ଶୁଷ୍କ ଅଳକା ନଦୀର ବିରିଡ଼ି, ଜଗତ୍‌ସିଂହପୁର ଓ ନାଉଗାଁ ବ୍ଲକ ଅଞ୍ଚଳରେ ସର୍ବେକ୍ଷଣ କରାଯାଇଥିଲା। ଏଥିରୁ ଜଣାଯାଇଥିଲା, ବିରିଡ଼ି ବ୍ଲକ ଅନ୍ତର୍ଗତ ପୁରଣ ବସୁନ୍ଧରା ନିକଟରେ ପାଖାପାଖି ୩ ହେକ୍ଟର ନଦୀଶଯ୍ୟାରେ ପୋଖରୀ ହୋଇପାରିବ। ଏହା ହେଲେ ବାଲିଆ, କସ୍‌ପା, ଦଣ୍ଡିଲୋ ଓ ସଢ଼େଇ ଗ୍ରାମବାସୀ ଉପକୃତ ହୋଇପାରିବେ। ସେହିପରି ବାଲିକୁଦା ବ୍ଲକ ଇଚ୍ଛାପୁରରୁ ମଝିକୋରା ଭିତରେ ୨୫ ହେକ୍ଟର ଜମିରେ ମାଛଚାଷ ପାଇଁ ପୋଖରୀ କରାଯାଇପାରିବ। ଏହାଦ୍ୱାରା ଈଶ୍ୱରପୁର, ନାର୍ଦିଆ, ମଝିକୋରା ଓଡିରା ଗ୍ରାମବାସୀ ଉପକୃତ ହେବେ। ସେହିପରି ଅଳକା ନଦୀର ପାର୍ଶ୍ୱବର୍ତ୍ତୀ ଜଗତ୍‌ସିଂହପୁର ବ୍ଲକର ରମ୍ଭାଦେଇପୁର, କେନ୍ଦାଳ ଓ ଜୋତ ଅଞ୍ଚଳରେ ଭବିଷ୍ୟତରେ ମତ୍ସ୍ୟଚାଷ ପାଇଁ ଯୋଜନା କରାଯାଇପାରିବ।

- ୪ ବର୍ଷ ପୂର୍ବେ ପ୍ରସ୍ତୁତ ହୋଇଥିଲା ଯୋଜନା
- ୬୦୦ ଟନ୍ ମାଛ ଉତ୍ପାଦନ ଆକଳନ କରାଯାଇଥିଲା
- ସିଆଇଏଫ୍‌ଆର୍‌ଆଇ ସର୍ବେକ୍ଷଣ ସତ୍ତ୍ୱେ ଫାଇଲ୍ ଘୁଞ୍ଚୁନି

ଶୁଷ୍କ ନଦୀଶଯ୍ୟାରେ କରାଯିବାକୁ ଥିବା ପୋଖରୀଗୁଡ଼ିକ ବିଶେଷକରି ୮୦ ଡେସିମିଲରୁ ୧ ଏକର ଭିତରେ (ପ୍ରତି ପୋଖରୀ) ହେବ। କିନ୍ତୁ ଯେଉଁଠି ନଦୀ ଓସାର ଅଧିକ, ସେ କ୍ଷେତ୍ରରେ ବଡ଼ ପୋଖରୀ କରାଯାଇପାରେ। ଏଗୁଡ଼ିକର ନିଲାମ କେବଳ ସ୍ୱୟଂ ସହାୟକ ଗୋଷ୍ଠୀ ପିଏଫ୍‌ସିଏସ୍ (ପ୍ରାଇମେରୀ ଫିସରିଜ୍ କୋ-ଅପରେଟିଭ୍ ସୋସାଇଟି), ବଡ଼ଚାଷୀ ବା ଉଦ୍ୟୋଗୀ ନେଇପାରିବେ। ଡିପିଆର୍ ପାଇଲା ପରେ ରାଜ୍ୟ ସରକାର ଏ ସମ୍ପର୍କରେ ଅଧିକ ଅନୁଧ୍ୟାନ କରିବା ପାଇଁ ସିଆଇଏଫ୍‌ଆର୍‌ଆଇର ସହଯୋଗ ଚାହିଁଥିଲେ। ଏହି ମୁତାବକ ସିଆଇଏଫ୍‌ଆର୍‌ଆଇ ଟିମ୍ ଜଗତ୍‌ସିଂହପୁର ଗସ୍ତରେ ଆସି ଟେକ୍ନୋ ଇକୋନୋମିକ ଫିଜିବିଲିଟି ଷ୍ଟଡି କରିଥିଲେ। ଯୋଜନା କାର୍ଯ୍ୟକାରୀ ହେଲେ ସ୍ଥାନୀୟ ଅଞ୍ଚଳର ବହୁ ବେକାର ଯୁବକ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ଆଶା କରାଯାଉଥିଲା। ଜିଲା ପାଇଁ ଆବଶ୍ୟକ ମାଛକିଣା ପରିମାଣ କମିଯିବ। ହେଲେ ରାଜ୍ୟ ସରକାରଙ୍କ ନିକଟରେ ସିଆଇଏଫ୍‌ଆର୍‌ଆଇ ରିପୋର୍ଟ ଦାଖଲ କରିସାରିବା ପରେ ମଧ୍ୟ ଫାଇଲ ଘୁଞ୍ଚୁନି। ଏ ସମ୍ପର୍କରେ ଜିଲା ମତ୍ସ୍ୟ ଅଧିକାରୀ ସୁବ୍ରତ ଦାଶ କହିଛନ୍ତି, ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# ବିଦ୍ୟୁତ୍ ତାର ଲାଗି ଯୁବକଙ୍କ ଜୀବନ ଗଲା

**ରିଆମାଳ,୯।୧(ଡି.ଏନ.ଏ)**

**ବାର୍‌ହା ଶିକାର ପାଇଁ ନିଜେ ବିଛାଇଥିଲେ**

ଦେବଗଡ଼ ଜିଲା ରିଆମାଳ ଥାନା ଅଧୀନ ଶ୍ୟାମପାଲି ଗ୍ରାମର ଏକ ବଗିଚାରେ ବାର୍‌ହା ଶିକାର ପାଇଁ ନିଜେ ବିଛାଇଥିବା ବିଦ୍ୟୁତ୍‌ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରଦୀପ ପ୍ରଧାନ (୩୫)। ଶନିବାର ଖବର ପାଇ ରିଆମାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି।

ପୋଲିସ ସୂଚନା ଅନୁସାରେ, ଶ୍ୟାମପାଲି ଗ୍ରାମର ଈଶ୍ୱର ପ୍ରଧାନ ଓ ତାଙ୍କ ଭାଇ ରସାନନ୍ଦ ପ୍ରଧାନ ଗାଁ ଜଙ୍ଗଲ ନିକଟରେ ମିଳିତ ଭାବେ ବଗିଚା କରି ସେଠାରେ ଆଳୁ, ପିଆଜ ଓ ଶୋରିଷ ଆଦି ଚାଷ କରିଥିଲେ। ଉକ୍ତ ବଗିଚା ଦେଇ ବିଭିନ୍ନ ସମୟରେ ଜଙ୍ଗଲି ବାର୍‌ହା ଯାତାୟାତ କରିବା ସହ ଫସଲ ନଷ୍ଟ କରୁଥିଲେ। ଫଳରେ ବାର୍‌ହା ଶିକାର ପାଇଁ ଗତ ଗୁରୁବାର ରାତ୍ରିରେ ଈଶ୍ୱରଙ୍କ ପୁଅ ପ୍ରଦୀପ ଓ ରସାନନ୍ଦଙ୍କ ପୁଅ ନିରଞ୍ଜନ ସେଠାରେ ଜୀବନ୍ତ ବିଦ୍ୟୁତ୍ ତାର ବିଛାଇଥିଲେ। ଶୁକ୍ରବାର ସକାଳେ ବାର୍‌ହା ଆସିଛି କି ନାହିଁ ଯାଞ୍ଚ କରିବାକୁ ପ୍ରଦୀପ ବଗିଚାକୁ ଯାଇଥିଲେ ଏବଂ ଅସାବଧାନତା ବଶତଃ ଉକ୍ତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। କିଛି ସମୟ ପରେ ନିରଞ୍ଜନ ସେଠାକୁ ଯାଇ ପ୍ରଦୀପଙ୍କ ମୃତ୍ୟୁ ଘଟିଥିବା ଦେଖିବାକୁ ପାଇଥିଲେ ମଧ୍ୟ ସେ ଏ ସମ୍ପର୍କରେ କାହାକୁ ସୂଚନା ନ ଦେଇ ନ ଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରଦୀପ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ ଏବଂ ରାତି ପ୍ରାୟ ୧୨ଟା ସମୟରେ ତାଙ୍କ ମୃତଦେହ ବଗିଚାରେ ପଡିଥିବା ଦେଖିବାକୁ ପାଇଥିଲେ। ସୂଚନାଯୋଗ୍ୟ, ମୃତ ପ୍ରଦୀପ ରିଆମାଳ ବନାଞ୍ଚଳରେ ଜଣେ ପ୍ଲାଣ୍ଟେଶନ କର୍ମଚାରୀ ଭାବେ କାର୍ଯ୍ୟରତ ଥିଲେ ବୋଲି ବନ ବିଭାଗ ସୂତ୍ରରୁ ସୂଚନା ମିଳିଛି।



ଭୁବନେଶ୍ୱର ବରମୁଣ୍ଡାସ୍ଥିତ ଓଏଫ୍‌ଡିଆର୍‌ଏ ଫାୟାର ପାର୍କରେ ଶନିବାର ରେସ୍କ୍ୟୁ ଅପରେଶନ ଉପରେ ପିଲାମାନଙ୍କୁ ଅଗ୍ନିଶମ କର୍ମଚାରୀମାନେ ସଚେତନ କରୁଛନ୍ତି।

## ପ୍ରଥମ ପୃଷ୍ଠାରୁ

### ୧୬ରୁ ଟିକାକରଣ

ଦେବାକୁ ପୂର୍ବରୁ ନିଷ୍ପତ୍ତି ହୋଇଛି। ଉଭୟ ଟିକା ନିରାପଦ ଓ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକାରୀ ଭାବେ ପ୍ରମାଣିତ ହୋଇଥିବା ସରକାର କହିଛନ୍ତି। ଟିକାକରଣ ଓ ଅନ୍ୟାନ୍ୟ ପ୍ରସ୍ତୁତିର ଯାଞ୍ଚ ଲାଗି ସାରା ଦେଶରେ ଦୁଇ ପର୍ଯ୍ୟାୟରେ ଡ୍ରାଏ ରନ୍ କରାଯାଇଛି। ଜାନୁୟାରୀ ୨ରେ ୧୨୫ ଜିଲାର ୨୮୬ କେନ୍ଦ୍ରରେ ଏହି ମକ୍ ଡ୍ରିଲ୍ ହୋଇଥିଲାବେଳେ ୮ରେ ୭୩୬ ଜିଲାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଖୁବ୍‌ଶୀଘ୍ର ରାଜ୍ୟଗୁଡ଼ିକୁ ଟିକା ଯୋଗାଇ ଦିଆଯିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଦେଶରେ ଏବେ ସକ୍ରିୟ କୋଭିଡ୍ ମାମଲା ସଂଖ୍ୟା ୨,୨୪,୧୯୦ ରହିଛି, ଯାହାକି ମୋଟ ସଂକ୍ରମିତ ସଂଖ୍ୟାର ୨.୧୬ ପ୍ରତିଶତ। କରୋନା ମହାମାରୀରେ ଦେଶରେ ୧.୫ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି।

ମହାମାରୀ ବିରୋଧୀ ଲଢ଼େଇରେ ଭାରତ ଏକ ଐତିହାସିକ ପଦକ୍ଷେପ ନେବାକୁ ଯାଉଛି। ଭୂତାଣୁ କବଳରୁ ଜନସାଧାରଣଙ୍କୁ ବଞ୍ଚାଇବା ପାଇଁ ଦୁଇଟି ସ୍ୱଦେଶୀ ଟିକା ସହ ୧୬ ତାରିଖରୁ ଦେଶରେ ବିଶ୍ୱର ସର୍ବବୃହତ୍ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହେବ। ଭାରତର ଏହି କାର୍ଯ୍ୟକ୍ରମ ଉପରେ ସାରା ବିଶ୍ୱର ନଜର ରହିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ୧୬ଶ ପ୍ରବାସୀ ଭାରତୀୟ ଦିବସ ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେଇ କହିଥିଲେ, ଦେଶ ସ୍ୱାଧୀନ ହେବା ବେଳେ ଏଠାରେ ଗଣତନ୍ତ୍ର ତିଷ୍ଠି ରହିବା ନେଇ ଆଶଙ୍କା ପ୍ରକାଶ ପାଇଥିଲା। ହେଲେ ବିଶ୍ୱରେ ଯଦି କେଉଁଠି ଗଣତନ୍ତ୍ର ସବୁଠୁ ଶକ୍ତିଶାଳୀ, ଉଜ୍ଜ୍ୱଳ ଓ ଜୀବନ୍ତ ଥାଏ, ତାହା ହେଉଛି ଭାରତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତ ତିଆରି ସାମଗ୍ରୀ ଅଧିକରୁ ଅଧିକ ବ୍ୟବହାର କରିବା ଲାଗି ସେ ପ୍ରବାସୀ ଭାରତୀୟମାନଙ୍କୁ ଅନୁରୋଧ କରିଥିଲେ।

### 'ବିନା ବାଧାରେ ...

କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ଆସନ୍ତା ସପ୍ତାହରେ ଟିକା ନିର୍ମାଣକାରୀ ସଂସ୍ଥାରୁ କରୋନା ଟିକା ସିଧାସଳଖ ଓଡ଼ିଶାକୁ ଆସିବ। ଏହାପରେ ରାଜ୍ୟ ଟିକାକେନ୍ଦ୍ରରୁ ଅନ୍ୟ ଅଞ୍ଚଳକୁ କଡ଼ା ସୁରକ୍ଷାରେ ଆଞ୍ଚଳିକ ଓ ଜିଲା ଟିକା କେନ୍ଦ୍ରକୁ ଟିକା ଯିବ। ଟିକା ଭ୍ୟାନ୍‌କୁ ସୁରକ୍ଷା ଦେବା ଲାଗି ସମସ୍ତ ଜିଲାପାଳ, ଏସ୍‌ପି, ପୋଲିସ କମିଶନର, ମହାନଗର ନିଗମ କମିଶନରଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଚିଠି ଲେଖିଛନ୍ତି। ତେବେ ରାଜ୍ୟ ଟିକା କେନ୍ଦ୍ରରୁ ୯ଟି ଆଞ୍ଚଳିକ ଟିକା କେନ୍ଦ୍ର ଓ ୩୨ଟି ଜିଲା ଟିକା କେନ୍ଦ୍ରକୁ ଟିକା ପଠାଯିବ। ଟିକା ପରିବହନ ସମୟରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ କୁହାଯାଇଛି। ଅପରପକ୍ଷରେ ଟିକାକରଣକୁ ନେଇ କେତେକ ଆପ୍ ଚର୍ଚ୍ଚାକୁ ଆସିଥିବାବେଳେ ଡିଏମ୍‌ଇଟି ଡା. ସିବିକେ ମହାନ୍ତି କହିଛନ୍ତି, ଏବେ କେବଳ ସରକାରଙ୍କ ପକ୍ଷରୁ ହିଁ ଟିକାକରଣ ବ୍ୟବସ୍ଥା ଅଛି। ତେଣୁ କୌଣସି ଫେକ୍ ଆପ୍ ଉପରେ ବିଶ୍ୱାସ ନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ନ ହେଲେ ନିଜେ ଠକାମିରେ ପଡ଼ିବେ। ବର୍ତ୍ତମାନ କରୋନା ଟିକା ବଜାରରେ ମିଳିବା ସୁବିଧା ଏ ପର୍ଯ୍ୟନ୍ତ ହୋଇନାହିଁ। ସରକାର ଟିକା ମାଗଣାରେ ଦେବେ ବୋଲି ଡିଏମ୍‌ଇଟି ମହାନ୍ତି କହିଛନ୍ତି।

### ଟ୍ରମ୍ପଙ୍କ ଟୁଇଟର ...

ନେଉଥିବାରୁ ସେ ନିଜର ଏକ ଅନ୍‌ଲାଇନ ପ୍ଲାଟଫର୍ମ କମ୍ପାନୀ ଖୋଲିବାକୁ ଚିନ୍ତା କରିଥିବା କହିଛନ୍ତି। ଟୁଇଟର ସ୍ୱାଧୀନ ଭାବେ ମତ ରଖିବାକୁ ବିରୋଧ କରୁଥିବା ଏବଂ ଡେମୋକ୍ରାଟ ଦଳକୁ ସହଯୋଗ କରି ତାଙ୍କୁ ଚୁପ୍ କରିବାକୁ ଚେଷ୍ଟା କରୁଛି ବୋଲି ଟ୍ରମ୍ପ ଅଭିଯୋଗ କରିଛନ୍ତି।

### ଇଣ୍ଡୋନେସିଆ ବିମାନ ...

ଓ କଲିମଣ୍ଟନ (ବୋର୍ନିଓ ଦ୍ୱୀପର ଇଣ୍ଡୋନେସିଆ ଅଂଶ) ମଧ୍ୟରେ ଥିବା ଜାଭା ସାଗର ଉପରେ ଉଡୁଥିବାବେଳେ ବିମାନଟି ସିଧା ତଳକୁ ଖସିଥିବାର ଫ୍ଲାଇଟ୍ ଟ୍ରାକିଂ ତଥ୍ୟରୁ ଜଣାପଡିଛି। ଫ୍ଲାଇଟ୍‌ରାଡାର୨୪ ଡାଟା ଅନୁଯାୟୀ ଉକ୍ତ ବିମାନ ୧୧,୦୦୦ ଫୁଟ ଉପରକୁ ଉଠିବା ପରେ ହଠାତ୍ ୨୫୦ ଫୁଟ ତଳକୁ ଖସିଥିଲା। ଏହାପରେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଉଦ୍ଧାରକାରୀ ଦଳ ଜାକର୍ତ୍ତାର ଉତ୍ତର ପାର୍ଶ୍ୱ ସମୁଦ୍ରରେ କେତେକ ଭଗ୍ନାବଶେଷ ଠାବ କରିଛନ୍ତି। ଇଣ୍ଡୋନେସିଆର ଉଦ୍ଧାରକାରୀ ସଂସ୍ଥା ଓ ଜାତୀୟ ପରିବହନ ନିରାପତ୍ତା କମିଶନ ଦୁର୍ଘଟଣାର ତଦନ୍ତ କରୁଛନ୍ତି। ୨୦୧୮ ଅକ୍ଟୋବରରେ ଲାଏନ୍ ଏୟାରର ଏକ ବୋଇଂ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଜାଭା ସମୁଦ୍ରରେ ଖସିପଡ଼ିଥିଲା। ଏଥିରେ ଥିବା ସମସ୍ତ ୧୮୯ ଜଣ ପ୍ରାଣ ହରାଇଥିଲେ।

### ସ୍ୱଚ୍ଛ ହେବ ...

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି, ଜାତୀୟ ଐତିହ୍ୟର ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଦ୍ଧପରିକର। ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ସହିତ ଜଡ଼ିତ ବିନ୍ଦୁସାଗରର ପବିତ୍ର ଜଳକୁ ସ୍ୱଚ୍ଛ ଓ ନିର୍ମଳ କରିବା ପାଇଁ ପ୍ରକଳ୍ପ ଲୋକାର୍ପିତ ହେବା ଓଡ଼ିଶାବାସୀଙ୍କ ପାଇଁ ଐତିହାସିକ କ୍ଷଣ। ଭାରତ ଏବଂ ଓଡିଶା ସରକାରଙ୍କ ମିଳିତ ଉଦ୍ୟମରେ ଖୁବ୍‌ଶୀଘ୍ର ବିନ୍ଦୁସାଗରର ଜଳ ପରିଷ୍କାର ହେବ। ଏକାମ୍ର ଯୋଜନା କାମକୁ ଆଗେଇ ନେବା ପାଇଁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ସଂସ୍ଥା ଓ ଭାରତ ସରକାର ପୂର୍ଣ୍ଣ ସହଯୋଗ ଯୋଗାଇ ଦେବେ। ଓଡ଼ିଆ ଜାତିର ଏ ମହାନ ଗୌରବକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ସମସ୍ତେ ଏକାଠି କାମ କରିବାକୁ ପ୍ରଧାନ ଆହ୍ୱାନ ଜଣାଇଛନ୍ତି।

ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ୫୦୦ କୋଟି ଟଙ୍କାର ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ବିନ୍ଦୁସାଗର ଜଳକୁ ସ୍ୱଚ୍ଛ କରିବା ସହ ଦୟା ନଦୀରୁ ପାଣି ଆଣିବା ସକାଶେ ୱାଟ୍‌କୋ ଜରିଆରେ କାର୍ଯ୍ୟକ୍ରମ ଆଗେଇ ଚାଲିଛି। ଏଥିସହିତ ଗୋଦାବରୀ କୁଣ୍ଡ, କୋଟିତୀର୍ଥ, ଗଙ୍ଗାଯମୁନା, ଦେବୀ ପାଦହରା, ଗୋଡି ପୋଖରୀ, ପାପନାଶିନୀ ଏବଂ କେଦାରଗୌରୀ ଜଳାଶୟର ମଧ୍ୟ ପୁନରୁଦ୍ଧାର କାର୍ଯ୍ୟ ଶ୍ରୀଲିଙ୍ଗରାଜ ମନ୍ଦିର ଆଇନ ଅନୁଯାୟୀ କରାଯାଇଛି। ଏଥିସହିତ ବିନ୍ଦୁସାଗରରେ ଲେଜର ଶୋ, ଏକାମ୍ର ବନ ପ୍ରକଳ୍ପ ଏବଂ ଲିଙ୍ଗରାଜ ଐତିହ୍ୟ ହାଟ କାର୍ଯ୍ୟ ଚାଲୁ ରହିଛି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ପଦକ୍ଷେପ ଉପରେ ବିଶଦ ଆଲୋଚନା କରିବା ସହ ତାଙ୍କ ଦୂରଦୃଷ୍ଟିକୁ ପ୍ରଶଂସା କରିଛନ୍ତି। ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ସଂସ୍କୃତିର ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିନବ ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ, ରାଜ୍ୟ ସଭା ସଦସ୍ୟ ରଘୁନାଥ ମହାପାତ୍ର ପ୍ରମୁଖ ସେମାନଙ୍କର ବକ୍ତବ୍ୟ ରଖିଥିଲେ। ଆଇଓସିଏଲ୍‌ର ଅଧ୍ୟକ୍ଷ ଏସ୍. ଏମ୍. ବୈଦ୍ୟ ଏବଂ ଆଇସିଟି ମୁମ୍ବାଇର କୁଳପତି ଅନିରୁଦ୍ଧ ବାଲିଚନ୍ଦ୍ର ପଣ୍ଡିତ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମ ପାଇଁ ଆଇସିଟି ଏବଂ ଆଇଓସିଏଲ୍ ସହିତ ରାଜ୍ୟ ସରକାର ୨୦୨୦ରେ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଥିଲେ। ଆଇସିଟି, ଆଇଓସିଏଲ୍ ଏବଂ ଓଡ଼ିଶା ବ୍ରିଜ୍ କନଷ୍ଟ୍ରକଶନ କର୍ପୋରେଶନ(ଓବିସିସି)ର ମିଳିତ ଉଦ୍ୟମରେ ବିନ୍ଦୁସାଗର ପୁନରୁଦ୍ଧାର କାମ କରାଯିବ। ଏହି ଅନୁଷ୍ଠାନର ତତ୍ତ୍ୱାବଧାନରେ ବୈଷୟିକ ଜ୍ଞାନକୌଶଳରେ ବିନ୍ଦୁସାଗରରେ ବିଶେଷ ଯନ୍ତ୍ରପାତି ଲାଗିବ। ଏଚ୍‌ଡିସି ରିଆକ୍ଟର ସହ ୪ଟି ପମ୍ପିଂ ସିଷ୍ଟମ୍ ଚତୁର୍ଦ୍ଦିଗରେ ଅବସ୍ଥାପିତ ହେବା ସହିତ ଖୁବ୍‌ଶୀଘ୍ର ବିନ୍ଦୁସାଗରର ଜଳ ନିର୍ମଳ ହୋଇଯିବ।

# ଟୁଇଟ୍ କରି ପଦ ହରାଇଲେ ପାଇଲଟ

**ନୂଆଦିଲ୍ଲୀ,୯।୧**

ଗତ ଶୁକ୍ରବାର ସୋସିଆଲ ମିଡିଆ ସାଇଟ ଟୁଇଟର ପେଜ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଷୟରେ ଆପତ୍ତିଜନକ ମନ୍ତବ୍ୟ ଟୁଇଟ୍ କରି ଗୋ ଏୟାରର ଜଣେ ବରିଷ୍ଠ ପାଇଲଟଙ୍କୁ ପଦ ହରାଇବାକୁ ପଡ଼ିଛି। ସେ ମୋଦିଙ୍କ ବିଷୟରେ ଖରାପ ମନ୍ତବ୍ୟ ଟୁଇଟ୍ କରିଥିବାରୁ ତାଙ୍କୁ ଗୋ ଏୟାର ପକ୍ଷରୁ ଚାକିରିରୁ ବହିଷ୍କାର କରାଯାଇଛି। ଏହି ବରିଷ୍ଠ ପାଇଲଟ ଜଣଙ୍କ ଜାନୁୟାରୀ ୭ରେ ମୋଦିଙ୍କ ବିଷୟରେ ଆପତ୍ତିଜନକ ଶବ୍ଦ ପ୍ରୟୋଗକରି ସୋସିଆଲ ମିଡିଆରେ ଟୁଇଟ୍ କରିଥିଲେ। ଏହି ଟୁଇଟ୍‌କୁ ନେଇ ସୋସିଆଲ ମିଡିଆରେ ବେଶ୍ ବିବାଦ ସୃଷ୍ଟି ହୋଇଥିଲା। ବିବାଦ ଗୁରୁତ୍ୱର ହେବାରୁ ଏୟାରଲାଇନ୍ସର ପଲିସି ଅନୁଯାୟୀ ପାଇଲଟ ଜଣଙ୍କୁ କ୍ଷମା ମାଗିବାକୁ କୁହାଯାଇଥିଲା। ସେ ମଧ୍ୟ ନିଜର ଟୁଇଟ୍ ପାଇଁ କ୍ଷମା ମାଗିଥିଲେ। ଏ ସମ୍ପର୍କରେ ଗୋ ଏୟାର ସୂଚନା ଦେଇ କହିଛି, ଯେ କମ୍ପାନୀ ସର୍ବଦା ଜିରୋ ଟଲରାନ୍ସ ନୀତି ଆପଣାଇଛି। ଫଳରେ କମ୍ପାନୀ ପ୍ରଣୟନ କରିଥିବା ନିୟମକୁ ସମସ୍ତ କର୍ମଚାରୀମାନେ ପାଳନ କରିବା ବାଧ୍ୟତାମୂଳକ। ଏହି ଘଟଣା କିମ୍ବା ସମସ୍ୟା କେବଳ କମ୍ପାନୀର ନୁହେଁ, ସୋସିଆଲ ମିଡିଆରେ ମଧ୍ୟ ନିଜର ଆଚରଣକୁ ସୀମା ମଧ୍ୟରେ ରଖିବାକୁ ସବୁ କର୍ମଚାରୀଙ୍କୁ କମ୍ପାନୀ ପକ୍ଷରୁ କୁହାଯାଇଛି। ଯଦି କୌଣସି କର୍ମଚାରୀ କିମ୍ବା ବ୍ୟକ୍ତି ସୋସିଆଲ ମିଡିଆରେ ଯାହା ବି ମତ ବା ଟୁଇଟ୍ କରୁଛନ୍ତି ସେ ସବୁ ବିଷୟରେ ଭଲ ଭାବରେ ଅବଗତ ହେବା ଆବଶ୍ୟକ। ସୋସିଆଲ ମିଡିଆରେ କିଏ କ'ଣ କହିଛନ୍ତି ତା' ସହିତ ଗୋ ଏୟାରର କୌଣସି ସମ୍ପର୍କ ନାହିଁ ବୋଲି କର୍ତ୍ତୃପକ୍ଷ ମତ ଦେଇଛନ୍ତି। ତା' ସହିତ ଗୋ ଏୟାର ଏହି ଘଟଣା ସହ ଏକମତ ନୁହେଁ। ଫଳରେ ଗୋ ଏୟାର ଉକ୍ତ ପାଇଲଟଙ୍କୁ ସଂସ୍ଥାରୁ ବହିଷ୍କାର କରିଛି। ଏହି ନିଷ୍ପତ୍ତିକୁ ତତ୍କାଳ ଭାବେ ଲାଗୁ କରାଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ଫେବୃୟାରୀ ୨୫ରେ ଆସିବ ନୀରବଙ୍କ ରାୟ

**ନୂଆଦିଲ୍ଲୀ,୯।୧**

ପିଏନ୍‌ବିରୁ କୋଟି କୋଟି ଟଙ୍କା ଋଣକରି ଦେଶ ଛାଡ଼ି ବିଦେଶରେ ଲୁଚି ରହିଥିବା ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ଭାରତକୁ ପ୍ରତ୍ୟର୍ପଣ ଉପରେ ଫେବୃୟାରୀ ୨୫ ତାରିଖରେ ରାୟ ଆସିବ ବୋଲି ଜଣାପଡିଛି। ବ୍ରିଟେନର ୱେଷ୍ଟମିନ୍‌ଷ୍ଟର ମାଜିଷ୍ଟ୍ରେଟ କୋର୍ଟରେ ନୀରବଙ୍କ ଭାରତ ପ୍ରତ୍ୟର୍ପଣ ମାମଲାର ଶୁଣାଣି ଶେଷ ହୋଇପାରେ। ଫଳରେ ୧୩ ହଜାର କୋଟି ଟଙ୍କାର ମହାଦୁର୍ନୀତିରେ ସମ୍ପୃକ୍ତ ଥିବା ନୀରବଙ୍କୁ ଭାରତ ଆସିବେ ବୋଲି ଆଶଙ୍କା କରାଯାଉଛି। ଭାରତୀୟ ତଦନ୍ତକାରୀ ସଂସ୍ଥା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା କ୍ରାଉନ୍ ପ୍ରସିକ୍ୟୁସନ୍ ସର୍ଭିସ୍ ବ୍ରିଟେନ କୋର୍ଟରେ ନିଜ ମତ ଉପସ୍ଥାପନ କରି କହିଛନ୍ତି, ନୀରବ ବହୁ ଦୁର୍ନୀତିରେ ଲିପ୍ତ ଅଛନ୍ତି। ସେ ଭାରତର ବିଭିନ୍ନ ମନି ଲଣ୍ଡରିଂ ଓ ଠକେଇ ଅଭିଯୋଗରେ ସମ୍ପୃକ୍ତ ରହିଥିବା ଜଣାପଡିଛି। ବିଶେଷକରି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଋଣ ଜାଲିଆତି ସହ କୋଟି କୋଟି ଟଙ୍କାର ଠକେଇ ଅଭିଯୋଗ ତାଙ୍କ ନାମରେ ରହିଛି। ସେ ପିଏନ୍‌ବିର ବରିଷ୍ଠ ଅଧିକାରୀଙ୍କ ସହ ମିଶି ଏହି ଠକେଇ ଷଡ଼ଯନ୍ତ୍ର କରିବା ପରେ ନିଜର ତିନୋଟି ଫାର୍ମ ଡାଏମଣ୍ଡସ୍ ଆର୍ ୟୁଏସ୍, ସୋଲାର ଏକ୍ସପୋର୍ଟସ୍ ଓ ଷ୍ଟେଲର ଡାଏମଣ୍ଡସରେ ବ୍ୟାପକ ଅର୍ଥ ବିନିଯୋଗ କରି ବ୍ୟାଙ୍କକୁ ଠକିଥିବା ଜଣାପଡିଛି।

# ଅନ୍‌ଲାଇନରେ ଯୁବ କନ୍‌କ୍ଲେଭ 'ଧ୍ୱନି'

**କଳିଙ୍ଗନଗର,୯।୧(ଡି.ଏନ.ଏ.)**

ଜାତୀୟ ଯୁବ ଦିବସ ଉପଲକ୍ଷେ ଟାଟା ଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ ଆସନ୍ତା ୧୧ ଓ ୧୨ ତାରିଖରେ ଏକ ଯୁବ କନ୍‌କ୍ଲେଭ୍ 'ଧ୍ୱନି' ଆୟୋଜନ କରାଯିବ। ଏହାକୁ ଅନ୍‌ଲାଇନ ମାଧ୍ୟମରେ ଆୟୋଜନ କରିବାକୁ ଚଳିତବର୍ଷ ନିଷ୍ପତ୍ତି ହୋଇଛି। ଏହି କନ୍‌କ୍ଲେଭ୍ ଅବସରରେ ଝାଡ଼ଖଣ୍ଡ ଏବଂ ଓଡ଼ିଶାର ୧୦୦୦ରୁ ଊର୍ଦ୍ଧ୍ୱ ଯୁବ ମସ୍ତିଷ୍କ ଏକତ୍ର ହେବେ। ଜାତିସଂଘର ବିଷୟବସ୍ତୁ 'ବିଶ୍ୱ ପଦକ୍ଷେପ ଲାଗି ଯୁବବର୍ଗଙ୍କ ନିୟୋଜନ' ଅନୁସାରେ ଆୟୋଜନ କରାଯାଉଥିବା 'ଧ୍ୱନି' ଉଦ୍‌ଘାଟନୀ ସମାରୋହରେ ଟାଟା ଷ୍ଟିଲ୍‌ର ସିଇଓ ଏବଂ ଏମ୍‌ଡି ଟି. ଭି. ନରେନ୍ଦ୍ରନ ଉଦ୍‌ବୋଧନ ଦେବେ। ଟାଟା ଷ୍ଟିଲ୍‌ର ଉପସଭାପତି (କର୍ପୋରେଟ୍ ସେବା) ଚାଣକ୍ୟ ଚୌଧୁରୀ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ପ୍ରତିନିଧିତ୍ୱ କରିବେ। ଏହି ଅଧିବେଶନରେ ଶିକ୍ଷା, ଜଳବାୟୁ ପଦକ୍ଷେପ, ଅର୍ଥନୈତିକ ବିକାଶ ଓ ଯୁବ ପ୍ରତିନିଧିତ୍ୱ ଭଳି କ୍ଷେତ୍ରରେ ଯୁବବର୍ଗଙ୍କ ନିୟୋଜନର ସବୁଠୁ ଉଲ୍ଲେଖନୀୟ ଉଦାହରଣ ବିଷୟରେ ଆଲୋଚନା ଓ ଆଲୋକପାତ କରାଯିବ। ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଯୁବବର୍ଗଙ୍କ ଅଂଶଗ୍ରହଣ ଏବଂ ଅର୍ଥପୂର୍ଣ୍ଣ ସମ୍ପୃକ୍ତିରେ ଥିବା ସୁଯୋଗକୁ ଏହି କନକ୍ଲେଭ୍ ସନ୍ଧାନ କରିବ। ଏହାସହ ଉପାନ୍ତ ଅଞ୍ଚଳର ଯୁବବର୍ଗଙ୍କ ସ୍ୱର ଓ ପରିବର୍ତ୍ତନ ଆଣିବା ଲାଗି ସେମାନଙ୍କ ଅଭିଯାନକୁ ପ୍ରସାର କରିବ। ରୋଶନୀ ଫାଉଣ୍ଡେଶନର ପ୍ରତିଷ୍ଠାତା ଓ ୨୦୧୬ର ଜାତୀୟ ଯୁବ ପୁରସ୍କାର ବିଜେତା ପ୍ରବୀଣ ନିକମ ଓ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ମଧ୍ୟ ଏହି ୨ ଦିନିଆ ଅନ୍‌ଲାଇନ କାର୍ଯ୍ୟକ୍ରମରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି।

# ପ୍ରସୂତିଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

**ରାୟଗଡ଼ା ଅଫିସ,୯।୧**

- ଡାକ୍ତରଙ୍କ ଅବହେଳା ଅଭିଯୋଗ
- ୪୮ ଘଣ୍ଟାରେ ରିପୋର୍ଟ ଦେବାକୁ ସିଡିଏମ୍‌ଓଙ୍କ ନିର୍ଦ୍ଦେଶ

ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରୁ ଜଣେ ପ୍ରସୂତିଙ୍କୁ ଅଧିକ ଚିକିତ୍ସା ପାଇଁ କୋରାପୁଟ ସ୍ଥାନାନ୍ତର ବେଳେ ତାଙ୍କର ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ପିତାମହଲ ପଞ୍ଚାୟତ ଶ୍ରୀରାମନଗରର ଗ୍ରାମର ଭାଗ୍ୟବତୀ ପାଲକା ୭ ତାରିଖରେ ପ୍ରସବ ନିମନ୍ତେ ରାୟଗଡ଼ା ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଅସ୍ତ୍ରୋପଚାର ହୋଇ ସେଠାରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ଶୁକ୍ରବାର ରାତିରେ ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଭାଗ୍ୟବତୀ ଅସୁସ୍ଥ ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ରାତିରେ କୋରାପୁଟ ସ୍ଥାନାନ୍ତର କରାଯିବାବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଡାକ୍ତରଙ୍କ ଅବହେଳା ଅଭିଯୋଗ କରିବା ସହ କ୍ଷତିପୂରଣ ଦାବିରେ ପରିବାର ଏବଂ ଗ୍ରାମବାସୀ ଗାଁରେ ମୃତଦେହ ରଖି ପାଟିତୁଣ୍ଡ କରିଥିଲେ। ଏ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ, ମୃତ ଭାଗ୍ୟବତୀଙ୍କ ୨ଶିଶୁ ମଧ୍ୟ ରହିଛନ୍ତି। ଅନ୍ୟପକ୍ଷରେ ପ୍ରସୂତିଙ୍କ କେଉଁ ପରିସ୍ଥିତିରେ ମୃତ୍ୟୁ ଘଟିଲା ତାହାର ରିପୋର୍ଟ ୪୮ ଘଣ୍ଟା ମଧ୍ୟରେ ଦେବାକୁ ସିଡିଏମ୍‌ଓ ଡା. ଆର୍ତ୍ତବନ୍ଧୁ ନାୟକ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ସିଡିଏମ୍‌ଓଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣା ବିଷୟରେ ଅବଗତ ଅଛି। ରିପୋର୍ଟ ପାଇଁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।



**ମୁମ୍ବାଇ:** ବଲିଉଡ ନାୟିକା ଭାବେ ଯଦି କାହାର ରୂପର ପ୍ରଶଂସା କରାଯାଏ ତେବେ ସେ ହେଉଛନ୍ତି ବଲିଉଡ ଅନାରକଲି ମଧୁବାଲା । ଏବେ ମଧୁବାଲାଙ୍କ ଅନ୍ଦାଜରେ ସ୍କ୍ରିନରେ ଦେଖାଦେବେ ଉର୍ବଶୀ ରୌତେଲା । ଉର୍ବଶୀ କ୍ଲାସିକାଲ ଗୀତ 'ଏକ ଲଡକି ଭିଗି ଭାଗି ସି'ର ରିକ୍ରିଏଟ ଭର୍ସନ ମ୍ୟୁଜିକ ଭିଡିଓରେ ବଲିଉଡ୍‌ର ସୁନାମଧନ୍ୟା ଅଭିନେତ୍ରୀ ସ୍ୱର୍ଗତା ମଧୁବାଲାଙ୍କ ଏକ ଅପଡେଟ ଅବତାରକୁ ଜୀବନ୍ତ କରିବାକୁ ପ୍ରୟାସ କରିବେ । ଏହି ମ୍ୟୁଜିକ ଭିଡିଓକୁ ନେଇ ଉର୍ବଶୀ କୁହନ୍ତି ଏହା ମୋ ସ୍ୱପ୍ନର ଏକ ଅଂଶ । ମୁଁ ଏହି ଗୀତରେ ଅଭିନୟ କରିବାକୁ ଉତ୍ସୁକତାର ସହ ଅପେକ୍ଷା କରିଛି । ଏହି ବର୍ଷର ଆରମ୍ଭ ମୋ ପାଇଁ ଧମାକାଦାର ରହିଛି ବୋଲି ସେ କହିଛନ୍ତି ।



# ପାଣି ଛୁଇଁଦେଲେ ପଥର

**ଘନନୀଳ ଜଳରାଶି । ଭଳିକି ଭଳି ପକ୍ଷୀଙ୍କ କଳରବ। ଜଳଚର ଜୀବଙ୍କ ସମାବେଶ । ହ୍ରଦ ଭଳି ଆର୍ଦ୍ରଭୂମି ଅଞ୍ଚଳରେ ପ୍ରକୃତିର ଏଭଳି ଅନୁପମ ଦୃଶ୍ୟ ସର୍ବଦା ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ତେବେ ପୃଥିବୀର ଏମିତି ଅନେକ ହ୍ରଦ ରହିଛି, ଯାହା ଭିତରେ ଲୁଚି ରହିଛି ରହସ୍ୟ । ତାଞ୍ଜାନିଆର 'ନାଟ୍ରୋନ୍' ତନ୍ମଧ୍ୟରୁ ଗୋଟିଏ। ହ୍ରଦ ଉପରେ ଶତାଧିକ ପକ୍ଷୀଙ୍କ ପଥରର ପ୍ରତିକୃତି ରହିଛି। ସେମାନଙ୍କ ସୃଷ୍ଟ ପର ମଧ ପଥର ପାଲଟିଯାଇଛି । ପାଣିରେ ଥିବା ରାସାୟନିକ ପଦାର୍ଥ ଲାଗି ଏପରି ହେଉଥିବା ଅନୁମାନ କରାଯାଉଛି । ଏହି ରହସ୍ୟ ଉପରୁ ପରଦା ଉଠାଇବାକୁ ବୈଜ୍ଞାନିକମାନେ ଅନବରତ ଉଦ୍ୟମ ଜାରି ରଖିଛନ୍ତି ।**





**ଡୋଡୋମା:** ପୃଥିବୀର ଆଶ୍ଚର୍ଯ୍ୟଜନକ ହ୍ରଦ ସୂଚୀରେ ସର୍ବାଗ୍ରେ ରହିଛି ତାଞ୍ଜାନିଆର 'ନାଟ୍ରୋନ୍' । ଏହି ଜଳାଶୟର ପାଣିକୁ ଛୁଇଁଲେ ପଥର ହୋଇଯିବ ବୋଲି ବିଶ୍ୱାସ ରହିଛି। ପାରିପାର୍ଶ୍ୱିକ ଅବସ୍ଥାକୁ ଦେଖିଲେ ମଧ ଏହାକୁ ଯେ କେହି ବିଶ୍ୱାସ ନ କରି ରହିପାରିବନି । କାରଣ ହ୍ରଦ ଭିତରେ ଶତାଧିକ ପକ୍ଷୀଙ୍କ ପଥର ପ୍ରତିକୃତି ଦେଖିବାକୁ ମିଳେ। ତେଣୁ ଏହି ହ୍ରଦ ସହିତ ଅତିଭୌତିକ ଶକ୍ତି ଜଡ଼ିତ ବୋଲି ଚର୍ଚ୍ଚା ହେଉଛି।

ତାଞ୍ଜାନିଆର ଅରୁଷା ଅଞ୍ଚଳରେ ଥିବା ଏହି ଚର୍ଚ୍ଚିତ ହ୍ରଦର ନିକଟବର୍ତ୍ତୀ ଅଞ୍ଚଳରେ ଜନବସତିର ଚିହ୍ନବର୍ଣ୍ଣ ନାହିଁ। ତେବେ ଆଖପାଖରେ ପଥର ପାଲଟିଯାଇଥିବା ଅସଂଖ୍ୟ ଜୀବଜନ୍ତୁଙ୍କୁ ସହଜରେ ଦେଖିବାକୁ ମିଳେ। ଏହା ହେଉଛି ଆଲ୍‌କାଲାଇନ ହ୍ରଦ, ଯେଉଁଠି ପାଣିରେ ସୋଡିୟମ କାର୍ବୋନେଟର ମାତ୍ରା ଅଧିକ। ଇଜିପ୍ଟରେ ମମିକୁ ସୁରକ୍ଷିତ ରଖାଯାଉଥିବା ରାସାୟନିକ ତତ୍ତ୍ୱ ଭଳି ଏହି ପାଣିରେ ଆବଶ୍ୟକ ପଦାର୍ଥ ରହିଛି। ତେଣୁ ପକ୍ଷୀଙ୍କ ମୃତଦେହ ଶତାଧିକ ବର୍ଷ ଧରି ସୁରକ୍ଷିତ ହୋଇ ରହିଛି।

ପରିବେଶବିତ୍ ଏବଂ ୱାଇଲ୍ଡଲାଇଫ୍ ଫଟୋଗ୍ରାଫର ନିକ୍ ବ୍ରାଣ୍ଡ୍ ହ୍ରଦ ଆଖପାଖ ଅଞ୍ଚଳ ପରିଦର୍ଶନ କରି ବହୁ ଫଟୋ ଉତ୍ତୋଳନ କରିଥିଲେ। ନିଜର ଅନୁଭୂତିକୁ ସେ ଏକ ପୁସ୍ତକରେ ସ୍ଥାନ ଦେଇଛନ୍ତି। ସେ ଏଥିରେ ହ୍ରଦର ପାରିପାର୍ଶ୍ୱିକ ଅବସ୍ଥିତି, ମୃତ ଜୀବଜନ୍ତୁଙ୍କ ବିଷୟରେ ବିସ୍ତୃତ ତଥ୍ୟ ଉଲ୍ଲେଖ କରିଛନ୍ତି। ତେବେ ଏତେ ପରିମାଣର ପକ୍ଷୀଙ୍କ ମୃତ୍ୟୁ କିଭଳି ହେଲା ସେ ସମ୍ପର୍କରେ କୌଣସି ସ୍ପଷ୍ଟ ତଥ୍ୟ ଦର୍ଶାଇନାହାନ୍ତି।

କେବଳ 'ନାଟ୍ରୋନ୍' ନୁହେଁ, ଆଫ୍ରିକାର 'କିଭୁ' ମଧ ଏଭଳି ରହସ୍ୟମୟ ହ୍ରଦ ତାଲିକାଭୁକ୍ତ ହୋଇଛି। ୯୦ କିମି ଦୈର୍ଘ୍ୟ ଏବଂ ୫୦ କିମି ପ୍ରସ୍ଥ ବିଶିଷ୍ଟ ଏହି ହ୍ରଦ ବିଷୟରେ ଅଧିକ ସୂଚନା ନାହିଁ। ଏହାର ପାଣିରେ ମାତ୍ରାଧିକ କାର୍ବନ ଡାଇଅକ୍ସାଇଡ୍ ଏବଂ ମିଥେନ ରହିଛି। ହାଲ୍‌କା ଭୂକମ୍ପ ଝଟ୍‌କାରେ ଏହି ହ୍ରଦରେ ପ୍ରଚଣ୍ଡ ବିସ୍ଫୋରଣ ହେବା ଆଶଙ୍କା ରହିଛି। ତେଣୁ ଏହା ବିପଜ୍ଜନକ ହ୍ରଦ ଭାବେ ପରିଚିତ। ସେହିପରି ଆମେରିକାର ସୁନ୍ଦରତମ ମିଚିଗାନ୍ ହ୍ରଦ ମଧ ବିପଜ୍ଜନକ। ୧୯୮୬ ଅଗଷ୍ଟରେ ଏହି ହ୍ରଦ ଅବବାହିକାରୁ ବିଷାକ୍ତ ଗ୍ୟାସ ନିର୍ଗମନ ହୋଇଥିଲା, ଯାହାର ପ୍ରଭାବରେ ଆଖପାଖରେ ବସବାସ କରୁଥିବା ସମସ୍ତ ଜୀବଜନ୍ତୁ ମୃତ୍ୟୁମୁଖରେ ପଡ଼ିଥିଲେ। ୧,୭୪୬ ଲୋକଙ୍କ ଜୀବନ ଅକାଳରେ ଝଡ଼ିଯାଇଥିଲା । ପ୍ରକୃତିର ଏପରି ତାଣ୍ଡବ ପଛର କାରଣ ଥିଲା ହ୍ରଦ ତଳେ ଅବସ୍ଥିତ ଜୀବନ୍ତ ଆଗ୍ନେୟଗିରି ଉଦ୍‌ଗିରଣ। ଆଗ୍ନେୟଗିରି ବିସ୍ଫୋରଣ ହେବା ପରେ ସେଥିରୁ ନିର୍ଗତ କାର୍ବନ ଡାଇଅକ୍ସାଇଡ୍ ପାଣି ସଂସ୍ପର୍ଶରେ ଆସିବା ପରେ ସୃଷ୍ଟି ହୋଇଥିବା କଳାଧୂଆଁର ବାଦଲ ଚତୁର୍ଦ୍ଦିଗକୁ ବ୍ୟାପିଯାଇଥିଲା। ଫଳରେ ଶ୍ୱାସକ୍ରିୟା କରି ନ ପାରି ମଣିଷ, ଜୀବଜନ୍ତୁ ପୋକମାଛି ଭଳି ମରିଯାଇଥିଲେ।

ଆଶ୍ଚର୍ଯ୍ୟଜନକ ହ୍ରଦ ଭିତରେ ରୁଷିଆର 'ବ୍ରୋସ୍‌ନୋ ଡ୍ରାଗନ' ଅନ୍ୟତମ। ସ୍ଥାନୀୟ ବାସିନ୍ଦାଙ୍କ କହିବା କଥା, ଏହି ଜଳାଶୟ ଭିତରେ ଡ୍ରାଗନ୍ ଭଳି ଏକ ବଡ଼ ଝିଟିପିଟି ବାସ କରୁଛି। ବେଳେବେଳେ ହ୍ରଦ ମଧ୍ୟରୁ କାର୍ବନ ଡାଇଅକ୍ସାଇଡ୍ ନିର୍ଗମନ ହୋଇଥାଏ । ଏହାର ପ୍ରଭାବରେ ସୃଷ୍ଟି ହେଉଥିବା ଫୋଟକା ଛୋଟ ଛୋଟ ଡଙ୍ଗାକୁ ଓଲଟାଇଦେବାରେ ସକ୍ଷମ ହୋଇଥାଏ । ସ୍ଥାନୀୟ ବାସିନ୍ଦା ଜୀବନଜୀବିକା ପାଇଁ ଏହି ହ୍ରଦ ଉପରେ ନିର୍ଭର କରୁଥିଲେ ମଧ ବେଶ୍ ସତର୍କତା ଅବଲମ୍ବନ କରିଥାନ୍ତି।

## ଜୈସାଲମେରରେ କ୍ରୀତି



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କ୍ରୀତି ସାନନ୍ ଫିଲ୍ମ ସହିତ ସୋସିଆଲ ମିଡିଆରେ ବେଶ୍ ସକ୍ରିୟ। କ୍ରୀତି ପ୍ରାୟତଃ ଫଟୋ ଏବଂ ଭିଡିଓ ନିଜ ଫ୍ୟାନ ମାନଙ୍କ ପାଇଁ ଶେୟାର କରିଥାନ୍ତି। ନିକଟରେ କ୍ରୀତିଙ୍କ ବୁଲେଟ ଚଲାଇବା ଭିଡିଓକୁ ଫ୍ୟାନ୍‌ମାନେ ଖୁବ୍ ପସନ୍ଦ କରିଥିଲେ। ଏବେ ପୁଣିଥରେ ତାଙ୍କର ଆଉ ଏକ ଭିଡିଓ ଭାଇରାଲ ହୋଇଛି। ଯେଉଁଥିରେ ସେ ଜୈସାଲମେରର ଶୀତକୁ ଏଞ୍ଜୟ କରୁଥିବା ନଜର ଆସିଛନ୍ତି। କ୍ରୀତି ଏବେ ନିଜର ଫିଲ୍ମ ଶୁଟିଂରେ ବ୍ୟସ୍ତ। ଏବେ ସେ ତାଙ୍କ ଫିଲ୍ମ ଶୁଟିଂ ପାଇଁ ରାଜସ୍ଥାନର ଜୈସାଲମେରରେ ପହଞ୍ଚିଛନ୍ତି। ଶୁଟିଂ ସେଟ୍‌ରୁ ହିଁ ଏକ ଭିଡିଓ କରି ଇନ୍‌ଷ୍ଟାରେ ଶେୟାର କରିଛନ୍ତି। ଭିଡିଓ ଶେୟାର କରି ସେ ଲେଖିଛନ୍ତି ଯେ, ୯ ଡିଗ୍ରୀ ତାପମାତ୍ରାରେ ଫ୍ରିଜ୍ ଭଳି ଫିଲ୍ ହେଉଛି। ଏଠାକାର ଶୀତର ଅନୁଭୂତି ଏକଦମ୍ ନିଆରା। ମୋତେ ବହୁତ ଭଲ ଲାଗୁଛି। ପ୍ରକୃତିକୁ ମୁଁ ଏଞ୍ଜୟ କରୁଛି। ଏହି ଭିଡିଓରେ କ୍ରୀତି ବହୁତ୍ ଜୋର୍‌ରେ ଥରୁଥିବା ଦେଖିବାକୁ ମିଳିଛି। ଏହାକୁ ସେ ନିଜ ଇନଷ୍ଟା ଷ୍ଟୋରିରେ ଶେୟାର କରିଛନ୍ତି। ଏହାକୁ ବହୁତ ପ୍ରଶଂସକ ଲାଇକ୍ କରିବା ସହିତ କମେଣ୍ଟ ମଧ କରିଛନ୍ତି। ୱାର୍କ ଫ୍ରଣ୍ଟ କଥା କହିବାକୁ ଗଲେ, ଶେଷ ଥର କ୍ରୀତିଙ୍କୁ 'ହାଉସଫୁଲ-୪' ଏବଂ 'ପାନିପତ୍' ମୁଭିରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କର 'ବଚ୍ଚନ ପାଣ୍ଡେ'ଫିଲ୍ମ ରିଲିଜ୍ ହେବାକୁ ଅଛି। ଏହି ଫିଲ୍ମରେ କ୍ରୀତି, ଅକ୍ଷୟ କୁମାରଙ୍କ ସ୍କ୍ରିନ ଶେୟାର କରିବେ।

# ୬୦ ସେକେଣ୍ଡରେ ୬୦ ଶିଡ଼ି



**ନୂଆଦିଲ୍ଲୀ:** ଆପଣ ୬୦ ସେକେଣ୍ଡରେ ୬୦ଟି ଶିଡ଼ି ଚଢ଼ିପାରୁଛନ୍ତି! ଅର୍ଥାତ୍ ମାତ୍ର ୧ ମିନିଟ୍‌ରେ ଆପଣ ୪ ମହଲା ଉପରକୁ ଚଢ଼ି ପାରୁଛନ୍ତି। ତା'ହେଲେ ଆପଣଙ୍କ ହାର୍ଟ ଭଲ ଅଛି। ତେଣୁ ଆପଣ ପ୍ରାୟତଃ ସୁସ୍ଥ ବୋଲି କହିହେବ। ୪ ମହଲା ଶିଡ଼ି ଚଢ଼ିବା ପାଇଁ ଆପଣଙ୍କୁ ଯଦି ୧ମିନିଟରୁ ଅଧିକ ସମୟ ଲାଗୁଛି ତା'ହେଲେ ଆପଣଙ୍କ ହୃଦୟ ସାମାନ୍ୟ ଅସୁସ୍ଥ। ଏକଥା ଆମେ କହୁନୁ, ରିସର୍ଚ୍ଚରୁ ହିଁ ଏହା ସ୍ପଷ୍ଟ ହୋଇଛି। ସ୍ପେନର ୟୁନିଭର୍ସିଟି ହସ୍‌ପିଟାଲର କାର୍ଡିଓଲୋଜିଷ୍ଟମାନେ ଯୁବ ବର୍ଗଙ୍କୁ ନେଇ ଏକ ରିସର୍ଚ୍ଚ କରିବା ପରେ ଏହି ମତ ଦେଇଛନ୍ତି। ୧୬୫ଜଣ ଯୁବକଙ୍କୁ ନେଇ ଏହି ରିସର୍ଚ୍ଚ କରାଯାଇଥିଲା। ଶିଡ଼ି ଚଢିବା ଏଭଳି ଏକ ଆକ୍ଟିଭିଟି, ଯେଉଁଥିରେ ମସଲ୍ସରେ ଥିବା ଫ୍ୟାଟ ଏକାଠି ହୋଇ ନ ଥାଏ ଏବଂ ଶରୀର ଏକ ନିର୍ଦ୍ଦିଷ୍ଟ ସେପ୍‌ରେ ରହିଥାଏ। ଏହା ଏକ ସୁନ୍ଦର ଏକ୍ସରସାଇଜ୍ ଭଳି କାମ ଦେଇଥାଏ। ସର୍ଭେ ଅନୁସାରେ ପ୍ରତିଦିନ ଜିମ୍ ଯିବାପାଇଁ ଯଦି ସମୟ ହେଉ ନ ଥାଏ ତେବେ ଦିନକୁ ୨-୩ ଥର ଶିଡ଼ି ଚଢିଲେ ବି ତାହା ଏକ ସୁନ୍ଦର ଏକ୍ସରସାଇଜ୍ ଭଳି କାମ ଦେଇଥାଏ। କମ୍ ସମୟରେ ପୂରା ଶରୀରର ୱାର୍କଆଉଟ୍ କରିବାକୁ ଚାହୁଁଥିଲେ ଶିଡ଼ି ଚଢିବା ଏକ ସୁନ୍ଦର ବିକଳ୍ପ। ରିସର୍ଚ୍ଚ ଅନୁସାରେ ଜିମ୍‌ରେ ୧ ଘଣ୍ଟା ଏକ୍ସରସାଇଜ୍ କରିବା ଫଳରେ ଯେତିକି ପରିମାଣର ଫାଇଦା ମିଳିଥାଏ ମାତ୍ର ୧୫ ମିନିଟ୍ ଶିଡ଼ି ଚଢିବା ଫଳରେ ଠିକ୍ ସେତିକି ଫାଇଦା ମିଳି ପାରିଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ରିପୋର୍ଟ ଅନୁସାରେ ହାର୍ଟ ପ୍ରୋବ୍ଲେମ୍ ଏବେ ବିଶ୍ୱର ଏକ ନମ୍ବର କିଲର ରୋଗ ହୋଇଯାଇଛି। ତେଣୁ ହାର୍ଟକୁ ସୁସ୍ଥ ରଖିବା ଏବେ ସମସ୍ତଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ଭଳି ହୋଇଛି। ଭିନ୍ନ କଥା ହେଉଛି କି ପ୍ରତିଦିନ ଶିଡ଼ି ଚଢିବା ଅଭ୍ୟାସ ରଖିବା ଫଳରେ ଆପଣ ଭିତରୁ ଫ୍ରେଶ୍ ଅନୁଭବ କରିପାରିବେ।

## ଚିମିନିରେ ଜଳୁଥିଲା ନୋଟ୍

**ଆଗ୍ରା:** କଳକାରଖାନା ଓ ଇଟା ଭାଟିରେ ତିଆରି ହୋଇଥିବା ବଡ ବଡ ଚିମିନିକୁ ପ୍ରାୟ ଅଧିକାଂଶ ଲୋକେ ଦେଖିଥିବେ । ଏଥିରୁ ବାହାରୁଥିବା ଧୂଆଁ ପରିବେଶକୁ ବହୁ ପରିମାଣରେ ନଷ୍ଟ କରିଥାଏ ବୋଲି କୁହାଯାଏ । ହେଲେ ତାଜମହଲ ସହର ଆଗ୍ରାରେ ଏମିତି ଏକ ଚିମିନି ରହିଛି ଯେଉଁଠି କେବଳ ନୋଟ ଜଳାଯାଉଥିଲା । ହେଲେ ୮୬ ବର୍ଷ ପୂର୍ବରୁ ଏହାକୁ ବନ୍ଦ କରି ଦିଆଯାଇଛି। ଏ ସମ୍ପର୍କରେ ଅଧିକାଂଶ ସ୍ଥାନୀୟ ବାସିନ୍ଦା ମଧ ଜାଣନ୍ତି ନାହିଁ । ଛିପିଟୋଲା ସ୍ଥିତ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ପରିସରରେ ରହିଛି ଏହି ନୋଟ ଜଳାଇବା ଚିମିନି। ଏଠାରେ ସାରା ଦେଶରୁ ଆସୁଥିବା ଚିରାଫଟା ଓ ପୁରୁଣା ନୋଟ୍‌କୁ ଜାଳି ଦିଆଯାଉଥିଲା। ଏହାପରେ ଇଣ୍ଡିଆନ ଇମ୍ପିରିୟଲ ବ୍ୟାଙ୍କ ନୋଟ ଜଳାଇବା କାମକୁ ଜୟପୁର ସ୍ଥାନାନ୍ତର କରି ଦେଇଥିଲା । କୁହାଯାଏ ମାରୱାଡି ଶେଠଙ୍କ ଦ୍ୱାରା ରାଜୱାଡେଙ୍କ ସହ ମିଶି ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଆରମ୍ଭ କରିବା ପରେ ଏଭଳି ଘଟିଛି । ଏଠାରେ ଆଗ୍ରାର ବିଶେଷ ଲୋଗୋକୁ ଚିମିନି ଉପରେ ଲଗାଇ ଦିଆଯାଇଛି ଯେଉଁଥିରେ ଚିମିନିର ଇତିହାସ ଲେଖାଯାଇଛି ।



## ପଡ଼ିଆ ବାହାରେ ଧୋନୀଙ୍କ ରେକର୍ଡ



**ନୂଆଦିଲ୍ଲୀ:** ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ୟାସ ନେବା ପରେ ଭାରତର ପୂର୍ବ ଅଧିନାୟକ ମହେନ୍ଦ୍ର ସିଂହ ଧୋନୀ କେବଳ ଆଇପିଏଲ୍‌ରେ ନଜର ଆସିବେ ବୋଲି କହିଛନ୍ତି। ଏବେ ରାଞ୍ଚିରେ ପରିବାର ସହ ସେ ସମୟ ବିତାଉଛନ୍ତି। ପଡ଼ିଆରୁ ଦୂରରେ ଥିଲେ ହେଁ ଏକ ନୂଆ ରେକର୍ଡ କରିଛନ୍ତି। ଧୋନୀ ଇନ୍‌ଷ୍ଟାଗ୍ରାମରେ ୩୦ ମିଲିୟନ ଫଲୋଅର୍ସ ପାର କରିଥିବା ଦ୍ୱିତୀୟ କ୍ରିକେଟର ପାଲଟିଛନ୍ତି। ସୋସିଆଲ ମିଡିଆରେ କମ ସକ୍ରିୟ ରହିଥାନ୍ତି ସେ। ଏହାସତ୍ତ୍ୱେ ତାଙ୍କର ପ୍ରଶଂସକ ବଢ଼ିବାରେ ଲାଗିଛନ୍ତି। ତେବେ ଇନ୍‌ଷ୍ଟାରେ ସବୁଠାରୁ ଅଧିକ ଫଲୋଅର୍ସ ଥିବା କ୍ରିକେଟର ହେଉଛନ୍ତି ବର୍ତ୍ତମାନର ଅଧିନାୟକ ବିରାଟ କୋହଲି। ତାଙ୍କର ୮୮ ମିଲିୟନ ଫଲୋଅର୍ ରହିଥିବା ବେଳେ ସଂଖ୍ୟା ଲଗାତାର ବଢୁଛି। ଏଣୁ ଗୋଟିଏ ପୋଷ୍ଟ ପାଇଁ ସେ କୋଟି କୋଟି ଟଙ୍କା ରୋଜଗାର କରିଥାନ୍ତି।

ପ୍ରଥମ ଜନ୍ମଦିବସ
ରାଜଲକ୍ଷ୍ମୀ ସାହୁ (ସିଦ୍ଧି)
ବଡ଼ବାଗ, ଜଗତସିଂହପୁର
ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଝଙ୍କଡ଼ ବାସିନୀ ମା ସାରଳାଙ୍କ ପାଖରେ ଏତିକି ପ୍ରାର୍ଥନା ତୋର ଚଲାପଥ ସଦା କୁସୁମିତ ହେଉ।
ଶୁଭେଚ୍ଛା ସହ : ବନ୍ଧୁ ଓ ପରିବାରବର୍ଗ
ଧ-୧୯୫୩୧

## କୁକୁରର ବାହାଘର ଭୋଜି

**ଭୋପାଳ:** ମଧ୍ୟପ୍ରଦେଶର ନିୱାଡ଼ି ଜିଲାର ପୁଛିକରଗୁୱା ଗାଁରେ ହୋଇଥିବା କୁକୁର ବାହାଘର ଏବେ ସୋସିଆଲ ମିଡ଼ିଆରେ ଚର୍ଚ୍ଚାର କେନ୍ଦ୍ର ପାଲଟିଛି। ଏଠାରେ ଲୋକେ ପାଣି ପାଇଁ ହନ୍ତସନ୍ତ ହୋଇଥାନ୍ତି। କୁକୁର ବାହାଘର କଲେ ବର୍ଷା ହେବ ବୋଲି ସ୍ଥାନୀୟ ଲୋକଙ୍କ ବିଶ୍ୱାସ ରହିଛି। ପୁଛିକରଗୁୱା ଗାଁର ମୁଳଚାନ୍ଦ ନାୟକଙ୍କ ମାଈକୁକୁର ରଶ୍ମୀ ସହିତ ଉତ୍ତରପ୍ରଦେଶର ବକୱା ଖୁର୍ଦ୍ଦ ନିବାସୀ ଅଶୋକ ଯାଦବଙ୍କ କୁକୁର ଗୋଲୁର ବିବାହ ଓ ଭୋଜି ଅତି ଧୁମ୍‌ଧାମରେ ଅନୁଷ୍ଠିତ ହୋଇଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
HTL TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ
4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 40 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି
କମ୍ପାନୀ ତରଫରୁ ଫ୍ରି ମୋବାଇଲ + ବାଇକ୍
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
79826-37439
96253-73491

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894677450

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଞ୍ଚଟି କାଗଜରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
6396732814

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଉଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଦର୍ଶନ ପତି
ସା: ଆଦମପୁର, ଗ୍ରା.ପ.: ନଠୁଆବର, ବ୍ଲକ: ରସୁଲପୁର, ଜି: ଯାଜପୁର
ଆବିର୍ଭାବ: ତା ୦୫।୦୧।୧୯୪୦ରିଖ
ତିରୋଧାନ: ତା ୩୦।୧୨।୨୦୨୦
କେହି ରହିନାହିଁ ରହିବେ ନାହିଁ ଟି ଭବରଙ୍ଗ ଭୂମିତଳେ ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡିବେ କାଳବଳେ।
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ସ୍ୱଚ୍ଛତା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଜୀବନଶୈଳୀ ଆମମାନଙ୍କର ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଲୋକନାଥ ପତି (ରବି), ସୁଶାନ୍ତ ପତି (ଛବି), ପ୍ରଶାନ୍ତ ପତି (ବବି), ଡଲି, ରଞ୍ଜନ, ଭାରତୀ, କୁନ୍ତଳା, ଝୁନା, ଶୁକ, ରଞ୍ଜିତା, ଝିଲି, ବିକି, ମିଲି, ଟିକି, ସରୋଜ, କୁନ୍ନୁ, ଲିକୁ, ବିକାଶ, ଲିସା, ମାମା, ସୀମା, ବନ୍ଧୁ ପରିବାର ଓ ଆତ୍ମୀୟସ୍ୱଜନ।
ଧ-୧୯୫୪୩

ପ୍ରଥମ ବାର୍ଷିକୀ ଶ୍ରାଦ୍ଧୋତ୍ସବ

ସ୍ୱର୍ଗତ ଧ୍ରୁବ ଚରଣ ଜେନା
ପୂବାଶାସନ, ଉତ୍ତରା, ଭୁବନେଶ୍ୱର
ଆପଣଙ୍କ ପୁଣ୍ୟକର୍ମ ଓ କର୍ତ୍ତବ୍ୟ ପରାୟଣତା ଆମପାଇଁ ପ୍ରେରଣାର ଉତ୍ସ। ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସାନଭାଇ: ବିଷ୍ଣୁଚରଣ ଜେନା, ପୁତ୍ର: ଧରଣୀଧର ଜେନା, ବନ୍ଧୁ ଓ ପରିବାରବର୍ଗ ।
ଧ-୭୦୪୦୮

# କରୋନା ଭୟ: ପ୍ଲେନ୍ ବୁକ୍ କଲେ ଦମ୍ପତି



**ଜାକର୍ତ୍ତା:** କରୋନା ଭାଇରସ ସମଗ୍ର ଦୁନିଆକୁ କବଳିତ କରିସାରିଛି। ବର୍ଷେରୁ ଊର୍ଦ୍ଧ୍ୱ ହେବ ଏହି ମହାମାରୀ ଅନେକ ଲୋକଙ୍କ ଜୀବନ ବି ନେଇ ସାରିଲାଣି। ଏହି ରୋଗର ସଫଳ ଟିକାକରଣ ଯେହେତୁ ହୋଇନାହିଁ ତେଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସାମାଜିକ ଦୂରତା ହିଁ ମୂଳମନ୍ତ୍ର। ଏହି ସମୟରେ ଇଣ୍ଡୋନେସିଆର ଜଣେ ବ୍ୟକ୍ତି କରୋନାକୁ ଡରି ଏମିତି କିଛି ପଦକ୍ଷେପ ନେଇଛନ୍ତି ଯାହା ଜାଣିଲେ ଆଶ୍ଚର୍ଯ୍ୟ ହେବେ। କରୋନାକୁ ଡରି ଇଣ୍ଡୋନେସିଆର ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କ ସହିତ ସୁରକ୍ଷିତ ଯାତ୍ରା କରିବା ପାଇଁ ପୂରା ପାସେଞ୍ଜର ଫ୍ଲାଇଟ ବୁକ କରିଛନ୍ତି। ଜାକର୍ତ୍ତାରୁ ରିଚାର୍ଡ ମୁଲ୍ଲାଦୀ ଏକ ବିମାନର ଫଟୋ ପୋଷ୍ଟ କରିଛନ୍ତି। ଯେଉଁଥିରେ ସେ ଏବଂ ତାଙ୍କ ସ୍ତ୍ରୀ ଅଛନ୍ତି। ଲୋକେ କରୋନାକୁ ଡରି ସାର୍ବଜନିକ ପରିବହନରୁ ବଞ୍ଚିତ ହେବାକୁ ଚେଷ୍ଟା କରୁଛନ୍ତି। ଆଜି ପର୍ଯ୍ୟନ୍ତ ସାମାଜିକ ଦୂରତା ରକ୍ଷା କରିବା, ମାସ୍କ ପିନ୍ଧିବା, ସାନିଟାଇଜର ବ୍ୟବହାର କରିବା ଆଦି ନିୟମ ମାନି ଆସୁଛନ୍ତି। ଏହି ଡରରୁ ମୁକୁଳିବା ପାଇଁ ରିଚାର୍ଡ ମୁଲ୍‌ଜାଦୀ ଏକ ଉପାୟ ଆପଣାଇଛନ୍ତି। ରିଚାର୍ଡ ତାଙ୍କ ଭିନ୍ନ ଜୀବନଶୈଳୀକୁ ନେଇ ବେଶ ପ୍ରସିଦ୍ଧ। ସେ ଜାକର୍ତ୍ତାରୁ ବାଲି ଦ୍ୱୀପକୁ ବିମାନ ଯାତ୍ରା କରିଛନ୍ତି। ଇନ୍‌ଷ୍ଟାଗ୍ରାମରେ ଏହି ସମୟର କିଛି ଫଟୋ ଶେୟାର କରିଛନ୍ତି। ଏହି ଫଟୋରେ ଦେଖିବାକୁ ମିଳିଛି ପୂରା ବିମାନରେ କେବଳ ଏହି ଦମ୍ପତି ବସିଛନ୍ତି। ବାକି ସବୁ ସିଟ ଖାଲି। ରିଚାର୍ଡ କହିଛନ୍ତି, ତାଙ୍କ ସ୍ତ୍ରୀ ସାଲୱିନ କରୋନା ଭାଇରସକୁ ବହୁତ ଡରନ୍ତି। ତେଣୁ ତାଙ୍କୁ ପୂରା ବିମାନ ବୁକ କରିବାକୁ ପଡିଲା।

**ସିଡ୍‌ନୀ ଟେଷ୍ଟ**

# ଅଷ୍ଟ୍ରେଲିଆ ସ୍ଥିତି ଦୃଢ଼

ସିଡ୍‌ନୀ,୯।୧(ପି.ଟି.)

ଉଭୟ ବୋଲିଂ ଓ ବ୍ୟାଟିଂରେ ପ୍ରଭାବୀ ପ୍ରଦର୍ଶନ କରି ଭାରତ ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚରେ ଘରୋଇ ଅଷ୍ଟ୍ରେଲିଆ ତା'ର ସ୍ଥିତି ଦୃଢ଼ କରିଛି। ଶନିବାର ତୃତୀୟ ଦିନରେ ଅଷ୍ଟ୍ରେଲିଆ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ୩ ରନ୍ ଆଉଟ ଓ ୨ ଇଞ୍ଜୁରି ଘଟଣା ପ୍ରଥମ ଇନିଂସରେ ଭାରତୀୟ ବ୍ୟାଟିଂକୁ ପ୍ରଭାବିତ କରିଥିଲା। ପୁଣି ସିରିଜରେ ପ୍ରଥମଥର ପାଇଁ ଅଷ୍ଟ୍ରେଲୀୟ ଫିଲ୍ଡରମାନେ ଦମ୍‌ଦାର ପ୍ରଦର୍ଶନ କରିଥିଲେ ଓ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ଚକ୍‌ମା ଦେବାରେ ସଫଳ ହୋଇଥିଲେ। ଫଳରେ ସୁଯୋଗ ହାତଛଡ଼ା କରି ଭାରତ ଏବେ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଛି।

ଅଷ୍ଟ୍ରେଲିଆକୁ ପ୍ରଥମ ଇନିଂସରେ ୧୦୫.୪ ଓଭରରେ ୩୩୮ ରନରେ ଅଲଆଉଟ କରିବା ପରେ ଭାରତ ତା'ର ପ୍ରଥମ ଇନିଂସରେ ୧୦୦.୪ ଓଭରରେ ମାତ୍ର ୨୪୪ ରନ କରି ଆଉଟ ହୋଇଛି। ଫଳରେ ଅଷ୍ଟ୍ରେଲିଆ ୯୪ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ଶନିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୨୯ ଓଭରରେ ୨ ଉଇକେଟ ହରାଇ ୧୦୩ ରନ ସଂଗ୍ରହ କରିଛି। ଏଥିସହ ଅଷ୍ଟ୍ରେଲିଆ ୮ ଉଇକେଟ ହାତରେ ରଖି ମୋଟ ଉପରେ ୧୯୭ ରନର ଅଗ୍ରଣୀ ହାସଲ କରି ସ୍ଥିତି ମଜଭୁତ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ପ୍ରଥମ ଇନିଂସରେ ୯୧ ରନର ଉପଯୋଗୀ ଇନିଂସ ଖେଳିଥିବା ଯୁବ ବ୍ୟାଟ୍ସମ୍ୟାନ ମାର୍ନସ ଲାବୁସେନ ୪୭ ଓ ପ୍ରଥମ ଇନିଂସରେ ୧୩୧ ରନର ଶତକୀୟ ପାଳି ଖେଳିଥିବା ଅଭିଜ୍ଞ ଷ୍ଟିଭ୍ ସ୍ମିଥ୍ ୨୯ ରନକରି ଅପରାଜିତ ରହିଛନ୍ତି।

ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆକୁ ଆରମ୍ଭରୁ ଡବଲ ଝଟକା ଲାଗିଥିଲା। ପ୍ରଥମ ଇନିଂସରେ ୬୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ନବାଗତ ଓପନର ୱିଲ୍ ପୁକୋଭସ୍କି ୧୦ ରନ କରିଥିବା ବେଳେ ମହମ୍ମଦ ସିରାଜଙ୍କ ଏକ ଲେଙ୍ଥ ବଲକୁ ଡିଫେନ୍ସ କରବାକୁ ଯାଇ ବିଫଳ ହୋଇଥିଲେ। ବଲ ବ୍ୟାଟ୍‌ର ଏଜ୍ ନେଇଥିଲା ଓ ବଦଳ ଉଇକେଟକିପର ଋଦ୍ଧିମାନ ଶାହା ଡାହାଣକୁ ଡାଇଭ୍ ମାରି ସୁନ୍ଦର କ୍ୟାଚ ଧରିଥିଲେ ଓ ପୁକୋଭସ୍କିଙ୍କୁ ପ୍ୟାଭିଲିୟନ ଯିବାକୁ ପଡିଥିଲା। ପ୍ରଥମ ଇନିଂସରେ ବିଫଳ ହୋଇଥିବା ଅଭିଜ୍ଞ ଓପନର ଡେଭିଡ୍ ୱାର୍ନର ପୁଣି ଥରେ ଫେଲ୍ ମାରିଥିଲେ। ୱାର୍ନର ୧୩ ରନ କରିଥିବା ବେଳେ ରବିଚନ୍ଦ୍ରନ ଅଶ୍ୱିନଙ୍କ ଏକ ବଲକୁ ସ୍ଲଗ୍ ସୁଇପ୍ କରିବାକୁ ପ୍ରୟାସ କରିଥିଲେ। କିନ୍ତୁ ବଲ ଯାଇ ପଛ ଗୋଡ଼ରେ ବାଜିଥିଲା। ଫଳରେ ସେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଅଶ୍ୱିନ ଓ ସିରାଜ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଶୁକ୍ରବାରର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୯୬/୨ରୁ ଭାରତ ଖେଳ ଆରମ୍ଭ କରିଥିଲା। ଭଲ ଆରମ୍ଭ ପାଇଥିବାରୁ ଭାରତ ବଡ଼ ସ୍କୋର ହାସଲ କରିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଫଳ ଓଲଟା ହୋଇଥିଲା। ଭାରତୀୟ ବ୍ୟାଟ୍ସମ୍ୟାନମାନେ ଦାୟିତ୍ୱହୀନ ଖେଳ ପ୍ରଦର୍ଶନ କରି ଉଇକେଟ ଫିଙ୍ଗିଥିଲେ। ୩ଟି ରନ୍‌ଆଉଟ ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଫଳରେ ଭାରତ ୨୪୪ ରନରେ ସୀମିତ ରହି ସୁଯୋଗ ହରାଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଚେତେଶ୍ୱର ପୂଜାରା ଓ ଅଧିନାୟକ ଅଜିଙ୍କ୍ୟ ରାହାନେ ବ୍ୟାଟିଂ ଆରମ୍ଭ କରିଥିଲେ। ପୂଜାରା ୯ ରନରୁ ଖେଳ ଆରମ୍ଭ କରି ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ୍ ହୋଇଥିଲେ। ପ୍ୟାଟ୍ କୁମିନ୍ସଙ୍କ ରାଇଜିଂ ବଲକୁ ଡିଫେନ୍ସ କରିବାକୁ ଯାଇ ପୂଜାରା ଫେଲ୍ ମାରିଥିଲେ। ବଲ ବ୍ୟାଟ୍‌ର ଏଜ୍ ନେଇଥିଲା ଓ ଉଇକେଟକିପର ଟିମ୍ ପେନ୍ ଏକ ସହଜ କ୍ୟାଚ୍ ନେଇ ପୂଜାରାଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ସେହିପରି ୨୨ ରନ କରିଥିବା ବେଳେ ରାହାନେ କୁମିନ୍ସଙ୍କ ବଲକୁ କଟ୍ କରିବାକୁ ପ୍ରୟାସ କରିଥିଲେ। ତେବେ ବଲ ବ୍ୟାଟ୍‌ର ଲୋୟର ଏଜ୍ ନେଇ ଷ୍ଟମ୍ପରେ ବାଜିଥିଲା ଓ ବୋଲ୍ଡ ହୋଇ ରାହାନେ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଭାରତ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ୪ ରନ କରିଥିବା ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ହନୁମା ବିହାରୀ ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ୍ ହୋଇଥିଲେ। ମିଡ୍ ଅଫ୍‌ରୁ ଡାଇରେକ୍ଟ ଥ୍ରୋ କରି ଜୋଶ୍ ହାଜେଲଉଡ ବିହାରୀଙ୍କୁ ନିରାଶ କରିଥିଲେ। ଏହାପରେ ଋଷଭ ପନ୍ତ ୩୬ ରନରେ କ୍ରିଜ୍‌ରେ ଜମି ଆସୁଥିବା ବେଳେ ହାଜେଲଉଡ୍‌ଙ୍କ ବଲରେ ପ୍ରଥମ ସ୍ଲିପ୍‌ରେ ୱାର୍ନରଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଅଶ୍ୱିନ ୧୦ ରନ କରିଥିବା ବେଳେ କୁମିନ୍ସ ଓ ଲାବୁସେନଙ୍କ ପ୍ରୟାସରେ ରନ୍‌ଆଉଟ୍ ହୋଇଥିଲେ। ନବଦୀପ ସଇନି ୩ ରନ କରିଥିବା ବେଳେ ମିଚେଲ ଷ୍ଟାର୍କଙ୍କ ବଲରେ ଶର୍ଟ କଭରରେ ମାଥ୍ୟୁ ୱେଡ୍‌ଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଜାଡେଜା ୨ରନ ଚାହୁଁଥିବାରୁ ବୁମ୍‌ରା କ୍ରିଜ୍‌ରେ ପହଞ୍ଚି ପାରି ନ ଥିଲେ ଓ ସେ ଖାତା ଖୋଲବା ପୂର୍ବରୁ ଲାବୁସେନଙ୍କ ଡାଇରେକ୍ଟ ଥ୍ରୋ'ରେ ରନ୍ ଆଉଟ ହୋଇଥିଲେ। ଏହାଥିଲା ଇନିଂସର ତୃତୀୟ ରନ୍ ଆଉଟ୍। ଶେଷ ଉଇକେଟ ଭାବେ ସିରାଜ କୁମିନ୍ସଙ୍କ ବଲରେ ପେନ୍‌ଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଗୋଟିଏ ପଟେ ଉଇକେଟ ପଡୁଥିବା ବେଳେ ଜାଡେଜା ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାକୁ ଚେଷ୍ଟା କରିଥିଲେ ଓ ବାଉଣ୍ଡରି ମାରିବାକୁ ପ୍ରୟାସ କରିଥିଲେ। ସେ ୩୭ ବଲରୁ ୫ ଚୌକା ସହ ୨୮ ରନକରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଶୁକ୍ରବାର ଦୁଇ ଓପନର ରୋହିତ ଶର୍ମା ଓ ଶୁବମନ ଗିଲ୍ ଯଥାକ୍ରମେ ୨୬ ଓ ୫୦ ରନକରି ଆଉଟ ହୋଇଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ କୁମିନ୍ସ ସର୍ବାଧିକ ୪ଟି ଉଇକେଟ ନେଇଥିବା ବେଳେ ହାଜେଲଉଡ ୨ ଓ ଷ୍ଟାର୍କଙ୍କୁ ଗୋଟିଏ ଉଇକେଟ ମିଳିଥିଲା।


ଯଶପ୍ରୀତ୍ ବୁମ୍‌ରାଙ୍କ ରନ୍ ଆଉଟରେ ଖୁସିରେ ଉଲ୍ଲସିତ ୱିଲ୍ ପୁକୋଭସ୍କି।

## ସିଡ୍‌ନୀ ଟେଷ୍ଟ ସ୍କୋର ବୋର୍ଡ

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୩୩୮**

**ଭାରତ ପ୍ରଥମ ଇନିଂସ**

ରୋହିତ-କ୍ୟା ଓ ବୋ-ହାଜେଲଉଡ୍-୨୬
ଶୁବମନ-କ-ଗ୍ରୀନ୍-ବୋ କୁମିନ୍ସ-୫୦
ପୂଜାରା-କ-ପେନ୍-ବୋ- କୁମିନ୍ସ-୫୦
ରାହାନେ-ବୋ-କୁମିନ୍ସ-୨୨
ହନୁମା ବିହାରୀ-ରନ ଆଉଟ-୪
ପନ୍ତ-କ-ୱାର୍ନର-ବୋ-ହାଜେଲଉଡ୍-୩୬
ଜାଡେଜା-ନଟଆଉଟ-୨୮
ଅଶ୍ୱିନ-ରନଆଉଟ-୧
ସଇନି କ-ୱେଡ୍-ବୋ-ଷ୍ଟାର୍କ-୩
ବୁମ୍‌ରା-ରନଆଉଟ-୦
ସିରାଜ-କ-ପେନ୍-ବୋ-କୁମିନ୍ସ-୬
ଅତିରିକ୍ତ-୯
ମୋଟ (୧୦୦.୪ ଓଭର, ଅଲଆଉଟ) ୨୪୪।
ଉଇକେଟ ପତନ: ୧/୭୦, ୨/୮୫, ୩/୧୧୭, ୪/୧୪୨, ୫/୧୯୫, ୬/୧୯୫, ୭/୨୦୬, ୮/୨୧୦, ୯/୨୧୬, ୧୦/୨୪୪।

**ବୋଲିଂ (ଅଷ୍ଟ୍ରେଲିଆ)**

ଷ୍ଟାର୍କ ୧୯-୭-୬୧-୧
ହାଜେଲଉଡ ୨୧-୧୦-୪୩-୨
କୁମିନ୍ସ ୨୧.୪-୧୦-୨୯-୪
ଲିଅନ ୩୧-୮-୭୦-୦
ଲାବୁସେନ୍ ୩-୦-୧୧-୦
ଗ୍ରୀନ୍ ୫-୧-୧୧-୦।

**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ**

ୱାର୍ନର-ଏଲ୍‌ବିଡବ୍ଲ୍ୟୁ-ଅଶ୍ୱିନ-୧୩
ପୁକୋଭସ୍କି-କ-ଋଦ୍ଧିମାନ (ବଦଳ ଖେଳାଳି)-ବୋ ସିରାଜ-୧୦
ଲାବୁସେନ୍-ନଟଆଉଟ-୪୭
ସ୍ମିଥ୍-ନଟଆଉଟ-୨୯
ଅତିରିକ୍ତ-୪
ମୋଟ (୨୯ ଓଭର, ୨ ଉଇକେଟ) ୧୦୩।
ଉଇକେଟ ପତନ:୧/୧୬, ୨/୩୫

**ବୋଲିଂ (ଭାରତ)**

ଯଶପ୍ରୀତ ବୁମ୍‌ରା ୮-୧-୨୬-୦
ମହମ୍ମଦ ସିରାଜ ୮-୨-୨୦-୧
ନବଦୀପ ସଇନି ୭-୧-୨୮-୦
ରବିଚନ୍ଦ୍ରନ ଅଶ୍ୱିନ ୬-୦-୨୮-୧।

# ଜାଡେଜା ଚତୁର୍ଥ ଟେଷ୍ଟରୁ ବାଦ

## ଇଞ୍ଜୁରି ସତ୍ତ୍ୱେ ପନ୍ତ ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରିବେ


ମେଡିକାଲ୍ ଟିମ୍ ଆହତ ଜାଡେଜାଙ୍କ ଅବସ୍ଥା ଯାଞ୍ଚ କରୁଛନ୍ତି।

ସିଡ୍‌ନୀ, ୯।୧(ପି.ଟି.)

ଭାରତ ପାଇଁ ଏବେ ଖରାପ ସମୟ ଚାଲିଛି। ତୃତୀୟ ଟେଷ୍ଟର ତୃତୀୟ ଦିବସରେ ଭାରତର ଦୁଇଜଣ ଖେଳାଳି ରବୀନ୍ଦ୍ର ଜାଡେଜା ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଋଷଭ ପନ୍ତ ବ୍ୟାଟିଂ କରିବା ଅବସରରେ ଆହତ ହୋଇଛନ୍ତି। ଫଳରେ ଭାରତକୁ ଡବଲ ଝଟ୍‌କା ଲାଗିଛି। ଜାଡେଜାଙ୍କ ବାମ ହାତ ବୁଢାଆଙ୍ଗୁଠିରେ ବଲ ବାଜିବା କାରଣରୁ ଫାକ୍ଚର ହୋଇଛି। ଫଳରେ ଜାନୁୟାରୀ ୧୫ରୁ ବ୍ରିସ୍‌ବେନ୍‌ରେ ଆରମ୍ଭ ହେବାକୁ ଥିବା ଚତୁର୍ଥ ଟେଷ୍ଟରୁ ବାଦ୍ ପଡିବା ଏକ ପ୍ରକାର ନିଶ୍ଚିତ ହୋଇଛି। ସେହିପରି ପନ୍ତ ଏଲ୍‌ବୋ ଇଞ୍ଜୁରିର ଶିକାର ହୋଇଥିଲେ ମଧ୍ୟ ଏହା ସେତେଟା ଗୁରୁତର ନୁହେଁ ବୋଲି ଜଣାଯାଇଛି। ସେ ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରିବେ। ଅଷ୍ଟ୍ରେଲୀୟ ବୋଲରଙ୍କ ଶର୍ଟ ବଲ୍ ଖେଳିବାକୁ ଯାଇ ଏହି ଦୁଇ ଖେଳାଳି ଆହତ ହୋଇଛନ୍ତି ଓ ସ୍କାନ ପାଇଁ ଏହି ଦୁଇ ଖେଳାଳିଙ୍କୁ ହସ୍ପିଟାଲ ନିଆଯାଇଛି।

ପୁଣି ଥରେ ଜାଡେଜା ଗ୍ଲୋଭ୍ସ ପିନ୍ଧି ବ୍ୟାଟିଂ କରିବା ନିଶ୍ଚିତ ଭାବେ କଷ୍ଟକର ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। ସେ ଏବେ ୨ରୁ ୩ ସପ୍ତାହ ବିଶ୍ରାମ ନେବେ। ଫଳରେ ସେ ଅନ୍ତିମ ଟେଷ୍ଟରୁ ବାଦ୍ ପଡିବେ। ତେବେ ପନ୍ତଙ୍କ ଇଞ୍ଜୁରି ସେତେଟା ଗୁରୁତର ନ ଥିବାରୁ ସେ ବ୍ୟାଟିଂ କରିବାରେ କୌଣସି ସମସ୍ୟା ନାହିଁ ବୋଲି ବୋର୍ଡ ତରଫରୁ କୁହାଯାଇଛି। ପ୍ୟାଟ୍ କୁମିନ୍ସଙ୍କ ଏକ ଶର୍ଟ ବଲକୁ ଖେଳିବା ବେଳେ ପନ୍ତ ଏଲ୍‌ବୋରେ ଆଘାତ ପାଇଥିଲେ। ଆଇସିସି ନୂଆ ନିୟମ ଅନୁସାରେ ରିଜର୍ଭ ଉଇକେଟକିପର ଋଦ୍ଧିମାନ ଶାହା ପନ୍ତଙ୍କ ବଦଳରେ କିପିଂ କରିଥିଲେ। ସେହିପରି ମିଚେଲ ଷ୍ଟାର୍କଙ୍କ ଶର୍ଟ ବଲ ଜାଡେଜାଙ୍କ ହ୍ୟାଣ୍ଡ ଗ୍ଲୋଭ୍ସରେ ବାଜିଥିଲା। ଏବେ ସ୍କାନ ପାଇଁ ତାଙ୍କୁ ନିଆଯାଇଛି। ତାଙ୍କ ବାମ୍ ବୁଢା ଆଙ୍ଗୁଠି ଫୁଲି ଯାଇଛି। ଟିମ୍ ଫିଜିଓ ଆଙ୍ଗୁଠିରେ ପଟି ବାନ୍ଧିଛନ୍ତି। ଏହାପରେ ସେ କେତୋଟି ବଲ ଫିଙ୍ଗିଥିଲେ। ତେବେ ଆଉ ଖେଳିବା ତାଙ୍କ ପକ୍ଷେ ସମ୍ଭବ ନ ଥିଲା। ଉଲ୍ଲେଖଥାଉ କି, ସିଡ୍‌ନୀ ଟେଷ୍ଟ ଖେଳିବା ପୂର୍ବରୁ ଅଭିଜ୍ଞ ଦ୍ରୁତ ବୋଲର ଈଶାନ୍ତ ଶର୍ମା, ମହମ୍ମଦ ସାମି, ଉମେଶ ଯାଦବ ଓ ବ୍ୟାଟ୍ସମ୍ୟାନ ଲୋକେଶ ରାହୁଲ ଆହତ ହୋଇ ସିରିଜରୁ ବାଦ୍ ପଡିସାରିଛନ୍ତି। ପୁଣି ନିୟମିତ ଅଧିନାୟକ ବିରାଟ କୋହଲି ପିତୃତ୍ୱ ଛୁଟିରେ ଏବେ ଘରେ ରହିଛନ୍ତି। ଫଳରେ ଭାରତର ସମସ୍ୟା ଦ୍ୱିଗୁଣିତ ହୋଇଛି।

# ମହମ୍ମଡାନ ସ୍ପୋର୍ଟିଂ ବିଜୟୀ

**ଆଇ-ଲିଗ୍**

କୋଲକାତା, ୯।୧ (ପି.ଟି.)

ଆଇ-ଲିଗ୍‌ରେ ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ନୂତନ ଭାବେ ପଦୋନ୍ନତି ପାଇଥିବା ମହମ୍ମଡାନ ସ୍ପୋର୍ଟିଂ ୧-୦ ଗୋଲ୍‌ରେ ନବାଗତ ସୁଦେଭା ଦିଲ୍ଲୀ ଏଫ୍‌ସିକୁ ପରାସ୍ତ କରିଛି। ଦଳ ତରଫରୁ ଅଲି ଫୈଜଲ ଖେଳର ଦ୍ୱିତୀୟାର୍ଦ୍ଧରେ ମ୍ୟାଚର ୫୮ତମ ମିନିଟ୍‌ରେ ବିଜୟସୂଚକ ଗୋଲଟିକୁ ସ୍କୋର କରିଥିଲେ। ସ୍ଥାନୀୟ ଭିୱାଇବିକେ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏଥିରେ କେଉଁ ଦଳ ଜିତିବ ତାହା ପୂର୍ବାନୁମାନ କରିହେଉ ନ ଥିଲା। ପ୍ରଥମାର୍ଦ୍ଧ ଖେଳରେ ଉଭୟ ଦଳ ଆକ୍ରମଣାତ୍ମକ ନ ଖେଳି ପରସ୍ପରର ଦୋଷ ଦୁର୍ବଳତା ଖୋଜି ବାହାର କରିବାକୁ ଚାହିଁଥିଲେ। ସୁଦେଭା ଦିଲ୍ଲୀ ଏଫ୍‌ସି ଜାତୀୟ ରାଜଧାନୀର ପ୍ରଥମ ଦଳ ଭାବେ ଆଇ-ଲିଗ୍ ଖେଳୁଛି। ଏହାର ସମସ୍ତ ଖେଳାଳି ହେଉଛନ୍ତି ଭାରତୀୟ। ଏହି ଦଳ ଲଙ୍ଗ୍ ବଲ୍ ଦ୍ୱାରା ମହମ୍ମଡାନ ସ୍ପୋର୍ଟିଂ ରକ୍ଷଣଭାଗ ଭେଦ କରିବାକୁ ପ୍ରୟାସ କରିଥିଲା।


ଶନିବାର ମହମ୍ମଡାନ ସ୍ପୋର୍ଟିଂ ଓ ସୁଦେଭା ଦିଲ୍ଲୀ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ଆଇ-ଲିଗ୍ ମ୍ୟାଚ୍।

# ବୁମ୍‌ରା, ସିରାଜଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ

**ମ୍ୟାଚ ରେଫରିଙ୍କ ନିକଟରେ ବିସିସିଆଇର ଅଭିଯୋଗ**

ସିଡ୍‌ନୀ,୯।୧(ପି.ଟି.)

ତୃତୀୟ ଟେଷ୍ଟର ତୃତୀୟ ଦିବସରେ ଏକ ଅଭାବନୀୟ ଘଟଣା ଘଟିଛି। ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ ସିରାଜ ବର୍ଣ୍ଣବୈଷମ୍ୟ ଆକ୍ଷେପର ଶିକାର ହୋଇଛନ୍ତି। ଜଣେ ମଦ୍ୟପ ଦର୍ଶକ ଏହି ଦୁଇଜଣଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ କରିଥିଲେ। ଫଳରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏ ନେଇ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ମ୍ୟାଚ ରେଫରିଙ୍କ ନିକଟରେ ଅଭିଯୋଗ କରିଛି।

ବିସିସିଆଇର ଅଭିଯୋଗ ଅନୁସାରେ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ର ଏକ ଷ୍ଟାଣ୍ଡରେ ବସିଥିବା ଦର୍ଶକ ଜଣକ ସିରାଜଙ୍କୁ ମଙ୍କି ବା ମାଙ୍କଡ଼ ବୋଲି କହିଥିଲେ। ଏହା ୨୦୦୭-୦୮ରେ ଭାରତ ଅଷ୍ଟ୍ରେଲିଆ ଗସ୍ତର 'ମଙ୍କିଗେଟ୍' ବିବାଦକୁ ମନେ ପକାଇଦେଇଛି। ଏହି ଘଟଣା ମଧ୍ୟ ସିଡ୍‌ନୀ ଟେଷ୍ଟ ଖେଳିବା ଅବସରରେ ଘଟିଥିଲା। ଅଷ୍ଟ୍ରେଲିଆ ଅଲ୍‌ରାଉଣ୍ଡର ଆଣ୍ଡ୍ରୁ ସାଇମଣ୍ଡ୍ସ ଭାରତୀୟ ସ୍ପିନର ହରଭଜନ ସିଂଙ୍କ ବିରୋଧରେ ବର୍ଣ୍ଣବୈଷମ୍ୟ ଆକ୍ଷେପ କରିବାର ଅଭିଯୋଗ ଆଣିଥିଲେ। ହରଭଜନ ତାଙ୍କୁ ଏକାଧିକବାର ମଙ୍କି କହିଥିଲେ ବୋଲି ସାଇମଣ୍ଡ୍ସ କହିଥିଲେ। ତେବେ ଏ ନେଇ ସେତେବେଳେ ହୋଇଥିବା ଶୁଣାଣିରେ ହରଭଜନ ଦୋଷମୁକ୍ତ ହୋଇଥିଲେ।

# ପୂଜାରାଙ୍କ ମନ୍ଥର ବ୍ୟାଟିଂକୁ ନେଇ ଚର୍ଚ୍ଚା

ସିଡ୍‌ନୀ,୯।୧(ପି.ଟି.)

ଭାରତ ପ୍ରଥମ ଇନିଂସରେ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରାଙ୍କ ମନ୍ଥର ବ୍ୟାଟିଂକୁ ନେଇ ବେଶ୍ ଚର୍ଚ୍ଚା ହୋଇଛି। ପୂଜାରା ପ୍ରଥମ ଇନିଂସରେ ୧୭୬ ବଲ ଖେଳି ୫ ଚୌକା ସହ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ୧୭୪ଟି ବଲ ଖେଳି ଅର୍ଦ୍ଧଶତକ ହାସଲ କରିବା ପରେ ହିଁ ଆଉଟ ହୋଇଥିଲେ ଓ ଭାରତକୁ ସମସ୍ୟାରେ ଛାଡି ପ୍ୟାଭିଲିୟନ ଫେରିଥିଲେ। ଏଥିସହିତ ସେ ଟେଷ୍ଟ ଇତିହାସର ସବୁଠାରୁ ମନ୍ଥର ଅର୍ଦ୍ଧଶତକ ହାସଲ କରିବାର ରେକର୍ଡ ନିଜ ନାମରେ କରିଛନ୍ତି। ଏହି କ୍ରମରେ ସେ ନିଜର ରେକର୍ଡ ଭାଙ୍ଗିଛନ୍ତି। ପୂର୍ବରୁ ସେ ୨୦୧୮ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୧୭୩ଟି ବଲ ଖେଳି ଅର୍ଦ୍ଧଶତକ ହାସଲ କରିଥିଲେ। ତାଙ୍କ ଇନିଂସରେ ପୂଜାର ପୁଲ୍ କିମ୍ବା ହୁକ୍ ଶଟ୍ ଖେଳି ନ ଥିଲେ। ଏପରିକି ସେ କଟ୍ ଓ ଡାଇଭ୍ ମଧ କରି ନ ଥିଲେ। ତାଙ୍କର ଏହି ମନ୍ଥର ଇନିଂସକୁ ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ ରିକି ପଣ୍ଟିଂ ସମାଲୋଚନା କରିଛନ୍ତି। ତାଙ୍କର ଏହି ମନ୍ଥର ଇନିଂସ ଅନ୍ୟ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ଉପରେ ଚାପ ସୃଷ୍ଟି କରିଥିଲା। ସେ ମଧ ଷ୍ଟ୍ରାଇକ ରୋଟେଟ୍ କରିବାକୁ ପ୍ରୟାସ କରି ନ ଥିଲେ। ଫଳରେ ଭାରତ ବଡ଼ ସ୍କୋର କରିପାରି ନ ଥିଲା। ଅନ୍ୟପଟେ ଫ୍ଲାଟ୍ ପିଚ୍ ଭଳି ମନେହେଉଥିଲେ ମଧ ଏଠାରେ ରନ୍ ସ୍କୋର କରିବା ସହଜ ନ ଥିଲା ବୋଲି ପୂଜାରା କହିଛନ୍ତି। ଭାରତ ପ୍ରଥମ ସେସନରେ ୩୪ ଓଭରରେ ମାତ୍ର ୮୪ ରନ ସଂଗ୍ରହ କରିଥିଲା। ସ୍କୋରବୋର୍ଡ ଚାପ ଯୋଗୁ ରାହାନେ ମଧ ଆଉଟ ହୋଇଥିଲେ ବୋଲି କହିଲେ ଭୁଲ୍ ହେବନାହିଁ।


ଚେତେଶ୍ୱର ପୂଜାରା।

**୩ ରନ ଆଉଟ୍**

ପ୍ରଥମ ଇନିଂସରେ ଭାରତର ୩ଜଣ ବ୍ୟାଟ୍ସମ୍ୟାନ ରନ ଆଉଟ୍ ହୋଇଥିଲେ। ହନୁମା ବିହାରୀ, ରବିଚନ୍ଦ୍ରନ ଅଶ୍ୱିନ ଓ ଯଶପ୍ରୀତ ବୁମ୍‌ରା ସାଥୀ ଖେଳାଳିଙ୍କ ସହ ଭୁଲ୍ ବୁଝାମଣା କାରଣରୁ ରନ ଆଉଟ୍ ହୋଇଥିଲେ ଓ ଏହାର ପ୍ରଭାବ ଭାରତୀୟ ବ୍ୟାଟିଂ ଉପରେ ପଡିଥିଲା। ଗତ ୨୦ ବର୍ଷ ମଧ୍ୟରେ ତୃତୀୟଥର ପାଇଁ ଭାରତର ୩ ବ୍ୟାଟ୍ସମ୍ୟାନ ରନ ଆଉଟ୍ ହୋଇଛନ୍ତି। ଏହି କ୍ରମରେ ଭାରତ ଏକ ଅଲୋଡ଼ା ରେକର୍ଡର ଅଧିକାରୀ ହୋଇଛି।

ଏହା ପୂର୍ବରୁ ୨୦୦୮ରେ ଇଂଲଣ୍ଡ ବିପକ୍ଷରେ ବୀରେନ୍ଦ୍ର ସେହ୍ୱାଗ, ଭିଭିଏସ୍ ଲକ୍ଷ୍ମଣ ଓ ଯୁବରାଜ ସିଂ ରନ ଆଉଟ୍ ହୋଇଥିଲେ। ସେହିପରି ୨୦୦୧ରେ ଶ୍ରୀଲଙ୍କା ବିପକ୍ଷରେ ଭାରତର ରାହୁଲ ଦ୍ରାଭିଡ୍, ମହମ୍ମଦ କୈଫ୍ ଓ ସମୀର ଦିଘେ ରନ ଆଉଟ୍ ହୋଇଥିଲେ। ଏହି କ୍ରମରେ ଦେଖିବାକୁ ଗଲେ ଅଷ୍ଟ୍ରେଲିଆ ସବୁଠାରୁ ଆଗରେ ରହିବ। ଟେଷ୍ଟ ଇତିହାସରେ ଅଷ୍ଟ୍ରେଲିଆର ୩ ବ୍ୟାଟ୍ସମ୍ୟାନ ଗୋଟିଏ ମ୍ୟାଚରେ ୮ ଥର ରନ୍ ଆଉଟ ହୋଇଛନ୍ତି।

# ୧୦୦ବର୍ଷରେ ପଦାର୍ପଣ କଲେ ଅଲିମ୍ପିକ ଚାମ୍ପିୟନ

ବୁଦାପେଷ୍ଟ, ୯।୧ (ଏପି)

ବିଶ୍ୱରେ ଜୀବିତ ଥିବା ସବୁଠାରୁ ବୟସ୍କା ଅଲିମ୍ପିକ ଚାମ୍ପିୟନ ହେଲେ ଆଗ୍ନିସ କେଲେଟି। ଏବେ ସେ ୧୦୦ ବର୍ଷରେ ପଦାର୍ପଣ କରିଛନ୍ତି। କେଲେଟି ଜିମ୍ନାଷ୍ଟିକ୍ସରେ ୧୦ ଅଲିମ୍ପିକ ପଦକ ଜିତିଛନ୍ତି। ତନ୍ମଧ୍ୟରେ ୫ ସ୍ୱର୍ଣ୍ଣ ରହିଛି। ଶନିବାର ସେ ତାଙ୍କ ଜନ୍ମସ୍ଥାନ ବୁଦାପେଷ୍ଟରେ ତାଙ୍କ ୧୦୦ତମ ଜନ୍ମଦିନ ପାଳିଛନ୍ତି। ସେ କହିଛନ୍ତି ତାଙ୍କ ଜୀବନର ଉପଲବ୍ଧି, ରୋମାଞ୍ଚ ଓ ଦୁଃଖଦ ଘଟଣା ଏକ ଝଲକରେ ଅତିକ୍ରମ କରିଗଲା ଭଳି ମନେହେଉଛି। ବର୍ତ୍ତମାନ ୧୦୦ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ତାଙ୍କୁ ୬୦ବର୍ଷୀୟା ଭଳି ସେ ଅନୁଭବ କରୁଥିବା କେଲେଟି ତାଙ୍କ ଜନ୍ମଦିନ ଅବସରରେ ପ୍ରକାଶ କରିଛନ୍ତି। ତାଙ୍କ ଜୀବନୀକୁ ନେଇ "ଦି କୁଇନ୍ ଅଫ୍ ଜିମ୍ନାଷ୍ଟିକ୍ସ: ହଣ୍ଡ୍ରେଡ୍ ଇୟର୍ସ ଅଫ୍ ଆଗ୍ନିସ କେଲେଟି" ଶୀର୍ଷକ ଏକ ପୁସ୍ତକ ରଚନା ହୋଇଛି। କେଲେଟି ୧୯୨୧ରେ ଜନ୍ମ ଗ୍ରହଣ କରିଥିଲେ। ପ୍ରଥମେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଏବଂ ପରେ ୧୯୪୦ ଓ ୧୯୪୪ରେ ଅଲିମ୍ପିକ୍ସ ବାତିଲ ଯୋଗୁ ତାଙ୍କ ଉଜ୍ଜ୍ୱଳ କ୍ୟାରିୟର ବାଧାପ୍ରାପ୍ତ ହୋଇଥିଲା। ୧୯୪୧ରେ ତାଙ୍କୁ ଜିମ୍ନାଷ୍ଟିକ୍ସ ଟିମ୍ ଛାଡ଼ିବାକୁ ହୋଇଥିଲା। କାରଣ ସେତେବେଳେ ହିଟ୍‌ଲରଙ୍କ ନାଜି ସେନା ଇହୁଦୀମାନଙ୍କୁ ଖୋଜି ଖୋଜି ହତ୍ୟା କରୁଥିଲେ। ଏପରିକି ନାଜି ଡେଥ୍ କ୍ୟାମ୍ପଗୁଡ଼ିକରେ ୫୦ଲକ୍ଷରୁ ଊର୍ଦ୍ଧ୍ୱ ହଙ୍ଗେରିଆନ ଇହୁଦୀଙ୍କୁ ହତ୍ୟା କରାଯାଇଥିଲା। ଯୁଦ୍ଧ ସମୟରେ ସ୍ୱୀଡିଶ କୂଟନୀତିଜ୍ଞ ରାଓଲ ୱାଲେନବର୍ଗଙ୍କ ସହାୟତା ଯୋଗୁ ତାଙ୍କ ମା' ଓ ଭଉଣୀ ବଞ୍ଚି ଯାଇଥିଲେ। ହେଲେ ତାଙ୍କ ପିତା ଓ ଅନ୍ୟ ବନ୍ଧୁବାନ୍ଧବଙ୍କର ପତ୍ତା ମିଳି ନ ଥିଲା। ସେ ନିଜର ପରିଚୟ ଗୋପନ ରଖି ଜଣେ ପରିଚାରିକା ଭାବେ ଜୀବନ ନିର୍ବାହ କରିଥିଲେ। କେଲେଟି କହିଛନ୍ତି, ସେ ଏହି ପରିଣତ ବୟସରେ ମଧ୍ୟ ଜୀବନକୁ ଭଲ ପାଆନ୍ତି। ବର୍ତ୍ତମାନ ସେ ସୁସ୍ଥ ଜୀବନଯାପନ କରୁଛନ୍ତି।



ଆଗ୍ନିସ କେଲେଟି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ରବିବାର, ଜାନୁୟାରୀ ୧୦ / ୨୦୨୧ Rayagada, Sunday, January 10 / 2021

# ପାନ୍ଥର୍ସ ୪ ରନରେ ବିଜୟୀ

## ଏମ୍‌ଜିଏମ୍ ଓଡ଼ିଶା ଟି୨୦ କ୍ରିକେଟ ଲିଗ୍

ଭୁବନେଶ୍ୱର,୯।୧(ସ୍ପୋର୍ଟ୍ସ ବ୍ୟୁରୋ)

ଏମ୍‌ଜିଏମ୍ ଓଡ଼ିଶା ଟି୨୦ କ୍ରିକେଟ ଲିଗ୍‌ରେ ଶନିବାର ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଓଡ଼ିଶା ପାନ୍ଥର୍ସ ୪ ରନରେ ଓଡ଼ିଶା ଜାଗୁଆର୍ସକୁ ପରାସ୍ତ କରିଛି। ଟସ୍ ଜିତି ଜାଗୁଆର୍ସ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ପାନ୍ଥର୍ସ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୧୧ ରନ ସଂଗ୍ରହ କରିଥିଲା। ଜବାବରେ ଜାଗୁଆର୍ସ ୧୯.୫ ଓଭରରେ ୧୦୭ ରନକରି ଅଲଆଉଟ ହୋଇ ୫ ରନ ପାଇଁ ବିଜୟରୁ ବଞ୍ଚିତ ହୋଇଥିଲା। ଅପରାଜିତ ୩୦ ରନ ସଂଗ୍ରହ କରିବା ସହ ମୂଲ୍ୟବାନ ୨ ଉଇକେଟ ଅକ୍ତିଆର କରିଥିବା ପାନ୍ଥର୍ସ ଅଲରାଉଣ୍ଡର ଆଲୋକ ଚନ୍ଦ୍ର ସାହୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏଥିସହି ପାନ୍ଥର୍ସ ଏପର୍ଯ୍ୟନ୍ତ ୯ଟି ମ୍ୟାଚ ଖେଳି ୮ ବିଜୟ, ଗୋଟିଏ ପରାଜୟ ସହ ୩୨ ପଏଣ୍ଟ ପାଇ ତାଲିକାର ଶୀର୍ଷ ସ୍ଥାନରେ ରହିଛି। ଅନ୍ୟପଟେ ଜାଗୁଆର୍ସ ୧୦ଟି ମ୍ୟାଚ ଖେଳି ଗୋଟିଏ ବିଜୟ ଓ ୯ଟି ପରାଜୟ ସହ ୪ ପଏଣ୍ଟ ପାଇ ସର୍ବନିମ୍ନ ଅର୍ଥାତ୍ ଷଷ୍ଠ ସ୍ଥାନରେ ରହିଛି।

୧୧୨ ରନ ବିଜୟ ଲକ୍ଷ୍ୟର ପିଛା କରି ଜାଗୁଆର୍ସ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦଳ ତରଫରୁ ୭ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। କ୍ଷମା ସାଗର ବଳ ସର୍ବାଧିକ ୨୮, ରଶ୍ମି ରଞ୍ଜନ ସାହୁ ୧୭, ଅନ୍ୱେଶ ଦାସ ୧୪ ଓ ଗିରିଜା ରାଉତ ୧୧ ରନ ସଂଗ୍ରହ କରିଥିଲେ। ବୋଲିଂରେ ପାନ୍ଥର୍ସ ତରଫରୁ ଜୟନ୍ତ ବେହେରା ୩, ଆଲୋକ ସାହୁ ଓ ଶୁଭମ୍ ନାୟକ ୨ଟି ଲେଖାଏ, ବସନ୍ତ ମହାନ୍ତି ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଦଳର ୨ଜଣ ଖେଳାଳି ରନ୍ ଆଉଟ ହୋଇଥିଲେ।



ଅତିଥିଙ୍କଠାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ଆଲୋକ ଚନ୍ଦ୍ର ସାହୁ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ପାନ୍ଥର୍ସ ତରଫରୁ ଆଲୋକ ସର୍ବାଧିକ ୩୦, ଅଭିଷେକ ଯାଦବ ୨୨, ଓପନର ଅଙ୍କିତ୍ ସିଂ ୨୧, ଉଇକେଟକିପର ବ୍ୟାଟ୍ସମ୍ୟାନ ରଞ୍ଜିତ ପାଇକରାୟ ୧୩ ରନ ସଂଗ୍ରହ କରିଥିଲେ। ଚନ୍ଦ୍ରମଣି ବିଶ୍ୱାଳ ୧୭ ରନ କରି ଅପରାଜିତ ରହିଥିଲେ। କୃଷ୍ଣଚନ୍ଦ୍ର ବାରିକ ଓ ନିଶିକାନ୍ତ ରାଉତ ଖାତା ଖୋଲିପାରି ନ ଥିଲେ। ବୋଲିଂରେ ଜାଗୁଆର୍ସ ତରଫରୁ ନିର୍ବିଶଙ୍କର ବାରିକ ୩, ମନୋଜ କାଶ୍ୟପ ୨, ନିହାର ଭୂୟାଁ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

### ଚିତାସ୍‌ର ରୋମାଞ୍ଚକ ବିଜୟ

ଭୁବନେଶ୍ୱର,୯।୧(କ୍ରୀଡ଼ା ପ୍ରତିନିଧି)

ଏମ୍‌ଜିଏମ୍ ଟି୨୦ କ୍ରିକେଟ ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ଚିତାସ୍ ମାତ୍ର ୪ ରନରେ ପୁମାସକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଚିତାସ୍ ୨୦ ଓଭରରେ ୮ ଉଇକେଟ ହରାଇ ୧୦୧ ରନ କରିଥିବାବେଳେ ପୁମାସ ୨୦ ଓଭରରେ ୯ ଉଇକେଟ ହରାଇ ୯୭ ରନ କରିବାକୁ ସକ୍ଷମ ହୋଇଥିଲା। ୧୩ ରନ ଓ ୩ ଉଇକେଟ ନେଇ ଚିତାସର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ବାଦଲ ଭୋଳ ଅତିଥି ସଂଗ୍ରାମ କୁମାର ଗୁମାନସିଂଙ୍କଠାରୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଗ୍ରହଣ କରିଥିଲେ। ୯ ମ୍ୟାଚରୁ ୪ର୍ଥ ବିଜୟ ସହ ଚିତାସର ପଏଣ୍ଟ ସଂଖ୍ୟା ୧୬ରେ ପହଞ୍ଚିଛି। ଅନ୍ୟପକ୍ଷରେ ପୁମାସ ୨୦ ପଏଣ୍ଟରେ ଅପରିବର୍ତ୍ତିତ ରହିଛି।

# କାର୍ଲୋଭିଚ୍ ଜିତିଲେ ଏଟିପି ଟୁର୍ ମ୍ୟାଚ

ମାୟାମି, ୯।୧ (ଏପି)

ପଚିଶ ବର୍ଷରେ ସବୁଠାରୁ ବୟସ୍କ ଖେଳାଳି ହିସାବରେ ଏକ ଏଟିପି ଟୁର୍ ମ୍ୟାଚ ଜିତିବାର ଗୌରବ ଅର୍ଜନ କରିଛନ୍ତି କ୍ରୋଏସିଆର ଇଭୋ କାର୍ଲୋଭିଚ୍। ଡେଲରେ ବିଚ୍ ଓପନ୍ ଟେନିସ ଟୁର୍ନାମେଣ୍ଟରେ ସେ ୭ମ ସିଡ୍ ସ୍ପେନର ପାବ୍‌ଲୋ ଆଣ୍ଡୁଜାରଙ୍କୁ ୬–୩, ୫–୭, ୬–୪ ସେଟ୍‌ରେ ହରାଇ ଦେଇଛନ୍ତି। ଆସନ୍ତା ମାସରେ ୪୨ ବର୍ଷ ବୟସରେ ପଦାର୍ପଣ କରିବାକୁ ଥିବା କାର୍ଲୋଭିଚ୍ ୧୯୯୫ରେ ଜିମ୍ମି କନର୍ସଙ୍କ ପରେ ସବୁଠାରୁ ବୟସ୍କ ଖେଳାଳି ହିସାବରେ ଏକ ଟପ୍ ପୁରୁଷ ଟୁର୍ ମ୍ୟାଚ ଜିତିଛନ୍ତି। କନର୍ସଙ୍କ ବୟସ ସେତେବେଳେ ୪୨ ବର୍ଷ ହୋଇଥିଲା। ଗତ ଫେବୃୟାରୀ ପରେ ଭେଟେରାନ କାର୍ଲୋଭିଚ୍‌ଙ୍କର ଏହା ହେଉଛି ପ୍ରଥମ ବିଜୟ। ପ୍ରତିଯୋଗିତାର ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ୮ମ ସିଡ୍ ଫ୍ରାନ୍‌ସେସ୍ ଟିଆଫୋ ୬–୩, ୬–୪ ସେଟ୍‌ରେ ଆମେରିକାର ଡୋନାଲ୍ଡ ୟଙ୍ଗଙ୍କୁ ହରାଇ ଦେଇଛନ୍ତି। କ୍ୱାଲିଫାୟର ରବର୍ଟୋ କ୍ୱିରୋଜ ଆମେରିକାର ନୋଆ ରୁବିନଙ୍କ ବିପକ୍ଷ ମ୍ୟାଚ ୭–୬ (୧), ୬–୩ ସେଟ୍‌ରେ ବିଜୟ ହାସଲ କରିଛନ୍ତି।


ଇଭୋ କାର୍ଲୋଭିଚ୍।

# ବେଙ୍ଗାଲୁରୁକୁ ହରାଇଲା ଇଷ୍ଟ ବେଙ୍ଗଲ

## ଇଣ୍ଡିଆନ ସୁପର ଲିଗ୍

ମାର୍ଗାଓ,୯।୧

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଶନିବାର ଖେଳାଯାଇଥିବା ମ୍ୟାଚରେ ଇଷ୍ଟ ବେଙ୍ଗଲ ୧–୦ ଗୋଲରେ ବେଙ୍ଗାଲୁରୁ ଏଫ୍‌ସିକୁ ପରାସ୍ତ କରିଛି। ସ୍ଥାନୀୟ ଫାଟୋର୍ଡା ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ବେଙ୍ଗାଲୁରୁ ଆଶାନୁରୂପ ପ୍ରଦର୍ଶନ କରି ନ ଥିଲା। ବେଙ୍ଗାଲୁରୁ ଏଥିସହିତ କ୍ରମାଗତ ଚତୁର୍ଥ ପରାଜୟ ବରଣ କରିଛି। ଏହି ମ୍ୟାଚର ଫଳାଫଳ ପଏଣ୍ଟ ତାଲିକାରେ କୌଣସି ପରିବର୍ତ୍ତନ ଆଣିପାରିନାହିଁ। ଏଥିସହ ବେଙ୍ଗାଲୁରୁ ୧୦ଟି ମ୍ୟାଚ ଖେଳି ୩ଟି ବିଜୟ, ୩ ଡ୍ର ଓ ୪ଟି ପରାଜୟ ସହ ୧୨ ପଏଣ୍ଟ ପାଇ ତାଲିକାର ଷଷ୍ଠ ସ୍ଥାନରେ ରହିଛି। ଅନ୍ୟପଟେ ଇଷ୍ଟ ବେଙ୍ଗଲ ୧୦ଟି ମ୍ୟାଚ ଖେଳି ୨ ବିଜୟ, ୪ଟି ଲେଖାଏ ଡ୍ର ଓ ପରାଜୟ ସହ ୧୦ ପଏଣ୍ଟ ପାଇ ତାଲିକାର ନବମ ସ୍ଥାନରେ ରହିଛି।

ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଇଷ୍ଟବେଙ୍ଗଲ ଗୋଲ ସ୍କୋର କରି ଅଗ୍ରଣୀ ହାସଲ କରିଥିଲା। ୨୦ତମ ମିନିଟ୍‌ରେ ଦଳ ତରଫରୁ ଜର୍ମାନୀ ସେଣ୍ଟ୍ରାଲ ମିଡ୍‌ଫିଲ୍ଡର ଭିଲେ ମାଟି ଷ୍ଟେଇନ୍‌ମ୍ୟାନ ଇଷ୍ଟବେଙ୍ଗଲ ପାଇଁ ଏକ ସୁନ୍ଦର ଗୋଲ ସ୍କୋର କରିଥିଲେ। ଏଥିସହିତ ଷ୍ଟେଇନ୍‌ମ୍ୟାନ ଚଳିତ ସେସନରେ ତାଙ୍କର ତୃତୀୟ ଗୋଲ ସ୍କୋର କରିଥିଲେ। ଦାସଙ୍କଠାରୁ ମିଳିଥିବା ପାସ୍‌କୁ ସେ ସୁନ୍ଦର ଭାବେ ଗୋଲରେ ପରିଣତ କରିଥିଲେ। ଟୁର୍ନାମେଣ୍ଟରେ ପ୍ରଥମଥର ପାଇଁ ଇଷ୍ଟ ବେଙ୍ଗଲ ଅପେକ୍ଷାକୃତ ଏକ ଦୃଢ ଦଳ ବିପକ୍ଷରେ ପ୍ରଭାବ ବିସ୍ତାର କରି ଖେଳିଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା ଇଷ୍ଟବେଙ୍ଗଲ ୧–୦ରେ ଅଗ୍ରଣୀ ରହିଥିଲା।

ସାରା ମ୍ୟାଚରେ ସଂଘର୍ଷ ଦେଖିବାକୁ ମିଳିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ବେଙ୍ଗାଲୁରୁ ଏଫ୍‌ସି ଗୋଲ ପରିଶୋଧ କରିବାକୁ ଯଥେଷ୍ଟ ପ୍ରୟାସ କରିଥିଲା। କିନ୍ତୁ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲେ। ଅବଶ୍ୟ ଉଭୟ ଦଳକୁ ଏକାଧିକ ସୁଯୋଗ ମିଳିଥିଲା। ମ୍ୟାଚରେ କିନ୍ତୁ ଇଷ୍ଟ ବେଙ୍ଗଲ ଅପେକ୍ଷାକୃତ ଅଧିକ ଭଲ ପ୍ରଦର୍ଶନ କରିଥିଲା। ମ୍ୟାଚ ଶେଷ ପର୍ଯ୍ୟନ୍ତ ଏହି ଇଷ୍ଟ ବେଙ୍ଗଲ ଅଗ୍ରଣୀ ବଜାୟ ରଖି ବିଜୟୀ ହୋଇଥିଲା। ଇଷ୍ଟ ବେଙ୍ଗଲ ଖେଳାଳିମାନେ ଅଧିକ ସମୟ ବଲକୁ ନିଜ ପାଖରେ ରଖିବାରେ ସମର୍ଥ ହୋଇଥିଲେ। ବଲ ପଜେଶନ, ପାସ୍ ଓ ପାସ୍ ଆକ୍ୟୁରେସିରେ ବେଙ୍ଗାଲୁରୁ ପଛରେ ପଡିଥିଲା। ଏହି ବିଜୟ ଇଷ୍ଟ ବେଙ୍ଗଲ ପାଇଁ ବିଶେଷ ମହତ୍ତ୍ୱ ରଖୁଛି। ବ୍ୟାକ୍‌ରେ ବେଙ୍ଗାଲୁରୁ ସଂଘର୍ଷ କରୁଥିବା ଦେଖାଯାଇଥିଲା ଓ ଆଟାକ ମଧ୍ୟ ସେତେଟା ପ୍ରଭାବୀ ସାବ୍ୟସ୍ତ ହୋଇ ନ ଥିଲା।


ଗୋଲ ସ୍କୋର ପରେ ଭିଲେ ମାଟି ଷ୍ଟେଇନ୍‌ମ୍ୟାନ(ମଝି) ସାଥୀ ଖେଳାଳିଙ୍କ ସହ ଖୁସି ମନାଉଛନ୍ତି।

# ସ୍ୱିତୋଲିନା ତୃତୀୟ ରାଉଣ୍ଡରେ

## ଆବୁଧାବି ଓପନ ଟେନିସ୍

ଆବୁଧାବି, ୯।୧(ଏପି)

ରୁଷିଆର ଭେଟେରାନ ଭେରା ଜ୍ୱୋନାରେଭାଙ୍କ ବିପକ୍ଷରେ ୬–୪, ୬–୧ ସେଟ୍‌ରେ ବିଜୟ ଦ୍ୱାରା ଏଲିନା ସ୍ୱିତୋଲିନା ଏଠାରେ ଚାଲିଥିବା ଆବୁଧାବି ଓପନ ଟେନିସ ଟୁର୍ନାମେଣ୍ଟରେ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ କାରୋଲିନା ପ୍ଲିସ୍‌କୋଭା ଜଣେ କ୍ୱାଲିଫାୟରଙ୍କଠାରୁ ସିଧାସଳଖ ସେଟ୍‌ରେ ପରାଜିତ ହୋଇଛନ୍ତି। ସ୍ୱିତୋଲିନା ତୃତୀୟ ରାଉଣ୍ଡରେ ୧୭ତମ ସିଡ୍ ଏକାଟରିନା ଆଲେକ୍ସାଣ୍ଡ୍ରୋଭା କିମ୍ବା ବ୍ରିଟେନର ହିଥର ୱାଟସନଙ୍କୁ ଭେଟିବେ। ଜ୍ୱୋନାରେଭାଙ୍କୁ ପରାସ୍ତ କରିବା ଲାଗି ତାଙ୍କୁ ମାତ୍ର ୧ ଘଣ୍ଟା ସମୟ ଲାଗିଥିଲା। ଅନ୍ୟପକ୍ଷରେ ରୁଷୀୟ କ୍ୱାଲିଫାୟର ତଥା ୨୯୨ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଆନାସ୍ତାସିଆ ଗାସାନୋଭା ୬–୨, ୬–୪ ସେଟ୍‌ରେ ତୃତୀୟ ସିଡ୍ ପ୍ଲିସ୍‌କୋଭାଙ୍କୁ ହରାଇ ଦେଇଥିଲେ। ଗାସାନୋଭା ତୃତୀୟ ରାଉଣ୍ଡରେ ସାରା ସେରାଇବ୍ସ ଟର୍ମୋଙ୍କ ସହ ମୁକାବିଲା କରିବେ।






# ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳକୁ ଉଚ୍ଚସ୍ତରୀୟ ସୁରକ୍ଷା

**କରାଚୀ, ୯।୧ (ପି.ଟି.):** ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳ ଜାନୁୟାରୀ ୧୬ରୁ ପାକିସ୍ତାନ ଟୁର୍‌ରେ ଯିବ। ଏହି ଦଳକୁ ରାଷ୍ଟ୍ରୀୟ ଅତିଥି ସ୍ତରୀୟ ସୁରକ୍ଷା ପ୍ରଦାନ କରାଯିବ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁଙ୍କ କାର୍ଯ୍ୟାଳୟରୁ ଏନେଇ ଦେଶର ଆଭ୍ୟନ୍ତରୀଣ ଓ ବୈଦେଶିକ ମନ୍ତ୍ରଣାଳୟକୁ ନିର୍ଦ୍ଦେଶନାମା ଜାରି କରାଯାଇଛି।। ଦକ୍ଷିଣ ଆଫ୍ରିକା ଦଳ ଦୁଇଟି ଟେଷ୍ଟ (କରାଚୀ ଓ ରାୱଲପିଣ୍ଡି) ଏବଂ ଲାହୋରରେ ତିନୋଟି ଟି୨୦ ମ୍ୟାଚ ଖେଳିବ। ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ ତରଫରୁ ଫୁଲପ୍ରୁଫ୍ ସିକ୍ୟୁରିଟି ବ୍ୟବସ୍ଥା କରାଯାଇଛି। ଭ୍ରମଣକାରୀ ଦଳ ପାଇଁ ୫୦୦ ପାରାମିଲିଟାରୀ ରେଞ୍ଜର୍ସ କର୍ମଚାରୀ ନିୟୋଜିତ ହେବେ।

# ଖେଳାଳି ନିଲାମ ତାଲିକାରେ ଗେଲ୍, ରସିଦ୍, ଷ୍ଟେଇନ୍

## ପାକିସ୍ତାନ ସୁପର ଲିଗ୍

**କରାଚୀ, ୯।୧ (ପି.ଟି.):** ପାକିସ୍ତାନ ସୁପର ଲିଗ୍ (ପିଏସ୍ଏଲ) ପାଇଁ ଖେଳାଳି ନିଲାମ ରବିବାର ହେବ। ଏଥିପାଇଁ ପ୍ରସ୍ତୁତ ଖେଳାଳି ତାଲିକାରେ ଯଉଁ ବିଦେଶୀ ଖେଳାଳିମାନେ ସ୍ଥାନ ପାଇଛନ୍ତି, ସେମାନଙ୍କ ମଧ୍ୟରେ ୱେଷ୍ଟଇଣ୍ଡିଜର ବିସ୍ଫୋରକ ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲ୍, ଷ୍ଟାର ଆଫଗାନିସ୍ତାନ ଖେଳାଳି ରସିଦ ଖାଁ ଏବଂ ଦକ୍ଷିଣ ଆଫ୍ରିକାର ଭେଟେରାନ ଫାଷ୍ଟ ବୋଲର ଡେଲ୍ ଷ୍ଟେଇନ୍ ପ୍ରମୁଖ ରହିଛନ୍ତି। ସ୍ଥାନ ପାଇଥିବା ଅନ୍ୟ ଜଣାଶୁଣା ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ଇଂଲଣ୍ଡର ଦାୱିଦ ମଲାନ, ମୋଇନ ଖାଁ ଓ କ୍ରିସ୍ ଜୋର୍ଡାନ, ୱେଷ୍ଟଇଣ୍ଡିଜର ଡ୍ୱେନ ବ୍ରାଭୋ ଓ ଶେଲଡନ କୋଟ୍ରେଲ, ଆଫଗାନିସ୍ତାନର ଅନ୍ୟ ଜଣେ ଖେଳାଳି ମହମ୍ମଦ ନାବି, ଦକ୍ଷିଣ ଆଫ୍ରିକାର ଡେଭିଡ୍ ମିଲର ଓ ଅଷ୍ଟ୍ରେଲିଆର କ୍ରିସ୍ ଲିନ୍। ଫେବୃୟାରୀ ୨୦ରୁ ଖେଳାଯିବାକୁଥିବା ପିଏସ୍ଏଲ୍ ପାଇଁ ୪୦୦ ବିଦେଶୀ ଖେଳାଳି ସେମାନଙ୍କ ନାମ ପଞ୍ଜୀକୃତ କରିଛନ୍ତି। କିନ୍ତୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଶନିବାର କହିଛି କେତେଜଣ ଖେଳାଳି ସେମାନଙ୍କ ଜାତୀୟ ଦଳ ସହିତ ପ୍ରତିଶ୍ରୁତିବଦ୍ଧ ଥିବାରୁ ସମଗ୍ର ଟୁର୍ନାମେଣ୍ଟରେ ଉପଲବ୍ଧ ହେବେ ନାହିଁ। ୪୧ବର୍ଷୀୟ ଗେଲ୍ ପ୍ରତିଯୋଗିତାର ପୂର୍ବ ସଂସ୍କରଣ ଗୁଡିକରେ ଲାହୋର କାଲାନ୍ଦର୍ସ (୨୦୧୬) ଏବଂ କରାଚୀ କିଙ୍ଗ୍ସ (୨୦୧୭) ତରଫରୁ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ଟି୨୦ କ୍ୟାରିୟର ରେକର୍ଡ ଖୁବ୍ ଭଲ। ସେ ୪୧୧ ମ୍ୟାଚରେ ୧୩୫୮୪ ରନ କରିଛନ୍ତି। ତାଙ୍କର ଷ୍ଟ୍ରାଇକ୍‌ରେଟ୍ ୧୪୬.୭୨ ରହିଥିବାବେଳେ ସର୍ବାଧିକ ସ୍କୋର ହେଉଛି ୧୭୫ ନଟଆଉଟ। ସେ ୨୨ ଶତକ ଏବଂ ୮୫ ଅର୍ଦ୍ଧ ଶତକ ହାସଲ କରିଛନ୍ତି। ସେ ୧୦୦୧ ଛକା ଲଗାଇସାରିଛନ୍ତି।





Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ